ସମ୍ପାଦକୀୟ



لا اله الا الله محمد رسول الله

## ହଜରତ ମୁହମ୍ମଦ୍ ସ:ଆ:ସଙ୍କ ଉଚ୍ଚତମ ମହାନ ପଦମର୍ଯ୍ୟାଦା

**କୈସରେ ରୋମ୍ (ରୋମ୍‌ର ସମ୍ରାଟ) ପରି ମହାନ ସମ୍ରାଟ ଏ ଇଚ୍ଛା ପ୍ରକାଶ କଲେ କି କାଳେ ଯଦି ମତେ ତାଙ୍କ ସହିତ ମିଶିବାର ସୌଭାଗ୍ୟ ମିଳିଥାନ୍ତା ତେବେ ମୁଁ ତାଙ୍କ ପାଦ ଧୋଇଥାନ୍ତି ।**

ସୟଦନା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଅଲ୍ଲାଃ ତାଲା ଖୈରୁଲ୍ ବଶର୍ (ମାନବଙ୍କ ମଧ୍ୟରେ ଶ୍ରେଷ୍ଠ ମାନବ), ଅଫ୍‌ଜଲୁର୍ ରସୁଲ (ଅବତାରମାନଙ୍କ ମଧ୍ୟରେ ଶ୍ରେଷ୍ଠ), ସମସ୍ତ ନବିମାନଙ୍କ ସର୍ଦ୍ଦାର ଏବଂ ଖାତମୁନ ନବିୟିନ (ଅର୍ଥାତ୍ ଶ୍ରେଷ୍ଠତମ ନବି) ରୂପେ ପ୍ରେରଣ କରିଛନ୍ତି । ଆପଣ ସ:ଆ:ସ ହେଉଛନ୍ତି ଜଗତ ସୃଷ୍ଟିର କାରଣ । ହଦିସ କୁଦୁସି ଅଛି ଯେ ହେ ମୁହମ୍ମଦ୍ ଯଦି ତୁମକୁ ଜନ୍ମ କରିବା ପାଇଁ ମୋର ଉଦ୍ଦେଶ୍ୟ ନଥାନ୍ତା ତେବେ ମୁଁ ଏ ଜଗତକୁ ସୃଷ୍ଟି କରିନଥାନ୍ତି । ଆପଣ ସ:ଆ:ସ ନିଜେ କହିଛନ୍ତି ***ସୟଦୁ ଉଲ୍‌ଦେ ଆଦମ୍*** ଅର୍ଥାତ୍ ମୁଁ ଆଦମଙ୍କ ବଂଶର ସର୍ଦ୍ଦାର । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ନିଜର ପ୍ରେମକୁ ହାସଲ କରିବା ପାଇଁ ଆଁ ହଜରତ ସ:ଆ:ସଙ୍କ ପଦାଙ୍କ ଅନୁସରଣ କରିବାକୁ ଜରୁରି ମଣିଛନ୍ତି । ପୁଣି ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ଆଁ ହଜରତ ସ:ଆ:ସଙ୍କ କାର୍ଯ୍ୟକୁ ନିଜର କାର୍ଯ୍ୟ ଏବଂ ଆପଣ ସ:ଆ:ସ ଅତ୍ୟନ୍ତ ଉଚ୍ଚତମ ଚରିତ୍ରର ଅଧିକାରୀ ବୋଲି ସାକ୍ଷ୍ୟ ଦେଉଅଛି । ଏବଂ ଆଧ୍ୟାତ୍ମିକ ଜଗତର ଜାଜ୍ଜଲ୍ୟମାନ ସୂର୍ଯ୍ୟ ରୂପେ ଅଭିହିତ କରିଛି । ଯେଉଁଠି ମାନବଜାତି ସହିତ ଆପଣ ସ:ଆ:ସଙ୍କ ପ୍ରେମଭାବର ପ୍ରଶ୍ନ ଉଠୁଛି ତାହା ଏତେ ଭିଷଣ ମାତ୍ରାରେ ଥିଲା ଯେ ଅଲ୍ଲାଃ ତାଲା ଏ ସମ୍ବନ୍ଧରେ କହିଲେ ହେ ମୁହମ୍ମଦ କଣ ତୁମେ ନିଜକୁ ଏ ଦୁଃଖରେ ନିଶେଷ କରିଦେବ ଯେ ଏହି ଲୋକମାନେ କାହିଁକି ବିଶ୍ୱାସ ଆଣୁନାହାନ୍ତି । ଇମାନ୍ ନଥିବା ଯୋଗୁଁ ଯେଉଁ ମହାନ ହସ୍ତିଙ୍କୁ ଚିହ୍ନିବାରେ ସେମାନେ ବଂଚିତ ଥିଲେ । ବାସ୍ତବରେ ଆପଣ ସ:ଆ:ସଙ୍କୁ ସେମାନଙ୍କର ଏହି ବଂଚିତ ହେବାର ଦୁଃଖ ଥିଲା । ପ୍ରକୃତ କଥା ହେଉଛି ଏହା କି ଅଲ୍ଲାଃ ତାଲାଙ୍କ ସହିତ ଆପଣ ସ:ଆ:ସଙ୍କ ପ୍ରେମ ଓ ମାନବ ଜାତି ସହିତ ଥିବା ଆପଣ ସ:ଆ:ସଙ୍କ ସହାନୂଭୁତିର ଅନୁମାନ ଲଗାଇବା ଏବଂ ଆପଣ ସ:ଆ:ସଙ୍କ ଉଚ୍ଚତମ ପଦମର୍ଯ୍ୟାଦାକୁ ବୁଝିବା ପାଇଁ କାହାର ଶକ୍ତି ନାହିଁ ।

ଯେଉଁଭଳି ଆପଣ ସ:ଆ:ସଙ୍କ ସ୍ଥାନ ଓ ପଦ ମର୍ଯ୍ୟାଦା ଥିଲା ସେହିଭଳି ଆପଣ ସ:ଆ:ସଙ୍କ ସହିତ□ଶତୃତା ମଧ୍ୟ ସବୁଠାରୁ ଅଧିକା ହୋଇଥିଲା ସମସ୍ତଙ୍କଠାରୁ ଅଧିକା ଗାଳିଗୁଲଜ ଆପଣ ସ:ଆ:ସଙ୍କୁ ଦିଆଗଲା । ସବୁଠାରୁ ଅଧିକା ଆରୋପ ଆପଣ ସ:ଆ:ସଙ୍କ ଉପରେ ଲଗାଗଲା । କୋଟି କୋଟି ପୁସ୍ତକ ଇସ୍‌ଲାମ୍, ଇସ୍‌ଲାମ୍‌ର ପ୍ରତିଷ୍ଠାତା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ଓ ପବିତ୍ର କୋରାନ ଖିଲାପରେ ପ୍ରକାଶ କରାଗଲା । ତିନି ହଜାର ବରଂ ଆ'ଠାରୁ ଅଧିକା ଆରୋପ ଲଗାଗଲା । ଅପବିତ୍ର ଆକ୍ରମଣ ଏବଂ ଅତ୍ୟନ୍ତ ହୃଦୟ ବିଦାରକ ଗାଳିଗୁଲଜ କରିବାରେ ଯେଉଁମାନଙ୍କର ସଂଖ୍ୟା ସବୁଠାରୁ ଅଧିକା ଥିଲା । ସେମାନେ ପାଦ୍ରୀ ସାହାବାନ୍ ଥିଲେ । ସୟଦ୍‌ନା ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି: "ବାସ୍ତବିକ ପାଦ୍ରୀ ସାହାବାନ୍ ତହ୍‌କିର୍ (ନ୍ୟୁନ ମନେକରିବା), ତିରସ୍କାର କରିବା ଏବଂ ଗାଳି ଦେବାରେ ଏକ ନମ୍ବରରେ ଅଛନ୍ତି । ଆମ ନିକଟରେ ଏପରି ପାଦ୍ରୀମାନଙ୍କ ପୁସ୍ତକର ଭଣ୍ଡାର ରହିଛି ଯେଉଁମାନେ ନିଜର ବାକ୍ୟକୁ ଶହ ଶହ ଗାଳିଦ୍ୱାରା ଭରି ରଖିଛନ୍ତି । *(ନୁରୁଲ୍ କୁର୍‌ଆନ୍ ନଂ-୨, ରୁହାନି ଖଜାଇନ୍ ଖଣ୍ଡ-୯, ପୃ-୩୭୫)*

ଆପଣ ଆ:ସ କହୁଛନ୍ତି: "ମୁଁ ଦାବି କରି କହୁଅଛି ଯେ ମୁସ୍‌ଲିମ୍ ହଦିସ ମୁତାବକ, ଯାହା ଏବେ ମୁଁ ବର୍ଣ୍ଣନା କରିଆସିଛି, ଯଦି ଆମେ ହଜରତ ଆଦମଙ୍କ ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ସେହି ସମସ୍ତ ଲେଖା ଜରିଆରେ ଯାହା କିଛି ଆମକୁ ମିଳିଅଛି । ପୃଥିବୀର ଏପରି ଲୋକମାନଙ୍କ ଅବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା, ଯେଉଁମାନେ ଦଜ୍ଜାଲିୟତ୍‌ର କାର୍ଯ୍ୟ କରିବାକୁ ନିଜ ଦାୟିତ୍ୱରେ ନେଇଥିଲେ, ତେବେ ଏ ଯୁଗର ପାଦ୍ରୀମାନଙ୍କ ଦଜ୍ଜାଲିୟତର ଦୃଷ୍ଟାନ୍ତ ଆମକୁ ଅନ୍ୟ କେଉଁଠାରେ କଦାପି ମିଳିବ ନାହିଁ ।

*(ଅଜାଲା ଅଓହୋମ୍, ରୁହାନି ଖଜାଇନ୍, ଖଣ୍ଡ-୩, ପୃ-୩୬୨)*

"କିତାବୁଲ ବରିୟା' ପୁସ୍ତକରେ ଆପଣ ଆ:ସ କହୁଛନ୍ତି: "ବର୍ତମାନ ବ୍ରିଟିଶ ଇଣ୍ଡିଆରେ ବହୁତ ପାଦ୍ରୀ ଏପରି ଅଛନ୍ତି ଯେଉଁମାନଙ୍କର ଦିବାରାତ୍ର ଏହି ପେଶା ରହିଛି ଯେ ସେମାନେ ଆମ ନବି ଓ ଆମ ସୟଦ ୱ ମୌଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଗାଳି ଦେଉଛନ୍ତି । ସମସ୍ତଙ୍କଠାରୁ ଗାଳିଦେବାରେ ପାଦ୍ରୀ ଇମାଦୁଦ୍ଦିନ୍ ଅମରତ୍‌ସରୀ ର ନମ୍ବର ଅଧିକ । ସେ ନିଜ ପୁସ୍ତକ ଗୁଡ଼ିକ ତହ୍‌କିକୁଲ୍ ଇମାନ୍ ଇତ୍ୟାଦିରେ ଖୋଲା ଖୋଲି ଭାବେ ଆଁ ହଜରତ ସ:ଆ:ସଙ୍କୁ ଗାଳି ଦେଇଛି । *(କିତାବୁଲ୍ ବରିୟା, ରୁହାନି ଖଜାଇନ୍, ଖଣ୍ଡ-୧୩, ପୃ-୧୨୦)*

ଏହାପରେ ଆପଣ ଅନେକ ପାଦ୍ରୀଙ୍କ ନାମ ଗଣାଇଲେ ଓ ସେମାନଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକରେ ଚର୍ଚ୍ଚା କଲେ ଯେଉଁଥିରେ ସେମାନେ ଆଁ ହଜରତ ସ:ଆ:ସଙ୍କୁ ଭିଷଣ ଗାଳିଗୁଲଜ କରିଛନ୍ତି ।

ସୟଦନା ହଜରତ ମସିହ ମଉଦ ଆ:ସ ଇସଲାମ ଓ ଇସଲାମର ପ୍ରତିଷ୍ଠାତା ସୟଦନା ହଜରତ ମୁହମ୍ମଦ ପୁସ୍ତଫା ସ:ଆ:ସଙ୍କ ଉପରେ ଲଗାଯାଇଥିବା ଆରୋପର ନା କେବଳ ମୁହଁ ଭଙ୍ଗା ଉତର ଦେଲେ ଓ ଇସାଇ ପାଦ୍ରୀମନଙ୍କର କହିବା ବନ୍ଦ କରିଦେଲେ ବରଂ ଆପଣ ସ:ଆ:ସଙ୍କ ଜୀବନ୍ତ ନବୀ ହେବା ଓ କୟାମତ୍ ପର୍ଯ୍ୟନ୍ତ ଆପଣ ସ:ଆ:ସଙ୍କ ଆଧ୍ୟାତ୍ମିକ ବୈଭବ ଜାରି ରହିବାର ପ୍ରମାଣ କରି ଦେଖାଇଲେ । ଗୋଟିଏ ପରେ ଗୋଟିଏ ଆହ୍ୱାନ୍ ଦେଇ ଯେଉଁ

## ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ପବିତ୍ର କୋରାନ୍‌ରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଇସ୍‌ମେ ମୁବାରକ୍ (ପବିତ୍ର ନାମ) | ୨ |
| ୩ | ହଜ୍‌ରତ୍ ମୁହମ୍ମଦ୍ ସ୍ୱଲଲ୍ଲାହୋ ଆଲୈହି ୱ ସଲ୍ଲମ୍‌ଙ୍କ ବହୁମୂଲ୍ୟ ଉପଦେଶାବଳୀ | ୪ |
| ୪ | ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ । | ୫ |
| ୫ | ଜଲ୍‌ସା ସାଲାନା କାଦିଆନ୍ ଅବସରରେ ୩୦ ଡିସେମ୍ବର ୨୦୧୮ ତାରିଖ ରବିବାର ଦିନ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଙ୍କ ଦ୍ୱାରା ପ୍ରଦତ ଉଦ୍‌ଯାପନୀ ଭାଷଣ | ୭ |
| ୬ | ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ପୁସ୍ତକ "ନବିଓଁ କା ସର୍‌ଦାର" ରୁ ଗୋଟିଏ ବିଶ୍ୱାସବର୍ଦ୍ଧକ ବିଷୟବସ୍ତୁ । | ୧୪ |
| ୭ | ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଜୀବନ ଚରିତ (ମାନବ ସମ୍ମାନ ପ୍ରସଙ୍ଗରେ) | ୧୮ |
| ୮ | ଦରୁଦ୍ ଶରିଫ୍‌ର ବର୍‌କାତ୍ (ଆଶୀର୍ବାଦ) ଏବଂ ତା'ର ଆଧ୍ୟାତ୍ମିକ ଉପହାର | ୨୩ |
| ୯ | ତର୍‌ବିୟତେ ଔଲାଦ୍ (ସନ୍ତାନମାନଙ୍କୁ ଉତମ ସଂସ୍କାର ଦେବା ଓ ସୁଶିକ୍ଷା ଦେବା)- ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦର୍ଶର ଆଲୋକରେ | ୨୫ |


ଦର୍ପରେ ଆପଣ ଆ:ସ ନିଜର ମୁନିବଙ୍କ ଆଧ୍ୟାତ୍ମିକ ଜୀବନର ପ୍ରମାଣ ଦେଲେ, ଏହାର ଦୃଷ୍ଟାନ୍ତ ପୂର୍ବ ଓ ପର ସମୟରେ କଦାପି ଉପସ୍ଥାପନ କରାଯାଇପାରିବ ନାହିଁ । ପାଦ୍ରୀ ଅବଦୁଲ୍ଲାଃ ଆଥମଙ୍କୁ ଆପଣ ଆ:ସ ପେଶ୍‌ଗୋଇ (ଅର୍ଥାତ ଭବିଷ୍ୟବାଣୀ) ଅନ୍ତର୍ଗତ ନର୍କରେ ପହଂଚାଇ ଦେଲେ ଯିଏ ନିଜର ପୁସ୍ତକ ଅନ୍ଦ୍‌ରୁନା ବାଇବେଲ୍‌ରେ ଆଁ ହଜରତ ସ:ଆ:ସଙ୍କୁ ଦଜ୍ଜାଲ୍ କହିଥିଲା । ଆଁ ହଜରତ ସ:ଆ:ସଙ୍କୁ ନିଃସଂକୋଚ ଗାଳିଗୁଲଜ କରୁଥିବା ଲେଖ୍‌ରାମ୍‌ଙ୍କ ସମ୍ବନ୍ଧରେ ଆପଣ ଆ:ସ ମୃତ୍ୟୁର ଭବିଷ୍ୟବାଣୀ କଲେ । ତାହା ଅତ୍ୟନ୍ତ ପୂର୍ଣ୍ଣ ବୈଭବର ଶୈଳୀରେ ପୂରଣ ହେଲା । ଏବଂ ଆର୍ଯ୍ୟମାନଙ୍କ ଘରେ ଘରେ ଶୋକ ଖେଳିଗଲା । ଆଲେକଜାଣ୍ଡାର ଡୁଇ (Alexandar Dui) ଆଫ୍ ଆମେରୀକା ଯିଏ ଆଁ ହଜରତ ସ:ଆ:ସଙ୍କୁ ମିଥ୍ୟାବାଦୀ ଓ ଧୋକାବାଜ୍ ବୋଲି ବିବେଚନା କରୁଥିଲା ଏବଂ ଆପଣ ସ:ଆ:ସଙ୍କୁ ଖରାପ ଓ ଅଶ୍ଳିଳ ଗାଳି ଦେଉଥିଲା, ତା ସମ୍ବନ୍ଧରେ ଆପଣ ଆ:ସ ପେଶ୍‌ଗୋଇ କଲେ ଯେ ସେ ମୋ ଜୀବନ କାଳ ଭିତରେ ହିଁ ସଂନ୍ତାପ କରି ବେଇଜତ ହୋଇ ମରିବ ଏବଂ ସେହିପରି ହିଁ ହେଲା ।

ଉକ୍ତ ଘଟଣା ସଦୃଶ ଆଉ ଏକ ଅବସରରେ ଯେବେ ଜଣେ ପାଦ୍ରୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଜୀବନ ଉପରେ କୁତ୍ସିତ ଆରୋପ ଲଗାଇଲା ଆପଣ ଆ:ସ ତାକୁ ବହୁତ ସୁନ୍ଦର, ପ୍ରମାଣପୂର୍ଣ୍ଣ ଓ ମୁହଁ ବନ୍ଦ କରିଦେଉଥିବା ଉତର ଦେଲେ, ଯାହା ହୃଦୟର ଅନ୍ତରକୁ ପ୍ରଭାବିତ କରିବା ବାଲା ଉତର ଥିଲା । ସେଥିରୁ ଆଁ ହଜରତ ସ:ଆସଙ୍କ ମହାନ ପଦମର୍ଯ୍ୟାଦା ଏବଂ ଆପଣ ସ:ଆ:ସଙ୍କ ଉଚ୍ଚ ସ୍ଥାନ ବିଷୟରେ ଜଣା ପଡୁଛି । ସୟଦନା ହଜରତ ମସିହ ମଉଦ ଆ:ସଙ୍କର ସେହି ଉତରକୁ ପାଠକେଙ୍କ ସେବାରେ ଉପସ୍ଥାପନର କରିବା ହେଉଛି ଆମର ଉଦ୍ଦେଶ୍ୟ । ବିଶେଷରୂପେ ସେହି ଭାଗଟି ଯେଉଁଥିରେ କୈସରେ ରୋମ (ରୋମ୍‌ର ସମ୍ରାଟ) ଆଁ ହଜରତ ସ:ଆ:ସଙ୍କ ପାଦ ଧୋଇଦେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

ପାଦ୍ରୀ ଫତହ୍ ମସିହ ଅଫ୍ ଫତହ୍‌ଗଡ଼ ଜିଲ୍ଲା ଗୁର୍‌ଦାସପୁର ଗୋଟିଏ ଚିଠିରେ ଆଁ ହଜରତ ସ:ଆ:ସଙ୍କ ଉପରେ ବ୍ୟଭିଚାର କରିବାର ଆରୋପ ଲଗାଇଲା ଓ ସେଥିରେ ଗାଳି ଗୁଲଜର ବହୁତ ଶବ୍ଦ ବ୍ୟବହାର କଲା । ପାଦ୍ରୀ ଜଣକ ହଜରତ ଆଇଶା ସିଦ୍ଦିକାଙ୍କ ସମ୍ବନ୍ଧରେ ଲେଖିଲା ଯେ ଆଁ ହଜରତ ସ:ଆ:ସ ତାଙ୍କୁ ନଅ ବର୍ଷ ବୟସରେ ବିବାହ କରିଥିଲେ ଓ ଏହି ବିବାହକୁ ପାଦ୍ରୀ ଫତହ ମସିହ ଜନା (ଅର୍ଥାତ୍ ବ୍ୟଭିଚାର) କରିବାର ଅଭିହିତ କଲା । ଏହାର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ ଲେଖିଲେ:-

"ପ୍ରଥମତଃ ୯ବର୍ଷର କଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁଖରୁ ପ୍ରମାଣିତ ନାହିଁ ଓ ନା ଏ ସମ୍ବନ୍ଧରେ କୌଣସି ୱହି (ଐଶିବାଣୀ) ହୋଇଛି ଓ ନା ତ ଅବିରତ ଖବରରୁ ପ୍ରମାଣ ହୋଇଛି ଯେ ସେ (ଅର୍ଥାତ୍ ଆଇଶା) ନିଶ୍ଚିତ ରୂପେ ନଅ ବର୍ଷର ହୋଇଥିଲେ ବୋଲି । କେବଳ ଜଣେ ରାୱିଙ୍କଠାରୁ ଉଦ୍ଧୃତ ଅଛି । ଆରବର ଲୋକମାନେ ପଂଚାଙ୍ଗପତ୍ର/ ତିଥିପତ୍ର ରଖୁନଥିଲେ କାରଣ ନିରକ୍ଷର ଥିଲେ ଓ ଦୁଇ ତିନି ବର୍ଷର ଉଣା ଅଧିକା ହୋଇଯିବା ଅବସ୍ଥା ଉପରେ ଦୃଷ୍ଟି ପକାଇଲେ ଏହା ଏକ ସାଧାରଣ କଥା ଥିଲା । ଯେପରି ଆମ ଦେଶରେ ମଧ୍ୟ ଅଧିକାଂଶ ନିରକ୍ଷର ଲୋକେ ଦୁଇ ଚାରି ବର୍ଷର ଫରକକୁ ଠିକ୍ ରୂପେ ସୁରକ୍ଷିତ ରଖି ପାରୁନାହାନ୍ତି । ପୁଣି ଯଦି ଏହା ଆମେ ମାନି ମଧ୍ୟ ନେଉଛେ କି ବାସ୍ତବରେ ତାହା ଗୋଟିଏ ଗୋଟିଏ ଦିନ ହିସାବ କରି ନଅ ବର୍ଷ ହେଉଥିଲା ତେବେ ମଧ୍ୟ ଜଣେ ବୁଦ୍ଧିମାନ ବ୍ୟକ୍ତି ଅଭିଯୋଗ କରିବ ନାହିଁ କିନ୍ତୁ ଜଣେ ମୁର୍ଖ ଲୋକର ଉପଚାର ନାହିଁ । ଆମେ ଆପଣଙ୍କୁ ନିଜ ପତ୍ରିକାରେ ପ୍ରମାଣ କରି ଦେଖାଇଦେବୁ ଯେ ଏବେ ଗବେଷଣାରତ ଡ଼ାକ୍ତରମାନେ ଏକଥାରେ

*ଅବଶିଷ୍ଟାଂଶ ପୃଷ୍ଠା- ୨୮ ରେ ଦେଖନ୍ତୁ......*

## ଖତ୍‌ମେ ନବୁଓ୍ୱତ୍‌ର ଅର୍ଥ ହେଉଛି ଏହା କି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପଦମର୍ଯ୍ୟାଦା ଓ ସ୍ଥାନ ସମସ୍ତ ନବୀଙ୍କଠାରୁ ଶ୍ରେଷ୍ଠତମ ।

### ପବିତ୍ର କୋରାନ୍‌ରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଇସ୍‌ମେ ମୁବାରକ୍ (ପବିତ୍ର ନାମ)

★ وَمَا مُحَمَّدٌ اِلَّا رَسُوْلٌ ۚ قَدْ خَلَتْ مِنْ قَبْلِهِ الرُّسُلُ ؕ اَفَا۠ئِنْ مَّاتَ اَوْ قُتِلَ انْقَلَبْتُمْ عَلٰۤى اَعْقَابِكُمْ ؕ وَمَنْ يَّنْقَلِبْ عَلٰى عَقِبَيْهِ فَلَنْ يَّضُرَّ اللّٰهَ شَيْـًٔا ؕ وَسَيَجْزِى اللّٰهُ الشّٰكِرِيْنَ ○ (آل عمران:145)

ଅନୁବାଦ : ଏବଂ ମୁହମ୍ମଦ୍ କେବଳ ଜଣେ ରସୁଲ ଅଟନ୍ତି : ତାହାଙ୍କ ପୂର୍ବରୁ ସମସ୍ତ ରସୁଲ ମୃତ୍ୟୁବରଣ କରିଛନ୍ତି; ସୁତରାଂ ଯଦି ସେ ମୃତ୍ୟୁବରଣ କରନ୍ତି ବା ତାହାଙ୍କୁ ହତ୍ୟା କରାଯାଏ ତେବେ କଣ ତୁମେମାନେ ପଶ୍ଚାତ୍‌ପଦ ହୋଇ ଫେରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତ୍‌ପଦ ହୋଇ ଫେରିଯାଏ ସେ ଅଲ୍ଲାଃଙ୍କର କଦାପି କିଛି କ୍ଷତି କରିପାରିବ ନାହିଁ ; ଏବଂ ଅଲ୍ଲାଃ କୃତଜ୍ଞମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ । (ଆଲେ ଇମ୍‌ରାନ୍ : ୧୪୫)

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାଃ ତାଲା କହୁଛନ୍ତି:-**

ଏହି ପବିତ୍ର ଆୟତରେ ହଜ୍‌ରତ୍ ଇସା ଆ:ସଙ୍କ ଦେହାନ୍ତ ସମ୍ବନ୍ଧରେ ସ୍ପଷ୍ଟ ଘୋଷଣା କରାଯାଇଅଛି । ଯେପରିକି (ଅଲ୍ଲାଃତାଲା) କହିଲେ ଯେ ମୁହମ୍ମଦ୍ ସ:ଆ:ସ ମଧ୍ୟ ଅଲ୍ଲାଃଙ୍କ ରସୁଲ ଅଟନ୍ତି ଓ ରସୁଲଠାରୁ ଅଧିକା କିଛି ନୁହେଁ ଏବଂ ଆପଣ ସ:ଆ:ସଙ୍କ ପୂର୍ବରୁ ଯେତେକ ରସୁଲ୍ ଥିଲେ ସମସ୍ତେ ମୃତ୍ୟୁବରଣ କରିଛନ୍ତି । ଖଲା ଶବ୍ଦଟି ଯେବେ ସ୍ୱତନ୍ତ୍ର ରୂପେ କାହା ନିମନ୍ତେ ବୋଲାଯାଏ ତେବେ ତାହାର ଅର୍ଥ ଏପରି ଚାଲିଯିବା ନୁହେଁ ଯେପରି ଯାତ୍ରୀ ଚାଲିଯାଇଥାଏ ବରଂ ଚାଲିଯିବାର ଅର୍ଥ ମୃତ୍ୟୁବରଣ କରିବା । ସୁତରାଂ ଯଦି ଇସା ଆ:ସ ଅଲ୍ଲାଃଙ୍କ ରସୁଲ୍ ଥିଲେ ତେବେ ନିଶ୍ଚିତ ରୂପେ ମୃତ୍ୟୁବରଣ କରିସାରିଛନ୍ତି । (ତର୍‌ଯୁମାତୁଲ୍ କୁର୍‌ଆନ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ, ପୃଷ୍ଠା-୧୦୮, ଏଡ଼ିଶନ କାଦିଆନ୍ ୨୦୧୪)

★ مَا كَانَ مُحَمَّدٌ اَبَاۤ اَحَدٍ مِّنْ رِّجَالِكُمْ وَلٰكِنْ رَّسُوْلَ اللّٰهِ وَخَاتَمَ النَّبِيّٖنَ ؕ (الاحزاب:41)

ଅନୁବାଦ : ନା ମୁହମ୍ମଦ୍ ତୁମମାନଙ୍କର ମଧ୍ୟରୁ କୌଣସି ପୁରୁଷର ପିତା ଥିଲେ ନା (ପିତା) ନୁହଁନ୍ତି (କି ପିତା ହେବେ ନାହିଁ) କିନ୍ତୁ (ସେ) ଅଲ୍ଲାଃଙ୍କର ରସୁଲ୍ ଅଟନ୍ତି ବରଂ (ଏହାଠାରୁ ବଳି) ସେ ନବୀମାନଙ୍କର ମୋହର ଅଟନ୍ତି, ଏବଂ ଅଲ୍ଲାଃ ସବୁ ବିଷୟ ଭଲଭାବରେ ଜାଣନ୍ତି । (ଅହ୍‌ଜାବ୍ : ୪୧)

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ ଉକ୍ତ ଆୟତର ବ୍ୟାଖ୍ୟା କରି କହୁଛନ୍ତି :**

ମା କାନା ମୁହମ୍ମଦୁନ୍ ଅବା ଅହଦିନ୍ ବାକ୍ୟ ପବିତ୍ର କୁର୍‌ଆନ୍‌ରେ ଅଛି । ଆରବୀ ଭାଷାର କାଇଦା ହେଉଛି ଏହା କି କାନା ଶବ୍ଦଟି ନିରନ୍ତରତାର ଅର୍ଥ ଦେଇଥାଏ । ସୁତରାଂ ଆମେ ଇସ୍‌ତିମ୍‌ରାର୍ (ଅର୍ଥାତ୍ ନିରନ୍ତରତା) ଦୃଷ୍ଟିକୋଣରୁ ଏହି ଆୟତର ଅନୁବାଦ ଏପରି କରିଛୁ ଯେ "ମୁହମ୍ମଦ୍ (ସ:ଆ:ସ) ନା କୌଣସି ପୁରୁଷର ବାପା ଥିଲେ, ନା ଅଟନ୍ତି ଓ ନା ହେବେ ।"

**ନବୀମାନଙ୍କ ମୋହର ସମ୍ବନ୍ଧରେ ଆପଣ ର:ଅ କହୁଛନ୍ତି:-**

ଅର୍ଥାତ୍ ଆପଣ ସ:ଆ:ସଙ୍କ ବିନା ତସ୍‌ଦିକ୍ (ଅର୍ଥାତ୍ ସତ୍ୟତା ବିନା) ଓ ଆପଣ ସ:ଆ:ସଙ୍କ ଶିକ୍ଷାର ସାକ୍ଷ୍ୟ ବିନା କୌଣସି ନବୁଓ୍ୱତ୍ (ଅର୍ଥାତ୍ Prophethood)ବା ୱିଲାୟତ୍ (ଅର୍ଥାତ୍ Saintism)ର ପଦବୀକୁ ପହଂଚିପାରିବ ନାହିଁ । ଲୋକମାନେ ନବୀଙ୍କ ମୋହର ସ୍ଥାନରେ ଶେଷ ନବୀର ଅର୍ଥ ନେଇଛନ୍ତି କିନ୍ତୁ ଏହାଦ୍ୱାରା ମଧ୍ୟ ଆମ ପୋଜିଶନ୍‌ରେ ଫରକ ପଡୁନାହିଁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ମେରାଜ (ଅର୍ଥାତ୍ ଆଧ୍ୟାତ୍ମିକ ସୋପାନ)କୁ ଯଦି ଦୃଷ୍ଟିରେ ରଖାଯାଏ ତେବେ ନବୀମାନଙ୍କ ଶଯରାଃ (ଅର୍ଥାତ୍ ବୃକ୍ଷ) ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍‌ବଲ୍ ର:ଅଙ୍କ ମୁତାବକ ଏପରି ହେଉଛି –

| | |
|---|---|
| ସିଦରତୁଲ୍ ମୁନ୍‌ତହା | ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ |
| ସପ୍ତମ ଆକାଶ | ହଜ୍‌ରତ୍ ଇବାହିମ୍ ଆ:ସ |
| ଷଷ୍ଠ ଆକାଶ | ହଜ୍‌ରତ୍ ମୁସା ଆ:ସ |
| ପଂଚମ ଆକାଶ | ହଜ୍‌ରତ୍ ହାରୁନ୍ ଆ:ସ |
| ଚତୁର୍ଥ ଆକାଶ | ହଜ୍‌ରତ୍ ଇଦ୍‌ରିସ୍ ଆ:ସ |
| ତୃତୀୟ ଆକାଶ | ହଜ୍‌ରତ୍ ୟୁସୁଫ୍ ଆ:ସ |
| ଦ୍ୱିତୀୟ ଆକାଶ | ହଜ୍‌ରତ୍ ଇସା ଆ:ସ ଓ ହଜ୍‌ରତ୍ ୟହ୍‌ୟା ଆ:ସ |
| ପ୍ରଥମ ଆକାଶ | ହଜ୍‌ରତ୍ ଆଦମ୍ ଆ:ସ |
| | ପୃଥିବୀ ବାସୀ |

ଉପରୋକ୍ତ ନକ୍ସାକୁ ଦେଖିଲେ ମଖ୍‌ଲୁକ୍ ଅର୍ଥାତ୍ ପ୍ରାଣୀଜଗତର ସ୍ଥାନରେ ଯେଉଁ ବ୍ୟକ୍ତି ଛିଡାହେବ ତାର ଆଖି ସର୍ବ ପ୍ରଥମେ ହଜ୍‌ରତ୍ ଆଦମ୍ ଆ:ସଙ୍କ ଉପରେ ପଡ଼ିବ ଏବଂ ସଭା ଶେଷରେ ତାର ନଜର ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ପଡ଼ିବ । ସୁତରାଂ ସେ ସମସ୍ତ ନବୀମାନଙ୍କ ମଧ୍ୟରେ ଶେଷ ନବୀ ରସୁଲେ କରିମ୍ ସ:ଆ:ସଙ୍କୁ ଅଭିହିତ କରିବ । ଏତଦ୍‌ବ୍ୟତୀତ ଯଦି ଆମେ ସେହି ହଦିସ୍‌କୁ ନେବା ଯେଉଁଥିରେ ବର୍ଣ୍ଣିତ ଅଛି ଯେ ଆଦମ୍ ଏବେ ଜନ୍ମ ମଧ୍ୟ ହୋଇନଥିଲେ ଯେ, ମୁଁ ଖାତମୁନ୍ ନବିୟିନ ହୋଇସାରିଥିଲି । ଏଥିରେ ମଧ୍ୟ ଶଯରାଏ ଅମ୍ବିୟା (ଅର୍ଥାତ୍ ନବୀମାନଙ୍କ ବୃକ୍ଷ ସାରଣୀ) ଅନୁସାରେ ରସୁଲେ କରିମ୍ ସ:ଆ:ସଙ୍କୁ ପଦମର୍ଯ୍ୟାଦା ଦୃଷ୍ଟିକୋଣରୁ ଉପର ସ୍ଥାନ ହାସଲ ହୋଇଛି । ସୁତରାଂ ଯେବେ ରସୁଲେ କରିମ୍ ସ:ଆ:ସ ମେରାଜ (ଅର୍ଥାତ୍ ଆଧ୍ୟାତ୍ମିକ ଯାତ୍ରା)ରେ ସମସ୍ତଙ୍କଠାରୁ ଉପରକୁ ଗଲେ ସେତେବେଳେ (ମଧ୍ୟ) ମୁକାମେ ମୁହମ୍ମଦି ଅର୍ଥାତ୍ ମୁହମ୍ମଦଙ୍କ ପଦମର୍ଯ୍ୟାଦା ଶେଷ ନବୁଓ୍ୱତ୍‌ର ସ୍ଥାନରେ ରହୁଛି । ଏହିପରି ଆମେ ଯେଉଁ ଅର୍ଥ କରିଛୁ ତାହା ଠିକ୍ ଅର୍ଥାତ୍ ନବୁଓ୍ୱତ୍‌ର ଅର୍ଥ ହେଉଛି ଏହା କି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପଦମର୍ଯ୍ୟାଦା ସମସ୍ତ ନବୀମାନଙ୍କଠାରୁ ଶ୍ରେଷ୍ଠତମ । (ତଫସିର୍ ସଗିର୍, ପୃଷ୍ଠା-୬୯୫)

★ اَلَّذِيْنَ كَفَرُوْا وَصَدُّوْا عَنْ سَبِيْلِ اللّٰهِ اَضَلَّ اَعْمَالَهُمْ ① وَالَّذِيْنَ اٰمَنُوْا وَعَمِلُوا الصّٰلِحٰتِ وَاٰمَنُوْا بِمَا نُزِّلَ عَلٰى مُحَمَّدٍ وَّهُوَ الْحَقُّ مِنْ رَّبِّهِمْ ۙ كَفَّرَ عَنْهُمْ سَيِّاٰتِهِمْ وَاَصْلَحَ بَالَهُمْ ② (سورہ محمد:2-3)

ଅନୁବାଦ : ଯେଉଁମାନେ ଅବିଶ୍ୱାସ କରିଛନ୍ତି ଓ ଅଲ୍ଲାଃଙ୍କ ପଥରୁ (ଅନ୍ୟମାନଙ୍କୁ) ବାଧା ଦେଇଛନ୍ତି, ଅଲ୍ଲାଃ ସେମାନଙ୍କ କର୍ମକୁ ନଷ୍ଟ କରି ଦେଇଛନ୍ତି । ଏବଂ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ବିଶ୍ୱାସ ମୁତାବକ କାର୍ଯ୍ୟ କରିଛନ୍ତି ଏବଂ ଯାହା (ହଜ୍‌ରତ୍) ମୁହମ୍ମଦ୍‌ଙ୍କ ପ୍ରତି ଅବତୀର୍ଣ୍ଣ ହୋଇଅଛି ତହିଁରେ ବିଶ୍ୱାସ କରିଛନ୍ତି ଏବଂ ତାହା ହିଁ ସେମାନଙ୍କ ପାଳନକର୍ତାଙ୍କ ନିକଟରୁ ସତ୍ୟ ଅଟେ । ଅଲ୍ଲାଃ ସେମାନଙ୍କ କୁକର୍ମ ଗୁଡିକୁ ଘୋଡାଇ ରଖିବେ ଓ ସେମାନଙ୍କ ଅବସ୍ଥାକୁ ସୁଧାରି ଦେବେ ।

(ସୁରାଃ ମୁହମ୍ମଦ୍ : ୨-୩)

★ مُحَمَّدٌ رَّسُوْلُ اللّٰهِ ؕ وَالَّذِيْنَ مَعَهٗۤ اَشِدَّآءُ عَلَى الْكُفَّارِ رُحَمَآءُ بَيْنَهُمْ تَرٰىهُمْ رُكَّعًا سُجَّدًا يَّبْتَغُوْنَ فَضْلًا مِّنَ اللّٰهِ وَرِضْوَانًا ۫ سِيْمَاهُمْ فِىْ وُجُوْهِهِمْ مِّنْ اَثَرِ السُّجُوْدِ ؕ ذٰلِكَ مَثَلُهُمْ فِى التَّوْرٰىةِ ۖۚ وَمَثَلُهُمْ فِى الْاِنْجِيْلِ ۚ كَزَرْعٍ اَخْرَجَ شَطْـَٔهٗ فَاٰزَرَهٗ فَاسْتَغْلَظَ فَاسْتَوٰى عَلٰى سُوْقِهٖ يُعْجِبُ الزُّرَّاعَ لِيَغِيْظَ بِهِمُ الْكُفَّارَ ؕ وَعَدَ اللّٰهُ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ مِنْهُمْ مَّغْفِرَةً وَّاَجْرًا عَظِيْمًا ○ ۲۹ (الفتح:30)

ଅନୁବାଦ : ମୁହମ୍ମଦ୍ ରସୁଲୁଲ୍ଲାଃ (ଅର୍ଥାତ୍ ମୁହମ୍ମଦ୍ ଅଲ୍ଲାଃଙ୍କର ରସୁଲ୍ ଅଟନ୍ତି); ଏବଂ ଯେଉଁମାନେ ତାହାଙ୍କ ସହିତ ଅଛନ୍ତି ସେମାନେ ଅବିଶ୍ୱାସକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି, ଅଥଚ ସେମାନେ ପରସ୍ପର ପ୍ରତି ଅତ୍ୟନ୍ତ ସ୍ନେହଶୀଳ; ତୁମେ ସେମାନଙ୍କୁ ଅଲ୍ଲାଃଙ୍କ କୃପା ଓ ସନ୍ତୋଷ ଲାଭ କରିବ ସକାଶେ ରୁକୁ ଓ ସଜ୍‌ଦାଃ କରୁଥିବାର (ଅର୍ଥାତ୍ ଶିର୍‌କଠାରୁ ଉର୍ଦ୍ଧ୍ୱରେ ଥିବାର ଓ ଅଲ୍ଲାଃଙ୍କର ଆଜ୍ଞାବହ ହୋଇଥିବାର) ଦେଖିବାକୁ ପାଇବ; ସେମାନଙ୍କ (ପରିଚୟ) ଚିହ୍ନ ସେମାନଙ୍କ ଲଲାଟ ଉପରେ ସଜ୍‌ଦା ଜନିତ ଦାଗ ଆକାରରେ ରହିଥାଏ; ଏବଂ ସେମାନଙ୍କର ଏହି ଅବସ୍ଥା ତୌରାତରେ ବର୍ଣ୍ଣିତ ହୋଇଅଛି; ଏବଂ ଇଞ୍ଜିଲରେ ସେମାନଙ୍କ ଅବସ୍ଥା ବିଷୟରେ ଏପରି ବର୍ଣ୍ଣନା ଅଛି ଯେ ସେମାନେ ଏପରି ଏକ ଶସ୍ୟ କ୍ଷେତ୍ର ସଦୃଶ

ଯାହା ପ୍ରଥମେ ଅଙ୍କୁରୋଦ୍‌ଗମ କରେ; ତା'ପରେ ଏହାକୁ (ସ୍ୱର୍ଗୀୟ ଓ ପାର୍ଥିବ ଖାଦ୍ୟ ମାଧ୍ୟମରେ) ସବଳ କରାଏ; ଏବଂ ସେହି ଅଙ୍କୁର ଅଧିକତର ସବଳ ହୁଏ । ଏହାପରେ ତାହାର ମୂଳ ଉପରେ ଦୃଢ଼ଭାବରେ ଠିଆହୁଏ ଏପରିକି ତାହା ଜମି ମାଲିକକୁ ପସନ୍ଦ ଯୋଗ୍ୟ ହୋଇଥାଏ । ଯାହା ଫଳରେ ଅବିଶ୍ୱାସୀକାରୀମାନେ ସେମନଙ୍କୁ ଲକ୍ଷ୍ୟ କରି ଇର୍ଷାନ୍ୱିତ ହେବେ; ଅଲ୍ଲାଃ ବିଶ୍ୱାସକାୀରୀମାନଙ୍କୁ ତଥା ଯେଉଁମାନେ ବିଶ୍ୱାସ ମୁତାବକ କାର୍ଯ୍ୟ କରନ୍ତି, ସେମାନଙ୍କୁ କ୍ଷମା ଓ ମହାନ୍ ପୁରସ୍କାର ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି । (ଅଲ୍‌ଫତହ୍ : ୩୦)

**ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର:ଅ ଏହି ଆୟତ ବ୍ୟାଖ୍ୟାରେ କହୁଛନ୍ତି:-**

ଏହି ଆୟତରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଯେଉଁ ବିଶେଷ ଗୁଣାବଳୀ ବର୍ଣ୍ଣନା କରାଯାଇଅଛି ତାହାକୁ ଆପଣ ସ:ଆ:ସଙ୍କ ମଧ୍ୟରେ ସୀମିତ ନରଖି ବରଂ ତତ୍‌କ୍ଷଣାତ୍ କହିଲେ ୱ୍ୱଲ୍‌ଲଜିନା ମାଆହୁ ଅର୍ଥାତ୍ ଆପଣ ସ:ଆ:ସଙ୍କ ବିଶେଷ ଗୁଣ ଲୋକମାନଙ୍କ ମଧ୍ୟରେ ମଧ୍ୟ ପ୍ରବିଷ୍ଟ କରି ଯିବ, ଯେଉଁମାନେ ଆପଣ ସ:ଆ:ସଙ୍କ ସାଥିରେ ଅଛନ୍ତି । ବିଶେଷ ଗୁଣ ମଧ୍ୟରେ ସର୍ବ ପ୍ରଥମ ଜିନିଷ ହେଉଛି ଏହା କି *ଅଶିଦ୍ଦାଉ ଅଲଲ୍ କୁଫ୍‌ଫାର* । ଏଥିରୁ ଏ ଅର୍ଥ ବାହାରୁ ନାହିଁ ଯେ ସେମାନେ କୁଫ୍‌ଫାର୍ (ଅର୍ଥାତ୍ ଅମାନ୍ୟକାରୀ)ଙ୍କ ଉପରେ ନିଜର କଠୋର ହୃଦୟ ଯୋଗୁ କଠୋରତାର ସହିତ ବ୍ୟବହାର କରିବେ ବରଂ (ଏହାର ଅର୍ଥ ହେଉଛି) କୁଫର ଅର୍ଥାତ୍ ଅବିଶ୍ୱାସୀମାନଙ୍କ ପ୍ରଭାବକୁ ଗ୍ରହଣ ନ କରିବା ଦୃଷ୍ଟିକୋଣରୁ ସେମାନଙ୍କୁ କଠୋର କୁହାଯାଇଅଛି । କିନ୍ତୁ ସେମାନଙ୍କର ହୃଦୟ ରହ୍‌ମତ୍ ଅର୍ଥାତ୍ କରୁଣାରେ ପରିପୂର୍ଣ୍ଣ ଥିବ । ସେଥି ସକାଶେ ମୋମିନ୍ ଅର୍ଥାତ୍ ବିଶ୍ୱାସକାରୀମାନେ ଆପୋଷରେ ଜଣେ ଅନ୍ୟଜଣଙ୍କ ସହିତ କରୁଣା ଓ ନମ୍ର ଆଚରଣ କରିବେ । ସେମାନଙ୍କ ଜିହାଦ୍‌ର ଉଦ୍ଦେଶ୍ୟ କେବଳ ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ନା କି ସାଂସାରିକ ଧନସମ୍ପତି କମେଇବା । ସୁତରାଂ ସେମାନେ ଅଲ୍ଲାଃତାଲାଙ୍କ ନିକଟରେ ରୁକୁ ଏବଂ ସଜ୍‌ଦାଃ କରି ନଇଁଯିବେ ଓ ତା'ଠାରୁ ଫଜଲ୍ ଅର୍ଥାତ୍ ଏପରି ସାଂସାରିକ ମାଲ୍ ଚାହିଁବେ ଯାହା ସହିତ ଇଶ୍ୱରଙ୍କ ପ୍ରସନ୍ନତା ମଧ୍ୟ ଥିବ । ଏହା ହେଉଛି ସେମାନଙ୍କ ଜିହାଦ୍‌ର କେନ୍ଦ୍ରବିନ୍ଦୁ, ଯାହା ତୌରାତ୍‌ରେ ସେମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିଲା ।

ଓ ଯେଉଁଠି ଆଁ ହଜ୍‌ରତ୍ ସ:ଆ:ସଙ୍କ ଉମ୍ମତ (ଅର୍ଥାତ୍ ସମ୍ପ୍ରଦାୟ)ର ଶେଷ ଯୁଗରେ ଆସିବାକୁ ଥିବା ମସିହ୍ ଓ ତାଙ୍କୁ ମାନୁଥିବା ଲୋକମାନଙ୍କର ସମ୍ପର୍କ ଅଛି, ସେମାନଙ୍କ ଉଦାହରଣ ଇଞ୍ଜିଲ୍‌ରେ ଏପରି ଅଙ୍କୁରୋଦ୍‌ଗମ ହେବାର ଦିଆଯାଇଅଛି ଯାହା (ସୋପାନ କ୍ରମେ) ଧିରେଧିରେ ବଢ଼ିଥାଏ ଓ ନିଜର ମୂଳ ଓ ଡ଼ାଳ ଉପରେ ଦୃଢ଼ ଭାବରେ ଛିଡା ହୋଇଯାଇଥାଏ । ତାକୁ ଦେଖି ତାହାକୁ ବୁଣିଥିବା ଲୋକ ଅର୍ଥାତ୍ ଧର୍ମ ସେବା କରିବାରେ ଭାଗ ନେଇଥିବା ଲୋକେ ବହୁତ ଖୁସି ହେବେ ଏବଂ ଏହା ଫଳରେ ଅବିଶ୍ୱାସକାରୀମାନେ ସେମାନଙ୍କ ଉପରେ ଆହୁରି ଅଧିକା କ୍ରୋଧିତ ହେବେ । ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ସଚ୍ଚା ଇମାନ୍ (ଅର୍ଥାତ୍ ସତ୍ ବିଶ୍ୱାସ) ଆଣିବେ ଓ ତାହାଙ୍କଠାରୁ କ୍ଷମା ଚାହିଁବେ, ଅଲ୍ଲାଃତାଲା ସେମାନଙ୍କୁ ମହାନ୍ କ୍ଷମା ଓ (ମହାନ୍) ପୁରସ୍କାରର ସୁସମାଚର ପ୍ରଦାନ କରିଛନ୍ତି । (ତର୍‌ଯୁମାତୁଲ୍ କୁର୍‌ଆନ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ, ପୃଷ୍ଠା-୯୨୮)

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ ଏହି ଆୟତର ବ୍ୟାଖ୍ୟା କରି କହିଛନ୍ତି**

ଏହି ଆୟତରେ ଇଞ୍ଜିଲବାଲାଙ୍କ ମୁକାବିଲାରେ ଇସ୍‌ଲାମୀୟ ଭାଗର ଉଦାହରଣ ବର୍ଣ୍ଣନା କରାଯାଇଛି, ଯିଏ ହେଉଛନ୍ତି ମୁହମ୍ମଦି ମସିହ୍‌ଙ୍କ ଯମାତ ।

ଏହି ଆୟତରେ ସେହି ପେଶ୍‌ଗୋଇ (ଅର୍ଥାତ୍ ଭବିଷ୍ୟବାଣୀ) ପ୍ରତି ଇଙ୍ଗିତ କରାଯାଇଛି ଯାହା ମତି ବାବ୍ ୧୩ ଆୟତ ୩ ରୁ ୯ ରେ ଏପରି ଶବ୍ଦରେ ବର୍ଣ୍ଣନା ହୋଇଅଛି ଯେ "ଜଣେ ମଞ୍ଜି ବୁଣିବା ବ୍ୟକ୍ତି ମଞ୍ଜି ବୁଣିବାକୁ ବାହାରିଲା ଓ ବୁଣିବା ସମୟରେ କିଛି ଶସ୍ୟ ରାସ୍ତା କଡରେ ପଡିଗଲା ତେଣୁ ପକ୍ଷୀମାନେ ଆସି ତାକୁ ଖାଇଗଲେ ଓ କିଛି (ଶସ୍ୟ) ପଥର ଭୂଇଁରେ ପଡିଲା ଯେଉଁଠି ତାକୁ ଅଧିକ ମାଟି ମିଳିଲା ନାହିଁ । ଗଭୀର ମାଟି ନମିଳିବା ଯୋଗୁ ତାହା ଶିଘ୍ର ଉଠିଗଲା ଓ ସୂର୍ଯ୍ୟ ବାହାରିବା କ୍ଷଣି ଜଳିଗଲା ଓ ମୂଳ ନଥିବା ଯୋଗୁ ଶୁଖିଗଲା । ଆଉ କିଛି (ଶସ୍ୟ) ନଟି ବୁଦାରେ ପଡିଲା, ବୁଦାଗୁଡିକ ବଢ଼ି ତାକୁ ଦବାଇଦେଲା ଓ ଆଉ କିଛି ଶସ୍ୟ ଭୂମିଉପରେ ପଡିଲା ଓ ସେଥିରୁ ଫଳ ଲାଗିଲା । ଶହେ ଗୁଣା, ଷାଠିଏ ଗୁଣା ଓ କିଛି ତିରିଶି ଗୁଣା (ଶସ୍ୟ ଲାଗିଲା) ।"

ପବିତ୍ର କୋରାନ୍‌ର ଏହି ଆୟତରେ ବତାଯାଇଛି ଯେ ମୁହମ୍ମଦ୍‌ଙ୍କ ସମ୍ପ୍ରଦାୟରେ ଆସିବାକୁ ଥିବା ମସିହ୍‌ଙ୍କ କୌମ୍ ମଧ୍ୟ ଏପରି ହେବେ ଯେପରି ଉତ୍କୃଷ୍ଟ ଜମିରେ ବୁଣାଯାଇଥିବା ଶସ୍ୟ । ଅଲ୍ଲାଃତାଲା ସେଥିରେ ଏପରି ବର୍‌କତ୍ (ଅର୍ଥାତ୍ ବିଭୁତି) ସୃଷ୍ଟି କରିବେ ଯେ ଗୋଟିଏ ଗୋଟିଏ ଶସ୍ୟରୁ ଷାଠିଏ, ସତୁରୀ ବରଂ ଶହ ଶହ ଗୁଣା ଶସ୍ୟ ସୃଷ୍ଟି ହେବ । କିନ୍ତୁ ଏହା ତତ୍‌କ୍ଷଣାତ୍ ହେବନାହିଁ ବରଂ ଧିରେଧିରେ ହେବ । (ତଫସିର ସଗିର, ପୃଷ୍ଠା-୮୫୫)


**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Pankal (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ପୃଥିବୀକୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଅବଗତ କରାଇବାକୁ ହେବ ଓ ଏଥିପାଇଁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ହେଉଛି ଅତ୍ୟନ୍ତ ଆବଶ୍ୟକ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୩ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahemadiya, Pankal (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family, Jamat Ahemadiya, Kerang (Odisha)*

# ହଜ୍‌ରତ୍ ମୁହମ୍ମଦ୍ ସ୍ୱଲଲ୍ଲାହୋ ଆଲୈହି ଓ୍ୱ ସଲ୍ଲମ୍‌ଙ୍କ ବହୁମୂଲ୍ୟ ଉପଦେଶାବଳୀ

★ اِنَّمَا الْاَعْمَالُ بِالنِّيَّاتِ، وَاِنَّمَا لِكُلِّ امْرِیٍٔ مَّا نَوٰی

***- ଇନ୍ନମଲ୍ ଆମାଲୋ ବିନ୍ ନିୟାତ୍, ଓ୍ୱ ଇନ୍ନମା ଲିକୁଲ୍ଲିମ୍‌ରିମ୍ ମା ନୱା***

ଅନୁବାଦ : ସମସ୍ତ କର୍ମ ନିୟତ ଉପରେ ଆଧାରିତ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ନିୟତ ମୁତାବକ ହିଁ ପ୍ରତିବଦଳ ମିଳିଥାଏ । (ବୁଖାରୀ ହଦିସ୍)

★ اِنَّ اللّٰهَ لَا يَنْظُرُ اِلٰى اَجْسَامِكُمْ وَلَا اِلٰى صُوَرِكُمْ وَلٰكِنْ يَنْظُرُ اِلٰى قُلُوْبِكُمْ ۔(مسلم کتاب البر والصلۃ باب تحریم ظلم المسلم)

***- ଇନ୍ନଲ୍ଲାହା ଲା ୟନ୍‌ଜୁରୁ ଇଲା ଅଜ୍‌ସାମିକୁମ୍ ଓ୍ୱଲା ଇଲା ସୁଓ୍ୱରିକୁମ୍ ଓ୍ୱଲାକିନ୍ ୟନ୍‌ଜୁରୁ ଇଲା କୁଲୁବିକୁମ୍ (ମୁସ୍‌ଲିମ୍ ହଦିସ୍)***

ଅନୁବାଦ : ଅଲ୍ଲାଃତାଲା ତୁମ ଶରୀରକୁ ଦେଖନ୍ତି ନାହିଁ ଓ ନା ତୁମ ଚେହେରାକୁ ଦେଖନ୍ତି (ଯେ ସୁନ୍ଦର ବା ଅସୁନ୍ଦର) ବରଂ ସେ ତୁମ ହୃଦୟକୁ ଦେଖିଥାନ୍ତି (ଯେ ସେଥିରେ କେତେ ମାତ୍ରାରେ ନିଷ୍ଠା ଓ ସଦିଚ୍ଛା ଅଛି)

★ اِنَّمَا الْاَعْمَالُ كَالْوِعَاءِ اِذَا طَابَ اَسْفَلُهٗ طَابَ اَعْلَاهُ وَاِذَا فَسَدَ اَسْفَلُهٗ فَسَدَ اَعْلَاهُ ۔(ابن ماجہ ابواب الزھد باب التوقی علی العمل)

***- ଇନ୍ନମଲ୍ ଆମାଲୋ କଲ୍‌ଓ୍ୱଦାଇ ଇଜା ତାବା ଅସ୍‌ଫଲୁହୁ ତାବା ଆଲାହୁ ଓ୍ୱ ଇଜା ଫସଦା ଅସ୍‌ଫଲୁହୁ ଫସଦା ଆଲାହୁ । (ହଦିସ୍ ଇବ୍‌ନେ ମାଜାଃ)***

ଅନୁବାଦ : କର୍ମ ଏକ ପାତ୍ରରେ ରଖାଯାଇଥିବା ବସ୍ତୁ ସଦୃଶ । ଯେବେ ପାତ୍ର ଭିତରେ ଥିବା ବସ୍ତୁର ତଳ ଭାଗ ଭଲ ହୋଇଥାଏ ତେବେ ତାର ଉପର ଭାଗ ମଧ୍ୟ ଭଲ ହୋଇଥାଏ ଓ ଯଦି ତାର ତଳଭାଗଟି ଅସନା ଓ ଖରାପ ହୋଇଥାଏ ତେବେ ଉପର ଭାଗଟି ଅସନା ଓ ଖରାପ ହୋଇଥାଏ । (ଏପରି ଅବସ୍ଥା କର୍ମର ହୋଇଥାଏ)

★ اِنَّ اللّٰهَ كَتَبَ الْحَسَنَاتِ وَالسَّيِّاٰتِ ثُمَّ بَيَّنَ ذٰلِكَ: فَمَنْ هَمَّ بِحَسَنَةٍ فَلَمْ يَعْمَلْهَا كَتَبَهَا اللّٰهُ تَبَارَكَ وَتَعَالٰى عِنْدَهٗ حَسَنَةً كَامِلَةً، وَاِنْ هَمَّ بِهَا فَعَمِلَهَا كَتَبَهَا اللّٰهُ عَزَّوَجَلَّ عِنْدَهٗ عَشْرَ حَسَنَاتٍ اِلٰى سَبْعِ مِائَةِ ضِعْفٍ اِلٰى اَضْعَافٍ كَثِيْرَةٍ، وَاِنْ هَمَّ بِسَيِّئَةٍ فَلَمْ يَعْمَلْهَا كَتَبَهَا اللّٰهُ تَعَالٰى عِنْدَهٗ حَسَنَةً كَامِلَةً، وَاِنْ هَمَّ فَعَمِلَهَا كَتَبَهَا اللّٰهُ سَيِّئَةً وَّاحِدَةً۔

(ହଦିସ୍ ମୁସ୍‌ଲିମ୍)

ଅନୁବାଦ : ଅଲ୍ଲାଃତାଲା ପୂଣ୍ୟ ଓ ପାପ ଦୁଇଟିଯାକ ଲେଖିଅଛନ୍ତି । ସବୁକଥା ସ୍ପଷ୍ଟ କରିଦେଇଛନ୍ତି । ସୁତରାଂ ଯେଉଁ ବ୍ୟକ୍ତି ପୂଣ୍ୟ କରିବାକୁ ପଣ କରେ କିନ୍ତୁ (କୌଣସି କାରଣ ବସତଃ) ତାହା କରି ନପାରେ ତେବେ ତାକୁ ସମ୍ପୂର୍ଣ୍ଣ ରୂପେ ଗୋଟିଏ ପୂଣ୍ୟକାର୍ଯ୍ୟ କରିବାର ସଓ୍ୱାବ୍ (ଅର୍ଥାତ୍ ପୂଣ୍ୟ) ମିଳିଥାଏ ଏବଂ ଯଦି ନିୟତ୍ କରିବା ପରେ ସେହି କାର୍ଯ୍ୟକୁ କରିନିଏ ତେବେ ଅଲ୍ଲାଃତାଲା ଦଶଗୁଣାରୁ ନେଇ ସାତଶହ ଗୁଣା ପର୍ଯ୍ୟନ୍ତ ବରଂ ତା'ଠାରୁ ମଧ୍ୟ ଅଧିକା ପୁଣ୍ୟ ତା ହିସାବରେ (ଅର୍ଥାତ୍ ସପକ୍ଷରେ) ଲେଖିଦିଏ । ଯଦି କୌଣସି ବ୍ୟକ୍ତି ଖରାପ କାର୍ଯ୍ୟ କରିବାକୁ ନିୟତ ଅର୍ଥାତ୍ ପଣ କରେ କିନ୍ତୁ ତାହା କରିବାରୁ ନିବୃତ ରହେ ତେବେ ଅଲ୍ଲାଃତାଲା ତା ପାଇଁ ଏକ ପୁଣ୍ୟ ଲେଖିଦେଇଥାନ୍ତି ଅନ୍ୟଥା ଯଦି କୌଣସି ବ୍ୟକ୍ତି ଜାଣିଶୁଣି ସେହି କୁକର୍ମଟିକୁ କରେ ତେବେ ଅଲ୍ଲାଃତାଲାଙ୍କ ନିକଟରେ ତାର ଗୋଟିଏ ପାପ ଗଣା ହୋଇଥାଏ ।

***- ମନ୍ ଲା ୟଶକୁରିନ୍ ନାସା ଲା ୟଶ୍‌କୁରିଲ୍ଲାହା (ହଦିସ୍ ତିର୍‌ମିଜି)***

ଅନୁବାଦ : ଯେଉଁ ବ୍ୟକ୍ତି ଲୋକମାନଙ୍କୁ କୃତଜ୍ଞତା ଜଣାଉନାହିଁ ସେ ଇଶ୍ୱରଙ୍କୁ ମଧ୍ୟ କୃତଜ୍ଞତା ଜଣାଏନାହିଁ ।

★ كُلُّ اَمْرٍ ذِىْ بَالٍ لَمْ يُبْدَاُ فِيْهِ بِالْحَمْدِ اَقْطَعُ ۔ وَفِىْ رِوَايَةٍ كُلُّ كَلَامٍ لَا يُبْدَاُ فِيْهِ بِحَمْدِ اللّٰهِ فَهُوَ اَجْزَمُ ۔(ابن ماجہ ابواب النکاح باب خطبۃ النکاح)

***- କୁଲ୍ଲୁ ଅମ୍‌ରିନ୍ ଜି ବାଲିନ୍ ଲମ୍ ୟୁବ୍‌ଦଅ ଫିହି ବିଲ୍‌ହମ୍‌ଦି ଅକ୍‌ତଉ । ଓ୍ୱ ଫି ରିଓ୍ୱାୟତିନ୍ କୁଲ୍ଲୁ କଲାମିନ୍ ୟୁବ୍‌ଦଉ ଫିହି ବିହମ୍‌ଦିଲ୍ଲାହି ଫହୁଓ୍ୱ ଅଜ୍‌ଜମୁ (ହଦିସ୍ ଇବ୍‌ନେ ମାଜାଃ)***

ଅନୁବାଦ : ସମସ୍ତ ପ୍ରକାରର ସମ୍ମାନସ୍ପଦ ଓ ସୌମ୍ୟ କାର୍ଯ୍ୟ ଯଦି ଅଲ୍ଲାଃଙ୍କ ପବିତ୍ର ଗୁଣ ଗାନ ବିନା ଆରମ୍ଭ କରାଯାଏ ତେବେ ତାହା ବେ ବର୍‌କତ୍ (ଅର୍ଥାତ୍ ବର୍‌କତ୍ ହୀନ) ଓ ଅସମ୍ପୂର୍ଣ୍ଣ ରହିଥାଏ । ଆଉ ଗୋଟିଏ ରିଓ୍ୱାୟତ୍‌ରେ ଅଛି ଯେ ପ୍ରତ୍ୟେକ ସମ୍ମାନସ୍ପଦ ବାର୍ତାଳାପ (ଏବଂ ଭାଷଣ ଇତ୍ୟାଦି) ଯଦି ଅଲ୍ଲାଃଙ୍କ ସ୍ତୁତିଗାନ ବିନା ଆରମ୍ଭ କରାଯାଏ ତେବେ ତାହା ବର୍‌କତ୍‌ରୁ ଖାଲି (ଅର୍ଥାତ୍ ବିଭୂତିବିହୀନ) ଏବଂ ପ୍ରଭାବହୀନ ହୋଇଥାଏ ।

★ مَنْ سَرَّهٗ اَنْ يُّحِبَّ اللّٰهَ وَرَسُوْلَهٗ اَوْ يُحِبَّهُ اللّٰهُ وَرَسُوْلُهٗ فَلْيَصْدُقْ حَدِيْثَهٗ اِذَا حَدَّثَ وَلْيُؤَدِّ اَمَانَتَهٗ اِذَا ائْتُمِنَ وَلْيُحْسِنْ جِوَارَ مَنْ جَاوَرَهٗ۔(مشکوٰۃ باب الشفقۃ والرحمۃ علی الخلق بحوالہ بیہقی فی شعب الایمان)

ଅନୁବାଦ : ଯଦି ତୁମେ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କୁ ପ୍ରକୃତରେ ଭଲପାଉଥାଅ ଓ ଏହା ଚାହୁଁଥାଅ ଯେ ଅଲ୍ଲାଃ ଓ ତାହାଙ୍କ ରସୁଲ ସ:ଆ:ସ ମଧ୍ୟ ତୁମକୁ ଭଲ ପାଆନ୍ତୁ ତେବେ ଏଇଥିପାଇଁ ତୁମକୁ ଏକଥା କରିବାକୁ ହେବ ଯେ ସର୍ବଦା ସତ୍ୟ କୁହ, ଯେବେ ତୁମେ ନିକଟରେ ଅମାନତ୍ (ଅର୍ଥାତ୍ ନ୍ୟାସ) ରଖାଯାଏ ତେବେ ସେଥିରେ କେବେ ଖୟାନତ୍ (ଅର୍ଥାତ୍ ବିଶ୍ୱାସଘାତ) କରନାହିଁ ଓ ନିଜ ପଡୋଶୀଙ୍କ ସହିତ ସର୍ବଦା ସଦ୍ ବ୍ୟବହାର କର । (ହଦିସ୍ ମିଶ୍‌କାତ୍)

★ اَفْضَلُ الذِّكْرِ: لَا اِلٰهَ اِلَّا اللّٰهُ وَاَفْضَلُ الدُّعَاءِ: اَلْحَمْدُ لِلّٰهِ۔

***- ଅଫ୍‌ଜଲୁଜ୍ ଜିକ୍‌ରା : ଲା ଇଲାହା ଇଲ୍ଲଲ୍ଲାହା ଓ୍ୱ ଅଫ୍‌ଜଲୁଲ୍ ଦୁଆଇ ଅଲ୍‌ହମ୍‌ଦୁଲିଲ୍ଲାହ୍ (ତିର୍‌ମିଜି)***

ଅନୁବାଦ : ସର୍ବୋତ୍କୃଷ୍ଟ ଜପ ହେଉଛି କଲ୍‌ମାଏ ତୌହିଦ୍ ଅର୍ଥାତ୍ ଏ କଥାର ପ୍ରତିଜ୍ଞା (ପଣ) କରିବା ଯେ ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସନାର ଅଧିକାରୀ ନୁହଁନ୍ତି ଏବଂ ସର୍ବୋତ୍କୃଷ୍ଟ ଦୁଆ ଅର୍ଥାତ୍ ପ୍ରାର୍ଥନା ହେଉଛି ଅଲ୍‌ହମ୍‌ଦୋଲିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ପ୍ରଶଂସା ଗାନ) ।

★ مَثَلُ الَّذِیْ يَذْكُرُ رَبَّهٗ وَالَّذِیْ لَا يَذْكُرُهٗ مَثَلُ الْحَيِّ وَالْمَيِّتِ ۔ وَرَوَاهُ مُسْلِمٌ فَقَالَ مَثَلُ الْبَيْتِ الَّذِیْ يُذْكَرُ اللّٰهُ فِيْهِ وَالْبَيْتِ الَّذِیْ لَا يُذْكَرُ اللّٰهُ فِيْهِ مَثَلُ الْحَيِّ وَالْمَيِّتِ ۔(بخاری کتاب الدعوات)

ଅନୁବାଦ : ଜିକ୍‌ରେ ଇଲାହୀ ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରୁଥିବା ଲୋକ ଓ ଜିକ୍‌ରେ ଇଲାହି ନ କରୁଥିବା ଲୋକଙ୍କ ଉଦାହରଣ ଜୀବିତ ଓ ମୃତଙ୍କ ପରି ଅର୍ଥାତ୍ ଯିଏ ଜିକ୍‌ରେ ଇଲାହି କରିଥାଏ ସେ ଜିବୀତ ଓ ଯିଏ କରେନାହିଁ ସେ ମୃତ । ମୁସ୍‌ଲିମ୍‌ର ରିଓ୍ୱାୟତ୍ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- ଏପରି ଘର ଯେଉଁଠି ଖୁଦାତାଲାଙ୍କ ଜିକ୍‌ର ହୁଏ ଏବଂ ଯେଉଁଠି ହୁଏନାହିଁ, ସେମାନଙ୍କ ଉଦାହରଣ ଜୀବିତ ଓ ମୃତ ସଦୃଶ । (ବୁଖାରୀ ହଦିସ୍)

★ مَنْ كَانَ يُحِبُّ اَنْ يَّعْلَمَ مَنْزِلَتَهٗ عِنْدَ اللّٰهِ تَعَالٰى فَلْيَنْظُرْ كَيْفَ مَنْزِلَةُ اللّٰهِ تَعَالٰى عِنْدَهٗ فَاِنَّ اللّٰهَ تَعَالٰى يُنْزِلُ الْعَبْدَ مِنْهُ حَيْثُ اَنْزَلَهٗ مِنْ نَفْسِهٖ ۔(قشیریہ باب الذکر صفحہ ۱۱۱)

ଅନୁବାଦ : ଯେଉଁ ବ୍ୟକ୍ତି ଏହା ଚାହୁଁଛି ଯେ ଅଲ୍ଲାଃତାଲାଙ୍କ ନିକଟରେ ତାର କି ପ୍ରକାର ସମ୍ମାନ ଅଛି ବୋଲି ତେବେ ସେ ଏହା ଦେଖିନେଉ ଯେ ଅଲ୍ଲାଃଙ୍କ ସମ୍ବନ୍ଧରେ ତା'ର କିପ୍ରକାର ଧାରଣା ରହିଛି । କାରଣ ଅଲ୍ଲାଃତାଲା ତା ଭକ୍ତଙ୍କର ସେହିପରି ସମ୍ମାନ ଆଦର କରିଥାଏ ଯେପରି ତା ହୃଦୟରେ (ଅର୍ଥାତ୍ ଭକ୍ତଙ୍କ ମନରେ) ଅଲ୍ଲାଃତାଲାଙ୍କର (ସମ୍ମାନ ଥାଏ) । (କୈଶରୀୟା ବାବୁଜ୍ ଜିକ୍‌ର, ପୃଷ୍ଠା-୧୧୧)

★ يُصْبِحُ عَلٰى كُلِّ سُلَامٰى مِنْ اَحَدِكُمْ صَدَقَةٌ فَكُلُّ تَسْبِيْحَةٍ صَدَقَةٌ وَكُلُّ تَحْمِيْدَةٍ صَدَقَةٌ وَكُلُّ تَهْلِيْلَةٍ صَدَقَةٌ، وَكُلُّ تَكْبِيْرَةٍ صَدَقَةٌ، وَاَمْرٌ بِالْمَعْرُوْفِ صَدَقَةٌ، وَنَهْيٌ عَنِ الْمُنْكَرِ صَدَقَةٌ، وَيُجْزِئُ مِنْ ذٰلِكَ رَكْعَتَانِ يَرْكَعُهُمَا مِنَ الضُّحٰى (مسلم کتاب الصلوٰۃ باب استحباب صلوٰۃ الضحٰی)

ଅନୁବାଦ : ତୁମ ଶରୀରର ପ୍ରତ୍ୟେକ ଅଂଶ ପୂଣ୍ୟ ଓ ସଦ୍‌କାଃ (ଅର୍ଥାତ୍ ସୁକାର୍ଯ୍ୟ)ରେ ସାମିଲ୍ ହୋଇପାରିବ । ପ୍ରତ୍ୟେକ ତସ୍‌ବିହ୍ (ଅର୍ଥାତ୍ ଅଲ୍ଲାଃଙ୍କ ଗୁଣ ଗାନ) ହେଉଛି ସଦ୍‌କାଃ । ଅଲ୍‌ହମ୍‌ଦୋଲିଲ୍ଲାଃ କହିବା ସଦ୍‌କାଃ ଲା ଇଲାହା ଇଲ୍ଲଲ୍ଲାଃ କହିବା ସଦ୍‌କା, ତକ୍‌ବୀର୍ କହିବା ସଦ୍‌କାଃ ପୁଣ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବା ହେଉଛି ସଦ୍‌କାଃ, ଖରାପ କାର୍ଯ୍ୟରୁ ରୋକିବା ମଧ୍ୟ ସଦ୍‌କାଃ ତୁମର ଋଶ୍‌ତ ଅର୍ଥାତ୍ ପ୍ରଥମ ପ୍ରହରରେ ଦୁଇ ରେକାତ ନମାଜ ପଢ଼ିବା ଏହି ସମସ୍ତ ପୁଣ୍ୟ କରିବା ସହିତ ସମାନ । (ହଦିସ୍ ମୁସ୍‌ଲିମ୍)

***(ଉଦ୍ଧୃତ ହଦିକତୁଲ୍ ସ୍ୱାଲହିନ୍, ଲେଖକ-ମଲକ ସୈଫୁର ରହ୍‌ମାନ୍ ସାହେବ୍)***

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ସମସ୍ତ ସମ୍ମାନଠାରୁ ବଳି ରସୁଲୁଲ୍ଲାଃଙ୍କ ସମ୍ମାନ ଯାହାର ପ୍ରଭାବ ସମଗ୍ର ଇସ୍‌ଲାମୀୟ ସଂସାରରେ ରହିଛି ଆମକୁ ଅଲ୍ଲାଃତାଲା ଏପରି ନବୀ ପ୍ରଦାନ କରିଛନ୍ତି ଯିଏ ହେଉଛନ୍ତି ଖାତମୁଲ୍ ମୁମିନୀନ୍, ଖାତମୁଲ୍ ଆରିଫିନ୍ ଏବଂ ଖାତମୁନ୍ ନବିୟିନ୍

# ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

### ଫାରାନ୍‌ର ଶୀର୍ଷରୁ ଏକ ଦିପ୍ତିମୟ ସୂର୍ଯ୍ୟର ଉଦୟ

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ଯେବେ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗକୁ ଅନ୍ଧକାର ଏବଂ ପଥଭ୍ରଷ୍ଟତାରେ ଆକ୍ରାନ୍ତ ହେବାର ପାଇଲେ ଓ ଚାରିଆଡେ ଅନାଚାର ଏବଂ ଅନ୍ଧକାରର କଳା ବାଦଳ ଛାଇଯାଇଥିଲା ସେ ସମୟରେ ଉକ୍ତ ଅନ୍ଧକାରକୁ ଦୂର କରିବା ପାଇଁ ଏବଂ ପଥଭ୍ରଷ୍ଟତାକୁ ସତ୍‌ପଥ ଓ ହିଦାୟତ୍‌ରେ ପରିଣତ କରିବା ପାଇଁ ଏକ ଦିପ୍ତିମାନ୍ ସୂର୍ଯ୍ୟ ଫାରାନ୍ (ପର୍ବତ)ର ଶୀର୍ଷରେ ଉଦ୍‌ଭାଷିତ ହେଲା ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କର ଆବିର୍ଭାବ ହେଲା ।

*(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୮୩, ମୁଦ୍ରଣ-୨୦୧୮ କାଦିଆନ୍)*

### ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁପମ ପଦମର୍ଯ୍ୟାଦା

"ଆମ ନବୀ କରିମ୍ ସ:ଆ:ସ ସାରା ସଂସାରର ଲୋକମାନଙ୍କ ନିମନ୍ତେ ଆଧାତ୍ମିକ ଶିକ୍ଷା ଦେବାପାଇଁ ଆସିଥିଲେ । ସେଥିପାଇଁ ଏହି ଗୁଣ ହଜୁର୍ ଆ:ସଙ୍କ ଠାରେ ଅତି ଉଚ୍ଚସ୍ତରରେ ରହିଥିଲା ଏବଂ ଏହା ସେହି ଉଚ୍ଚସ୍ଥାନ ଯାହା ସମ୍ବନ୍ଧରେ ପବିତ୍ର କୋରାନ୍ ଅନେକ ସ୍ଥାନରେ ହଜୁର୍‌ଙ୍କ ନିମନ୍ତେ ସାକ୍ଷ ଦେଇଅଛି । ଏବଂ ଅଲ୍ଲାଃତାଲାଙ୍କ ବିଶେଷ ଗୁଣାବଳୀ ଅନୁସାରେ ଏବଂ ସେହି ରୂପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୁଣ ବର୍ଣ୍ଣନା ହୋଇଅଛି । *ମା ଅର୍‌ସଲ୍‌ନାକା ଇଲ୍ଲା ରହମତଲ୍ ଲିଲ୍ ଆଲମିନ୍ (ଅମ୍ବିୟା: ୧୦୮)* ଏବଂ ସେହିପରି ଅଲ୍ଲାଃତାଲା କହୁଛନ୍ତି- *କୁଲ୍ ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିୟା । (ଆରାଫ: ୧୫୯)* ପବିତ୍ର କୋରାନ୍ ଅନୁଧ୍ୟାନ କଲେ ଜଣାପଡେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃତାଲା ଉମ୍ମି ଅର୍ଥାତ୍ ନିରକ୍ଷର ରୂପେ ସମ୍ବୋଧନ କରିଛନ୍ତି । ଏହା ଏଇଥିପାଇଁ ଯେ ଅଲ୍ଲାଃତାଲାଙ୍କ ବ୍ୟତୀତ ଆପଣ ସ:ଆ:ସଙ୍କର କେହି ଗୁରୁ ନଥିଲେ । କିନ୍ତୁ (ଲେଖାପଢ଼ା ହିସାବରେ) ଆପଣ ନିରକ୍ଷର ଥିଲେ । ପବିତ୍ର କୋରାନ୍‌କୁ ଦେଖି ଆଶ୍ଚର୍ଯ୍ୟ ଲାଗେ ଯେ ସେହି ନିରକ୍ଷର (ବ୍ୟକ୍ତି) କେବଳ ପୁସ୍ତକ (ଅର୍ଥାତ୍ ପବିତ୍ର କୋରାନ୍) ଏବଂ ଜ୍ଞାନର ଗୁଢ଼ତତ୍ୱ ଜଣାଇନାହାଁନ୍ତି ବରଂ ଆତ୍ମାଶୁଦ୍ଧିର ମାର୍ଗ ସହିତ ପରିଚିତ କରାଇଛନ୍ତି । ଏପରିକି *ଅୟଦହୁମ୍ ବିରୁହିମ୍ ମିନ୍‌ହୁ (ମୁଜାଦଲା: ୨୩)* ପର୍ଯ୍ୟନ୍ତ ପହଂଚାଇଦେଲେ । ଦେଖ ଏବଂ ଗଭୀର ଦୃଷ୍ଟିରେ ଦେଖ ଯେ ପବିତ୍ର କୋରାନ୍ ପ୍ରତ୍ୟେକ ଅଭିଳାଷୀକୁ ତାହାର ଅଭିଳାଷ ପର୍ଯ୍ୟନ୍ତ ପହଁଚାଇଥାଏ ଏବଂ ପ୍ରତ୍ୟେକ ସଦାଚାରୀ ଓ ସତ୍ୟପିପାସୁର ତୃଷ୍ଣା ମେଂଟାଇଥାଏ କିନ୍ତୁ ଚିନ୍ତା ତ କର ଏହି ତତ୍ୱଜ୍ଞାନ, ପ୍ରଜ୍ଞା, ସତ୍ୟ ଏବଂ ଆଲୋକର ଝରଣା କାହା ଉପରେ ଅବତରଣ ହୋଇଅଛି ? ସେହି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଯିଏ ଗୋଟିଏ ପଟେ ନୀରକ୍ଷର ସମ୍ବୋଧିତ ହୋଇଛନ୍ତି ଓ ଅନ୍ୟପଟେ ଅସାଧାରଣ ଉତ୍କୃଷ୍ଟତା ଏବଂ ସତ୍ୟାସତ୍ୟ ତାହାଙ୍କ ଶ୍ରୀମୁଖରୁ ବାହାରୁଅଛି ଯେ ପୃଥିବୀ ଇତିହାସରେ ଏହାର ପଟ୍ଟାନ୍ତର ନାହିଁ । (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦୪, ମୁଦ୍ରଣ-୨୦୧୮ କାଦିଆନ୍)

### ଆଁ ହଜ୍‌ରତ୍ ସ:ଆ:ସଙ୍କ ଚାରିତ୍ରିକ ଓ ନୈତିକ ଚମତ୍କାରିତା

"ହଜୁର୍ ସୟଦୁଲ୍ ମୁର୍‌ସଲିନ୍ ସ:ଆ:ସଙ୍କ ଚାରିତ୍ରିକ ଓ ନୈତିକ ଚମତ୍କାର ମଧ୍ୟରୁ ଏହା ମଧ୍ୟ ହେଉଛି ଗୋଟିଏ ଯେ ଏକଦା ଆପଣ ସ:ଆ:ସ ଗୋଟଏ ବୃକ୍ଷ ତଳେ ନିଦରେ ଶୋଇପଡ଼ିଥିଲେ । ହଠାତ୍ କିଛି କୋଳାହଳ ଶୁଣି ଚେଇଁ ପଡିଲେ । କଣ ଦେଖୁଛନ୍ତି । ଜଣେ ଅସଭ୍ୟ ବଣରେ ରହୁଥିବା ଲୋକ ଗୋଟିଏ ତରବାରୀ ଧରି ଆପଣ ସ:ଆ:ସଙ୍କ ଉପରେ ବସିଛି ଓ କହୁଛନ୍ତି ଯେ ହେ ମୁହମ୍ମଦ୍! (ସ:ଆ:ସ) ଏବେ କୁହ ମୋର ହାତରୁ ତୁମକୁ କିଏ ରକ୍ଷା କରିବ ? ଆପଣ ସ:ଆ:ସ ଅତ୍ୟନ୍ତ ଶାନ୍ତି ଓ ନିର୍ଭିକତାର ସହ, ଯେଉଁ (ଗୁଣ ସବୁ) ଆପଣଙ୍କଠାରେ ଥିଲା, କହିଲେ ଯେ "ଅଲ୍ଲାଃ" । ଆପଣ ସ:ଆ:ସଙ୍କ ଏପରି କହିବା ଜଣେ ସାଧାରଣ ମନୁଷ୍ୟର କହିବା ପରି ନଥିଲା । ଅଲ୍ଲାଃ ହେଉଛି ଇଶ୍ୱରଙ୍କ ନିଜସ୍ୱ ନାମ ଏବଂ ତାହା ସମଗ୍ର ଉଚ୍ଚକୋଟୀର ଗୁଣାବଳୀର ସମାହାର । ତାହା ଏପରି ଆପଣଙ୍କ ଶ୍ରୀମୁଖରୁ ବାହାରିଲା ଯେପରି ଗୋଟିଏ ହୃଦୟ ଭିତରୁ ବାହାରି ଆଉଗୋଟିଏ ହୃଦୟ ଭିତରେ ଯାଇ ରହିଲା । ଏହା ହିଁ ଇସ୍‌ମେ ଆଜମ୍ (ଅର୍ଥାତ୍ ଇଶ୍ୱରଙ୍କର ଭିନ୍ନ ଭିନ୍ନ ନାମ ମଧ୍ୟରୁ ଏକା ମହାନତମ ନାମ) ଓ ଏଥିରେ ବଡ ବଡ ବର୍‌କତ୍ (ଅର୍ଥାତ୍ ବୈଭବ) ନିହିତ ଅଛି କିନ୍ତୁ ଯାହାକୁ ସେହି ଅଲ୍ଲାଃ ହିଁ ମନେନାହିଁ ସେ ଏଥିରୁ କଣ ଲାଭ ଉଠାଇବ । ଏଣୁ ଏପରି ଭାବେ ଅଲ୍ଲାଃଶବ୍ଦ ଆପଣ ସ:ଆ:ସଙ୍କ ଶ୍ରୀମୁଖରୁ ବାହାରିଲା ଯେ ଏହାଦ୍ୱାରା ସେ ଭୟଭୀତ ହୋଇପଡ଼ିଲା ଏବଂ ତାର ହାତଟି ଥରି ଉଠିଲା, ଫଳତଃ ତରବାରିଟି ଗଳିପଡିଲା । ହଜ୍‌ରତ୍ ସେହି ତରବାରୀକୁ ଉଠାଇ କହିଲେ ଏବେ କୁହ ମୋ ହାତରୁ ତୁମକୁ କିଏ ବଂଚାଇପାରିବ । ସେହି ଦୂର୍ବଳମନା ବଣୁଆ ଲୋକଟି କାହା ନାମ ନେଇପାରିଥାନ୍ତା । ଶେଷରେ ଆଁ ଜହ୍‌ରତ୍ ସ:ଆ:ସ ନିଜ ଉଚ୍ଚ ଚାରିତ୍ରିକ, ନୈତିକ ମୂଲ୍ୟବୋଧର ଦୃଷ୍ଟାନ୍ତ ଦେଖାଇ ତାକୁ ଛାଡିଦେଲେ ଓ କହିଲେ ଯେ ମଣିଷପଣିଆ ଏବଂ ସାହସ ମୋଠାରୁ ଶିଖ । ଏହି ଆଶ୍ଚର୍ଯ୍ୟାନ୍ୱିତ ଚରିତ୍ର ତା ଉପରେ ଏପରି ପ୍ରଭାବ ପକାଇଲା ଯେ ସେ ମୁସଲ୍‌ମାନ୍ ହୋଇଗଲା" (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୮୬, ମୁଦ୍ରଣ-୨୦୧୮ କାଦିଆନ୍)

### ସମସ୍ତ ସମ୍ମାନଠାରୁ ବଳି ରସୁଲୁଲ୍ଲାଃଙ୍କ ସମ୍ମାନ ଯାହାର ପ୍ରଭାବ ସମଗ୍ର ଇସ୍‌ଲାମୀୟ ସଂସାରରେ ରହିଛି

"ସମସ୍ତ ସମ୍ମାନଠାରୁ ବଳି ରସୁଲୁଲ୍ଲାଃଙ୍କ ସମ୍ମାନ ଯାହାର ପ୍ରଭାବ ସମଗ୍ର ଇସ୍‌ଲାମୀୟ ସଂସାରରେ ରହିଛି । ଆପଣ ସ:ଆ:ସଙ୍କ ଗୈରତ୍ ଅର୍ଥାତ୍ ଆତ୍ମସମ୍ମାନ ଓ ସ୍ୱାଭିମାନ ପୁଣିଥରେ ଏ ପୃଥିବୀକୁ ଜୀବନ୍ତ କରାଇଲା । ଆରବର ଲୋକମାନେ, ଯେଉଁମାନଙ୍କ ମଧ୍ୟରେ ବ୍ୟଭିଚାର, ମଦ୍ୟପାନ ଏବଂ ଯୁଦ୍ଧଖୋର୍ ପ୍ରବୃତି ବ୍ୟତୀତ ଅନ୍ୟକିଛି ବାକି ରହିନଥିଲା ଏବଂ ହୁକୁକୁଲ୍ ଇବାଦ୍ ଅର୍ଥାତ୍ ମାନବାଧିକାର ହତ୍ୟା ହୋଇସାରିଥିଲା । ସହାନୁଭୁତି ଓ ମାନବ କଲ୍ୟାଣର ଚିହ୍ନବର୍ଣ୍ଣ ଲୋପ ପାଇଯାଇଥିଲା ଓ ନା କେବଳ ମାନବାଧିକାର ଶେଷ ହୋଇଯାଇଥିଲା ବରଂ ହୁକୁକୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଅଧିକାର) ସମ୍ବନ୍ଧରେ ତା'ଠାରୁ ମଧ ଅଧିକା ଅନ୍ଧକାର ଛାଇଯାଇଥିଲା । ଅଲ୍ଲାଃତାଲାଙ୍କର ବିଶେଷ ଗୁଣକୁ ପଥର, ବୃକ୍ଷଲତା ଓ ନକ୍ଷତ୍ର ଗୁଡିକୁ ପ୍ରଦାନ କରାଯାଇଥିଲା । କିସମ କିସମର ଶିର୍କ୍ ବ୍ୟାପିଯାଇଥିଲା । ଏପରିକି ଦୁର୍ବଳ ମନୁଷ୍ୟ ଓ ମନୁଷ୍ୟର ଯୌନାଙ୍ଗକୁ ଏ ସଂସାରରେ ପୂଜା କରାଯାଉଥିଲା । ଏହପରି କଦର୍ଯ୍ୟ ଅବସ୍ଥାର ଚିତ୍ର ଯଦି କିଛି ସମୟ ପାଇଁ ଜଣେ ସଭ୍ୟବ୍ୟକ୍ତିଙ୍କ ସମ୍ମୁଖରେ ଆସେ ତେବେ ସେ ଏକ ମର୍ମନ୍ତୁଦ, ଭୟଙ୍କର ଏବଂ ବିପଦପୂର୍ଣ୍ଣ ଅନ୍ଧକାର ଦୃଶ୍ୟକୁ ଦେଖିବାକୁ ପାଇବ । ପକ୍ଷାଘାତ (ଜୀବଜଗତର) ଗୋଟିଏ ପଟେ ହୋଇଥାଏ କିନ୍ତୁ ସେହି ପକ୍ଷାଘାତ ଦୁଇ ପାର୍ଶ୍ୱକୁ ଆକ୍ରାନ୍ତ କରିଥଲା । ଚରମ ବିଶୃଙ୍ଖଳା ସମଗ୍ର ପୃଥିବୀ ପୃଷ୍ଟରେ ବ୍ୟାପି ଯାଇଥିଲା । ଜଳ ଓ ସ୍ଥଳ କେଉଁଠାରେ ସୁଖ ଓ ଶାନ୍ତି ନଥିଲା । ଏବେ ସେହି ଅନ୍ଧକାର (ଓ ଆଧାତ୍ମିକ)ମୃତ୍ୟୁର ଯୁଗରେ ଆମେ ଏହି ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖୁଅଛୁ । ଆପଣ ସ:ଆ:ସ କିପରି ସମ୍ପୂର୍ଣ୍ଣ ରୂପେ ଏହି ନିକିତିର ଉଭୟପାର୍ଶ୍ୱକୁ ଠିକ୍ କରିଦେଲେ ଅର୍ଥାତ୍ ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍‌କୁ ନିଜ ନିଜର ଉଚିତ୍ ସ୍ଥାନରେ ସ୍ଥାନିତ କରିପାରିଥିଲେ । ରସୁଲୁଲ୍ଲାଃ ସ:ଆ:ସଙ୍କର ଚାରିତ୍ରିକ ଓ ନୈତିକର ସମ୍ପୂର୍ଣ୍ଣତା ସେହି ସମୟରେ ମନରେ ଆସିପାରେ ଯେବେ ଉକ୍ତ ଯୁଗର ଅବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରାଯାଏ । ବିରୋଧିମାନେ ଆପଣ ସ:ଅ:ସଙ୍କୁ ଏବଂ ଆପଣଙ୍କର ଅନୁଗାମୀମାନଙ୍କୁ ଯେଉଁଭଳି ନିର୍ଯ୍ୟାତନା ଦେଇଥିଲେ ଏବଂ ଏହାର ପ୍ରତ୍ୟୁତରରେ ଆପଣ ସ:ଆ:ସ ଏପରି ଅବସ୍ଥାରେ, ଯେବେ କି ଆପଣ ସ:ଆ:ସଙ୍କୁ ପୁର୍ଣ୍ଣ କ୍ଷମତା ଏବଂ ଅକ୍ତିଆର ହାସଲ ଥିଲା, ସେମାନଙ୍କ ସହ ଯାହାକିଛି ବ୍ୟବହାର କଲେ ତାହା ଆପଣ ସ:ଆ: ସ:ଆ:ସଙ୍କର ଗାରିମାକୁ ଦର୍ଶାଇଥାଏ । ଅବୁଜହଲ୍ ଏବଂ ତାର ଅନ୍ୟ ସାଥିମାନେ ଏପରି କୌଣସି କଷ୍ଟ ନଥିଲା, ଯାହା ସେମାନେ ଆପଣ ସ:ଆ:ସଙ୍କ ଜୀବନ ଉତ୍ସର୍ଗକାରୀ ସେବକମାନଙ୍କୁ ଦେଇନଥିଲେ । ଗରିବ ମୁସଲ୍‌ମାନ୍ ମହିଳାଙ୍କୁ ଓଟରେ ବାନ୍ଧି ବିପରୀତ ଦିଗରେ ଦୌଡାଇ ଦିଆଯାଉଥିଲା । ଫଳତଃ ସେମାନେ ଦୁଇଖଣ୍ଡ ହୋଇ ଚିରିହୋଇଯାଉଥିଲେ ଏହା କେବଳ ଏଇଥିପାଇଁ (ସେହି ବିରୋଧିମାନେ) କରିଥିଲେ ଯେ ଏମାନେ କାହିଁକି *ଲା ଇଲାହା ଇଲଲ୍ଲାହୁ* କୁ ମାନି ନେଇଛନ୍ତି । କିନ୍ତୁ ଆପଣ ସ:ଆ:ସ ଏହାର ବିପରୀତ ଧୈର୍ଯ୍ୟ ଓ ସହିଷ୍ଣୁତା ଅବଲମ୍ବନ କରିଥିଲେ ଏବଂ ଯେତେବେଳେ ମକ୍କା ଉପରେ ବିଜୟପ୍ରାପ୍ତ କରାଗଲା ସେତେବେଳେ *ଲା ତସ୍‌ରିବା ଆଲୈକୁମୁଲ୍ ୟୋମା (ୟୁସୁଫ୍: ୯୩)* (ଅର୍ଥାତ୍ ଆଜି ତୁମମାନଙ୍କଠାରୁ କୌଣସି ପ୍ରତିଶୋଧ ନିଆଯିବ ନାହିଁ) କହି କ୍ଷମା କରିଦେଲେ । ଏହା କି ପ୍ରକାରର ଅଭୁତ ପୂର୍ବ ଚରିତ୍ର ଥିଲା ଯାହା ଅନ୍ୟ କୌଣସି ନବୀଙ୍କଠାରେ ଦେଖିବାକୁ ମିଳେନାହିଁ । *ଅଲ୍ଲାହୁମା ସଲ୍ଲେ ଆଲା ମୁହମ୍ମଦିନ୍ ୱ ଆଲା ଆଲି ମୁହମ୍ମଦିନ୍" ।* (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୪୮୪, ମୁଦ୍ରଣ-୨୦୧୮ କାଦିଆନ୍)

### ଖୁଦାତାଲା ଏହା ଚାହୁଁଛନ୍ତି ଯେ ଆମେ ଉକ୍ତ ଉତ୍କୃଷ୍ଟତାକୁ ଲାଭ କରୁ

ମନେରଖ ଯେ ପବିତ୍ର କୋରାନ୍‌କୁ ପ୍ରେରଣ କରି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପ୍ରକଟ କରି ଅଲ୍ଲାଃତାଲା ଏହା ଚାହୁଁଛନ୍ତି ଯେ ପୃଥିବୀରେ ଅସାଧାରଣ କରୁଣାର ଦୃଷ୍ଟାନ୍ତ ଦେଖାଉ ଯେପରିକି ଅଲ୍ଲାଃତାଲା କହୁଛନ୍ତି:- *ମା ଅର୍‌ସଲ୍‌ନାକା ଇଲ୍ଲା ରହମତଲ୍ ଲିଲ୍ ଆଲମିନ୍ (ଅମ୍ବିୟା: ୧୦୮)* ଓ ସେହିପରି ପବିତ୍ର କୋରାନ୍ ପ୍ରେରଣ କରିବା ଉଦ୍ଦେଶ୍ୟରେ ଅଲ୍ଲାଃତାଲା କହୁଛନ୍ତି କି *ହୁଦଲଲିଲ୍ ମୁତ୍‌ତକିନ୍ (ବକ୍‌ରାଃ:୩)* ଏହା ଏପରି ମହାନ୍

ଉଦ୍ଦେଶ୍ୟ, ଯାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠାରେ ମିଳେନାହିଁ । ସେଥିପାଇଁ ଅଲ୍ଲାଃତାଲା ଇଛା କରିଛନ୍ତି ଯେ ଯେଉଁଭଳି ବିଭିନ୍ନ ପ୍ରକାରର ଶ୍ରେଷ୍ଠତ୍ୱ, ଯାହାସବୁ ଅବତାରମାନଙ୍କଠାରେ ଥିଲା ତାହା ରସୁଲୁଲ୍ଲାଃ ସ:ଆ:ସଙ୍କଠାରେ ଠୁଳ କରିଦେଲେ ଏବଂ ସବୁ ପ୍ରକାରର ସଦ୍‌ଗୁଣ ଓ ଉତ୍କର୍ଷ ଯାହା ସବୁ ବିଭିନ୍ନ ଧର୍ମଗ୍ରନ୍ଥ ଗୁଡିକରେ ଥିଲା ସେ ସବୁକୁ ପବିତ୍ର କୋରାନ୍‌ରେ ଏକତ୍ରିତ କରିଦେଲେ ଏବଂ ସେହିପରି ଯେଉଁ ଉତ୍କୃଷ୍ଟତା ସମସ୍ତ ଧର୍ମସମ୍ପ୍ରଦାୟ ଗୁଡିକରେ ଥିଲା ସେ ସବୁକୁ ଏହି ସମ୍ପ୍ରଦାୟରେ ଏକାଠି କରିଦେଲେ । ତେଣୁ ଇଶ୍ୱର ଏହା ଚାହାଁନ୍ତି ଯେ ଆମେ ସେହି ଶ୍ରେଷ୍ଠତ୍ୱକୁ ଲାଭ କରୁ ଏବଂ ଏକଥା ମଧ ଭୁଲିଯିବା ଉଚିତ୍ ନୁହେଁ ଯେ ଯେପରି ଅସାଧାରଣ ଶ୍ରେଷ୍ଠତ୍ୱ ଆମକୁ ସେ ଦେବାକୁ ଚାହୁଁଛନ୍ତି ସେପରି ଶକ୍ତି ମଧ ଆମକୁ ପ୍ରଦାନ କରିଅଛନ୍ତି କାରଣ ଯଦି ସେପରି ଶକ୍ତି ଆମକୁ ଦିଆଯାଇନଥାନ୍ତା ତେବେ ଆମେ ସେହି ଶ୍ରେଷ୍ଠତ୍ୱକୁ କୌଣସି ରୂପେ ଏବଂ କୌଣସି ଅବସ୍ଥାରେ ପାଇପାରିନଥାନ୍ତୁ ।" (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୧୦, ମୁଦ୍ରଣ-୨୦୧୮ କାଦିଆନ୍)

### ଆଁ ହଜ୍‌ରତ୍ ସ:ଆ:ସଙ୍କ ଖାତମୁନ୍ ନବିୟିନ୍ ପଦବୀ

"ଆମକୁ ଅଲ୍ଲାଃତାଲା ଏପରି ନବୀ ଦେଇଛନ୍ତି ଯିଏ ହେଉଛନ୍ତି ଖାତମୁନ୍ ମୁମିନୀନ୍, ଖାତମୁନ୍ ଆରିଫିନ୍ ଏବଂ ଖାତମୁନ୍ ନବୀୟିନ୍ ଏବଂ ସେହିପରି ଏପରି ପୁସ୍ତକ ତାଙ୍କ ଉପରେ ଅବତୀର୍ଣ୍ଣ କରାଯାଇଛି ଯାହା ହେଉଛି ପୁର୍ଣ୍ଣ ଏବଂ ଶ୍ରେଷ୍ଠ ପୁସ୍ତକ । ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ଶ୍ରେଷ୍ଠ ଅବତାର ଓ ଆପଣ ସ:ଆ:ସଙ୍କ ଉପରେ ଅବତାରତ୍ୱର ଶ୍ରେଷ୍ଠତ୍ୱ ସମାପ୍ତ ହୋଇଯାଇଛି । ଏହି ନବୁଓ୍ୱତ୍ ଏପରି ଶେଷ ହୋଇନାହିଁ ଯେପରିକି କିଏ ଗଳାଚିପି ଶେଷ କରିଦିଏ । ଏପରି ଶେଷ ହେବାରେ କୌଣସି ଗର୍ବ ଓ ସମ୍ମାନର କଥା ନୁହେଁ ବରଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ନବୁଓ୍ୱତ୍ (ଅର୍ଥାତ୍ ଅବତାରତ୍ୱ) ଶେଷ ହେବାର ଅର୍ଥ ହେଉଛି ଏହା କି ସ୍ୱଭାବିକ ରୂପେ ଆପଣ ସ:ଆ:ସଙ୍କ ଠାରେ ଅବତାରତ୍ୱର ଶ୍ରେଷ୍ଠତ୍ୱର ସୀମା ଶେଷ ହୋଇଯାଇଛି ଅର୍ଥାତ୍ ସେହି ସବୁ ଭିନ୍ନ ଭିନ୍ନ ବୈଭବ ଓ ଉତ୍କର୍ଷତା ଯାହା ଆଦମ୍‌ଙ୍କଠାରୁ ନେଇ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପର୍ଯ୍ୟନ୍ତ ଅବତାରମାନଙ୍କୁ ପ୍ରଦାନ କରାଯାଇଥିଲା, କାହାକୁ କେଉଁଭଳି ତ ଆଉ କାହାକୁ କେଉଁଭଳି, ସେହି ସମସ୍ତ (ବୈଭବ ଓ ଉତ୍କର୍ଷତା) ଆଁ ହଜ୍‌ରତ୍ ସ:ଆ:ସଙ୍କଠାରେ ଏକତ୍ରିତ କରି ଦିଆଗଲା ଏବଂ ଏହି ଦୃଷ୍ଟିକୋଣରୁ ଆପଣ ସ:ଆ:ସ ଖାତମୁନ୍ ନବିୟିନ୍ (ଅର୍ଥାତ୍ ଅବତାର ଶ୍ରେଷ୍ଠ) ବୋଲାଇଲେ । ସେହିପରି ସେହି ସମସ୍ତ ଶିକ୍ଷାଗୁଡିକ ମଧ ଓ ତତ୍ତ୍ୱଜ୍ଞାନ (ମଧ) ଯାହାସବୁ ବିଭିନ୍ନ ଧର୍ମଗ୍ରନ୍ଥରେ ଚାଲିଆସୁଥିଲା ତାହା ପବିତ୍ର କୋରାନ୍‌ରେ ଆସି ଶେଷ ସୀମାରେ ପହଂଚିଲା । ଫଳତଃ ପବିତ୍ର କୋରାନ୍ ଖାତମୁଲ୍ କୁତୁବ୍ (ଅର୍ଥାତ୍ ଶ୍ରେଷ୍ଠ ଧର୍ମଗ୍ରନ୍ଥ) ରୂପେ ବିବେଚିତ ହେଲା । (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୧୧, ମୁଦ୍ରଣ-୨୦୧୮ କାଦିଆନ୍)

### ଆମେ ପୁର୍ଣ୍ଣ ପ୍ରଜ୍ଞା ଦ୍ୱାରା ରସୁଲୁଲ୍ଲାଃଙ୍କୁ ଖାତମୁନ୍ ନବୀୟିନ୍ ମାନୁଅଛୁ

ଏଠାରେ ଏହା ମଧ ମନେ ରଖିବା ଉଚିତ୍ ଯେ ମୋ ଉପରେ ଓ ମୋ ଜମାତ୍ ଉପରେ ଏ ଆରୋପ ଲଗାଯାଉଛି ଯେ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଖାତମୁନ୍ ନବୀୟିନ୍ ରୂପେ ମାନୁନାହୁଁ । ଏହା ଆମ ଉପରେ ଏକ ବିରାଟ ମିଥ୍ୟାରୋପ । ଆମେ ଯେଉଁ ଦୃଢ଼ ବିଶ୍ୱାସ, ଜ୍ଞାନ ଓ ଅନ୍ତଃଦୃଷ୍ଟି ସହ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ମାନୁଅଛୁ ଏବଂ ବିଶ୍ୱାସ କରୁଅଛୁ ତା'ର ଏକଲକ୍ଷ୍ୟ ଭାଗରୁ ଭାଗେ ମଧ ସେମାନେ ମାନୁନାହାଁନ୍ତି । ସେମାନେ କେବଳ ନିଜର ବାପା ଅଜାଙ୍କଠାରୁ ଗୋଟିଏ ଶବ୍ଦ ଶୁଣିଛନ୍ତି ଓ ତାର ପ୍ରକୃତ ଅର୍ଥକୁ ମଧ ବୁଝିନାହାଁନ୍ତି ଓ ସେମାନଙ୍କଠାରେ (ଏହାକୁ ବୁଝିବା ପାଇଁ) ଶକ୍ତି ହିଁ ନାହିଁ । ଖାତମୁଲ୍ ଅମ୍ବିୟା ସ:ଆ:ସଙ୍କ ଖତ୍‌ମେ ନବୁଓ୍ୱତ୍‌ରେ ଯେଉଁ ସତ୍ୟାସତ୍ୟ ଓ ରହସ୍ୟ ରହିଛି, ତାହା ସେମାନେ ବୁଝିନାହାଁନ୍ତି ଓ ସେଥିରେ ବିଶ୍ୱାସ ଆଣିବାର ତାତ୍ପର୍ଯ୍ୟ କଣ ? (ଏହାକୁ ବୁଝି ନାହାଁନ୍ତି) କିନ୍ତୁ ଆମେ ପୂର୍ଣ୍ଣ ଜ୍ଞାନ ଦ୍ୱାରା (ଯାହାକୁ ଅଲ୍ଲାଃତାଲା ଠିକ୍ ଜାଣିଛନ୍ତି) ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବିୟା (ଅର୍ଥାତ୍ ଅବତାର ଶ୍ରେଷ୍ଠ) ରୂପେ ବିଶ୍ୱାସ କରୁଅଛୁ । ଇଶ୍ୱର ଆମ ଉପରେ ଖତ୍‌ମେ ନବୁଓ୍ୱତ୍‌ର ସତ୍ୟତାକୁ ଏପରି ଭାବେ ପରିପ୍ରକାଶ କରିଛନ୍ତି ଯେ ଏହି ଜ୍ଞାନ ଭିତରେ ଯେଉଁ ମଧୁର ପାନୀୟ ରହିଛି ତାହା ଆମକୁ ପିଆଇ ଦିଆଯାଇଛି । ସେଥିରୁ ଆମେ ଏକ ବିଶେଷ ଆନନ୍ଦ ଲାଭ କରୁଅଛୁ ଯାହାର ଅନୁମାନ କେହି କରିପାରିବେ ନାହିଁ । କେବଳ ସେହିମାନେ (କରିପାରିବେ) ଯେଉଁମାନେ ଉକ୍ତ ଝରଣାରୁ ନିଜର ତୃଷ୍ଣା ନିବାରଣ କରୁଅଛନ୍ତି ।" (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୧୨, ମୁଦ୍ରଣ-୨୦୧୮ କାଦିଆନ୍)

### ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦାଙ୍କ ଅନୁସରଣ କର ଓ ତିଳେମାତ୍ର ଏପଟ ସେପଟ ହେବାପାଇଁ ଚେଷ୍ଟା କରନାହିଁ

ମୁଁ ଏକଥା ମଧ ତୁମକୁ ବତାଇଦେବାକୁ ଚାହେଁ ଯେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜ ତରଫରୁ ସୃଷ୍ଟି କରିଥିବା ଓ୍ୱଜାଇଫ୍ ଅଓର୍ ଔରାଦ୍ (ଅର୍ଥାତ୍ ମନ୍ତ୍ର, ଶ୍ଳୋକ କିମ୍ବା ପ୍ରାର୍ଥନା କରିବାର ଶୈଳୀ) ଜରିଆରେ ଉକ୍ତ କମାଲାତ୍ ଅର୍ଥାତ୍ ବିଶେଷ ଗୁଣସମ୍ପନ୍ନ ପଦମର୍ଯ୍ୟାଦା ହାସଲ କରିବାକୁ ଚାହୁଁଛନ୍ତି କିନ୍ତୁ ମୁଁ ତୁମକୁ କହୁଛି ଯେ ଯେଉଁ ଶୈଳୀ ଆଁ ହଜ୍‌ରତ୍ ସ:ଆ:ସ ଅକ୍ତିଆର କରିନାହାଁନ୍ତି ତାହା ହେଉଛି ବେକାର । ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଅଧିକ ମୁନ୍‌ଅମ୍ ଆଲୈହେ (ଅର୍ଥାତ୍ ଇଶ୍ୱରଙ୍କ ଆଧାତ୍ମିକ ପୁରସ୍କାର ଲାଭ କରିଥିବା) ମାର୍ଗର ସଠିକ୍ ଅଭିଜ୍ଞ ଆଉ କିଏ ବା ହୋଇପାରେ । ଯାହାଙ୍କଠାରେ ନବୁଓ୍ୱତ୍‌ର ଶ୍ରେଷ୍ଠତ୍ୱର ସମସ୍ତ କମାଲାତ୍ ଶେଷ ହୋଇଯାଇଅଛି । ଆପଣ ସ:ଆ:ସ ଯେଉଁ ମାର୍ଗକୁ ଆପଣେଇଛନ୍ତି ତାହା ସବୁ (ମାର୍ଗ)ଠାରୁ ଅଧିକ ଉତମ । ଏହି ପଥକୁ ଛାଡି ଆଉ ଅଲଗା ପଥ ଆବିଷ୍କାର କରିବା ଯଦ୍ୟପି ତାହା କେତେ ଆନନ୍ଦିତ କରାଇଥାଉ, ମୋ ମତରେ ତାହା ବିନାଶକାରୀ ଓ ଇଶ୍ୱର ମୋ ଉପରେ ଏହିପରି ପ୍ରକାଶ କରିଛନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟ ଅନୁସରଣ ଦ୍ୱାରା ଇଶ୍ୱର ପ୍ରାପ୍ତି ହୋଇଥାଏ ଓ ଆପଣଙ୍କର ଅନୁସରଣକୁ ପରିତ୍ୟାଗ କରି ଯଦି କିଏ ସାରାଜୀବନ ମୁଣ୍ଡ ବାଡାଏ ଅର୍ଥାତ୍ ଚେଷ୍ଟା କରେ ତେବେ ତାକୁ ଅସଲ ଉଦ୍ଦେଶ୍ୟ ପ୍ରାପ୍ତ ହୋଇପାରିବ ନାହିଁ ।

:- *ବଜହ୍‌ଦୋ ଓ୍ୱରକୁଶ୍ ଓ୍ୱସିଦ୍‌କ୍ ଓ୍ୱ ସଫା*

*ଓ୍ୱଲୈକିନ୍ ମି ଫିଜାଏ ବର୍‌ମୁସ୍ତଫା*

ଆଁ ହଜ୍‌ରତ୍ ସ:ଆ:ସଙ୍କ ପଥକୁ ତ୍ୟାଗ କରନାହିଁ । ମୁଁ ଏହା ଦେଖୁଅଛି ଯେ ଲୋକମାନେ ବିଭିନ୍ନ ପ୍ରକାରର ପଥ ଆବିଷ୍କାର କରିଅଛନ୍ତି । ଓଲଟା ସିଧା ଭାବରେ ଓହଳି ରହୁଛନ୍ତି ଏବଂ ଯୋଗୀମାନଙ୍କ ପରି ସନ୍ୟାସୀ ଜୀବନ ଆପଣେଇଛନ୍ତି, ମାତ୍ର ଏଥିରେ କୌଣସି ଲାଭ ନାହିଁ । ଅବତାରମାନଙ୍କର ଏହି ପ୍ରଥା ନଥିଲା ଯେ ସେମାନେ ଓଲଟା ସିଧା ଲଟକି ରହିବେ କିମ୍ବା ବିଯୁକ୍ତାତ୍ମକ କଥାକୁ ଚର୍ଚ୍ଚା କରିବେ ବା ଅର୍‌ରାଃର ଚର୍ଚ୍ଚା କରିବେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେଇଥିପାଇଁ ଅଲ୍ଲାଃତାଲା ଏକ ସୁନ୍ଦର ଆଦର୍ଶ ରୂପେ ଅଭିହିତ କରିଛନ୍ତି *ଲକୁମ୍ ଫି ରସୁଲିଲ୍ଲାହି ଉସ୍‌ଓ୍ୱତୁନ୍ ହସନାଃ* (ଅହ୍‌ଜାବ୍:୨୨) ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦାଙ୍କ ଅନୁସରଣ କର ଏବଂ ତିଳେମାତ୍ର ଏପଟ ସେପଟ (ଅର୍ଥାତ୍ ପଥଚ୍ୟୁତ) ହେବା ପାଇଁ ଚେଷ୍ଟା କରନାହିଁ" (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୩୨୩, ମୁଦ୍ରଣ-୨୦୧୮ କାଦିଆନ୍)

### ଆଁ ହଜ୍‌ରତ୍ ସ:ଆ:ସ ସାହାବା କରାମ୍ ର:ଅଙ୍କ ଏପରି ପବିତ୍ର ଜମାତ୍ ପ୍ରସ୍ତୁତ କଲେ ଯେ ସେମାନଙ୍କୁ କୁନ୍‌ତୁମ୍ ଖୈରାଃ ଉମ୍ମତିନ୍ ଉଖ୍‌ରିଜତ୍ ଲିନ୍ନାସି କୁହାଗଲା ।

"ଅଲ୍ଲାଃତାଲା କହୁଛନ୍ତି:- *ଫସ୍‌ତକିମ୍ କମା ଉମିର୍‌ତା* (ହୁଦ୍:୧୧୩) ଅର୍ଥାତ୍ ସିଧା ହୋଇଯାଓ, କୌଣସି ପ୍ରକାର ମନ୍ଦ କାର୍ଯ୍ୟ ଓ ଦୋଷ ନ ରହୁ ତେବେ ଯାଇ ପୁଣି ମୁଁ ପ୍ରସନ୍ନ ହେବି । ନିଜେ ମଧ ସିଧା ହୋଇଯାଓ ଓ ଅନ୍ୟମାନଙ୍କୁ ମଧ ସିଧା କର । ଆରବ ଲୋକମାନଙ୍କ ପାଇଁ ସିଧା (ସଳଖ) ହେବା କେତେ ଯେ କଷ୍ଟକର ବ୍ୟପାର ଥିଲା, ରସୁଲ୍ କରିମ୍ ସ:ଆ:ସ ଲୋକଙ୍କ ପ୍ରଶ୍ନ କରିବାରେ କହୁଥିଲେ ଯେ ମୋତେ ସୁରଃ ହୁଦ୍ ବୁଢ଼ା କରିଦେଇଛି କାରଣ ଏହି ନିର୍ଦ୍ଦେଶ ଯୋଗୁ ମୋ ଉପରେ ଏକ ଭାରି ଦାୟିତ୍ୱ ନ୍ୟସ୍ତ ହୋଇଅଛି । ନିଜକୁ ସିଧା କରିବା ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରିବା ସମ୍ବନ୍ଧରେ ଯେଉଁଠି ମନୁଷ୍ୟ ନିଜ ବ୍ୟକ୍ତିତ୍ୱ ସହିତ ସମ୍ପର୍କ ରହିଛି ଏହା ସମ୍ଭବ ଯେ ସେ ତାକୁ ପୂରଣ କରୁ । କିନ୍ତୁ ଅନ୍ୟକୁ ସେହିପରି ତିଆରି କରିବା ସହଜ କଥା ନୁହେଁ । ଏଥିରୁ ଆମ ନବୀ କରିମ୍ ସ:ଆ:ସଙ୍କ ଉଚ୍ଚ ପଦମର୍ଯ୍ୟାଦା ଓ ପବିତ୍ର ଶକ୍ତି ବିଷୟରେ ଜଣାପଡୁଛି । ସୁତରାଂ ଆପଣ ସ:ଆ:ସ ଉକ୍ତ ନିର୍ଦ୍ଦେଶକୁ କିପରି କାର୍ଯ୍ୟରେ କରି ଦେଖାଇଲେ । ସାହାବା କରାମ୍ ର:ଅଙ୍କର ଏପରି ଏକ ପବିତ୍ର ଜମାତ୍ ପ୍ରସ୍ତୁତ କରିଦେଲେ ଯେ ସେମାନଙ୍କୁ *କୁନ୍‌ତୁମ୍ ଖୈରାଃ ଉମ୍ମତିନ୍ ଉଖ୍‌ରିଜତ୍ ଲିନ୍ନାସି* କୁହାଗଲା । *(ଆଲେ ଇମ୍‌ରାନ୍:୧୧୧)* ଏବଂ *ରଜିୟଲ୍ଲାହୁ ଅନ୍‌ହୁମ୍ ଓ୍ୱରଜୁ ଅନ୍‌ହୁ (ଅଲ୍‌ବୟନା:୯)* ର ସମ୍ବୋଧନ ସେମାନଙ୍କୁ ମିଳିଗଲା । ଆପଣ ସ:ଆ:ସଙ୍କ ଜୀବଦଶାରେ କୌଣସି ଜଣେ ମଧ ମୁନାଫିକ୍ ମଦିନା ତୈୟବାରେ ରହିଲା ନାହିଁ । ସୁତରାଂ ଏପରି ସଫଳତା ଆପଣଙ୍କୁ ଲାଭ ହେଲା ଯେ ଏହାର ଦୃଷ୍ଟାନ୍ତ ଅନ୍ୟ କୌଣସି ନବୀଙ୍କ ଜୀବନ ଚରିତରେ ମିଳେନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୬୬, ମୁଦ୍ରଣ-୨୦୧୮ କାଦିଆନ୍)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahemadiya, Kerang (Odisha)*

**"ଆମେ ପୂର୍ଣ୍ଣ ବିଶ୍ୱାସର ସହିତ କହିପାରିବୁ ଯେ ଆମକୁ ଆଁହଜ୍‌ରତ୍ ସ:ଆ:ସଙ୍କ ମହାନତମ ଉଚ୍ଚ ପଦମର୍ଯ୍ୟାଦାର ଜ୍ଞାନ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ପ୍ରଦାନ କରିଛନ୍ତି ।"**

**ଯେବେ ଆମେ ଆପଣ ଆ:ସଙ୍କ ଇଶ୍‌କେ ରସୁଲ୍ ସ:ଆ:ସ (ଅର୍ଥାତ୍ ରସୁଲ୍ ପ୍ରେମ) ସମ୍ବନ୍ଧରେ ଅଗଣତି ଆଲେଖ୍ୟ ଦେଖିଥାଉଁ, ଆରବୀ, ଫାର୍ଶୀ ଏବଂ ଉର୍ଦ୍ଦୁରେ ଲେଖାଯାଇଥିବା ଆପଣଙ୍କ ପୁସ୍ତକ, ଉପଦେଶାବଳୀ ଓ ମଞ୍ଜୁମ୍ କଲାମ୍‌କୁ ଦେଖିଥାଉଁ ତେବେ ସ୍ପଷ୍ଟ ରୂପେ ଏକଥା ପ୍ରକାଶ ହୋଇଯାଏ ଯେ ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମ ଓ ଭଲପାଇବାର ମକାମ୍ (ସ୍ଥାନ) ପର୍ଯ୍ୟନ୍ତ କେହି ପହଂଚିପାରିବେ ନାହିଁ ।**

**ଆପଣଙ୍କ ଆରବୀ କଲାମ୍ (ସାହିତ୍ୟ) କସିଦା ରୂପରେ ମଧ୍ୟ ଏପରି ଲେଖାହୋଇଛି ଯାହାକୁ ପଢ଼ି ଆରବୀୟ ଲୋକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି ଯେ ଏପରି ପ୍ରେମ ଓ ଭଲପାଇବାରେ ପରିପୂର୍ଣ୍ଣ ବାଣୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରଶଂସା ଆମେ ନା ତ କେବେ ପଢ଼ିଛୁ ନା କେବେ ଶୁଣିଛୁ ।**

**ଆମକୁ କୌଣସି ହୁକୁମତ୍, କୌଣସି ଧର୍ମଜ୍ଞାନୀ ଓ କୌଣସି ତଥାକଥିତ ଓ୍ୱଲେମାମାନଙ୍କ ସାର୍ଟିଫିକେଟ୍‌ର ଆବଶ୍ୟକ ନାହିଁ ଯେ ଆମେ ମୁସଲ୍‌ମାନ୍ ଅଟୁ କି ନୁହେଁ । ଅଥବା କୌଣସି ଫର୍ମରେ ଲେଖିଦେଲେ ଆମେ ମୁସଲମାନ୍ କିମ୍ବା ଅଣ ମୁସଲ୍‌ମାନ୍ ହୋଇଯିବା ନାହିଁ । କେବଳ ଗୋଟିଏ ସାର୍ଟିଫିକେଟ୍ ଆମକୁ ଦରକାର ଓ ତାହାହେଉଛି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଅର୍ଥାତ୍ ଅଲ୍ଲାଃତାଲା ଆମଠାରୁ ପ୍ରସନ୍ନ ହୁଅନ୍ତୁ । ସେ ସେତେବେଳେ ଆମକୁ ଉକ୍ତ ସାର୍ଟିଫିକେଟ୍ ପ୍ରଦାନ କରିବ ଯେବେ ଆମେ ବାସ୍ତବିକ ରୂପେ ହଜ୍‌ରତ୍ ମୁହଁମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସମ୍ପ୍ରଦାୟର ହକ୍‌କୁ ପ୍ରଦାନ କରିବାବାଲା ହେବା ଓ ଆପଣ ସ:ଆ:ସଙ୍କ ଅନୁସରଣକାରୀ ହେବା ।**

**ଦରୁଦ୍ ଶରିଫ୍‌ର ଆବୃତି ଦ୍ୱାରା ନବୀ ଅକ୍‌ରମ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ସହିତ ଜଡିତ ଥିବା ବର୍‌କାତ୍‌ରୁ ଭାଗ ପାଇବାର ତେହ୍‌ରିକ୍**

**କାଦିଆନ୍‌ଠାରେ ଅନୁଷ୍ଠିତ ବିଶ୍ୱବ୍ୟାପି ଯମାତ ଅହେମଦୀୟା ମୁସ୍‌ଲିମାର ଜଲ୍‌ସାସାଲାନା (ବାର୍ଷିକ ଉତ୍ସବ) ଅବସରରେ ୩୦ ଡିସେମ୍ବର ୨୦୧୮ ତାରିଖ ରବିବାର ଦିନ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଙ୍କ ଦ୍ୱାରା ପ୍ରଦତ ଉଦ୍‌ଯାପନୀ ଭାଷଣର ତାହେର ହଲ୍ ବୟତୁଲ୍ ଫୁତୁହ୍ ଲଣ୍ଡନ ଠାରୁ ଏମ୍.ଟି.ଏ ମାଧ୍ୟମରେ ସିଧା ପ୍ରସାରଣ ।**

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ -

إِيَّاكَ نَعْبُدُ وَإِيَّاكَ نَسْتَعِيْنُ - اِهْدِنَا الصِّرَاطَ الْمُسْتَقِيْمَ -

صِرَاطَ الَّذِيْنَ أَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ହେଉଛି ଏବର୍ଷର ଜଲ୍‌ସା ସାଲାନା କାଦିଆନ୍‌ର ଶେଷ ଦିବସ ଓ ଶେଷ ଅଧିବେଶନ । ଏ ଅବସରରେ ପୃଥିବୀର ବିଭିନ୍ନ ଦେଶରୁ ଉଣାଅଧିକେ ଅଠର ଉଣେଇଶି ହଜାର ଅହେମଦୀ ଏହି ବସ୍ତିରେ ଏକତ୍ରିତ ହୋଇଛନ୍ତି, ଯେଉଁ ବସ୍ତି ହେଉଛି ଏ ଯୁଗର ଇମାମ୍ ଓ ମସିହ୍ ମଉଦ୍ ଓ ମେହେଦି ମାହୁଦ୍‌ଙ୍କ ବସ୍ତି, ସେହି ମସିହ୍ ଓ ମେହେଦୀ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ଓ ଅଲ୍ଲାଃଙ୍କ ପ୍ରତିଶ୍ରୁତି ମୁତାବକ ଏ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଣିଥିବା ଦୀନ୍ (ଅର୍ଥାତ୍ ଧର୍ମର ପୁନର୍ବିନ୍ୟାସ) ନିମନ୍ତେ ପ୍ରକଟ ହୋଇଛନ୍ତି । ଆପଣ ଆ:ସ ଯେଉଁଠି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ମୁତାବକ ଭକ୍ତଙ୍କୁ ଇଶ୍ୱରଙ୍କ ନିକଟତର କରାଇବାର ରାସ୍ତା ଦେଖାଇଛନ୍ତି ଓ ପବିତ୍ର କୋରାନ୍‌ର ସୁନ୍ଦର ଶିକ୍ଷାକୁ ସଂସାରରେ ସ୍ପଷ୍ଟ ଭାବେ ପରିପ୍ରକାଶ କରି ଦେଖାଇଛନ୍ତି, ସେଠାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ ମହାନ ପଦମର୍ଯ୍ୟାଦା ସମ୍ବନ୍ଧରେ ସଂସାରବାସୀକୁ ବତାଇଛନ୍ତି ନା କେବଳ ପୁଣ୍ୟାତ୍ମା ସ୍ୱଭାବର ଲୋକଙ୍କ ଉପରେ ଓ ଅନ୍ୟମାନଙ୍କ ଦ୍ୱାରା ଇସ୍‌ଲାମ୍ ଉପରେ ହେଉଥିବା ଆକ୍ରମଣ ଯୋଗୁଁ ବ୍ୟତିବ୍ୟସ୍ତ ହୋଇଯାଇଥିବା ମୁସଲ୍‌ମାନ୍ ମାନଙ୍କ ଇମାନକୁ ମଜ୍‌ବୁତ୍ କଲେ ବରଂ ପ୍ରତ୍ୟେକ ଇସ୍‌ଲାମୀୟ ବିରୋଧି ବ୍ୟକ୍ତି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ଉପରେ ଆରୋପ ଲଗାଉଥିବା ଲୋକମାନଙ୍କର ମୁହଁ ବନ୍ଦ କରାଇଲେ ଓ ଇସ୍‌ଲାମ୍ ବିରୋଧି ଲୋକମାନଙ୍କୁ ଆପଣ ଆ:ସଙ୍କ ଦଲିଲ୍‌ରେ ପରିପୂର୍ଣ୍ଣ ଆକ୍ରମଣ ଦ୍ୱାରା ପଳାୟନ କରି ଚାଲିଯିବା ବ୍ୟତୀତ ଆଉ କୌଣସି ରାସ୍ତା ନଥିଲା । ଆପଣ ଆ:ସଙ୍କ ରସୁଲ୍ ପ୍ରେମର ଅବସ୍ଥା ଏପରି ଥିଲା କି ସେହି ସ୍ଥାନକୁ କେହି ପହଂଚି ନାହାଁନ୍ତି ନା ପହଂଚିପାରିବେ । ଏହି ପ୍ରେମଭାବର ଅବସ୍ଥା ଓ ସେଥିଯୋଗୁ ଅଲ୍ଲାଃତାଲାଙ୍କର ଆପଣଙ୍କ ସହିତ ଯେଉଁ ବ୍ୟବହାର ଓ ପୁରସ୍କାରର ବର୍ଷା ହୋଇଛି, ସେ ସମ୍ବନ୍ଧରେ ଚର୍ଚ୍ଚାକରି ଆପଣ ଆ:ସ କହୁଛନ୍ତି କି :

"ଥରେ ରାତିରେ ଏ ଅଧମ ବିନମ୍ରତାର ସହିତ ଅସଂଖ୍ୟ ଦରୁଦ୍ ପାଠ କଲା ଯେ ଏହାଦ୍ୱାରା ହୃଦୟ ଓ ମନ ପୁଲ୍ଲକିତ ହୋଇଗଲା । ସେହି ରାତିରେ ମୁଁ ସ୍ୱପ୍ନରେ ଦେଖିଲି ସ୍ୱଚ୍ଛ ଦଳ ରୂପରେ (ଦେବଦୂତ ଗଣ) ଜ୍ୟୋତିର କଳସ ଧରି ଏ ଅଧର୍ମର ଘରକୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହିଲେ ଏହା ହେଉଛି ତାହାର ବର୍‌କତ୍ ଯାହା ତୁମେ ମୁହମ୍ମଦ୍ ସ:ଆ:ସଙ୍କ ନିମନ୍ତେ ଦରୁଦ୍ ପ୍ରେରଣ କରିଥିଲ ।" ପୁଣି କହୁଛନ୍ତି ଯେ "ଥରେ ଦିବ୍ୟବାଣୀ ହେଲା ଯାହାର ଅର୍ଥ ହେଉଛି ଏହା କି ଦିବ୍ୟାଲୋକରେ ଅଧିବାସୀ ଉତ୍ସାହିତ ଅଛନ୍ତି ଅର୍ଥାତ୍ ଅଲ୍ଲାଃ ଉତ୍ସାହିତ ହୋଇ ଇସ୍‌ଲାମ୍ ଧର୍ମର ପୁନର୍ବିନ୍ୟାସ ନିମନ୍ତେ ମନସ୍ଥ କରିସାରିଛନ୍ତି, କିନ୍ତୁ ଏ ପର୍ଯ୍ୟନ୍ତ ଦିବ୍ୟାଲୋକରେ (ଉକ୍ତ ଆଧ୍ୟାତ୍ମିକ) ଜୀବନ ପ୍ରଦାନକାରୀ ବ୍ୟକ୍ତିଙ୍କୁ ରଚୟନ ହୋଇନାହିଁ, ତେଣୁ ସେମାନେ ଶଂଶୟରେ ଅଛନ୍ତି ।"

ପୁଣି କହୁଛନ୍ତି ଯେ "ଏତିକିବେଳେ ଏ ଅଧମ ସ୍ୱପ୍ନରେ ଦେଖିଲା ଯେ ଲୋକମାନେ ଜଣେ (ଆଧ୍ୟାତ୍ମିକ) ଜୀବନ ପ୍ରଦାନକାରୀଙ୍କୁ ଖୋଜୁଛନ୍ତି । ଏବଂ ଜଣେ ବ୍ୟକ୍ତି ଏ ଅଧମ ସମ୍ମୁଖକୁ ଆସିଲେ ଓ ଇଶାରା କରି କହିଲେ *ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲୁଲ୍ଲା* ଅର୍ଥାତ୍ ଏ ହେଉଛନ୍ତି ସେ ବ୍ୟକ୍ତି ଯିଏ ଅଲ୍ଲାଃଙ୍କ ରସୁଲ (ଅର୍ଥାତ୍ ମୁହମ୍ମଦ୍ ସ:ଆ:ସ)କୁ (ଅତ୍ୟଧିକ) ପ୍ରେମ କରୁଛନ୍ତି । ଏପରି କହିବାର ତାତ୍ପର୍ଯ୍ୟ ଏହା କି ଏହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ସର୍ବୋତ୍କୃଷ୍ଟ ସର୍ତ ହେଉଛି ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମ କରିବା ଏବଂ ତାହା ଏହି ବ୍ୟକ୍ତିଙ୍କ ମଧ୍ୟରେ ସର୍ବାଧିକ ରହିଛି ।"

*(ବରାହିନେ ଅହେମଦୀୟା, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୫୯୮, ହାଶିୟା ଦର ହାଶିୟା ନଂ - ୩)*

ଆପଣ ଆ:ସ କହୁଛନ୍ତି ତେଣୁ ଅଲ୍ଲାଃତାଲା ମୋତେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଭଲପାଇବା ଯୋଗୁଁ ଏ ପଦମର୍ଯ୍ୟାଦା ପ୍ରଦାନ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ

ଉପରୋକ୍ତ କଥାକୁ ଶୁଣିବା ପରେ ଏକଥା ହେବାର ଥିଲା କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଜଣେ ଏପରି ସଚ୍ଚାପ୍ରେମୀ ଓ ଇସ୍‌ଲାମ୍‌ର ପୁନର୍ବିନ୍ୟାସ କରି ନୂତନ ରୂପେ ଜୀବତନ ପ୍ରଦାନ କରିବା ପାଇଁ ଆସିଥିବା ଏହି ଦୈବିପୁରୁଷଙ୍କର ମୁସଲ୍‌ମାନ୍‌ମାନେ ସାଧାରଣତଃ ଏବଂ ଓ୍ୱଲେମାମାନେ ସାହାଯ୍ୟ ସହଯୋଗ କରିଥାନ୍ତେ କିନ୍ତୁ ତଥା କଥିତ ଓ୍ୱଲେମାମାନେ ନିଜର କଠୋର ହୃଦୟ, ମୂର୍ଖତା ଓ ବିଦ୍ୱେଷଭାବ ଯୋଗୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଆରୋପ ଲଗାଇବା ଆରମ୍ଭ କରିଦେଲେ ଓ ଏପର୍ଯ୍ୟନ୍ତ ଲଗାଇ ଚାଲିଛନ୍ତି କି ନଉଜୁବିଲ୍ଲାଃ ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ କମ୍ କରିଛନ୍ତି, ସେଥିଯୋଗୁ (ଆପଣ ଆ:ସ ହେଉଛନ୍ତି) କାଫିର୍ ଓ ଆପଣଙ୍କୁ ମାନିଥିବା ଲୋକେ ମଧ୍ୟ କାଫିର୍ (ଅର୍ଥାତ୍ ଅମାନ୍ୟକାରୀ) । କିନ୍ତୁ ଏହାର ଓଲଟା ଯେବେ ଆମେ ଆପଣ ଆ:ସଙ୍କୁ ରସୁଲ୍ ସ:ଆ:ସ ପ୍ରେମ ଅର୍ଥାତ୍ ଇଶ୍‌କେ ରସୁଲ୍ ସମ୍ବନ୍ଧିତ ଅଗଣତି ଆଲେଖ୍ୟ ଦେଖୁଅଛୁଁ, ଆରବୀ, ଫାର୍ସୀ ଓ ଉର୍ଦ୍ଦୁରେ ଆପଣ ଆ:ସଙ୍କ ପୁସ୍ତକମାନ ନିତୀବାଣୀ ଏବଂ କାବ୍ୟକବିତାକୁ ଦେଖିଥାଉଁ ସେତେବେଳେ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଉଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିବା ଆପଣଙ୍କର ପ୍ରେମ ଓ ଭଲପାଇବାର ସ୍ଥାନକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦରେ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କୁ ବହୁ ମାତ୍ରାରେ ଭଲପାଇ ସେଥିରେ ଲୀନ ହୋଇଯିବାର ପ୍ରମାଣ ରହିଛି ଏବଂ ଏହି କଥା ଯେବେ ପୁଣ୍ୟ ସ୍ୱଭାବର ଓ୍ୱଲେମା (ଓ୍ୱଲେମା ମାନଙ୍କ ମଧ୍ୟରେ ବି ପୁଣ୍ୟ ପୂଣ୍ୟ ସ୍ୱଭାବ ରଖିଥିବା ଓ୍ୱଲେମା ଅଛନ୍ତି, ବିଭିନ୍ନ ଦେଶରେ ଏପରି ଲୋକ ଅଛନ୍ତି) ଓ ସାଧାରଣ ମୁସଲ୍‌ମାନ୍‌ଙ୍କ ଉପରେ ପ୍ରକାଶ ହୋଇଥାଏ ସେତେବେଳେ ସେମାନେ ଆପଣ ଆ:ସଙ୍କ ବୟତ କରିଥାନ୍ତି, ଆପଣଙ୍କ ଦାସତ୍ୱ ଗ୍ରହଣ କରିଥାନ୍ତି । ଏହିପରି ବାସ୍ତବିକ ରୂପେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଆସିଥାନ୍ତି । ଆପଣ ଆ:ସ ନିଜର ଏକ ଫାର୍ସୀ କବିତାରେ ଏକ ପଦ ଲେଖିଛନ୍ତି :-

*ବାଦ୍ ଅଜ୍ ଖୁଦା ବଇଶ୍‌କେ ମୁହମ୍ମଦ୍ ସ:ଆ:ସ ମୁଖମ୍ମରମ୍*
*ଗର୍ କୁଫର୍ ଇଁ ବୱଦ୍ ବଖୁଦା ସଖ୍ତ କାଫିରମ୍ ।*

*(ଅଜାଲାଏ ଅଓ୍ୱହାମ୍ ପ୍ରଥମ ଖଣ୍ଡ, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୧୮୫)*

ଅର୍ଥାତ୍ : ମୁଁ ତ ଖୁଦାତାଲାଙ୍କ ଭଲପାଇବା ପରେ ମୁହମ୍ମଦ୍ ସ:ଆ:ସଙ୍କ ପ୍ରେମରେ ବୁଡ଼ି ରହିଛି । ଯଦି ଖୁଦାତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ସହିତ ଏପରି ପ୍ରେମ କରିବା କୁଫର୍ (ଅର୍ଥାତ୍ ଅମାନ୍ୟକାରୀ) ତେବେ ଖୁଦଙ୍କ ରାଣ ମୁଁ ହେଉଛି ସବୁଠାରୁ ବଡ କାଫିର୍ (ଅମାନ୍ୟକାରୀ) । ଏହିପରି ଆପଣ ଆ:ସଙ୍କ ଆରବୀ କବିତା କସାଇଦ୍ (ଅର୍ଥାତ୍ ପ୍ରସଂଶା ମୂଳକ କବିତା) ରେ ମଧ୍ୟ ଏପରି ବର୍ଣ୍ଣନା କରାଯାଇଛି ଯାହାକୁ ପଢ଼ି ଆରବର ଲୋକମାନେ ମଧ୍ୟ ଆଶ୍ଚର୍ଯ୍ୟଚକିତ ହୋଇଗଲେ କି ଏପରି ପ୍ରେମ ଓ ଭଲପାଇବାର ପରିପୂର୍ଣ୍ଣ କବିତା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରଶଂସାରେ ଲେଖାଯାଇଛି, ନା ତ ଆମେ କେବେ ପଢ଼ିଛୁ ନା ଶୁଣିଛୁ । ଇଶ୍ୱର କରନ୍ତୁ ଯେ ପୃଥିବୀର ମୁସଲ୍‌ମାନ୍‌ମାନେ ଏହି ଆଶିକେ ରସୁଲ (ଅର୍ଥାତ୍ ରସୁଲ୍‌ପ୍ରେମୀ) କୁ ଚିହ୍ନନ୍ତୁ ଏବଂ ମୁସଲ୍‌ମାନମାନେ କୌଣସି କାରଣ ଯୋଗୁଁ ହେଉ ବା କୁଚରିତ୍ର ଓ୍ୱଲେମାମାନଙ୍କ ଭୟରେ ହେଉ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଏହି ରସୁଲ୍‌ପ୍ରେମୀଙ୍କୁ ଅସ୍ୱୀକାର କରିବା ଦ୍ୱାରା ଅଲ୍ଲାଃତାଲାଙ୍କ କୋପର ଶିକାର ନ ହୁଅନ୍ତୁ ।

ଓ୍ୱଲେମାଏ ସୁ (ଅର୍ଥାତ୍ କୁଚରିତ୍ର ଓ୍ୱଲେମା) ଙ୍କ ସମ୍ବନ୍ଧରେ ମତେ ଏକ ହସ କଥା ମନେ ପଡିଯାଉଛି । ବିଗତ ଦିନ ସୋଶିଆଲ୍ ମିଡିଆରେ ଜଣେ ମୌଲାନା ଅହେମଦୀମାନଙ୍କ ବିରୁଦ୍ଧରେ କହୁଥିଲେ ଓ କୁଫର୍ (ଅମାନ୍ୟକାରୀ)ର ଫତ୍‌ୱା ମଧ୍ୟ ଲଗାଉଥିଲେ ଓ ନିଜର ମୁର୍ଖତା ଯୋଗୁ ହେଉ ବା କହୁ କହୁ ଏକଥା ମଧ୍ୟ କହିଦେଲେ, ଅନେକ ଥର କହିଲେ ଯେ ଆମର ଯେଉଁ ଅମକ ବଡ ମୌଲାନା ଅଛନ୍ତି ତାଙ୍କର ଗଣନା *ଓ୍ୱଲେମାଏ ସୁ* (ଅର୍ଥାତ୍ କୁଚରିତ୍ର ସମ୍ପନ୍ନ ଓ୍ୱଲେମା)ଙ୍କ ମଧ୍ୟରେ ହୋଇଥାଏ, ସେ ମଧ୍ୟ ଏ ଫତ୍‌ୱା ଦେଇଛନ୍ତି ଯେ ଏହି (ଅହେମଦୀ) ମାନେ କାଫିର୍ ଅଟନ୍ତି । ସେ ଯାହାହେଉ, ତାଙ୍କୁ ଧନ୍ୟବାଦ । ଆମେ ତ ପ୍ରଥମରୁ କହିଆସୁଛୁ ଯେ ଏପରି ଫତ୍‌ୱା ଓ୍ୱଲେମାଏ ସୁ (ଅର୍ଥାତ୍ ଖଳ ପ୍ରକୃତିର ଓ୍ୱଲେମା) ମାନଙ୍କର । କାରଣ କୌଣସି ବାସ୍ତବିକ ଜ୍ଞାନୀ ଏପରି ଫତ୍‌ୱା ଦେଇନପାରେ । ସେ ଯାହା ହେଉ ସେ କୁହନ୍ତୁ ବା ନ କୁହନ୍ତୁ, ଅଲ୍ଲାଃତାଲାଙ୍କ ପ୍ରେରିତ ଦୂତଙ୍କ ଖିଲାଫରେ ଫତ୍‌ୱା ଦେଇ ଏମାନଙ୍କର ଗଣନା ଓ୍ୱଲମାଏ ସୁଙ୍କ ମଧ୍ୟରେ ହେଉଅଛି ।

ବର୍ତ୍ତମାନ ମୁଁ ସେହି ଆଶିକେ ରସୁଲ୍ (ଅର୍ଥାତ୍ ରସୁଲୁଲ୍ଲାଃ ସ:ଆ:ସ ଙ୍କୁ ଅତ୍ୟଧିକ ଭଲପାଉଥିବା) ପ୍ରେମ ଓ ଭଲ ପାଇବା ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ଭଲ ପାଇବାର ପରିପ୍ରକାଶ ଓ ଆପଣ ସ:ଆ:ସଙ୍କ ପଦମର୍ଯ୍ୟାଦା, ଉଚ୍ଚସ୍ଥାନ ଓ ବୈଭବ ସମ୍ପର୍କୀୟ କିଛି ଆଲେଖ୍ୟ ଆପଣ ଆ:ସଙ୍କ ଲେଖନୀରୁ ଉପସ୍ଥାପନ କରିବି । ତାହାର ପ୍ରତିଟି ଶବ୍ଦ ଅହେମଦୀଙ୍କୁ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କାଫିର୍ କହୁଥିବା ଲୋକମାନଙ୍କ ମୁହଁରେ ଥାପୁଡା ଲାଗିବା ସଦୃଶ ।

ସବୁ ନବୀମାନଙ୍କଠାରୁ ଶ୍ରେଷ୍ଠତମ ନବୀ ଓ ସଂସାରର ମହାନ ସଂସ୍କାରକ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସ । ଏ କଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ-

"ପ୍ରକୃତ ସତ୍ୟାସତ୍ୟ ହେଉଛି ଏହା କି ସବୁ ନବୀମାନଙ୍କଠାରୁ ଶ୍ରେଷ୍ଠ ନବୀ ହେଉଛନ୍ତି ସେ, ଯିଏ ଦୁନିଆର ମହାନ ସଂସ୍କାରକ । ଅର୍ଥାତ୍ ଏପରି ବ୍ୟକ୍ତି ଯାହାଙ୍କ ହାତରେ ଏ ସଂସାରର ବଡ ବିଶୃଙ୍ଖଳା ଶୃଙ୍ଖଳିତ ହେଲା । ଯିଏ ହଜିଯାଇଥିବା ଏକେଶ୍ୱରବାଦ ଓ ନିଃଶେଷ ହୋଇଯାଇଥିବା (ଏକେଶ୍ୱରବାଦ)କୁ ପୁଣି ପୃଥିବୀରେ ପ୍ରତିଷ୍ଠା କଲେ । ଯିଏ ସବୁ ପ୍ରକାର ମିଥ୍ୟା ଧର୍ମକୁ ତର୍କ ଓ ପ୍ରମାଣ ଦ୍ୱାରା ପରାଜିତ କରାଇ ପ୍ରତ୍ୟେକ ପଥଭ୍ରଷ୍ଟଙ୍କ ସନ୍ଦେହ ମୋଚନ କଲେ । ଯିଏ ପ୍ରତ୍ୟେକ ବିଧର୍ମୀଙ୍କ ଶଙ୍କାକୁ ଦୂର କଲେ ଓ ମୋକ୍ଷ ପ୍ରାପ୍ତି କରିବାର ସଚ୍ଚା ସାମାନ୍ ----ସତ୍ୟ ଆଧାରରେ ପରିପୂର୍ଣ୍ଣ ଥିବା ଶିକ୍ଷାକୁ ନୂତନ ରୂପେ ପ୍ରଦାନ କଲେ । ସୁତରାଂ ଏ ପ୍ରମାଣ ଦେଲେ ଯେ ଏହାର ଲାଭ ସବୁଠାରୁ ଅଧିକା । ଏହାର ପଦବୀ ଓ ପଦମର୍ଯ୍ୟାଦା ସବୁଠାରୁ ଅଧିକ । ଏବେ ଇତିହାସ ବତାଉଛି ଓ ଐଶରୀକ ପୁସ୍ତକମାନ ସାକ୍ଷୀ ଆଛନ୍ତି । ଯେଉଁମାନଙ୍କର ଆଖି ଅଛି ସେମାନେ ନିଜେ ମଧ୍ୟ ଦେଖୁଛନ୍ତି ଯେ ସେହି ନବୀ, ଯିଏ ଏହି ନିୟମ ଆଧାରରେ ସମସ୍ତ ନବୀମାନଙ୍କଠାରୁ ଶ୍ରେଷ୍ଠ ନବୀ ଅଭିହିତ ହେଉଛନ୍ତି ସେ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ।

*(ବରାହିନେ ଅହେମଦୀୟା, ଦ୍ୱିତୀୟ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୯୭, ହାଶିୟା ନମ୍ବର ୬)*

ପୁଣି ଆଉ ଏକ ସ୍ଥାନରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତା ଓ ଶ୍ରେଷ୍ଠତ୍ୱର ପ୍ରମାଣ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ଆଁ ହଜ୍‌ରତ୍ ସ:ଆ:ସ ଏପରି ଯୁଗରେ ପ୍ରକଟ ହୋଇଥିଲେ ଯେବେ ସମଗ୍ର ସଂସାରରେ ଶିର୍କ, ପଥଭ୍ରଷ୍ଟତା ଓ ମଖ୍‌ଲୁକ୍ ପରସ୍ତି (ଅର୍ଥାତ୍ ବ୍ୟକ୍ତିକୁ ପୂଜା କରିବା) ପ୍ରସାର ଲାଭ କରିସାରିଥିଲା ଓ ସମସ୍ତ ଲୋକେ ପ୍ରକୃତ ସତ୍ୟକୁ ଛାଡିଦେଇଥିଲେ ଓ (ଇଶ୍ୱର ପ୍ରାପ୍ତି ନିମନ୍ତେ ଥିବା) ସରଳ ଓ ସିଧା ମାର୍ଗକୁ ଭୁଲିଯାଇ ପ୍ରତ୍ୟେକ ଫିର୍କା ଅଲଗା ଅଲଗା କୁପ୍ରଥାର ମାର୍ଗକୁ ଆପଣେଇ ନେଇଥିଲେ । ଆରବରେ ପିତୁଳା ପୂଜା ବହୁ ମାତ୍ରାରେ ଥିଲା, ପାରସ୍ୟରେ ଅଗ୍ନିପୂଜାର ବଜାର ଗରମ ଥିଲା, ହିନ୍ଦୁସ୍ଥାନ୍‌ରେ ପିତୁଳା ପୂଜା ବ୍ୟତିତ ଆଉ ଶହଶହ ପ୍ରକାରର ମଖ୍‌ଲୁକ୍ ପରସ୍ତି ବ୍ୟାପି ଯାଇଥିଲା । ସେହି ଦିନ ଗୁଡିକରେ କେତେକ ପୁରାଣ ଓ ପୁସ୍ତକ ଲେଖା ହୋଇଥିଲା, ତା' ଅନୁସାରେ ଅନେକ ଇଶ୍ୱରଙ୍କ ଭକ୍ତମାନଙ୍କୁ ଇଶ୍ୱର ବନାଇ ଦିଆଯାଇଥିଲା । ଫଳତ ଅବତାରମାନଙ୍କୁ ପୂଜିବାର ମୂଳଦୁଆ ପଡିସାରିଥିଲା । ପାଦ୍ରୀ ବୋର୍ଟ୍ ସାହେବ୍‌ଙ୍କ କଥା ଅନୁସାରେ-----" ଏଠାରେ ପୁସ୍ତକ ଜନିତ ତୃଟି ହେବାର ମନେ ହେଉଛି । ଅସଲ ନାମ ହେଉଛି ଜନ୍ ଡେଭେଡ୍ ପୋର୍ଟ (Johon Devenport) କହୁଛନ୍ତି: "ଆଉ କେତେକ ଜ୍ଞାନୀ ଇଂଗ୍ରେଜମାନଙ୍କ ଅନୁସାରେ ସେ ସମୟରେ ଇସାଇ ଧର୍ମଠାରୁ ଅଧିକା ଆଉ କୌଣସି ଧର୍ମ ଖରାପ ହୋଇନଥିଲା । ପାଦ୍ରୀମାନଙ୍କ ଖରାପ ଆଚରଣ ଓ ଖରାପ ପ୍ରଥା ଯୋଗୁ ଇସାଇ ଧର୍ମ ଉପରେ ଭୀଷଣ ଦାଗ ଲାଗିଯାଇଥିଲା । ମସିହ୍‌ଙ୍କ ଦ୍ୱାରା ଆସିଥିବା ଆସ୍ଥା ଓ ବିଶ୍ୱାସରେ ନା ଗୋଟିଏ ନା ଦୁଇଟି ବରଂ ଅନେକ ବସ୍ତୁ ଇଶ୍ୱରଙ୍କ ସ୍ଥାନକୁ ଅକ୍ତିଆର କରିସାରିଥିଲା । ସୁତରାଂ ଏପରି ଖୋଲାଖୋଲି ପଥଭ୍ରଷ୍ଟତା ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକଟ ହେବା ଯେତେବେଳେ ସ୍ୱୟଂ ଯୁଗ ଏକଥା ଚାହୁଁଥିଲା କି ଏପରି ସମୟରେ ଜଣେ (ଆଧ୍ୟାତ୍ମିକ) ଚିକିତ୍ସକ ଓ ସୁଧାରକ ଆସନ୍ତୁ ଓ ଐଶି ମାର୍ଗଦର୍ଶନର ଅତ୍ୟନ୍ତ ଆବଶ୍ୟକ ଥିଲା । ଏପରି ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ହେବା ଓ ଏକ ବିଶ୍ୱକୁ ଏକେଶ୍ୱରବାଦ ଓ ଉତମ କର୍ମ ଦ୍ୱାରା ଆଲୋକିତ କରିବା, ଶିର୍କ ଏବଂ ମଖ୍‌ଲୁକ୍ ପରସ୍ତି (ଅର୍ଥାତ୍ ଇଶ୍ୱରଙ୍କ ସମକକ୍ଷ ଅନ୍ୟ କାହାକୁ କରିବା ଓ ପ୍ରାଣିକୁ ପୂଜିବା) ଯାହା ହେଉଛି ସମସ୍ତ ଦ୍ୱନ୍ଦ ଓ ଦୁଷ୍ଟତାର ମୂଳ ଉତ୍ସ, ତାହାର ମୂଳୋତ୍ପାଟନ କରିବା, ଏକଥାର ସ୍ପଷ୍ଟ ପ୍ରମାଣ ଦେଉଛି ଯେ ଆଁ ହଜ୍‌ରତ୍ ସ:ଆ:ସ ଖୁଦାଙ୍କର ସଚ୍ଚା ରସୁଲ୍ ଏବଂ ସମସ୍ତ ରସୁଲ୍‌ମାନଙ୍କଠାରୁ ଶ୍ରେଷ୍ଠତମ ଥିଲେ ।"

*(ବରାହିନେ ଅହେମଦୟା, ଦ୍ୱିତୀୟ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧, ପୃଷ୍ଠା-୧୧୨-୧୧୩, ହାଶିୟା ନଂ-୧୦)*

ଗୋଟିଏ ପଟେ ତୌହିଦ୍ ଅର୍ଥାତ୍ ଏକେଶ୍ୱରବାଦ ଓ ସତ୍‌କର୍ମକୁ ପ୍ରତିଷ୍ଠା କଲେ ଓ ଅନ୍ୟପଟେ ଯେଉଁ ସବୁ ପ୍ରାଣୀ ପୂଜା ଓ ଶିର୍କ୍ ଥିଲା, ତାହା ଶେଷ କରିଦେଲେ । କହୁଛନ୍ତି ଯେ ଏହି ସମସ୍ତ ବସ୍ତୁ ହେଉଛନ୍ତି ପ୍ରତ୍ୟେକ ପ୍ରକାର ଦୁଷ୍କାମିର ମାଆ (ଅର୍ଥାତ ଉତ୍ସ) । ନିଜେ ପାଦ୍ରୀ ଏକଥା ସ୍ୱୀକାର କରିଛନ୍ତି କି ଯେଉଁ ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ହେଲା ସେ ସମୟରେ ଏହି ଶିର୍କ ଏହିପରି ବ୍ୟାପିଯାଇଥିଲା ।

ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି ଯେ ଆପଣ ସ:ଆ:ସ ସମସ୍ତଙ୍କଠାରୁ ଅଧିକା ଅଲ୍ଲାଃତାଲାଙ୍କ ଜ୍ୟୋତିକୁ ହାସଲକାରୀ ଥିଲେ ଓ ଏହି

ପ୍ରସଙ୍ଗରେ ସମସ୍ତ ନବୀମାନଙ୍କ ଅପେକ୍ଷା ସମ୍ପୂର୍ଣ୍ଣ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ:-

"ଯେହେତୁ ଆଁ ହଜ୍‌ରତ୍ ସ:ଆ:ସ ନିଜର ପବିତ୍ର ଆତ୍ମା, ଖୋଲା ହୃଦୟ, ସତ୍ୟବାଦୀତା, ଲଜ୍ଜା, ସତ୍ୟନିଷ୍ଠା, ପୂର୍ଣ୍ଣଭରଷା, ଭକ୍ତିଭାବ ଏବଂ ଇଶ୍ୱର ପ୍ରେମର ସମସ୍ତ ଉପକରଣରେ ସବୁ ଅବତାରମାନଙ୍କଠାରୁ ଅଧିକା ଓ ସମସ୍ତଙ୍କଠାରୁ ଶ୍ରେଷ୍ଠ, ଉତମ, ସମ୍ପୂର୍ଣ୍ଣ, ଉଚ୍ଚତମ ଓ ସୌମ୍ୟ ଥିଲେ, ସେଥିପାଇଁ ମହିମାମୟ ଇଶ୍ୱର ତାକୁ ପୂର୍ଣ୍ଣ ସୁଗନ୍ଧର ବିଶେଷ ଗୁଣରେ ସବୁଠାରୁ ଅଧିକା ସୁଗନ୍ଧିତ କଲେ ।" ସେହି ସମସ୍ତ ସିଦ୍ଧି ଯାହା ଜଣେ ମନୁଷ୍ୟଠାରେ ପୂର୍ଣ୍ଣ ହୋଇପାରିଥାନ୍ତା, ସେ ସବୁରେ ସମସ୍ତଙ୍କଠାରୁ ଅଧିକା ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରେ ସୃଷ୍ଟି କଲେ । "ଏବଂ ସେହି ଛାତି ଓ ହୃଦୟ ଯାହା ସମସ୍ତ ଆଗ ଓ ପଛ (ଅର୍ଥାତ୍ ପୂର୍ବରୁ ଚାଲିଯାଇଥିବା ଲୋକେ ଶେଷଯୁଗରେ ଆସିଥିବା ଲୋକେ)ର ହୃଦୟ ଓ ଛାତି ଅପେକ୍ଷା ବିଶାଳତମ, ପବିତ୍ର, ନିଷ୍ପାପ, ଉଜ୍ଜଳତମ ଓ ପ୍ରେମରେ ପରିପୂର୍ଣ୍ଣ ଥିଲା, ସେ ଏ ଯୋଗ୍ୟ ବିବେଚିତ ହେଲେ ଯେ ତାଙ୍କ ଉପରେ ଏପରି ଐଶି ଦିବ୍ୟବାଣୀ ଅବତୀର୍ଣ୍ଣ ହେଉ ଯାହା ସମସ୍ତ ଆଗ ଓ ପଛମାନଙ୍କ ଐଶି ଦିବ୍ୟବାଣୀ ଅପେକ୍ଷା ଶକ୍ତିଶାଳୀ, ଚମତ୍କାରୀ, ଉଚ୍ଚତମ, ସ୍ୱୟଂସମ୍ପୂର୍ଣ୍ଣ ହୋଇ ଐଶ୍ୱରୀକ ବିଶେଷ ଗୁଣକୁ ଦେଖାଇବା ନିମନ୍ତେ ଏକ ଅତ୍ୟନ୍ତ ସ୍ୱଷ୍ଟ, ଓସାରିଆ ଏବଂ ବିଶାଳ ଆଇନା ହେଉ । ଏପରି ଓ୍ୱହି ଅର୍ଥାତ୍ ଦିବ୍ୟବାଣୀ ଅବତୀର୍ଣ୍ଣ ହେଲା ଯାହା ଉଚ୍ଚ ସ୍ତରକୁ ପହଂଚିଥିଲା ଓ ପୂର୍ଣ୍ଣ ଥିଲା ଯଦ୍ୱାରା ଅଲ୍ଲାଃଙ୍କ ବିଶେଷ ଗୁଣକୁ ଦେଖାଇପାରିବ । ଆପଣ ଆ:ସ କହୁଛନ୍ତି କି ଏହା ଦେଖାଇବାକୁ ଏକ ଆଇନା ଥିଲା । ଅର୍ଥାତ୍ ଆପଣ ସ:ଆ:ସଙ୍କ ଉପରେ ଦିବ୍ୟବାଣୀ ଅବତୀର୍ଣ୍ଣ ହେଲା ଓ ପୁଣି ତାହା ସେଠାରୁ ପ୍ରତିଫଳନ (Reflect) ହୋଇ ପୃଥିବୀରେ ପହଂଚିଲା । ପୁଣି କହୁଛନ୍ତି:- ସୁତରାଂ ଏଇଥିପାଇଁ ପବିତ୍ର କୋରାନ ଏପରି ଉଚ୍ଚ ବୈଭବକୁ ନିଜ ଭିତରେ ଧରି ରଖିଛି ଯାହାର ରଶ୍ମୀର ତେଜ ଏବଂ ସ୍ୱଷ୍ଟ କିରଣ ସମ୍ମୁଖରେ ସମସ୍ତ ପୂର୍ବବର୍ତୀ ଧର୍ମ ପୁସ୍ତକର ଚମକ କ୍ଷୀଣ ହେଉଅଛି । କୌଣସି ବୁଦ୍ଧି (ଓ ଜ୍ଞାନ) ଏପରି ସତ୍ୟତା ବାହାର କରିପାରିବ ନାହିଁ ଯାହା ପୂର୍ବରୁ ହିଁ ତା' (ଅର୍ଥାତ୍ ପବିତ୍ର କୋରାନ୍) ମଧ୍ୟରେ ନଥିବ । କୌଣସି ଚିନ୍ତା ଏପରି ବୌଦ୍ଧିକ ପ୍ରମାଣ ଉପସ୍ଥାପନ କରିପାରିବ ନାହିଁ ଯାହାକୁ ସେ ପୂର୍ବରୁ ଉପସ୍ଥାପନ ନ କରିଥିବ" ଅର୍ଥାତ୍ ସବୁ ବିଷୟ ପବିତ୍ର କୋରାନ୍‌ରେ ମହଜୁଦ୍ ଅଛି ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଛି । "କୌଣସି ଭାଷଣ ଏପରି ଶକ୍ତିଶାଳୀ ପ୍ରଭାବ କାହା ହୃଦୟ ଉପରେ ପକାଇ ପାରିବ ନାହିଁ ଯେପରି ଶକ୍ତିଶାଳୀ ଓ ବୈଭବପୂର୍ଣ୍ଣ ପ୍ରଭାବ ଲକ୍ଷ ଲକ୍ଷ ହୃଦୟରେ ସେ ପକାଇ ଆସିଛି ।" ଯେଉଁମାନେ ପବିତ୍ର କୋରାନ୍‌କୁ ବୁଝିବା ପାଇଁ ଚେଷ୍ଟା କରୁଛନ୍ତି "ତାହା ନିଃସନ୍ଦେହ ଇଶ୍ୱରଙ୍କ ବିଶେଷ ଗୁଣର ଏକ ସ୍ୱଷ୍ଟ ଆଇନା ଯାହାଦ୍ୱାରା ସେ ସମସ୍ତ ବସ୍ତୁ ମିଳିଥାଏ ଯାହା ଜଣେ ପୂଣ୍ୟବ୍ୟକ୍ତିକୁ ଐଶ୍ୱରୀୟ ଜ୍ଞାନ ପ୍ରାପ୍ତି କରିବାର ସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ଦରକାର ।"

*(ସୁରମାଃ ଚଶ୍‌ମେ ଆରିୟା, ରୁହାନି ଖଜାଏନ୍, ଖଣ୍ଡ-୨, ପୃଷ୍ଠା-୭୧-୭୨)*

ସୁତରାଂ ଏହା ହେଉଛି ଆପଣ ଆ:ସଙ୍କ ଦୃଷ୍ଟିକୋଣ । ଏ ଶିକ୍ଷାର ବାହାର କୌଣସି ବସ୍ତୁ ହିଁ ନାହିଁ । ତେବେ ପୁଣି କିପରି ଏ ଆରୋପ ଲଗାଯାଇପାରେ କି ନଉଜୁବିଲ୍ଲାଃ ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସ ଓ ପବିତ୍ର କୋରାନ୍‌ର ପଦମର୍ଯ୍ୟାଦାକୁ କମ୍ କରିଛନ୍ତି ବୋଲି । ଆପଣ ଆ:ସ କହୁଛନ୍ତି ଯେ ଅଲ୍ଲାଃତାଲାଙ୍କୁ ଜାଣିବା ଓ ଚିହ୍ନିବା ପାଇଁ ହେଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯୋଡିହୋଇ ରହିବା ଦ୍ୱାରା ହୋଇପାରିବ । ଆପଣ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶରିୟତ୍‌କୁ ବୁଝିବା ଦ୍ୱାରା ହିଁ ମିଳିପାରିବ ।

ପୁଣି ଏକଥା ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଯେଉଁ ପ୍ରଭାବଶାଳୀ ପବିତ୍ର ଶକ୍ତି ଥିଲା ତାହା ହିଁ ସାହାବା ରିଜ୍‌ୱାନୁଲ୍ଲାଃଙ୍କୁ ଆଧ୍ୟାତ୍ମିକ ଉନ୍ନତିକୁ ଉଚ୍ଚ ସ୍ତରରେ ପହଂଚାଇଥିଲା । ଆପଣ ଆ:ସ କହୁଛନ୍ତି:-

"ଏକଥା କୌଣସି ବିବେକି ବ୍ୟକ୍ତିଙ୍କ ନିକଟରେ ଅଛପା ନଥିବ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜାଦେ ବୁମ୍" ଅର୍ଥାତ୍ ଦେଶ, ଜନ୍ମସ୍ଥାନ । "ଗୋଟିଏ ସୀମିତ ଉପଦ୍ୱୀପର ଦେଶ ଅଟେ ଯାହାକୁ ଆରବ କୁହାଯାଏ ଯିଏ ଅନ୍ୟ ଦେଶମାନଙ୍କଠାରୁ ସର୍ବଦା ଅଲଗା ରହି ଏକୁଟିଆ ଗୋଟିଏ କୋଣରେ ପଡିରହିଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ହେବା ପୂର୍ବରୁ ସେହି ଦେଶର ଲୋକମାନେ ସମ୍ପୂର୍ଣ୍ଣ ରୂପେ ହିଂସ୍ର ପଶୁଙ୍କ ପରି ଜୀବନ ଅତିବାହିତ କରିବା ଓ ଧର୍ମ, ଇମାନ୍, ଅଲ୍ଲାଃଙ୍କ ହକ୍ ଓ ସୃଷ୍ଟଜଙ୍କ ହକ୍‌କୁ ନଜାଣିବା, ଶହ ଶହ ବର୍ଷରୁ ପିତୁଳା ପୂଜା ଓ ଅନ୍ୟାନ୍ୟ ଅପବିତ୍ର ଭାବନାରେ ବୁଡି ରହିବା, ଭୋଗ ବିଳାସ, ବ୍ୟଭିଚର, ମଦ୍ୟପାନ ଏବଂ ଜୁଆଖେଳ ଇତ୍ୟାଦି ବିଭ୍ରାଟକାରୀ କାର୍ଯ୍ୟରେ ଲିପ୍ତ ରହିବା, ଚୋରି, ଡକାୟତି, ହତ୍ୟାକାଣ୍ଡ ଏବଂ ଝିଅମାନଙ୍କୁ ହତ୍ୟା କରିବା, ଅନାଥଙ୍କ ଧନ ଖାଇବା ଏବଂ ଅନ୍ୟର ଅଧିକାରକୁ ଦବାଇ ଦେବାରେ କିଛି ପାପ ମଣୁ ନଥିଲେ । ସୁତରାଂ ପ୍ରତ୍ୟେକ ପ୍ରକାରର ଖରାପ ଅବସ୍ଥା, ପ୍ରତ୍ୟେକ ପ୍ରକାରର ଅନ୍ଧକାର ସାଧାରଣତଃ ଆରବୀୟଙ୍କ ହୃଦୟରେ ଭରି ରହିଥିଲା । ଏ ବିଷୟ ଓ ଏ ଘଟଣା ଏତେ ପ୍ରସିଦ୍ଧ ଯେ କୌଣସି କଟର ବିରୋଧି ଯିଏ ଟିକିଏ ଜ୍ଞାନ ଏ ସମ୍ବନ୍ଧରେ ରଖିଥିବ,ଏହାକୁ ଅସ୍ୱୀକାର କରିପାରିବ ନାହିଁ । ଏକଥା ସମସ୍ତ ନ୍ୟାୟବନ୍ତ ଲୋକେ ଜାଣନ୍ତି ଯେ ସେହି ମୂର୍ଖ, ହିଂସ୍ର ଓ ସେହି ଅଯୋଗ୍ୟ ଲୋକମାନେ ଇସ୍‌ଲାମ୍‌ରେ ଦାଖଲ ହେବାପରେ ଓ ପବିତ୍ର କୋରାନକୁ ଗ୍ରହଣ କରିବା ପରେ କିଭଳି ହୋଇଗଲେ ଓ କିଭଳି ଇଶ୍ୱରଙ୍କ ବାଣୀର ପ୍ରଭାବରେ ଓ ନିଷ୍ପାପ ନିରୀହ ନବୀ ସ:ଆ:ସଙ୍କ ସଙ୍ଗତରେ ଆସି ବହୁତ ଅଳ୍ପ ସମୟ ମଧ୍ୟରେ ସେମାନଙ୍କ ହୃଦୟ ଏକବାର ଏପରି ପରିବର୍ତନ ହୋଇଗଲା ଯେ ସେମାନେ ଯହାଲତ (ଅର୍ଥାତ୍ ମୂର୍ଖତା) ପରେ ଧର୍ମତତ୍ତ୍ୱଜ୍ଞାନ ଦ୍ୱାରା ମାଲାମାଲ୍ ହୋଇ ଗଲେ ଓ ସାଂସାରିକ ମୋହମାୟାକୁ ଛାଡି ଇଶ୍ୱରଙ୍କ ପ୍ରେମରେ ଏପରି ହଜିଗଲେ ଯେ ନିଜ ଜନ୍ମସ୍ଥାନ, ନିଜ ଧନ ସମ୍ପତି, ନିଜ ପ୍ରୀୟଲୋକ, ନିଜର ଇଜ୍ଜତ ଓ ନିଜ ଜୀବନରେ ଥିବା ଆରାମକୁ ମହିମାମୟ ଅଲ୍ଲାଃଙ୍କ ପ୍ରସନ୍ନିତ କରିବା ପାଇଁ ପରିତ୍ୟାଗ କରିଦେଲେ । ସୁତରାଂ ଏହି ଦୁଇଟି ଅବସ୍ଥା ତାଙ୍କର ପ୍ରାଥମିକ ଅବସ୍ଥା ଓ ଏହି ନୂଆ ଜୀବନ, ଯାହା ଇସ୍‌ଲାମ୍ ଆଣିବା ପରେ ତାଙ୍କୁ ପ୍ରାପ୍ତ ହେଲା, ତାହା ପବିତ୍ର କୋରାନ୍‌ରେ ଏପରି ସ୍ୱଷ୍ଟଭାବେ ଉଲ୍ଲେଖ ଅଛି ଯେ ସଦାଚାରୀ ଓ ପୂଣ୍ୟବନ୍ତ ବ୍ୟକ୍ତି ଏହା ପାଠ କରିବା ସମୟରେ ତା'ର ଆଖି ସ୍ୱତଃପ୍ରୃତଃ ଭାବେ ଅଶ୍ରୁରେ ଭରିଯାଏ । ସୁତରାଂ ତାହା କଣ ଥିଲା, ଯାହା ତାଙ୍କୁ ଏତେ ଶିଘ୍ର ଏକ ଜଗତରୁ ଆଉ ଏକ ଜଗତକୁ ଟାଣି ନେଇଗଲା, ତାହା ଦୁଇଟି କଥା ଥିଲା । ପ୍ରଥମଟି ହେଉଛି ସେହି ନିରୀହ ନବୀ ସ:ଆ:ସ ନିଜର ପବିତ୍ର ଶକ୍ତି ଦ୍ୱାରା ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ, ଏପରି ନା ତ କେବେ ହୋଇଛି ଓ ନା ହେବ । ଦ୍ୱିତୀୟରେ ସର୍ବଶକ୍ତିମାନ ଖୁଦାଙ୍କ ପବିତ୍ର ବାଣୀର ଜବର୍‌ଦସ୍ତ ଓ ଆଶ୍ଚର୍ଯ୍ୟମୂଳକ ପ୍ରଭାବ ଥିଲା ଯାହା ଏକ ବହୁତ ବଡ ଦଳକୁ ହଜାର ହଜାର ଅନ୍ଧକାରରୁ ବାହାର କରି ନୁର୍ ଅର୍ଥାତ୍ ଜ୍ୟୋତିପୁର୍ଣ୍ଣ ଆଲୋକ ଆଡକୁ ନେଇ ଆସିଲା । ନିଃସନ୍ଦେହ ଏହି ପବିତ୍ର କୋରାନ୍‌ର ପ୍ରଭାବ ଐଶି ଚମତ୍କାର ଥିଲା ।" ଅର୍ଥାତ୍ ଅସାଧାରଣ ଥିଲା । କାରଣ ଦୁନିଆରେ କେହି ତାହାର ଦୃଷ୍ଟାନ୍ତ ବତାଇପାରିବ ନାହିଁ ଯେ କେବେ କୌଣସି ପୁସ୍ତକ ଏପରି ପ୍ରଭାବ ପକାଇଥିବ । କିଏ ଏକଥାର ପ୍ରମାଣ ଦେଇପାରିବ ଯେ କୌଣସି ପୁସ୍ତକ ଏପରି ବିରାଟ ପରିବର୍ତନ ଓ ସୁଧାର କାର୍ଯ୍ୟ କରିଥିବ ଯେପରି ପବିତ୍ର କୋରାନ୍ କରିଛି ।"

(ସୁରମାଃ ଚଶ୍‌ମେ ଆରିୟା, ରୁହାନି ଖଜାଏନ୍, ଖଣ୍ଡ-୨, ପୃଷ୍ଠା-୭୬-୭୮, ହାଶିୟାଃ)

ଯେଉଁ ନୁର୍ (ଆଧ୍ୟାତ୍ମିକ ଜ୍ୟୋତି) ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମିଳିଛି ତାହା ଅନ୍ୟ କାହାକୁ ମିଳିନାହିଁ । ଏକଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ସେହି ଉଚ୍ଚତମ ସ୍ତରର ନୁର୍ ଯାହା ମନୁଷ୍ୟକୁ ଦିଆଯାଇଛି ଅର୍ଥାତ୍ ପୂର୍ଣ୍ଣ ମାନବକୁ ତାହା ଫରିସ୍ତାମାନଙ୍କ ମଧ୍ୟରେ ନଥିଲା, ନକ୍ଷତ୍ର ମଧ୍ୟରେ ନଥିଲା, ଚନ୍ଦ୍ର ମଧ୍ୟରେ ନଥିଲା, ସୂର୍ଯ୍ୟରେ ନଥିଲା, ତାହା ପୃଥିବୀର ସମୁଦ୍ର ଓ ନଦୀମାନଙ୍କ ମଧ୍ୟରେ ମଧ୍ୟ ନଥିଲା । ତାହା ଲାଲ୍ ଯାକୁତ୍, ଜମ୍‌ରୁଦ୍ ଓ ଅଲ୍‌ମାସ୍ (ସଦୃଶ ମୂଲ୍ୟବାନ ମଣି ପଥର) ମଧ୍ୟରେ ନଥିଲା ଏବଂ ମୋତିରେ ମଧ୍ୟ ନଥିଲା । ସୁତରାଂ ତାହା ପୃଥିବୀ ଓ ଆକାଶର କୌଣସି ବସ୍ତୁ ମଧ୍ୟରେ ନଥିଲା, କେବଳ ମନୁଷ୍ୟ ମଧ୍ୟରେ ଥିଲା ଅର୍ଥାତ୍ ପୂର୍ଣ୍ଣ ମାନବଠାରେ, ଯାହାର ପୂର୍ଣ୍ଣ, ସମ୍ପୂର୍ଣ୍ଣ, ଉଚ୍ଚତମ ଏବଂ ବିଶାଳତମ ବ୍ୟକ୍ତିତ୍ୱ ହେଉଛନ୍ତି ଆମ ସୟଦ୍ ଏବଂ ମୌଲା ସୟଦୁଲ୍ ଅମ୍ବିୟା (ଅର୍ଥାତ୍ ନବୀମାନଙ୍କର ସର୍ଦ୍ଦାର), ସୟଦୁଲ୍ ଅହ୍‌ୟା (ଅର୍ଥାତ୍ ଆଧ୍ୟାତ୍ମିକ ଜୀବନ ପ୍ରଦାନକାରୀ ସର୍ଦ୍ଦାର) ମୁହମ୍ମଦ୍ ମୁସ୍ତଫା ସ:ଆ:ସ । ସୁରଃ ନୁର୍ ସେହି ବ୍ୟକ୍ତିକୁ ଦିଆଗଲା ଓ ଏପରି ଲୋକଙ୍କୁ ଦିଆଗଲା ଯେଉଁମାନେ କେତେକାଂଶରେ ସେହିପରି ଗୁଣସମ୍ପନ୍ନ ହୋଇଥାନ୍ତି ଅର୍ଥାତ୍ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନୁସରଣ କରିଥାନ୍ତି, ଯେଉଁମାନେ ବାସ୍ତବିକ ଆପଣ ସ:ଆ:ସଙ୍କ ଆଦର୍ଶରେ ପରିଚାଳିତ ହୋଇଥାନ୍ତି । ଏବଂ ପୁଣି କହୁଛନ୍ତି ଯେ ଏହି "ବୈଭବ ଉଚ୍ଚତମ, ପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ରୂପେ ଆମର ସୟଦ୍ ଆମର ହାଦି ନବି ଉମ୍ମି ସାଦିକ୍ ମସ୍‌ଦୁକ୍ ମୁହମଦ୍ ମୁସ୍ତଫା ସ:ଆ:ସଙ୍କ ମଧ୍ୟରେ ନିହିତ ଥିଲା । ଯେପରି ଖୁଦାତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-

قُلۡ اِنَّ صَلَاتِیۡ وَ نُسُکِیۡ وَ مَحۡیَایَ وَ مَمَاتِیۡ لِلّٰہِ رَبِّ الۡعٰلَمِیۡنَ ۔ لَا شَرِیۡکَ لَهٗ وَ
بِذٰلِکَ اُمِرۡتُ وَ اَنَا اَوَّلُ الۡمُسۡلِمِیۡنَ ۔ (الانعام:163-164) وَ اَنَّ هٰذَا صِرَاطِیۡ
مُسۡتَقِیۡمًا فَاتَّبِعُوۡهُ وَ لَا تَتَّبِعُوا السُّبُلَ فَتَفَرَّقَ بِکُمۡ عَنۡ سَبِیۡلِهٖ (الانعام:154)
قُلۡ اِنۡ کُنۡتُمۡ تُحِبُّوۡنَ اللّٰہَ فَاتَّبِعُوۡنِیۡ یُحۡبِبۡکُمُ اللّٰہُ وَ یَغۡفِرۡ لَکُمۡ ذُنُوۡبَکُمۡ ۔ وَ اللّٰہُ
غَفُوۡرٌ رَّحِیۡمٌ (آل عمران:32) فَقُلۡ اَسۡلَمۡتُ وَجۡهِیَ لِلّٰہِ (آل عمران:21) وَ اُمِرۡتُ
اَنۡ اُسۡلِمَ لِرَبِّ الۡعٰلَمِیۡنَ (المومن:67)"

"ଅର୍ଥାତ୍ ସେମାନଙ୍କୁ କହିଦିଅ ଯେ ମୋ ନମାଜ ଓ ମୋ ଉପାସନାରେ ଥିବା ଚେଷ୍ଟା ଅର୍ଥାତ୍ ଉପାସନା କରିବା ନିମନ୍ତେ ଥିବା ଚେଷ୍ଟା "ଏବଂ ମୋର କୁର୍ବାନୀ (ଅର୍ଥାତ୍ ତ୍ୟାଗ) ତଥା ମୋର ଜୀବିତ ରହିବା ଓ ମୃତ୍ୟୁ ସବୁକିଛି ଖୁଦାଙ୍କ ନିମନ୍ତେ ତୋ ମାର୍ଗରେ ଉର୍ଦ୍ଦିଷ୍ଟ । ସେହି ଖୁଦା ଯିଏ ସାରା ସଂସାରର ପାଳନକର୍ତା ଓ ତାହାଙ୍କର କୌଣସି ସମକକ୍ଷ ନାହାନ୍ତି; ଏବଂ ଆମକୁ ଏ ବିଷୟରେ ଆଦେଶ ଦିଆ ହୋଇଛି ଏବଂ ଆମେ ସର୍ବପ୍ରଥମେ

ଆଜ୍ଞାବହ ଅଟୁ ।" ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃତାଲା ଆଦେଶଦେଲେ ଏ ଘୋଷଣା କରିଦିଅ ଯେ ମୁଁ ହେଉଛି ସର୍ବପ୍ରଥମ ଆଜ୍ଞାବହ ।" ଅର୍ଥାତ୍ ସଂସାରର ପ୍ରାରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ମୋ ପରି ଆଉ କେହି କାମିଲ୍ (ଅର୍ଥାତ୍ ସମ୍ପୂର୍ଣ୍ଣ) ମନୁଷ୍ୟ ନାହାନ୍ତି ଯିଏ ଏପରି ଉଚ୍ଚ ସ୍ତରର ଫନା ଫିଲ୍ଲାହ (ଅର୍ଥାତ୍ ଇଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ) ହୋଇଥିବ । ଯିଏ ଖୁଦାତାଲାଙ୍କ ସବୁ ଅମାନତ ତାକୁ ପୁନର୍ବାର ଅର୍ପଣ କରିବ ।"

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି : "ଏହି ଆୟତରେ ସେହି ଅବୋଧ ଏକେଶ୍ୱରବାଦ ବୋଲାଉଥିବା ଲୋକମାନଙ୍କର ରଦ୍ଦ କରାଯାଇଛି, ଯେଉଁମାନେ ଏ ବିଶ୍ୱାସ ରଖିଛନ୍ତି କି ଆମ ନବୀ ସ:ଆ:ସଙ୍କର ଅନ୍ୟ ନବୀମାନଙ୍କ ଉପରେ ସମ୍ପୂର୍ଣ୍ଣ ଶ୍ରେଷ୍ଠତ୍ୱ ପ୍ରମାଣିତ ନାହିଁ ।" ଅର୍ଥାତ୍ ଆପଣ ସ:ଆ:ସ ଅନ୍ୟ ନବୀମାନଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ଶ୍ରେଷ୍ଠ ବୋଲି ପ୍ରମାଣ ହୁଏନାହିଁ । 'ଏବଂ ଜଇଫ୍ ((ଅର୍ଥାତ୍ ଦୁର୍ବଳ) ହଦିସ୍ ଗୁଡିକ ଉପସ୍ଥାପ କରି କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଏକଥା ମନା କରିଛନ୍ତି ଯେ ମୋତେ ୟୁନୁସ୍ ବିନ୍ ମତାଙ୍କଠାରୁ ମଧ ଅଧିକା ସମ୍ମାନ ଦିଆନଯାଉ । ଏହି ନିର୍ବୋଧମାନେ ବୁଝୁନାହାଁନ୍ତି ଯେ ଯଦି ସେ ହଦିସ୍ ଗୁଡିକ ଠିକ୍ ଓ ଦୃଢ଼ ମଧ ଥିବ ତେବେ ମଧ ତାହା ଏକ ବିନମ୍ରତା ଥିଲା ଯାହା ସର୍ବଦା ଆମ ନବୀ ସ:ଆ:ସଙ୍କ ଅଭ୍ୟାସ ଥିଲା । ପ୍ରତ୍ୟେକ କଥାର ଏକ ମଉକା ଓ ସ୍ଥାନ ଥାଏ । ଯଦି କୌଣସି ସଦାଚାରୀ ନିଜ ଚିଠିରେ ଅହ୍‌କର ଇବାଦୁଲ୍ଲାଃ (ଅର୍ଥାତ୍ ସମସ୍ତଙ୍କଠାରୁ ନ୍ୟୁନ ଇଶ୍ୱର ଉପାସକ) ଲେଖେ ଏଥିରୁ ଏହାର ଏପରି ଅର୍ଥ ବାହାର କରିବା କି ଏହି ବ୍ୟକ୍ତି ଜଣକ ବାସ୍ତବରେ ସଂସାରର ଏପରି ଲୋକଙ୍କ ଠାରୁ, ଏପରିକି ପିତୁଳା ପୂଜକ ଓ ସମସ୍ତ ଖଳ ପ୍ରକୃତିର ଲୋକଙ୍କଠାରୁ ମଧ ତୁଚ୍ଛ କାରଣ ସେ ନିଜେ ଏକଥା ମାନୁଛି ଯେ ସେ ହେଉଛି ସବୁ ଉପାସନାକାରୀଙ୍କ ନ୍ୟୁନ । ଏହା କେଡେ ମୁର୍ଖାମୀ ଓ କେଡେ ଦୁଷ୍ଟାମି ।" ଏହା ତ ବିନମ୍ରତାର ପରିପ୍ରକାଶ, ଯାହାକୁ ଜଣେ ବ୍ୟକ୍ତି ନିଜ ଚିଠିରେ କରିଥାଏ ।

ପୁଣି କହୁଛନ୍ତି ଯେ "ଧ୍ୟାନର ସହିତ ଦେଖିବା ଉଚିତ ଯେ ଯେଉଁ ଅବସ୍ଥାରେ ମହିମାମୟ ଅଲ୍ଲାଃ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମ ସର୍ବପ୍ରଥମ ମୁସ୍‌ଲିମ୍ ରଖିଛନ୍ତ ସମସ୍ତ ଅନୁଗାମୀ ଓ ଆଜ୍ଞାବହ ଲୋକମାନଙ୍କର ସର୍ଦ୍ଦାର ରୂପେ ଅଭିହିତ କରିଛି ଓ ସବୁଠାରୁ ପ୍ରଥମେ ଅମାନତ୍‌କୁ ପ୍ରଦାନ କରିବାବାଲା ରୂପେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଭିହିତ କରିଛନ୍ତି । ତେବେ ଏହାପରେ କଣ ପବିତ୍ର କୋରାନ୍‌କୁ ମାନୁଥିବା କୌଣସି ବ୍ୟକ୍ତିକୁ ଏ ଅବକାଶ ରହିଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଚ୍ଚତମ ମହିମା ସମ୍ବନ୍ଧରେ କୌଣସି ପ୍ରକାର ଯୁକ୍ତି ବାଢ଼ିପାରିବ । ଖୁଦାତାଲା ଉପରୋକ୍ତ ଆୟତରେ ଇସ୍‌ଲାମ୍ ନିମନ୍ତେ ଅନେକ ସ୍ତର ରଖିଛନ୍ତି (ଓ) ସମସ୍ତ ସ୍ତରଠାରୁ ଉଚ୍ଚତମ ସ୍ତର ତାହାକୁ ଅଭିହିତ କରିଛନ୍ତି ଯାହା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ୱଭାବରେ ପ୍ରଦାନ କରିଛନ୍ତି ।" ଅର୍ଥାତ୍ ଇସ୍‌ଲାମ୍‌ରେ ବହୁତ ସ୍ତର ରହିଛି ଓ ସମସ୍ତ ସ୍ତରଠାରୁ ଉଚ୍ଚତମ ସ୍ତର ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ କାରଣ ସେହି ସ୍ତର / ପଦବୀ ଆପଣ ସ:ଆ:ସଙ୍କ ସ୍ୱଭାବରେ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି ।

''سُبْحَانَ اللهِ مَا اَعْظَمُ شَانَكَ يَا رَسُوْلَ اللهِ''

ପୁଣି ଫାର୍ସୀ ପଦ ରହିଛି

*"ମୁସା ଓ୍ୱ ଇସା ହମା ଖୈଲେ ତୁଆନନ୍ଦ*
*ଯୁମ୍‌ଲା ଦରିଁ ରାହ୍ ତୁଫୈଲ୍ ତୁଆନନ୍ଦ୍"*

ଅର୍ଥାତ୍ : ମୁସା ଓ ଇସା ସମସ୍ତେ ତୁମର ହିଁ ସେନା, ସମସ୍ତେ ଏହି ମାର୍ଗରେ ତୁମ ଯୋଗୁଁ ହିଁ ରହିଛନ୍ତି । ଯେଉଁମାନେ ବି ମୁସା ଓ ଇସା ଅଛନ୍ତି ସେମାନେ ତୁମ ଅନୁସରଣକାରୀ । ପୁଣି ଆପଣ ଆ:ସ କହୁଛନ୍ତି ଯେ "ଉକ୍ତ ଆୟତର ବାକିଥିବା ଅନୁବାଦ ଏପରି" କି ମହିମାମୟ ଅଲ୍ଲାଃ ନିଜ ରସୁଲ୍‌ଙ୍କୁ ଆଦେଶ ଦେଉଛନ୍ତି ଯେ ସେମାନଙ୍କୁ କହିଦିଅ କି ମୋର ମାର୍ଗ ହେଉଛି ସିଧା ମାର୍ଗ ତେଣୁ ତୁମେ ଏହାର ଅନୁସରଣ କର, ଅନ୍ୟ କୌଣସି ମାର୍ଗରେ ଚାଲନାହିଁ କାରଣ ତାହା ତୁମକୁ ଖୁଦାତାଲାଙ୍କ ଠାରୁ ଦୂରକୁ ନେଇଯିବ । ସେମାନଙ୍କୁ କହିଦିଅ ଯେ ଯଦି ତୁମେ ଖୁଦାତାଲାଙ୍କ ସହିତ ପ୍ରେମ କରୁଛ ତେବେ ମୋ ପଛେ ପଛେ ଚାଲ ଅର୍ଥାତ୍ ମୋ ଶୈଳୀରେ, ଯାହା ହେଉଛି ଇସ୍‌ଲାମ୍‌ର ଉଚ୍ଚତମ ବାସ୍ତବିକତା । ପାଦ ଆଗକୁ ବଢ଼ାଇଲେ ଯାଇ ଅଲ୍ଲାଃ ତୁମକୁ ପ୍ରେମ କରିବ ଓ ତୁମର ପାପକୁ କ୍ଷମା ଦେବ । ସେମାନଙ୍କୁ କହିଦିଅ ଯେ ମୋର ମାର୍ଗ ହେଉଛି ଏହା କି ମୋତେ ଆଦେଶ ମିଳିଛି ଯେ ନିଜର ପୂର୍ଣ୍ଣ ଅସ୍ତିତ୍ୱକୁ ଖୁଦାତାଲାଙ୍କୁ ସମର୍ପି ଦେବି ଓ ନିଜକୁ ରବ୍‌ବୁଲ୍ ଆଲମିନ୍ (ଅର୍ଥାତ୍ ସାରା ସଂସାରର ପାଳନକର୍ତ୍ତା) ପାଇଁ ଉତ୍ସର୍ଗ କରିଦେବି" । ଏହା ହିଁ ମୋତେ ଆଦେଶ ମିଳିଛି ଯେ ଯଦି ମୋତେ ଅନୁସରଣ କରିବ ତେବେ ଏ ପଦମର୍ଯ୍ୟାଦା ଲଭିବ, ଠିକ୍ ମୁସଲ୍‌ମାନ୍ ହେବ । "ନିଜର ଅସ୍ତିତ୍ୱକୁ ସାରା ସଂସାରର ପାଳନକର୍ତ୍ତାଙ୍କ ପାଇଁ ଉତ୍ସର୍ଗ କରିଦେବି ଅର୍ଥାତ୍ ତାହାଙ୍କଠାରେ ଲୀନ ହୋଇଯିବି ଯେପରି ସେ ହେଉଛି ରବ୍‌ବୁଲ୍ ଆଲମୀନ (ଅର୍ଥାତ୍ ସାରା ସଂସାରର ପାଳନକର୍ତ୍ତା) ମୁଁ ଖାଦିମୁଲ୍ ଆଲମିନ୍ (ଅର୍ଥାତ୍ ସାରା ସଂସାରର ସେବକ) ହେବି ଓ ସମ୍ପୂର୍ଣ୍ଣ ରୂପେ ତାହାଙ୍କର ଓ ତାହାଙ୍କ ମାର୍ଗର ହୋଇଯିବି । ସୁତରାଂ ମୁଁ ନିଜର ସମସ୍ତ ଅସ୍ତିତ୍ୱକୁ ଓ ଯାହା କିଛି ମୋର ଥିଲା, (ସେ ସବୁକୁ) ଖୁଦାତାଲାଙ୍କଠାରେ ନ୍ୟସ୍ତ କରିଦେଇଛି । ଏବେ ମୋର ବୋଲି କିଛି ନାହିଁ ଯାହା କିଛି ମୋର ତାହା ସବୁ ତାଙ୍କର ।"

(ଆଇନା କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୫, ପୃଷ୍ଠା-୧୬୦-୧୬୫)

ଏହା ହେଉଛି ସେହି ଉଚ୍ଚତମ ମହିମା ଯାହା ଏହି ପାରାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଁ ହଜରତ୍ ସ:ଆ:ସଙ୍କ ନିମନ୍ତେ ବର୍ଣ୍ଣନା କରିଛନ୍ତି ।

ପୁଣି ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଅଲ୍ଲାଃତାଲାଙ୍କର କାମିଲ୍ ମଜ୍‌ହର୍ (ଅର୍ଥାତ୍ ପୂର୍ଣ୍ଣ ପ୍ରତିଛବି) । ଏ ସମ୍ବନ୍ଧର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ପବିତ୍ର କୋରାନ୍‌ର ଅନେକ ସ୍ଥାନରେ ସାଂକେତିକ ଓ ବ୍ୟାଖ୍ୟାମୂଳକ ରୂପେ ବର୍ଣ୍ଣନା କରାଯାଇଛି ଯେ ଆଁ ହଜ୍‌ରତ୍ ସ:ଆ:ସ ମଜ୍‌ହରେ ଅତମ୍ ଅଲ୍‌ଓ୍ୱହିୟତ୍ ଅଟନ୍ତି" ଅର୍ଥାତ୍ ଅଲ୍ଲାଃତାଲାଙ୍କର ସମ୍ପୂର୍ଣ୍ଣ ପ୍ରତିଛବି । "ତାଙ୍କର ବାଣୀ ହେଉଛି ଅଲ୍ଲାଃଙ୍କ ବାଣୀ, ତାଙ୍କର ପ୍ରକାଶ ଖୁଦାଙ୍କ ପ୍ରକାଶ ଓ ତାଙ୍କର ଆସିବା ହେଉଛି ଖୁଦାଙ୍କ ଆଗମନ । ସୁତରାଂ ପବିତ୍ର କୋରାନ୍‌ରେ ଏ ସମ୍ବନ୍ଧରେ ଗୋଟିଏ ଆୟତ ଏପରି ମଧ ରହିଛି ।

قُلْ جَآءَ الْحَقُّ وَزَهَقَ الْبَاطِلُ ۔ اِنَّ الْبَاطِلَ كَانَ زَهُوْقًا (بنی اسرائیل:82)

ଅର୍ଥାତ୍ ସତ୍ୟ ଆସିଯାଇଛି ଓ ଅସତ୍ୟ ଲୋପ ହୋଇଅଛି; ବାସ୍ତବରେ ଅସତ୍ୟ ହିଁ ଲୋପ ପାଇଥାଏ" ପୁଣି କହୁଛନ୍ତି "ଏଠାରେ ସତ୍ୟର ଅର୍ଥ ହେଉଛି ମହିମାମୟ ଅଲ୍ଲାଃ, ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଏବଂ ଅସତ୍ୟର ଅର୍ଥ ହେଉଛି ସଇତାନ୍ । ସଇତାନ୍‌ର ଗୋଷ୍ଠି ଓ ସଇତାନ୍ ଶିକ୍ଷା । ତେଣୁ ଏଠାରେ ଦେଖ ଯେ ଖୁଦାତାଲା ନିଜ ନାମ ସହିତ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକାଶ ହେବା ଖୁଦାତାଲାଙ୍କ ପ୍ରକାଶ ବୋଲି ଅଭିହିତ କଲେ । ଏପରି ଦମ୍ଭ ଓ ଦର୍ପରେ ପରିପ୍ରକାଶ ହେବାଦ୍ୱାରା ସଇତାନ ନିଜର ସମସ୍ତ ସେନାଙ୍କୁ ନେଇ ପଳାୟନ କଲା ଓ ତାର ଶିକ୍ଷା ସବୁ ତୁଚ୍ଛ ଓ ନ୍ୟୁନ ହୋଇଗଲା ଓ ତା ଗୋଷ୍ଠିକୁ ବହତୁ ବଡ ପରାଜୟର ମୁହଁ ଦେଖିବାକୁ ପଡ଼ିଲା । ଏହି ସମ୍ପୁର୍ଣ୍ଣତା ସୁରଃ ଆଲେ ଇମ୍‌ରାନ୍ ତୃତୀୟ ଭାଗରେ ବ୍ୟାଖ୍ୟା କରାଯାଇ ବର୍ଣ୍ଣନା ହୋଇଛି ଯେ ସମସ୍ତ ନବୀମାନଙ୍କଠାରୁ ଅଙ୍ଗୀକାର ନିଆଗଲା ଯେ ତୁମ ଉପରେ ଏହା ଧାର୍ଯ୍ୟ କରାଯାଇଛି ଯେ ତୁମେ ମହାନ ପ୍ରତାପି ଖତମୁର୍ ରସୁଲ୍ (ଅର୍ଥାତ୍ ସମସ୍ତ ନବୀମାନଙ୍କ ମଧରେ ଶ୍ରେଷ୍ଠତମ ନବି) ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉପରେ ଇମାନ୍ (ଅର୍ଥାତ୍ ବିଶ୍ୱାସ) ଆଣ ଓ ତାଙ୍କର ଏହି ମହିମା ଓ ପ୍ରତାପକୁ ପରିପ୍ରକାଶ କରିବା ନିମନ୍ତେ ଯଥା ସମ୍ଭବ ସାହାଯ୍ୟ କର । ସେଥିପାଇଁ ହଜ୍‌ରତ୍ ଆଦମ୍ ସଫିଅଲ୍ଲାଃଙ୍କଠାରୁ ନେଇ ହଜ୍‌ରତ୍ ମସିହ୍ କଲିମତୁଲ୍‌ଲାଃଙ୍କ ପର୍ଯ୍ୟନ୍ତ ଯେତେ ନବି ଓ ରସୁଲ୍ ଆସିଛନ୍ତି, ସେମାନେ ସମସ୍ତେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମହିମା ଓ ପ୍ରତାପକୁ ସ୍ୱୀକାର କରି ଆସିଛନ୍ତି" (ସୁର୍‌ମା ଚଶ୍‌ମା ଆର୍‌ୟା, ରୁହାନି ଖଜାଏନ୍, ଖଣ୍ଡ-୨, ପୃଷ୍ଠା- ୨୭୭-୨୮୦ ହାଶିୟାଃ)

ପୁଣି ଯେଉଁଭଳି ଖୁଦା ହେଉଛନ୍ତି ଏକ ଓ ଅଦ୍ୱିତୀୟ ଉପାସନାର ଅଧିକାରୀ ସେହିପରି ଆମ ରସୁଲ୍ ମଧ ସ୍ୱତନ୍ତ୍ର ଓ ଅନୁସରଣୀୟ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକରେ ଲେଖୁଛନ୍ତି । ତାହାର ଆରବୀ ବାକ୍ୟ ନିମ୍ନରେ ଦିଆଯାଉଛି ।

''اَمَّا بَعْدُ فَيَقُوْلُ عَبْدُ اللهِ الْاَحَدِ اَحْمَدُ عَافَاهُ اللهُ وَاَيَّدَ ...... وَمَا فَهَّمَنِيْ اِلَّا
رَبِّيْ الَّذِيْ هُوَ خَيْرُ الْمُفَهِّمِيْنَ ...... وَعَلَّمَنِيْ فَاَحْسَنَ تَعْلِيْمِيْ ...... وَاَوْحٰى اِلَيَّ اَنَّ
الدِّيْنَ هُوَ الْاِسْلَامُ وَاَنَّ الرَّسُوْلَ هُوَ الْمُصْطَفٰى، اَلسَّيِّدُ الْاِمَامُ، رَسُوْلٌ اُمِّيٌّ
اَمِيْنٌ. فَكَمَا اَنَّ رَبَّنَا اَحَدٌ يَسْتَحِقُّ الْعِبَادَةَ وَحْدَهٗ، فَكَذٰلِكَ رَسُوْلُنَا الْمُطَاعُ
وَاحِدٌ لَا نَبِيَّ بَعْدَهٗ، وَلَا شَرِيْكَ مَعَهٗ، وَاَنَّهٗ خَاتَمُ النَّبِيِّيْنَ.''

ଅନୁବାଦ ହେଉଛି ଏପରି "ଏହାପରେ ଏକ ଅଦ୍ୱିତୀୟ ଖୁଦାଙ୍କ ଭକ୍ତ ଅହ୍‌ମଦ୍ କହୁଛନ୍ତି (ଖୁଦା ତାଙ୍କୁ କୁଶଳରେ ରଖନ୍ତୁ ଓ ସାହାଯ୍ୟ କରନ୍ତୁ)......... ଯେ ଖୁଦାଙ୍କ ବ୍ୟତୀତ ମୋତେ ଆଉ କେହି ବୁଝାଇନାହାଁନ୍ତି ଏବଂ ସେ ସମସ୍ତ ବୁଝାଇବା ବାଲାଙ୍କ ମଧରେ ଉତମ ଅଟନ୍ତି ।...... ଓ ସେ ମୋତେ ଶିଖାଇଛନ୍ତି ଏବଂ ବହୁତ ଉତମ ରୂପେ ଶିଖାଇଲେ ।...... ଏବଂ ମୋତେ ଏଲ୍‌ହାମ୍ (ଅର୍ଥାତ୍ ସ୍ୱର୍ଗବାଣୀ) କଲା ଯେ ଅଲ୍ଲାଃଙ୍କ ଧର୍ମ ହେଉଛି ଇସ୍‌ଲାମ୍ ଏବଂ ସଚ୍ଚା ରସୁଲ୍ ସ:ଆ:ସ ହେଉଛନ୍ତି ଇମାମ ମାନଙ୍କ ସର୍ଦ୍ଦାର୍ ଯିଏ ହେଉଛନ୍ତି ରସୁଲେ ଉମ୍ମି ଅମିନ୍ (ଅର୍ଥାତ୍ ବିଶ୍ୱସନୀୟ ନୀରକ୍ଷର ରସୁଲ) । ସୁତରାଂ ଯେପରି ଉପାସନା କେବଳ ଖୁଦାଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ସେ ଏକ ଓ ଅଦ୍ୱିତୀୟ ସେହିପରି ଆମ ରସୁଲ ଏ କଥାରେ ଏକ ଅଟନ୍ତି ଯେ ତାହାଙ୍କର ପଦାଙ୍କ ଅନୁସରଣ କରାଯାଉ ଓ ଏକଥାରେ ସ୍ୱତନ୍ତ୍ର ଯେ ସେ ହେଉଛନ୍ତି ଖାତମୁଲ୍ ଅମ୍ବିୟା (ଅର୍ଥାତ୍ ନବିଶିରୋମଣି) ।

***(ମିନନୁର, ରହ୍‌ମାନ୍, ରୁହନି ଖଜାଇନ୍, ଖଣ୍ଡ-୯, ପୃଷ୍ଠା-୧୫୬, ୧୫୭, ୧୬୧, ୧୬୪)***

ଏପରି ଯେଉଁ ଆରୋପ ଲଗାଉଛନ୍ତି ଯେ ଦାବି ପୂର୍ବରୁ କିଛି କହିଛନ୍ତି ଓ ଦାବୀ

ପରେ ଆଉକିଛି କହିଛନ୍ତି ବୋଲି । ତେବେ ଏହି ସମସ୍ତ ବାକ୍ୟ ତ ଦାବୀ କରିବା ପରେ ୧୮୯୫ ମସିହାରେ କହିଛନ୍ତି । ମନୁଷ୍ୟର ସମସ୍ତ ସୁଗୁଣକୁ ନିଜ ଜୀବନ ମାଧ୍ୟମରେ ନମୁନା ରୂପେ ଦେଖାଇଥିବା ବ୍ୟକ୍ତିତ୍ୱ ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ବ୍ୟକ୍ତିତ୍ୱ, ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି :-

ମୋତେ ବତାଯାଇଛି ଯେ ସବୁ ଧର୍ମମାନଙ୍କ ମଧ୍ୟରେ ଇସ୍‌ଲାମ୍ ଧର୍ମ ହେଉଛି ସତ୍ୟ । ମୋତେ କୁହାଯାଇଛି ଯେ ସମସ୍ତ ମାର୍ଗଦର୍ଶକଙ୍କ ମଧ୍ୟରେ କେବଳ ପବିତ୍ର କୋରାନ୍‌ର ମାର୍ଗଦର୍ଶନ ହିଁ ସମ୍ପୂର୍ଣ୍ଣ ରୂପେ ଠିକ୍ ଓ ତାହା ମନୁଷ୍ୟଗତ ଅପମିଶ୍ରଣରୁ ପବିତ୍ର । ମୋତେ ବୁଝାଇ ଦିଆଯାଇଅଛି କି ସମସ୍ତ ରସୁଲ୍‌ମାନଙ୍କ ମଧ୍ୟରେ ପୂର୍ଣ୍ଣ ଶିକ୍ଷା ପ୍ରଦାନକାରୀ, ଉଚ୍ଚ ସ୍ତରର ପବିତ୍ର (ଜ୍ଞାନ), ବୌଦ୍ଧିକ ଜ୍ଞାନ ପ୍ରଦାନକାରୀ, ମନୁଷ୍ୟର ସମସ୍ତ ସୁଗୁଣକୁ ନିଜ ଜୀବନରେ ଉଚ୍ଚ ସ୍ତରରେ ପହଂଚାଇବାର ଉତମ ଆଦର୍ଶ ଦେଖାଇବାବାଲା ହେଉଛନ୍ତି କେବଳ ହଜ୍‌ରତ୍ ସୟଦ୍ ୱ ମୌଲା ମୁହମ୍ମଦ୍ ମୁସ୍ତଫା ସ:ଆ:ସ" । (ଅର୍‌ବଇନ୍ ନଂ-୧, ରୁହାନି ଖଜାଇନ୍, ଖଣ୍ଡ-୧୭, ପୃଷ୍ଠା-୩୪୫)

ଆପଣ ଆ:ସ କହୁଛନ୍ତି: "ଏବେ କେଉଁଠି ଅଛନ୍ତି ସେହି ପାଦ୍ରୀ ସାହେବମାନେ, ଯେଉଁମାନେ ଏକଥା କହୁଥିଲେ ଯେ ନଉଜୁବିଲ୍ଲାଃ ହଜ୍‌ରତ୍ ସୟଦ୍‌ନା ୱ ସୟଦୁଲ୍ ୱରା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଠାରୁ କୌଣସି ପେଶ୍‌ଗୋଇ (ଭବିଷ୍ୟବାଣୀ) ବା ଆଉ କୌଣସି ଐଶି ନିଦର୍ଶନ ପରିପ୍ରକାଶ ହୋଇନାହିଁ । ମୁଁ ସତ୍ୟ କହୁଅଛି ଯେ ପୃଥିବୀରେ ସେହି ଜଣେ ପୁର୍ଣ୍ଣମାନବ ଥିଲେ ଯାହାଙ୍କ ଭବିଷ୍ୟବାଣୀ ଓ ପ୍ରାର୍ଥନାଗୁଡିକ ପୂରଣ ହେବା ଓ ଅନ୍ୟାନ୍ୟ ଐଶି ନିଦର୍ଶନ ପରିପ୍ରକାଶ ହେବା ଏପରି ଏକ ବିଷୟ ଯାହା ଏ ପର୍ଯ୍ୟନ୍ତ ଏ ସମ୍ପ୍ରଦାୟର ସଚ୍ଚା ଅନୁଗାମୀମାନଙ୍କ ଜରିଆରେ ନଦୀ ସଦୃଶ ଲହଡି ମାରୁଛି" । ଆପଣ ଆ:ସ ସବୁଧର୍ମକୁ ଆହ୍ୱାନ କରିଛନ୍ତି । ଆପଣ ଆ:ସ କହୁଛନ୍ତି "ଇସ୍‌ଲାମ୍‌କୁ ବାଦ୍ ଦେଲେ ଏପରି ଧର୍ମ କେଉଁଠି ଅଛି ଯିଏ ଏପରି ଗୁଣ ଓ ଶକ୍ତି ନିଜ ଭିତରେ ରଖିଥିବ ଓ ଏପରି ଲୋକ କେଉଁଠି ଓ କେଉଁ ଦେଶରେ ରହୁଛନ୍ତି ଯେଉଁମାନେ ଇସ୍‌ଲାମୀୟ ବୈଭବ ଓ ନିଦର୍ଶନର ମୁକାବିଲା କରିପାରିବେ ?

ଆଜି ମଧ୍ୟ ଯଦି ନିଦର୍ଶନ ଦେଖିବାକୁ ହୁଏ ତେବେ କେବଳ ହିଁ କେବଳ ଇସ୍‌ଲାମ୍‌ରେ ହିଁ ସେହି ନିଦର୍ଶନ ଦୃଷ୍ଟିଗୋଚର ହୋଇପାରିବ । ସେହି ଲୋକମାନଙ୍କ ମଧ୍ୟରେ ଦୃଷ୍ଟିଗୋଚର ହୋଇପାରିବ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ବାସ୍ତବିକ ଅନୁଗାମୀ । ପୁଣି ଆପଣ ଆ:ସ କହୁଛନ୍ତି:-

"ମାନବଜାତି ନିମନ୍ତେ ବର୍ତମାନ ଭୁପୃଷ୍ଠରେ କୌଣସି ପୁସ୍ତକ ନାହିଁ କିନ୍ତୁ ପବିତ୍ର କୋରାନ୍ ଏବଂ ଆଦମ୍‌ର ସମସ୍ତ ସନ୍ତାନ ନିମନ୍ତେ ବର୍ତମାନ କୌଣସି ରସୁଲ୍ ଓ କ୍ଷମା ପ୍ରାର୍ଥନାକାରୀ ନାହାଁନ୍ତି କିନ୍ତୁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ । ସୁତରାଂ ତୁମେ ଚେଷ୍ଟା କର ଯେ ବାସ୍ତବିକ ପ୍ରେମ ଏହି ପ୍ରତାପି ନବୀଙ୍କ ସହିତ ସ୍ଥାପନ କରିବାକୁ, ତାହାଙ୍କ ବ୍ୟତୀତ ଅନ୍ୟ କାହାରିକୁ ଏପରି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ଦିଅନାହିଁ, ତେବେଯାଇ ତୁମେ ଆକାଶତଳେ ମୋକ୍ଷ ପ୍ରାପ୍ତକାରୀ ରୂପେ ଅଭିହିତ ହେବ । ମନେରଖ ମୋକ୍ଷ ତାହାନୁହେଁ ଯାହା ମରିଯିବା ପରେ ମିଳିଥାଏ ବରଂ ପ୍ରକୃତ ମୋକ୍ଷ ପ୍ରାପ୍ତକାରୀ ହେଉଛି ସେ ଯିଏ ଏହି ସଂସାରରେ ନିଜ ପ୍ରକାଶ୍ୟ ଦେଖାଇଥାଏ । ମୋକ୍ଷ ପ୍ରାପ୍ତକାରୀ କିଏ ? ସେ ଯେ ବିଶ୍ୱାସ ରଖିଥାଏ କି ଅଲ୍ଲାଃ ହିଁ ଏକମାତ୍ର ସତ୍ୟ ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଲ୍ଲାଃ ଓ ତାହାଙ୍କ ମଧ୍ୟରେ ଏକମାତ୍ର କ୍ଷମା ପ୍ରାର୍ଥନାକାରୀ । ଆକାଶତଳେ ନା ତାହାଙ୍କ ସମତୁଲ୍ୟ କୌଣସି ଅବତାର ଅଛନ୍ତି ନା ପବିତ୍ର କୋରାନ୍ ସମତୁଲ୍ୟ କୌଣସି ପୁସ୍ତକ ରହଛି । କାହା ପାଇଁ ଅଲ୍ଲା ପସନ୍ଦ କଲେନାହିଁ ଯେ ସେ ଚିରକାଳ ପାଇଁ ଜିବୀତ ରହିବ କିନ୍ତୁ ଏହି ନିର୍ବାଚିତ ସର୍ବଶ୍ରେଷ୍ଠ ନବୀ ଚିରକାଳ ପାଇଁ ଜୀବିତ ଅଛନ୍ତି ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୩-୧୪)*

ମୁସା ସେହି (ଆଧ୍ୟାତ୍ମିକ) ସମ୍ପତିକୁ ଲଭିଲେ ଯାହାକୁ ତାଙ୍କ ପୂର୍ବବର୍ତୀ କାଳର ଲୋକମାନେ ହରାଇ ବସିଥିଲେ ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସେହି (ଆଧ୍ୟାତ୍ମିକ) ସମ୍ପତି ଲଭିଲେ ଯାହାକୁ ମୁସାଙ୍କ ସମ୍ପ୍ରଦାୟ ହରାଇ ବସିଥିଲା । ଏବେ ମୁହମ୍ମଦ୍‌ଙ୍କ ସମ୍ପ୍ରଦାୟ ମୁସାଙ୍କ ସମ୍ପ୍ରଦାୟର ସ୍ଥାନରେ ଦଣ୍ଡାୟମାନ କିନ୍ତୁ ପଦମର୍ଯ୍ୟାଦା (ଓ ବୈଭବରେ) ହଜାର ଗୁଣା ଅଧିକା" ।

(କଶ୍‌ତି ନୁହ୍, ରୁହାନି ଖଜାଇନ୍, ଖଣ୍ଡ-୧୯, ପୃଷ୍ଠା- ୧୩-୧୪)

ଆପଣ ଆ:ସ କହୁଛନ୍ତି ଆମେ ଖୁଦାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜରିଆରେ ପାଇଛୁ । ଆପଣ ଆ:ସ କହୁଛନ୍ତି:-

"ସେହି ସର୍ବଶକ୍ତିମାନ ସଚ୍ଚା ଏବଂ ପୂର୍ଣ୍ଣ ଇଶ୍ୱରକୁ ଆମର ଆତ୍ମା ଓ ଆମର ଅଣୁ ଅଣୁ ସଜ୍‌ଦାଃ କରୁଅଛି ଯାହାଙ୍କ ହାତରେ ସମଗ୍ର ପାଣୀଜଗତର ପ୍ରତ୍ୟେକ ଆତ୍ମା ଓ ପ୍ରତ୍ୟେକ ଅଣୁ ନିଜର ସକଳ ଶକ୍ତି ସହିତ ପରିପ୍ରକାଶ ହେଲା ଓ ଯାହାଙ୍କ ଅସ୍ତିତ୍ୱରୁ ସକଳ ଅସ୍ତିତ୍ୱ ପ୍ରତିଷ୍ଠିତ । କୌଣସି ବସ୍ତୁ ତାହାଙ୍କ ଜ୍ଞାନର ବହିର୍ଭୁତ ନୁହେଁ କି ତାହାଙ୍କ ଆୟତରେ ବହିର୍ଭୁତ ନୁହେଁ ନା ତାହାଙ୍କ ସୃଷ୍ଟିରୁ । ହଜାର ହଜାର ଦରୁଦ, ସଲାମ୍, ରହ୍‌ମତ୍ ଏବଂ ବର୍‌କତ୍ ସେହି ପବିତ୍ର ନବି ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହେଉ ଯାହାଙ୍କ ଜରିଆରେ ଆମେ ସେହି ଜୀବନ୍ତ ଇଶ୍ୱରଙ୍କୁ ପାଇଅଛୁ ଯିଏ ସ୍ୱୟଂ ବାର୍ତାଳାପ କରି ନିଜ ଅସ୍ତିତ୍ୱର ନିଶାନ୍ (ଅର୍ଥାତ୍ ଚିହ୍ନ)କୁ ନିଜେ ଦେଇଥାନ୍ତି ଏବଂ ସ୍ୱୟଂ ଐଶି ନିଦର୍ଶନ ପ୍ରଦର୍ଶନ କରି ନିଜର ପୂରାତନ ଓ ପୂର୍ଣ୍ଣ ଶକ୍ତିର ଜାଜଲ୍ୟମାନ ରୂପ ଆମକୁ ଦେଖାଇଥାନ୍ତି, ସୁତରାଂ ଆମେ ଏପରି ଇଶ୍ୱରକୁ ପାଇଛୁ ଯିଏ ନିଜର ସମ୍ପୂର୍ଣ୍ଣ ଶକ୍ତି ଦ୍ୱାରା ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି । ତାହାଙ୍କ ଶକ୍ତି ନିଜ ମଧ୍ୟରେ (ମହାନ ଓ) ବୈଭବପୂର୍ଣ୍ଣ ଯାହାଙ୍କ ବିନା କୌଣସି ବସ୍ତୁ ଅସ୍ତିତ୍ୱର ରୂପ ଧାରଣ କରିପାରି ନାହିଁ । ଯାହାଙ୍କ ସାହାରା ବିନା କୌଣସି ବସ୍ତୁ କାଏମ୍ (ଅର୍ଥାତ୍ ପ୍ରତିଷ୍ଠିତ) ରହିପାରେନାହିଁ । ସେ ଆମର ଅସୁମାରୀ ବୈଭବପୂର୍ଣ୍ଣ ସଚ୍ଚା ଇଶ୍ୱର ଏବଂ ଅସୁମାରୀ ଶକ୍ତି, ଅସୁମାରୀ ସୌନ୍ଦର୍ଯ୍ୟ ଏବଂ ଅସୁମାରୀ ଅନୁଗ୍ରହ ପ୍ରଦାନକାରୀ । ତାହାଙ୍କ ବ୍ୟତୀତ ଅନ୍ୟ କୌଣସି ଇଶ୍ୱର ନାହାଁନ୍ତି ।

(ନସିମେ ଦାୱତ, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୬୩)

ମୋତେ ଯାହାକିଛି ମିଳିଛି ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗ୍ରହରୁ ମିଳିଛି । ଏକଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

"ମୁଁ ତାଙ୍କର" ଅର୍ଥାତ୍ ଅଲ୍ଲାଃଙ୍କର ରାଣ ଖାଇ କହୁଛି ଯିଏ ଇବ୍ରାହିମ୍ ଆ:ସଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନ କରିଛନ୍ତି ଓ ପୁଣି ଇସ୍‌ହାକ୍ ଆ:ସ, ଇସ୍‌ମାଇଲ୍ ଆ:ସ ଓ ୟୁସୁଫ୍ ଆ:ସ, ମୁସା ଆ:ସ ଓ ମସିହ୍ ଇବ୍‌ନେ ମରିୟମ୍ ଆ:ସ ଓ ସମସ୍ତଙ୍କ ପରେ ଆମ ନବି ସ:ଆ:ସଙ୍କ ସହିତ ଏପରି ବାର୍ତାଳାପ କଲେ ଫଳତଃ ଆପଣ ସ:ଆ:ସଙ୍କ ଉପରେ ସବୁଠାରୁ ଅଧିକା ଆଲୋକିତ ଓ ପବିତ୍ର ୱହି (ସ୍ୱର୍ଗବାଣୀ) ଅବତୀର୍ଣ୍ଣ କଲେ ସେହିପରି ସେ ମତେ ମଧ୍ୟ ନିଜର ବାର୍ତାଳାପ ଓ ସେମ୍ବୋଧନ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ଏ ସୌଭାଗ୍ୟ ମୋତେ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦାଙ୍କ ଅନୁସରଣ କରିବା ଯୋଗୁଁ ମିଳିଛି । ଯଦି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉମ୍ମତ୍ ଅର୍ଥାତ୍ ସମ୍ପ୍ରଦାୟର ନ ହୋଇଥାନ୍ତି ଓ ଆପଣ ସ:ଆ:ସଙ୍କୁ ଅନୁସରଣ ନ କରିଥାନ୍ତି ଓ ଯଦି ପୃଥିବୀର ସମସ୍ତ ପାହାଡ, ପର୍ବତ ସମ ମୋର କର୍ମ ହୋଇଥାନ୍ତା ତେବେ ମଧ୍ୟ ମୁଁ କଦାପି ଏପରି ଇଶ୍ୱରଙ୍କ ସମ୍ବୋଧନ ଓ (ତାହାଙ୍କ) ସହିତ ବାର୍ତାଳାପ କରିବାର ସୌଭାଗ୍ୟ ପାଇପାରିନଥାନ୍ତି କାରଣ ଏବେ ମୁହମ୍ମଦି ନବୁୱତ୍ (ଅର୍ଥାତ୍ ମୁହମ୍ମଦ୍ ସ:ଆ:ସଙ୍କ ସମ୍ପ୍ରଦାୟରେ ପ୍ରଚଳିତ ହେବାକୁ ଥିବା ନବୁୱତ୍) ବ୍ୟତୀତ ବାକି ସମସ୍ତ ନବୁୱତ୍ ବନ୍ଦ୍ ଅଛି । ଶରୀୟତ୍ ଆଣିଥିବା ନବୀ ଏବେ କେହି ଆସିପାରିବେ ନାହିଁ ଓ ବିନା ଶରୀୟତ୍‌ରେ ନବୀ ମଧ୍ୟ ହୋଇପାରିବ ନାହିଁ କିନ୍ତୁ ସେ (ହୋଇପାରିବ) ଯିଏ ପୂର୍ବରୁ ଉମ୍ମତି (ଅର୍ଥାତ୍ ଶରୀୟତ୍ ଆଣିଥିବା ନବୀଙ୍କ ଅନୁଗାମୀ) ହୋଇଥିବ ।

(ତଜଲ୍ଲିୟାତେ ଇଲାହିୟା, ରୁହାନି ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୪୧୧-୪୧୨)

ପୁଣି ଆପଣ ଆ:ସ କହୁଛନ୍ତି- "ମୁଁ ମୋର ସତ୍ୟ ଓ ପୂର୍ଣ୍ଣ ଜ୍ଞାନ ଦ୍ୱାରା ଜାଣିଅଛି ଯେ କୌଣସି ବ୍ୟକ୍ତି ସେହି ନବୀ ସ:ଆ:ସଙ୍କ ବିନା ଅନୁସରଣରେ ଖୁଦାଙ୍କ ନିକଟରେ ପହଂଚିପାରିବ ନାହିଁ ଓ ନା ସେ ପୂର୍ଣ୍ଣ ଜ୍ଞାନର ଭାଗିଦାରୀ ହୋଇପାରିବ । ଏଠାରେ ମୁଁ ଏକଥା ମଧ୍ୟ ବତାଇ ଦେବାକୁ ଚାହୁଁଛି ଯେ ତାହା କ'ଣ ? ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟ ଓ ପୂର୍ଣ୍ଣ ଅନୁସରଣରେ ସର୍ବପ୍ରଥମେ ହୃଦୟ ଭିତରେ ସୃଷ୍ଟି ହୋଇଥାଏ । ସୁତରାଂ ମନେରଖ ଯେ ତାହା ହେଉଛି ଆତ୍ମାଶୁଦ୍ଧି ଅର୍ଥାତ୍ ମନ ଭିତରୁ ସଂସାରର ମାୟା ବିଲ୍‌କୁଲ୍ ଅପସରି ଯାଇଥାଏ । ଓ ମନ ଏକପ୍ରକାରର ଶାସ୍ୱତ ଓ ଅବିନାଶ ଆନନ୍ଦକୁ ଚାହିଁଥାଏ । ପୁଣି ତା'ପରେ ଏହି ଶୁଦ୍ଧାତ୍ମା ଯୋଗୁ ଏକ ସ୍ୱଷ୍ଟ ଐଶ୍ୱରିକ ପ୍ରେମ ହାସଲ ହୋଇଥାଏ । ଏହି ସମସ୍ତ ନେମତ୍ (ଅର୍ଥାତ୍ ଆଧ୍ୟାତ୍ମିକ ପୁରସ୍କାର) ଆଁ ହଜ୍‌ରତ ସ:ଆ:ସଙ୍କ ଅନୁସରଣ ଦ୍ୱାରା ଉତରାଧିକାରୀ ରୂପେ ମିଳିଥାଏ । ଯେପରି ଅଲ୍ଲାଃତାଲା ସ୍ୱୟଂ କହୁଛନ୍ତି:- ***କୁଲ୍ ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ*** *(ଆଲେ ଇମ୍‌ରାନ୍:୩୨)* ଅର୍ଥାତ୍ ତୁମେ ସେମାନଙ୍କ କହିଦିଅ (ହେ ଲୋକମାନେ !) ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଓ ତେବେ ଆସ ମୋ ଅନୁସରଣ କର । ଯଦ୍ୱାରା ଅଲ୍ଲାଃ ମଧ୍ୟ ତୁମକୁ ପ୍ରେମ କରିବେ" । (ହକିକତୁଲ୍ ୱହି, ରୁହାନି ଖଜାଇନ୍, ଖଣ୍ଡ-୨୨, ପୃଷ୍ଠା-୬୪-୬୫)

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମ କରିବା ଓ (ତାଙ୍କର ପୁର୍ଣ୍ଣ) ଅନୁସରଣ ମନୁଷ୍ୟକୁ ଖୁଦାଙ୍କ ପ୍ରିୟପାତ୍ର କରିଦିଏ । ଏ ସମ୍ବନ୍ଧରେ ପୁଣି କହୁଛନ୍ତି କି "ଅଲ୍ଲାଃତାଲା ତା ଭଲପାଇବାର ସର୍ତକୁ ଏପରି ଅନୁବନ୍ଧିତ କରିଛି ଯେ (ଯଦି କୌଣସି ବ୍ୟକ୍ତି ତାକୁ ଭଲ ପାଇବାକୁ ଚାହେଁ) ତେବେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନୁସରଣ କରୁ ।"

ଜଣେ ଲୋକର ଅଭିଯୋଗର ଉତର ଦେଇ ଆପଣ ଆ:ସ ଏକଥା କହିଛନ୍ତି କି "ଯଦି କେହି ଏକଥା କହେ ଯେ ସତ୍‌କର୍ମ ସମ୍ପାଦନ କରିବା ହେଉଛି ତ ଅସଲ ଉଦ୍ଦେଶ୍ୟ, ତେବେ ପୁଣି ମୋକ୍ଷପ୍ରାପ୍ତ ଓ ଗ୍ରହଣୀୟ ହେବାପାଇଁ ଅନୁସରଣ କରିବାର କ'ଣ ଆବଶ୍ୟକ ଅଛି ? ଏହାର ଉତର ହେଉଛି ଏହା ଯେ ସତ୍‌କର୍ମ କରିବା ହେଉଛି

ଇଶ୍ୱରଙ୍କ କୃପା ଉପରେ ଆଧାରିତ । ସୁତରାଂ ଯେତେବେଳେ ଖୁଦାତାଲା ଜଣକୁ ନିଜର ମହାନ ଉଦ୍ଦେଶ୍ୟ ସାଧନପାଇଁ ଇମାମ ଏବଂ ରସୁଲ୍ ରୂପେ ନିୟୋଜିତ କରିଛନ୍ତି ଓ ତାଙ୍କୁ ଅନୁସରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତେବେ ଯେଉଁ ବ୍ୟକ୍ତି ଏହି ନିର୍ଦ୍ଦେଶକୁ ପାଇ ଅନୁସରଣ କରୁନାହିଁ ତାକୁ ସତ୍‌କର୍ମ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରାଯିବ ନାହିଁ ।" ଅଲ୍ଲାଃଙ୍କ ଦ୍ୱାରା ପ୍ରେରିତ ଦୂତଙ୍କ ଅନୁସରଣ କରିବା ଅତ୍ୟନ୍ତ ଜରୁରୀ କେବଳ ନିଜର କର୍ମ ହିଁ କାର୍ଯ୍ୟରେ ଆସେନାହିଁ, ଆଁ ହଜ୍‌ରତ୍‌ଙ୍କୁ ଅନୁସରଣ କରିବା ହିଁ ହେଉଛି ସବୁଠାରୁ ବଡ ।

ପୁଣି କହୁଛନ୍ତି:- "ସୁତରାଂ ମୋର ନିଜସ୍ୱ ଅନୁଭବ ଏହା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସହୃଦୟତାର ସହ ଅନୁସରଣ କରିବା ଓ ଆପଣ ସ:ଆ:ସଙ୍କ ସହିତ ଥିବା ପ୍ରେମଭାବ ପରିଶେଷରେ ମନୁଷ୍ୟକୁ ଇଶ୍ୱରଙ୍କ ପ୍ରିୟପାତ୍ର ବନାଇଦିଏ । ଏପରିକି ନିଜେ ତା ହୃଦୟରେ ଅଲ୍ଲାଃଙ୍କ ପ୍ରେମର ଏକ ତାପ / ଜ୍ୱଳନ ସୃଷ୍ଟି କରିଦିଏ । ତେବେ ଯାଇ ଏପରି ବ୍ୟକ୍ତି ସମସ୍ତ ବସ୍ତୁଠାରୁ ମୁହଁ ଫେରାଇ ନେଇ ଖୁଦାଙ୍କ ଆଡକୁ ଢ଼ଳିଯାଏ । ତାର ପ୍ରେମ ଓ ସଉକ କେବଳ ଖୁଦାଙ୍କଠାରେ ବାକି ରହିଯାଏ । ଫଳତଃ ଐଶ୍ୱରିକ ପ୍ରେମର ଏକ ବିଶେଷ ଆଲୋକ ତା ଉପରେ ପଡ଼ିଥାଏ ଓ ତାକୁ ଅନୁରାଗରେ ପରିପୂର୍ଣ୍ଣ ପ୍ରେମଭାବ ପ୍ରଦାନ କରି ଶକ୍ତିଶାଳୀ ଉତ୍ସାହ ସହିତ ନିଜ ଆଡକୁ ଟାଣିନିଏ । ତେବେ ଯାଇ ସେ ନିଜ ମନର ଇନ୍ଦ୍ରିୟ ଉପରେ ବିଜୟ ପାଇଥାଏ ଓ ତା'ର ସାହାଯ୍ୟ ସହଯୋଗରେ ପ୍ରତିକ୍ଷେତ୍ରରୁ ଖୁଦାତାଲାଙ୍କ ଐଶି ଚମତ୍କାରିତା ନିଦର୍ଶନ ରୂପେ ପରିପ୍ରକାଶ ହୋଇଥାଏ ।" (ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୬୭-୬୮, ହାଶିୟା ସହିତ)

ପୁଣି କହୁଛନ୍ତି ଯେ- ଆଁ ହଜ୍‌ରତ୍ ସ:ଆ:ସଙ୍କ ଧ୍ୟାନ ଏପରି କି ସେ ନବୀ ବନାଏ । ଆପଣ ଆ:ସ କହୁଛନ୍ତି କି "ମହିମାମୟ ଅଲ୍ଲାଃ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମ୍ (ଅର୍ଥାତ୍ ଶ୍ରେଷ୍ଠତ୍ୱ)ର ଅଧିକାରୀ ବନାଇଲେ । ଅର୍ଥାତ୍ ଆପଣ ସ:ଆ:ସଙ୍କୁ ପୂର୍ଣ୍ଣ ବୈଭବର ମୋହର ଦେଲେ ଯାହା ଅନ୍ୟ କୌଣସି ନବୀଙ୍କୁ କଦାପି ଦିଆଯାଇନାହିଁ । ସେଇଥିପାଇଁ ଆପଣଙ୍କ ନାମ ଖାତମୁନ୍ ନବୀଇନ୍ ହେଲା ଅର୍ଥାତ୍ ଆପଣଙ୍କ ଅନୁସରଣ ନବୁଓ୍ୱତ୍‌ର ପୂର୍ଣ୍ଣତା / ବିଶେଷତା ପ୍ରଦାନ କରିଥାଏ ଓ ଆପଣଙ୍କର ଧ୍ୟାନ ଆଧାତ୍ମିକ ନବୀର ସୃଷ୍ଟିକାରୀ । ଏହି ପବିତ୍ର ଶକ୍ତି ଅନ୍ୟ କୌଣସି ନବୀଙ୍କୁ ମିଳିନାହିଁ । ଏହି ହଦିସ୍‌ଟିରେ ସେହି ଅର୍ଥ ରହିଛି । ***ୱୁଲମାଉ ଉମ୍ମତି କଅମ୍ବିୟାଇ ବନି ଇସ୍‌ରାଇଲ୍ ।*** ଅର୍ଥାତ୍ ମୋ ଉମ୍ମତ୍‌ର ୱୁଲେମା ବନି ଇସ୍‌ରାଇଲ୍‌ର ନବୀଙ୍କ ପରି ହେବେ । ଯଦିଚ ବନି ଇସ୍‌ରାଇଲ୍‌ରେ ବହୁତ ନବୀ ଆସିଛନ୍ତି କିନ୍ତୁ (ଏହା ସତ୍ତ୍ୱେ ମଧ୍ୟ) ତାଙ୍କ ନବୁଓ୍ୱତ୍ ମୁସା (ଆ:ସ)ଙ୍କ ଅନୁସରଣର ଫଳ ନଥିଲା । ବରଂ ସେହି ନବୁଓ୍ୱତ୍ ସିଧାସଳଖ ଭାବେ ଖୁଦାତାଲାଙ୍କ ତରଫରୁ ଏକ ଅନୁଗ୍ରହ ଥିଲା । ହଜ୍‌ରତ୍ ମୁସାଙ୍କ ଅନୁସରଣ ଏଥିରେ ଅଣୁମାତ୍ରାରେ ମଧ୍ୟ ଦଖଲ ନଥିଲା ।" (ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୦୦ ହାଶିୟା)

ସୁତରାଂ ମୁଁ ଏବେ ୱୁଲେମାମାନଙ୍କୁ କହୁଛି ଯେ ହେ ତଥାକଥିତ ୱୁଲେମାଗଣ ! ଚିନ୍ତାକର ଓ ଭାବ ଓ ବିବେଚନା କର ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱକୁ ନବୀ ସୃଷ୍ଟିକାରୀର ପଦମର୍ଯ୍ୟାଦା ଦେବାରେ ଆପଣ ସ:ଆ:ସଙ୍କ ସମ୍ମାନ ବଢ଼ିଥାଏ ବା କମିଥାଏ ? କିନ୍ତୁ ତୁମେମାନେ ଆ ଉପରେ ଚିନ୍ତା କରିବ ନାହିଁ କାରଣ ସାଂସାରିକ ଲାଭ ଏଥିରୁ ପ୍ରଭାବିତ ହୋଇଥାଏ । କିନ୍ତୁ ଆମ୍ଭେ ପୂର୍ଣ୍ଣ ବିଶ୍ୱାସର ସହିତ କହିପାରିବୁ ଯେ ଆମକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଚ୍ଚତମ ପଦମର୍ଯ୍ୟାଦା ଓ ଉଚ୍ଚତମ ସ୍ଥାନ ପ୍ରାପ୍ତି ବିଷୟରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ଜଣାଇଛନ୍ତି । ତେଣୁ ପ୍ରତ୍ୟେକ ଅହେମଦୀ ବିଶେଷତଃ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ଏବଂ ସଲାମ୍ ପ୍ରେରଣ କରିବାକୁ ଧାର୍ଯ୍ୟ କର୍ତ୍ତବ୍ୟ ରୂପେ ଧରିନେଉ । ଯଦ୍ୱାରା ସେହି ସମସ୍ତ ବରକତ୍‌ରୁ ଆମେ ଲାଭବାନ ହୋଇପାରିବା ଯାହାସବୁ ଆପଣ ସ:ଆ:ସଙ୍କ ବାବରକତ୍ ଅସ୍ତିତ୍ୱ ସହିତ ସଚ୍ଚା ସମ୍ପର୍କ ରଖିବାରେ ନିହିତ ରହିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବାର ଗୁରୁତ୍ୱକୁ ଧ୍ୟାନ ଆକର୍ଷଣ କରାଇ କହୁଛନ୍ତି କି:-

"ଆମ ସୟଦ୍ ଏବଂ ମୌଲା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସତ୍ୟତା ଓ ଭକ୍ତିଭାବକୁ ଦେଖନ୍ତୁ । ଆପଣ ସ:ଆ:ସ ସମସ୍ତ ପ୍ରକାର କୁସଂସ୍କାରର ମୁକାବିଲା କଲେ । ଭଳି ଭଳିକା ଦୁଃଖ କଷ୍ଟ ଉଠାଇଲେ କିନ୍ତୁ ପରବାୟ କଲେନାହିଁ କାରଣ ସେହି ସତ୍ୟତା ଓ ଭକ୍ତିଭାବ ଥିଲା ଯେଉଁ କାରଣ ଯୋଗୁ ଅଲ୍ଲାଃତାଲା ଆପଣ ସ:ଆ:ସଙ୍କ ଉପରେ କୃପା କଲେ । ସେଇଥିପାଇଁ ତ ଅଲ୍ଲାଃତାଲା କହୁଛନ୍ତି ***ଇନ୍ନଲ୍ଲାହା ୱ ମଲାଇକତହୁ ୟୁସଲ୍ଲୁନା ଅଲନ୍ ନବିୟି ୟାଅୟୁହଲ୍ ଲଜିନା ଆମନୁ ସଲ୍ଲୁ ଆଲୈହି ୱସଲ୍ଲିମୁ ତସ୍‌ଲିମା*** *(ଅହ୍‌ଜାବ୍:୫୭)* ଅର୍ଥାତ୍ ଅଲ୍ଲାଃ ବାସ୍ତବରେ ଏହି ନବୀଙ୍କ ପ୍ରତି ନିଜର ଆଶିର୍ବାଦ ପ୍ରଦାନ କରିଛନ୍ତି । ଏବଂ ତାହାଙ୍କ ଦେବଦୂତ ମଧ୍ୟ, (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି (ଅଲ୍ଲାଃଙ୍କ) ଆଶିର୍ବାଦ ଭିକ୍ଷା କର (ଅର୍ଥାତ୍ ଦରୁଦ୍ ଶରିଫ୍ ପାଠ କର); ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନଯୋଗ ପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର ।"

ପୁଣି କହୁଛନ୍ତି ଯେ "ଉକ୍ତ ଆୟତରୁ ପ୍ରକାଶ ହେଉଛି କି ରସୁଲେ ଅକ୍‌ରମ୍ ସ:ଆ:ସଙ୍କ କର୍ମ ଏପରି ଥିଲା ଯେ ଅଲ୍ଲାଃତାଲା ତାଙ୍କର ପ୍ରଶଂସା ବା ବିଶେଷ ଗୁଣକୁ ସିମୀତ କରିବା ପାଇଁ କୌଣସି ଶବ୍ଦ ବିଶେଷ ରୂପେ ପ୍ରୟୋଗ କଲେନାହିଁ" ଅର୍ଥାତ୍ ସେ ସବୁକୁ ସିମୀତ କରି ରଖିଲେ ନାହିଁ । "ଶବ୍ଦ ତ ମିଳିପାରିଥାଆନ୍ତା କିନ୍ତୁ" ଅଲ୍ଲାଃତାଲା "ନିଜେ ବ୍ୟବହାର କଲେନାହିଁ । ଅର୍ଥାତ୍ ଆପଣ ସ:ଆ:ସଙ୍କ ସତ୍‌କର୍ମର ସଂଜ୍ଞା ଓ ପ୍ରଶଂସା ସୀମାଠାରୁ ବହିର୍ଭୁତ ଥିଲା ।" ଅଲ୍ଲାଃତାଲା ତା'ର ସୀମା ନିର୍ଦ୍ଧାରଣ କରିବାକୁ ଚାହୁଁ ନଥିଲେ । "ଏହି ପ୍ରକାରର ଆୟତ ଅନ୍ୟ କୌଣସି ନବୀଙ୍କ ସପକ୍ଷରେ ବ୍ୟବହାର କରିନାହାଁନ୍ତି ।" ପୁଣି କହୁଛନ୍ତି କି "ଆପଣ ସ:ଆ:ସଙ୍କ ଆତ୍ମାରେ ଏପରି ସଚ୍ଚା ପ୍ରେମ ଓ ସଚ୍ଚା ଭକ୍ତି ଥିଲା ଏବଂ ଆପଣ ସ:ଆ:ସଙ୍କ କର୍ମ ଖୁଦାଙ୍କ ଦୃଷ୍ଟିରେ ଏତେ ପସନ୍ଦଯୋଗ୍ୟ ଥିଲା ଯେ ସେଇଥିପାଇଁ ଅଲ୍ଲାଃତାଲା ସବୁବେଳ ପାଇଁ ଏ ନିର୍ଦ୍ଦେଶ ପ୍ରଦାନ କଲେ କି ଆସନ୍ତାକୁ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ପାଇଁ ଦରୁଦ୍ ପ୍ରେରଣ କରନ୍ତୁ ।" (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୭-୩୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଏକଥାକୁ ବର୍ଣ୍ଣନା କରି ଲେଖୁଛନ୍ତି ଯେ ଦରୁଦ୍ କେଉଁ ଉଦ୍ଦେଶ୍ୟରେ ପଢ଼ିବା ଉଚିତ୍, ଏ ସମ୍ବନ୍ଧରେ ଆପଣ ଆ:ସ କହୁଛନ୍ତି କି:-

"ଦରୁଦ୍ ଶରିଫ୍..... ଏ ଉଦ୍ଦେଶ୍ୟରେ ପଢ଼ିବା ଉଚିତ୍ କି ଯଦ୍ୱାରା କରୁଣାମୟ ଇଶ୍ୱର ନିଜର ପୂର୍ଣ୍ଣ ବୈଭବ ନିଜ ନବୀ କରିମ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ କରୁ ଏବଂ ତାଙ୍କୁ ସମଗ୍ର ବିଶ୍ୱ ପାଇଁ ସବୁ ବରକତ୍‌ର ଉତ୍ସ ବନାଇଦେଉ ଏବଂ ତା'ର ଶ୍ରେଷ୍ଠତ୍ୱ, ମହାନତା ଓ ବୈଭବକୁ ଇହକାଳରେ ଓ ପରକାଳରେ ପ୍ରକାଶ କରିଦେଉ । ଏ ଦୁଆ ପୂର୍ଣ୍ଣ ଉପସ୍ଥିତି ଓ ଉତ୍ସାହିତ ମନରେ ହେବା ଉଚିତ୍ ।" ଅର୍ଥାତ୍ ହୃଦୟ ଓ ମନ ଭିତରେ ଜୋସ୍ ରହିବା ଉଚିତ୍ । "ଯେପରି ଜଣେ ବିପତି ସମୟରେ ମଗ୍ନ ହୋଇ ଦୁଆ କରିଥାଏ ।" ବିଶେଷ ଧ୍ୟାନର ସହିତ ଦୁଆ କରିଥାଏ । "ବରଂ ତାହାଠାରୁ ମଧ୍ୟ ଅଧିକା ମଗ୍ନ ହୋଇ ନିବେଦନ ପୂର୍ବକ (ପ୍ରାର୍ଥନା) କରାଯାଉ । ଏବଂ (ସେଥିରେ) ନିଜର କିଛି ଅଭିଳାଷ ରଖିବା ଉଚିତ୍ ନୁହେଁ କି ଏହାଦ୍ୱାରା ମୋତେ ଏ ପୂଣ୍ୟ ମିଳିବ ବା ଏ ପଦମର୍ଯ୍ୟାଦା ମିଳିବ ବରଂ ସ୍ୱଚ୍ଛ ରୂପେ ଏ ଉଦ୍ଦେଶ୍ୟ ରହିବା ଉଚିତ୍ କି ଇଶ୍ୱରଙ୍କ ପୂର୍ଣ୍ଣ ବୈଭବ ହଜ୍‌ରତ୍ ରସୁଲେ ମକ୍‌ବୁଲ୍ (ସ:ଆ:ସ)ଙ୍କ ଉପରେ ଅବତୀର୍ଣ୍ଣ ହେଉ ଏବଂ ତାଙ୍କର ପ୍ରତାପ ଇହକାଳ ଓ ପରକାଳରେ ଚମକୁ ଓ ଏହି ଅର୍ଥ ଉପରେ ଦୃଢ଼ ସାହସ ରହିବା ଉଚିତ୍ ଓ ଦିନରାତି ଅହରହ ଧ୍ୟାନ ରହିବା ଉଚିତ୍ ଏପରିକି ଏହାଠାରୁ ଅଧିକ କିଛି ଅଭିଳାଷା ମନଭିତରେ ନ ରହୁ ।" (ମକ୍‌ତୁବାତେ ଅହେମଦ୍, ଖଣ୍ଡ-୧, ପୃଷ୍ଠା-୫୨୩, ମକ୍‌ତୁବ୍ ବନାମ ମିର୍ ଅବାସ ଅଲି ସାହେବ୍, ମକ୍‌ତୁବ୍ ନମ୍ବର୍-୧୦)

ପୁଣି ଆମକୁ ଦରୁଦ୍ ଶରିଫ୍ ପଢ଼ିବା ନିମନ୍ତେ ଉପଦେଶ ଦେଇ ଆପଣ ଆ:ସ କହୁଛନ୍ତି କି:- "ଦରୁଦ ଶରିଫ୍.... ବହୁମାତ୍ରାରେ ପାଠକର । କିନ୍ତୁ ନା ତ ଏହା ପ୍ରଥା ଓ ଅଭ୍ୟାସ ରୂପେ ହେଉ ବରଂ ରସୁଲୁଲ୍ଲାଃ ସ:ଆ:ସଙ୍କ ହୁସ୍‌ନ୍ ୱ ଏହ୍‌ସାନ୍ (ଅର୍ଥାତ୍ ଗୁଣ ସୌନ୍ଦର୍ଯ୍ୟ ଓ ଅନୁଗ୍ରହ)କୁ ଦୃଷ୍ଟି ଆଗରେ ରଖି ଓ ଆପଣ ସ:ଆ:ସଙ୍କ ପଦମର୍ଯ୍ୟାଦା ଓ ପଦବୀର ଉନ୍ନତି ସାଧନ ନିମନ୍ତେ, ଓ ଆପଣ ସ:ଆ:ସଙ୍କ ସଫଳତା ନିମନ୍ତେ (ପାଠ କର) ।" (ମଲ୍‌ଫୁଜାତ୍, ଖଣ୍ଡ-୯, ପୃଷ୍ଠା-୨୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣଙ୍କ ସଫଳତା କଣ ? ଏହା କି ପ୍ରକୃତ ଇସ୍‌ଲାମ୍ ପୃଥିବୀରେ ବ୍ୟାପିଯିବା ଓ ପ୍ରତିଷ୍ଠା ହେବା, ଇସ୍‌ଲାମ୍‌ର ନାମରେ ଆଜିକାଲି ଯେଉଁ ଧୃଷ୍ଟତା ଓ ପଥଭ୍ରଷ୍ଟତା ବ୍ୟାପିଚାଲିଛି ତାକୁ ଶେଷ କରିବା । ସୁତରାଂ ଆଜି ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଏହା ଧାର୍ଯ୍ୟ କର୍ତ୍ତବ୍ୟ ଯେ ସେମାନେ ଏପରି ଅବସ୍ଥା ନିଜ ଉପରେ ସୃଷ୍ଟି କରନ୍ତୁ ଓ ଏହିପରି ପ୍ରାର୍ଥନା କରନ୍ତୁ ଏବଂ ଦରୁଦ୍ ପ୍ରେରଣ କରନ୍ତୁ । ଏହା ହିଁ ଆମପାଇଁ ଏକ ମାଧ୍ୟମ ଅର୍ଥାତ୍ ଦୁଆ ଜରିଆରେ ପୃଥିବୀର ଦୁଷ୍ଟତାକୁ ଆମେ ଶେଷ କରିପାରିବା ।

ପୁଣି ଏକ ଅବସରରେ ନିଜର ଜଣେ ଶିଷ୍ୟଙ୍କୁ ଦରୁଦ୍ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ଆପଣ ଆ:ସ କହୁଛନ୍ତି:- "ଆପଣ ଦରୁଦ୍ ଶରିଫ୍ ପାଠ କରିବା ପାଇଁ ବହୁତ ଧ୍ୟାନ ଆକର୍ଷଣ କରନ୍ତୁ ଯେପରି ଜଣେ ନିଜ ପ୍ରିୟ ଲୋକଙ୍କ ପାଇଁ ବରକତ୍ ଚାହିଁଥାଏ ସେହିପରି ହିଁ ସଦିଚ୍ଛା ଓ ନିଷ୍ଠା ରଖି ହଜ୍‌ରତ୍ ନବି କରିମ୍ ସ:ଆ:ସଙ୍କ ପାଇଁ ବରକତ୍ ଚାହାଁନ୍ତୁ ଓ ବହୁତ (ବିନମ୍ରତାର ସହିତ) ବ୍ୟାକୁଳ ହୋଇ (ପ୍ରାର୍ଥନା) କରନ୍ତୁ ଓ ଏହି ବିଳାପ ଓ ପ୍ରାର୍ଥନାରେ କୌଣସି ପ୍ରକାର ଦେଖାଣିଆଭାବ ନଥାଉ ବରଂ ଏହା ଚାହାଁନ୍ତୁ ଯେ ହଜ୍‌ରତ୍ ନବୀ କରିମ୍ ସ:ଆ:ସଙ୍କ ସହିତ ସଚ୍ଚା ବନ୍ଧୁତ୍ୱ, ପ୍ରେମ ଏବଂ ବାସ୍ତବିକ ଅନ୍ତର ଆତ୍ମାର ସତ୍ୟତା ଦ୍ୱାରା ସେହି ବରକତ୍ ଗୁଡିକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ମଗାଯାଉ, ଯାହା ଦରୁଦ୍ ଶରିଫ୍‌ରେ ବର୍ଣ୍ଣିତ ଅଛି..... ଏବଂ ନିଜସ୍ୱ ପ୍ରେମର ଏହା ଏକ ଲକ୍ଷଣ ଯେ ମନୁଷ୍ୟ କେବେ ଥକି ନପଡୁ ଏବଂ ନା କେବେ ନିରାଶ ହେଉ ନା କେବେ ସେଥିରେ କୌଣସି ପ୍ରକାର ନିଜର ଉଦ୍ଦେଶ୍ୟକୁ ରଖୁ । ବରଂ କେବଳ ଏ

ଉଦ୍ଦେଶ୍ୟ ପାଇଁ (ଦରୁଦ) ପାଠ କରୁ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ କରୁଣାମୟ ଖୁଦାଙ୍କ ବର୍‌କତ୍ ପ୍ରକାଶ ହେଉ ।” (ମକ୍‌ତୁବାତେ ଅହେମଦ୍, ଖଣ୍ଡ-୧, ପୃଷ୍ଠା-୫୩୪-୫୩୫, ମକ୍‌ତୁବ୍ ବନାମ ମିର୍ ଅବାସ୍ ଅଲୀ ସାହେବ୍, ମକ୍‌ତୁବ୍ ନଂ-୧୮)

ଦରୁଦ୍ ଶରିଫ୍ ପାଠ କରିବା ଔଚିତ୍ୟତା ସମ୍ବନ୍ଧରେ ଗୋଟିଏ ସ୍ଥାନରେ ଆପଣ ଆ:ସ ବର୍ଣ୍ଣନା କରୁଛନ୍ତି କି -

“ଯଦିଚ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅନ୍ୟ କାହାର ଦୁଆର ଆବଶ୍ୟକ ନାହିଁ କିନ୍ତୁ ଏଥିରେ ଏକ ଅତ୍ୟନ୍ତ ଗଭୀର ରହସ୍ୟ ରହିଛି ।” ବଡ ଗଭୀର ଭେଦ ରହିଛି । “ଯେଉଁ ବ୍ୟକ୍ତି ତା ନିଜସ୍ୱ ପ୍ରେମ ଦ୍ୱାରା ଅନ୍ୟ କାହାପାଇଁ ରହ୍‌ମତ୍ ଅର୍ଥାତ୍ କରୁଣା ଏବଂ ବର୍‌କତ୍ ଚାହିଁଥାଏ ସେ ତା ନିଜସ୍ୱ ପ୍ରେମ ଯୋଗୁ ଉକ୍ତ ବ୍ୟକ୍ତିଙ୍କ ଅସ୍ତିତ୍ୱର ଏକ ଅଙ୍ଗ ହୋଇଯାଏ ଏବଂ ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅଲ୍ଲାଃଙ୍କ କୃପା ଓ କରୁଣାର ଅନୁଗ୍ରହ ବହୁମାତ୍ରାରେ ରହିଛି । ସେଥିପାଇଁ ଦରୁଦ୍ ପ୍ରେରଣ କରୁଥିବା ଲୋକମାନଙ୍କୁ ଅର୍ଥାତ୍ ଯେଉଁମାନେ ନିଜର ପ୍ରେମଭାବଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ବର୍‌କତ୍ ଚାହୁଁଛନ୍ତି, ସେମାନଙ୍କୁ ନିଜ ନିଜର ଉତ୍ସାହ ମୁତାବକ ବହୁମାତ୍ରାର ବର୍‌କତ୍ ମିଳିଥାଏ । କିନ୍ତୁ ବିନା କୌଣସି ଆଧ୍ୟାତ୍ମିକ ଉତ୍ସାହ ଓ ନିଜସ୍ୱ ପ୍ରେମରେ ଏହି (ଆଧ୍ୟାତ୍ମିକ ଓ ଐଶ୍ୱରିକ) କରୁଣା ବହୁତ ହିଁ କମ୍ ପ୍ରକାଶ ହୋଇଥାଏ ।” (ମକ୍‌ତୁବାତେ ଅହେମଦ୍, ଖଣ୍ଡ-୧, ପୃଷ୍ଠା-୫୩୫, ମକ୍‌ତୁବ୍ ବନାମ ମିର୍ ଅବାସ୍ ଅଲୀ ସାହେବ୍, ମକ୍‌ତୁବ୍ ନଂ-୧୮)

ସୁତରାଂ ଅତ୍ୟନ୍ତ ନିଜସ୍ୱ ଉତ୍ସାହ ଓ ପ୍ରେମଭାବ ସହିତ ଦରୁଦ୍ ପ୍ରେରଣ କରିବା ଉଚିତ୍ । ଅଲ୍ଲାଃତାଲା ଦରୁଦ୍ ଶରିଫ୍ ପଢ଼ିବା ସମ୍ବନ୍ଧରେ ଏହି ଉତ୍ସାହ ଆମଠାରେ ସୃଷ୍ଟି କରାନ୍ତୁ । ଫଳତଃ ଆମେ ପ୍ରକୃତ ରୂପେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣକାରୀ ହୋଇପାରିବା ଏବଂ ତାଙ୍କର ସଫଳତା ଓ ବିଜୟକୁ ଦେଖିବା ଓ ସେଥିରୁ ଭାଗ ପାଇପାରିବା ଯାହାପାଇଁ ଅଲ୍ଲାଃତାଲା (ପୂର୍ବରୁ) ପ୍ରତିଶୃତି ପ୍ରଦାନ କରିଛନ୍ତି ଏବଂ ଆପଣ ସ:ଆ:ସଙ୍କ ସଚ୍ଚା ପ୍ରେମୀଙ୍କ ଜରିଆରେ ଏ ଯୁଗରେ ତାହା ଧାର୍ଯ୍ୟ କରାଯାଇଛି । ଆମକୁ କୌଣସି ହୁକୁମତ୍ (ସରକାର) ଏବଂ କୌଣସି ଆଲିମେଦିନ୍ (ଧର୍ମଜ୍ଞାନ ରଖିଥିବା ବ୍ୟକ୍ତି), ତଥାକଥିତ ଆଲିମେଦିନ୍‌ଙ୍କ ପ୍ରମାଣପତ୍ରର ଆବଶ୍ୟକତା ନାହିଁ ଯେ ଆମେ ମୁସଲ୍‌ମାନ୍ ଅଟୁ ବା ନୁହେଁ ବା କୌଣସି ପ୍ରକାରର ଫର୍ମ୍ ଉପରେ ଏକଥା ଲେଖିଦେବା ଦ୍ୱାରା ଆମେ ମୁସଲ୍‌ମାନ୍ ବା ଅଣ ମୁସଲ୍‌ମାନ୍ ହୋଇଯିବା ନାହିଁ । (ବରଂ) କେବଳ ଗୋଟିଏ ପ୍ରମାଣ ପତ୍ର ଆମକୁ ଦରକାର ଏବଂ ତାହା ହେଉଛି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଅର୍ଥାତ୍ ଅଲ୍ଲାଃତାଲା ଆମ ଉପରେ ପ୍ରସନ୍ନ ହୁଅନ୍ତୁ ଏବଂ ସେ ସେତେବେଳେ ଆମକୁ ଉକ୍ତ ପ୍ରମାଣପତ୍ର ପ୍ରଦାନ କରିବ ଯେତେବେଳେ ଆମେ ପ୍ରକୃତ ରୂପେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉମ୍ମତ୍‌ର ହକ୍ ପ୍ରଦାନକାରୀ ହେବା ଏବଂ ଆପଣ ସ:ଆ:ସଙ୍କ ଅନୁସରଣକାରୀ ହେବା । ଆମ ଦରୁଦ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚି ପୁଣି ଆମକୁ ତାହା ସେହି ସବୁ ବର୍‌କତ୍‌ର ଭାଗିଦାରୀ ବନାଉ ଯାହାର ପ୍ରତିଶୃତି ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦେଇଥିଲେ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ବର୍ତ୍ତମାନ ଏ ବର୍ଷ ମଧ୍ୟ ଏହିପରି ତାର ଅନ୍ତିମ ସମୟରେ ପହଂଚୁଅଛି । କିଛି ଦେଶଗୁଡିକରେ ୨୪ ଘଂଟା ଓ ଆଉକିଛି ଦେଶଗୁଡିକରେ ଦୁଇଦିନ ଓ ଦୁଇରାତି ବାକି ଅଛି । ସୁତରାଂ ଏହି ଶେଷ ଦିବସ ଗୁଡିକକୁ ମଧ୍ୟ ଦରୁଦ୍‌ରେ ଭରି ଦିଅନ୍ତୁ ଓ ନୂଆବର୍ଷର ସ୍ୱାଗତ ମଧ୍ୟ ଦରୁଦ୍ ଏବଂ ସଲାମ୍ ଦ୍ୱାରା କରନ୍ତୁ ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବର୍‌କତ୍‌କୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ, ପ୍ରତ୍ୟେକ ମୁଖାଲିଫ୍ (ବିରୋଧ କରୁଥିବା ତତ୍ୱ) ଙ୍କଠାରୁ ଆମକୁ ବଂଚାନ୍ତୁ ଏବଂ ସେମାନଙ୍କ ଦୁଷ୍ଟାମି ସେମାନଙ୍କ ଉପରେ ଲେଉଟାଇ ଦିଅନ୍ତୁ ।

ଏବେ ଆମେ ଦୁଆ କରିବା । ମୋ ସହିତ ଦୁଆରେ ସାମିଲ୍ ହୋଇଯାଆନ୍ତୁ । (ଦୁଆ)

(ଦୁଆ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ) ବର୍ତ୍ତମାନ ଜଲ୍‌ସାସାଲାନା କାଦିଆନ୍‌ରେ ଯେଉଁ ଉପସ୍ଥାନ ଅଛି, ତାହା ମୁଁ ୧୮-୧୯ ହଜାର ବୋଲି ବତାଇଥିଲି, କିନ୍ତୁ Exact figure ଯାହା ବର୍ତ୍ତମାନ ସମ୍ମୁଖକୁ ଆସିଛି ତା ମୁତାବକ ବର୍ତ୍ତମାନ ସେଠାରେ ୧୮ ହଜାର ୮ଶହ ୬୪ ଉପସ୍ଥାନ ଅଛି ଏବଂ ୪୮ଟି ଦେଶରୁ ପ୍ରତିନିଧିତ୍ୱ ହୋଇଛି । ଅଲ୍ଲାଃତାଲା ସମସ୍ତଙ୍କୁ ଏହି ଜଲ୍‌ସାର ବର୍‌କତ୍‌ରୁ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ସେଠାରେ ଯେଉଁ ଅତିଥିମାନେ ଆସିଛନ୍ତି, ବିଭିନ୍ନ ଦେଶରୁ ଆସିଛନ୍ତି, ପାକିସ୍ତାନରୁ ଆସିଛନ୍ତି ସେ ସମସ୍ତଙ୍କୁ ଅଲ୍ଲାଃତାଲା କୁଶଳ ମଙ୍ଗଳରେ ନିଜ ନିଜ ଦେଶକୁ ପହଂଚାଇ ଦିଅନ୍ତୁ ଓ ନିଜେ ହିଁ ସେମାନଙ୍କର ସୁରକ୍ଷା କରନ୍ତୁ । ଏଠି ୟୁ.କେରେ ବର୍ତ୍ତମାନ ଯେଉଁ ଉପସ୍ଥାନ ଅଛି ତାହା ହେଉଛି ୫୩୬୫ । ମହିଳାମାନଙ୍କର ଉପସ୍ଥାନ ପାଖାପାଖି ୨୪୦୦ ଓ ପୁରୁଷମାନଙ୍କର ୨୬୦୦ । ବର୍ତ୍ତମାନ ଏବେ କାଦିଆନ୍ ନିବାସୀ ନିଜର ପ୍ରୋଗ୍ରାମ୍ ପରିବେଷଣ କରିବାକୁ ଚାହୁଁଛନ୍ତି ତାହା ଆରମ୍ଭ କରନ୍ତୁ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଯଦି ତୁମେ ଚାହୁଁଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ’’

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahemadiya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ଅନ୍ତ ଘଟିଥାଏ’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahemadiya, Pankal (Odisha)*

**ଅଲ୍ଲା ତାଲାଙ୍କ ବାଣୀ**

‘‘ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି’’

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahemadiya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

## ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ମା'ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ଯେବେ ଆପଣ ଠିକ୍ ଅଛନ୍ତି ତେବେ ଆଉ କାହାର ମୃତ୍ୟୁ ହେଲେ ମୋର କିଛି ପରବାୟ ନାହିଁ ।

### ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ପୁସ୍ତକ "ନବିଓଁ କା ସର୍‌ଦାର" ରୁ ଗୋଟିଏ ବିଶ୍ୱାସବର୍ଦ୍ଧକ ବିଷୟବସ୍ତୁ ।

ପରାଜିତ ମକ୍କାବାହିନୀ ପଳାୟନ ସମୟରେ (ଅର୍ଥାତ୍ ବଦର୍ ଯୁଦ୍ଧରୁ), ଏହା ଚେତାବନୀ ଦେଇ ଯାଇଥିଲେ ଯେ ଆଗାମୀ ବର୍ଷ ସେମାନେ ପୁଣି ଥରେ ମଦିନା ଉପରେ ଆକ୍ରମଣ କରିବେ ଏବଂ ମୁସଲମାନମାନଙ୍କ ଠାରୁ ପରାଜୟର ପ୍ରତିଶୋଧ ଅବଶ୍ୟ ନେବେ । ତେଣୁ ଏକ ବର୍ଷ ପରେ ସେମାନେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ମଦିନା ଉପରେ ପୁନର୍ବାର ଆକ୍ରମଣ କଲେ । ମକ୍କାରେ ଏକ ପ୍ରକାର ଆପାତଃକାଳୀନ ଘୋଷଣା କରାଯାଇଥିଲା ଯେ ବଦର ଯୁଦ୍ଧରେ ନିହିତ ହୋଇଥିବା ଲୋକଙ୍କ ପାଇଁ କାନ୍ଦିବାର ଆଜ୍ଞା ଦିଆଯିବ ନାହିଁ ଏବଂ ବାଣିଜ୍ୟ ବେପାରର ସମସ୍ତ ଆୟ ଆଗାମୀ ଯୁଦ୍ଧ ପାଇଁ ମହଜୁଦ୍ କରି ରଖାଯିବ । ଏହିପରି ଭାବରେ ତିନି ହଜାରରୁ ଊର୍ଦ୍ଧ୍ୱ ସଶସ୍ତ୍ର ସୈନ୍ୟବାହିନୀ ସେନାପତି ଅବୁସୁଫିଆନ୍‌ଙ୍କ ନେତୃତ୍ୱରେ ମଦିନା ବିରୁଦ୍ଧରେ ଯୁଦ୍ଧ ଅଭିଯାନ ପାଇଁ ଏକ ବିରାଟ ପଟୁଆର ପ୍ରସ୍ତୁତ କରାଗଲା । ତେଣେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ନିଜ ଅନୁଚରମାନଙ୍କ ଠାରୁ ପରାମର୍ଶ ଲୋଡିଲେ ଯେ କ'ଣ ଆମେ ମଦିନାରେ ଥାଇ ଯୁଦ୍ଧ କରିବୁ ନା ମଦିନା ବାହାରକୁ ଯାଇ ଶତ୍ରୁଙ୍କ ମୁକାବିଲା କରାଯିବ ? ମୁହମ୍ମଦ୍ ସ:ଆ:ସଙ୍କ ଏହି ଉଦ୍ଦେଶ୍ୟ ଥିଲା ଯେ ମକ୍କାସେନାଙ୍କୁ ପ୍ରଥମେ ଆକ୍ରମଣ କରିବାର ସୁଯୋଗ ଦିଆଯାଉ । ଯଦ୍ୱାରା ଯୁଦ୍ଧ ଆରମ୍ଭ କରିବା ପାଇଁ ସେମାନଙ୍କ ଦାୟୀ କରାଯିବ । ଏବଂ ମୁସଲ୍‌ମାନ ମଦିନାରେ ନିଜ ଘରେ ବସି ସହଜ ଉପାୟରେ ଯୁଦ୍ଧର ସାମ୍ନା କରିପାରିବେ । ସେଠାରେ ଉପସ୍ଥିତ ଯୁବକମାନଙ୍କ ମଧ୍ୟରୁ ଯେଉଁମାନେ ବଦର ଯୁଦ୍ଧରେ ଅଂଶଗ୍ରହଣ କରି ନଥିଲେ ଓ ଯେଉଁମାନଙ୍କ ମନରେ ଶହୀଦ୍ ହେବାର ଉଚ୍ଚ ଆକାଂକ୍ଷା ଥିଲା, ସେମାନେ ଏହି ସୁଯୋଗକୁ ହାତଛଡା କରିବା ପାଇଁ ଚାହୁଁନଥିଲେ । ସୁତରାଂ ସେମାନଙ୍କ କଥାକୁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଗ୍ରହଣ କରିନେଲେ ।

କିନ୍ତୁ ପରାମର୍ଶ କରିବା ସମୟରେ ସେ ଦେଖିଥିବା ଏକ ସ୍ୱପ୍ନାନୁଭୂତିକୁ ସେହି ଯୁବକମାନଙ୍କୁ ଶୁଣାଇଲେ । ସ୍ୱପ୍ନଟି ଏହିପରି ଥିଲା; 'ମୁଁ ସ୍ୱପ୍ନରେ କେତେକ ଗାଈଙ୍କୁ ଦେଖିଲି, ପୁନଶ୍ଚ ଦେଖିଲି ମୋ ତରବାରୀର ମୁନ ଭାଙ୍ଗିଯାଇଛି । ତା'ପରେ ଦେଖିଲି ସେହି ଗାଈମାନଙ୍କୁ ବଦ୍ଧ କରାଯାଉଛି ଓ ମୋ ହାତ ଏକ ଶକ୍ତିଶାଳୀ ଲୌହ ଖୋଳ ମଧ୍ୟରେ ରହିଛି (ଇବ୍‌ନେ ହିଶାମ୍, ଖଣ୍ଡ-୨, ପୃଷ୍ଠା-୭୭) ପୁନଶ୍ଚ ଦେଖିଲି ଯେ ମୁଁ ଏକ ମେଣ୍ଢା ଉପରେ ବସିଛି । (ତବକାତ୍ ଇବ୍‌ନେ ସାଆଦ୍, ଦ୍ୱିତୀୟ ଭାଗ, ପୃଷ୍ଠା-୨୭) । ଏହି ସ୍ୱପ୍ନର ତାତ୍ପର୍ଯ୍ୟ କ'ଣ ହୋଇପାରେ ବୋଲି ଉପସ୍ଥିତ ଅନୁଚରମାନେ ତାଙ୍କୁ ପ୍ରଶ୍ନ କଲେ ।

ଗାଈ ବଦ୍ଧ କରାଯିବାର ତାତ୍ପର୍ଯ୍ୟ ହେଉଛି 'ମୋର ଅନୁଚରମାନଙ୍କ ମଧ୍ୟରୁ କେତେଜଣ ଯୁଦ୍ଧରେ ଶହୀଦ୍ ହୋଇଯିବେ । ମୋର ତରବାରୀର ମୁନ ଭାଙ୍ଗିବା ଅର୍ଥ ମୋର କେହି ଜଣେ ଅତି ନିକଟ ସମ୍ପର୍କୀୟଙ୍କ ମୃତ୍ୟୁ ହେବ, ଯାହା ମୋତେ ବହୁତ କ୍ଲେଶ ହେବ । ମୋର ହସ୍ତ ଲୌହ କବଚ ମଧ୍ୟରେ ପୁରାଇବା ଅର୍ଥ ମଦିନାରେ ରହିବା ଅଧିକ ସମୀଚିନ ହେବ ତଥା ଯୁଦ୍ଧ ପରିଚାଳନା କରିବା ଅତି ଉତମ ହେବ । ମୋର ମେଣ୍ଢା ଉପରେ ବସିବାର ସ୍ୱପ୍ନର ତାତ୍ପର୍ଯ୍ୟ ହେଉଛି ଅବିଶ୍ୱାସକାରୀମାନଙ୍କ ସର୍ଦ୍ଦାରଙ୍କ ଉପରେ ଅବଶ୍ୟ ଆମେ ବିଜୟ ଲାଭ କରିବୁ ଏବଂ ସେମାନେ ମୁସଲ୍‌ମାନଙ୍କ ହାତରେ ନିହିତ ହେବେ । ଯଦ୍ୟପି ଏହି ସ୍ୱପ୍ନରେ ମୁସଲମାନମାନଙ୍କ ଉପରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ମଦିନାରେ ହିଁ ରହି ଯୁଦ୍ଧ କରିବା ଉଚିତ୍ ହେବ । କିନ୍ତୁ ଏହି ସ୍ୱପ୍ନ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ନିଜସ୍ୱ ବ୍ୟକ୍ତିଗତ ଥିଲା ଓ ଏହା ଦୈବିକୃତ ସ୍ୱପ୍ନବାଣୀର ସଂକେତ ନଥିଲା । ତେଣୁ ସହଚରମାନଙ୍କ ବହୁମତକୁ ସ୍ୱୀକାର କରି ମଦିନା ବାହାରକୁ ଯାଇ ଯୁଦ୍ଧ କରିବା ପାଇଁ ନିଷ୍ପତି ନିଆଗଲା । ଯେତେବେଳେ ସେ ବାହରକୁ ଗଲେ, ଯୁବ ମୁସଲମାନ ଗୋଷ୍ଠୀ ନିଜର ଭୁଲ୍‌ବୁଝି ପାରି ଲଜ୍ଜିତ ଅନୁଭବ କଲେ । ସେମାନେ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କ ପରାମର୍ଶ ଠିକ୍ ଥିଲା । ଆମକୁ ମଦିନାରେ ହିଁ ରହି ଶତ୍ରୁର ମୁକାବିଲା କରିବା ଉଚିତ୍ ଥିଲା ।' ମହାଭାଗ କହିଲେ, 'ଅଲ୍ଲାଃଙ୍କ ନବୀ ଯୁଦ୍ଧ ପୋଷାକ ପିନ୍ଧି ସାରିବା ପରେ ଆଉ ତାକୁ ଓହ୍ଲାଏ ନାହିଁ । ତେଣିକି ଯାହା ହୋଇଗଲେ ବି ଆମେ ଆଗକୁ ଅଗ୍ରସର ହେବାକୁ ପଡିବ । ଯଦି ତୁମେମାନେ ଧୈର୍ଯ୍ୟର ସହିତ କାର୍ଯ୍ୟ କରିବ, ପ୍ରଭୁଙ୍କ ସହାୟତା ଅବଶ୍ୟ ତୁମକୁ ମିଳିବ ।' ଏତିକି କହି ମହାଭାଗ ଏକ ହଜାର ମୁସ୍‌ଲିମ୍ ସେନାଙ୍କ ସହିତ ମଦିନାରୁ ବାହାରି ପଡିଲେ । ଏବଂ ଅଳ୍ପ ଦୂର ଯାଇ ରାତ୍ରୀଯାପନ କରିବା ପାଇଁ ଏକ ସ୍ଥାନରେ ଶିବିର ପକାଇଲେ । ଶତ୍ରୁଙ୍କର ନିକଟବର୍ତୀ ହୋଇ ନିଜ ସେନାଙ୍କୁ ବିଶ୍ରାମ କରିବା ପାଇଁ ଅବସର ଦେବା ତାଙ୍କର ଏକ ନୀତିଗତ ନିୟମ ଥିଲା । ଯଦ୍ୱାରା ସେମାନେ ନିଜର ଲଢ଼ିବା ସରଞ୍ଜାମ ପ୍ରସ୍ତୁତ କରିପାରିବେ । ପ୍ରାତଃ କାଳରେ ନମାଜ ପାଠ କରିବା ପାଇଁ ଯେତେବେଳେ ସେ ବାହାରିଲେ, ତାଙ୍କୁ ଜଣାପଡିଲା ଯେ କେତେକ ଇହୁଦି ସମ୍ପ୍ରଦାୟର ଲୋକ ନିଜର କବିଲା ସହିତ କରିଥିବା ବୁଝାମଣାର ଚୁକ୍ତି ଅନୁସାରେ ସାହାଯ୍ୟ କରିବା ବାହାନାରେ ଆସି ପହଂଚିଥାନ୍ତି । ଯେହେତୁ ତାଙ୍କ ଇହୁଦୀମାନଙ୍କର ଷଡଯନ୍ତ୍ର ସମ୍ପର୍କରେ ଆଗରୁ ଖବର ମିଳିନଥିଲା, ତେଣୁ ସେ କହିଲେ ସେହି ଇହୁଦିମାନେ ଫେରି ଚାଲି ଯାଆନ୍ତୁ । ଏହା ଦେଖି ମୁନାଫିକ୍ (କପଟ ବିଶ୍ୱାସୀ)ଙ୍କ ସର୍ଦ୍ଦାର ଅବ୍ଦୁଲ୍ଲା ବିନ୍ ଉବୟ ବିନ୍ ସୁଲୁଲ୍ ନିଜର ତିନିଶହ ସାଥୀଙ୍କୁ ଧରି ଚାଲି ଯିବା ବେଳେ କହିଲା, 'ତୁମର ଏହି ଯୁଦ୍ଧ ଅକାରଣ ଯିବ । କାରଣ ଏହା ତ ବିନାଶକୁ ଆମନ୍ତ୍ରଣ କରିବାର କାରଣ ହେବ । ପରିଣାମ ସ୍ୱରୂପ ମୁସଲମାନଙ୍କ ସଂଖ୍ୟା ଏକ ହଜାରରୁ ତଳକୁ ଖସି ସାତଶହ ହୋଇଗଲା । ଯାହା ମକ୍କାର ଅବିଶ୍ୱାସକାରୀମାନଙ୍କ ସଂଖ୍ୟା ତୁଳନାରେ ଏକ ଚତୁର୍ଥାଂଶରୁ ମଧ୍ୟ କମ୍ ହୋଇଗଲା । ଯୁଦ୍ଧ ସାମଗ୍ରୀ ଦୃଷ୍ଟିରୁ ଅଧିକ ଦୁର୍ବଳ ଜଣାପଡୁଥିଲା । କାରଣ ମକ୍କାର ସୈନ୍ୟବାହିନୀରେ ସାତଶହରୁ ଅଧିକ ଲୌହ କବଚ ପରିହିତ ସାଞ୍ଜୁଆ ବାହୀନି ଥିଲେ । ମୁସଲମାନମାନଙ୍କର କେବଳ ଶହେଜଣ କବଚଧାରୀ ଅଥଚ ଶତ୍ରୁଙ୍କ ସେନାରେ ଦୁଇଶହ ଅଶ୍ୱାରୋହୀ ଥିଲେ । ଏହିପରି ଦୁର୍ବଳ ସ୍ଥିତିରେ ସେ ନିଜ ଲୋକଙ୍କ ସହିତ ଉହଦ୍ ନାମ ସ୍ଥାନରେ ପହଂଚିଲେ । ଏହିପରି ଦୁର୍ବଳ ସ୍ଥିତିରେ ସେ ନିଜ ଲୋକଙ୍କ ସହିତ ଉହଦ୍ ନାମକ ସ୍ଥାନରେ ପହଂଚିଲେ । ସେଠାରେ ସେ ଦୁଇପଟେ ପାହାଡ ମଝିରେ ଥିବା ଖାଇ ରାସ୍ତା ଉପରେ ପଚାଶ ଜଣ ସୈନ୍ୟଙ୍କୁ ପହରା ଦେବାପାଇଁ ନିଯୁକ୍ତ କଲେ । ସେନାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଯେ ମୁସଲମାନ୍ ସୈନ୍ୟ ଯୁଦ୍ଧରେ ମୃତ୍ୟୁ ମୁଖରେ ପଡୁ କି ଜୟଲାଭ କରୁ ଏହି ଖାଇ ରାସ୍ତାରୁ ତୁମେମାନେ କଦାପି ହଟିବ ନାହିଁ । (ଇବ୍‌ନେ ହିଶାମ୍, ଭାଗ-୨, ପୃଷ୍ଠା-୭୮) ଏପରି କଡା ନିର୍ଦ୍ଦେଶ ଦେଇ ସେ ଅବଶିଷ୍ଟ ଛଅଶହ ପଚାଶ ଜଣ ସୈନ୍ୟଙ୍କୁ ନେଇ ଯୁଦ୍ଧଚାଳନା ପାଇଁ ପ୍ରସ୍ତୁତ ହେଲେ ଓ ଶତସେନାଙ୍କ ସମ୍ମୁଖୀନ ହୋଇଥିଲେ, ଯାହା ଏବେ ଶତ୍ରୁସୈନ୍ୟଙ୍କ ସଂଖ୍ୟାର ଏକ-ପଂଚମାଂଶ ହୋଇ ଯାଇଥିଲା । ଯୁଦ୍ଧ ହେଲା, ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ତଥା ଦୈବୀ ସମର୍ଥନ ମିଳିବା ଯୋଗୁଁ ଅତି ଅଳ୍ପ ସମୟ ମଧ୍ୟରେ ଉକ୍ତ ଛଅଶହ ପଚାଶ ମୁସଲମାନଙ୍କ ମୁକାବିଲାରେ ମକ୍କାର ତିନିହଜାର ଅଭିଜ୍ଞ ସୈନିକଙ୍କ ବିଶାଳ ବାହିନୀ ପରାଜୟ ବରଣ କରି ତ୍ୱରିତ ବେଗରେ ପଛଘୁଂଚା ଦେବାକୁ ବାଧ୍ୟ ହେଲା ।

#### ବିଜୟର ଟୀକା : ପରାଜୟର ଆବରଣ ଭିତରେ

ମୁସଲମାନ ସୈନ୍ୟ ସେମାନଙ୍କ ପିଛା କରିବା ଆରମ୍ଭ କଲେ । ଯେଉଁ ପଚାଶ ଜଣ ସୈନ୍ୟ ପାହାଡର ଖାଇ ରାସ୍ତାରେ ପହରା ଦେଉଥିଲେ, ସେମାନେ ନିଜ ସେନାଧିକାରୀଙ୍କୁ କହିଲେ 'ଯେହେତୁ ଶତ୍ରୁ ପରାସ୍ତ ହୋଇ ପଳାୟନ କରୁଛି ଓ ସେଥିପାଇଁ ଆମ୍ଭମାନଙ୍କୁ ମଧ୍ୟ ଏହି ଧର୍ମ ଯୁଦ୍ଧରେ ଭାଗ ନେଇ ପୁଣ୍ୟ ପ୍ରାପ୍ତ କରିବାର ସୁଯୋଗ ଦିଅନ୍ତୁ ।' ତହୁଁ ଅଫିସର ପ୍ରତିବାଦ କରି ସେମାନଙ୍କୁ ମୁହମ୍ମଦ୍ ସ:ଆ:ସଙ୍କ ସେହି ଉକ୍ତିକୁ ମନେ ପକାଇ ଦେଲେ ସେହି ପଚାଶ ଜଣ ଜଗୁଆଳି ସୈନ୍ୟ କହିଲେ 'ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଆମକଙ୍କୁ କେବଳ ଜାଗ୍ରତ ପ୍ରହରୀ ରୂପେ ରହିବା ପାଇଁ ତଥା କସ୍ମିନ୍ କାଳେ ଏହି ପାହାଡିଆ ରାସ୍ତାକୁ ନ ଛାଡିବା ପାଇଁ କହିଥିଲେ । ଏହା ତ କହି ନଥିଲେ ଯେ ଶତ୍ରୁ ପଳାଇ ଗଲାପରେ ମଧ୍ୟ ଏହିଠାରେ ଉପସ୍ଥିତ ରୁହ ?' ଏହା କହି ସେମାନେ ଜାଣିଥିବା ସେହି ଖାଇ ରାସ୍ତାକୁ ଛାଡି ଦେଇ ଯୁଦ୍ଧ କରିବାକୁ ଡେଇଁ ପଡିଲେ । ପଛଘୁଂଚା ଦେଇ ଦୌଡୁଥିବା ମକ୍କାର ଶତ୍ରୁସୈନ୍ୟଙ୍କ ମଧ୍ୟରେ ଖାଲିଦ୍ ବିନ୍ ୱଲିଦ୍ ଯିଏ କି ପରବର୍ତୀ କାଳରେ ଇସ୍‌ଲାମ ଧର୍ମ ଗ୍ରହଣ କରି ଅଜେୟ ଇସ୍‌ଲାମ୍ ସୈନ୍ୟବାହିନୀର ଏକ ସଫଳ ସେନାପତି ହୋଇଥିଲେ, ତାଙ୍କ ଦୃଷ୍ଟି ସେହି ଖାଲିଥିବା ଖାଇ ରାସ୍ତା ଉପରେ ପଡିଲା, ଯେଉଁଠାରେ କେବଳ ଜଣେ ସୁରକ୍ଷା ସେନାପତିଙ୍କ ସହି ଅଳ୍ପ କେତେଜଣ ଜଗୁଆଳି ସୈନ୍ୟ ଉପସ୍ଥିତ ଥିଲେ । ଖାଲିଦ୍ ନିଜ ଦଳରେ ଥିବା ଅନ୍ୟ ଜଣେ ସେନାପତି ଉମର୍ ବିନ୍ ଅଲ୍ ଆସଙ୍କୁ ଡାକି କହିଲେ 'ପଛରେ ଥିବା ପାହାଡିଆ ଖାଇ ରାସ୍ତା ଆଡକୁ ଟିକିଏ ଚାହଁ ।' ଉମର ବିନ୍ ଅଲ୍ ଆସ୍ ଯେବେ ସେହି ଜାଗା ଉପରେ ଦୃଷ୍ଟି ପକାଇଲେ, ମନେ ମନେ

ଭାବିଲେ ମୋ ଜୀବନରେ ଏକ ସ୍ୱର୍ଣ୍ଣିମ ଅବସର ପ୍ରାପ୍ତ ହୋଇଛି । ଦୁଇଜଣଯାକ ସେନାପତି ନିଜର ପଳାୟନ ପନ୍ଥୀ ସୈନ୍ୟମାନଙ୍କୁ ସମ୍ଭାଳିଲେ ଏବଂ ଇସଲାମୀ ସୈନ୍ୟଙ୍କର ପ୍ରଭୃତ କ୍ଷୟ କ୍ଷତି ଘଟାଇ ଚାଲିଲେ । ସେହି ପାହାଡ ଉପରକୁ ଚଢ଼ି ଯେଉଁ ରାସ୍ତାର ସୁରକ୍ଷା ପାଇଁ ଅଳ୍ପ କେତେକ ମୁସଲମାନ ଛିଡା ହୋଇଥିଲେ, ସେମାନଙ୍କ ଉପରେ ଅଚାନକ ତୀବ୍ର ଗତିରେ ଚଢାଉ କଲେ । ଏହି ଚଢାଉ ଏତେ ପ୍ରଚଣ୍ଡ ଓ ଅକସ୍ମାତ୍ ଥିଲା ଯେ ସେଠାରେ ଜଗିଥିବା ମୁସଲ୍‌ମାନମାନଙ୍କୁ ଖଣ୍ଡ ବିଖଣ୍ଡିତ କରି ପଛପଟରୁ ଇସ୍‌ଲାମୀ ସେନାଙ୍କ ଉପରେ ଝାମ୍ପି ପଡିଲେ । ସେମାନଙ୍କ ବିଜୟ ନାଦ ଶୁଣି ଶତ୍ରୁପକ୍ଷର ସେନା ରଣଭୂମି ଆଡକୁ ପୁନର୍ବାର ଲେଉଟି ପଡିଲେ । ଶତ୍ରୁଙ୍କୁ ଘଉଡାଇବା ପାଇଁ ପିଛା କରୁଥିବା ଯୋଗୁ ମୁସଲମାନ ଏପରି ଇତଃସ୍ତତ ହୋଇ ବିଛାଡି ପଡିଲେ ଯେ ଶତ୍ରୁଙ୍କ ମୁକାବିଲା କରିବା ପାଇଁ ଇସ୍‌ଲାମୀୟ ସିପାହୀଙ୍କୁ କେଉଁଠି ଦେଖିବାକୁ ମିଳିନଥିଲା । ଶତ୍ରୁଙ୍କ ଆକ୍ରମଣରେ ବହୁଲୋକ ମୃତାହତ ହେଲେ । ଅବଶିଷ୍ଟ ଲୋକ ଅତିଶୟ ଅସଂଜମସରେ ପଡି ପ୍ରାଣ ବିକଳରେ ପଛମୁହାଁ ହୋଇ ଧାଇଁଲେ । କେତେକ ଅନୁଚର ହଜ୍‌ରତ୍ ମୁହମ୍ମଦ୍‌ଙ୍କୁ ସୁରକ୍ଷା ଦେବାପାଇଁ ବେଢ଼ି ରହିଲେ । ସେମାନଙ୍କ ସଂଖ୍ୟା ଅତି ବେଶୀରେ ତିରିଶରୁ ଅଧିକ ନଥିଲା । (ଜରକାନି, ଦ୍ୱିତୀୟ ଭାଗ, ପୃଷ୍ଠା-୩୫) । ଉକ୍ତ ସ୍ଥାନରୁ ଶତ୍ରୁପକ୍ଷ ହଜ୍‌ରତ୍ ମୁହମ୍ମଦ୍‌ଙ୍କ ଉପରକୁ ପ୍ରଚଣ୍ଡ ଆକ୍ରମଣ କଲେ, ଯେଉଁଠାରେ ସେ ଛିଡା ହୋଇଥିଲେ । ଜଣକ ପରେ ଜଣେ ତାଙ୍କୁ ରକ୍ଷା କରିବାକୁ ଯାଇ ସେହିଠାରେ ଟଳି ପଡିଲେ । ଶତ୍ରୁଙ୍କ କୃପାଣଧାରୀଙ୍କ ବ୍ୟତୀତ ଧନୁଷଧାରୀ ମଧ୍ୟ ପାହାଡ ଶିଖରରେ ଛିଡା ହୋଇ ରସୁଲୁଲ୍ଲାଃଙ୍କ ଆଡକୁ ଆଖିବୁଜା ତୀର ବାଣ କଲେ । ତଲ୍‌ହାଃ ନାମକ ମକ୍କାର ବାସିନ୍ଦା ଯିଏ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପରି ମଦିନାର ମୁହାଜିର୍ ଥିଲେ, ସେ ଶତ୍ରୁଙ୍କ ସବୁ ତୀର ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ମୁଖ ଆଡକୁ ବର୍ଷଣ ହେଉଥିବାର ଦେଖି ନିଜ ହାତକୁ ତାଙ୍କ ଶ୍ରୀମୁଖର ସାମ୍ନାରେ ରଖିଦେଲେ । ଯେଉଁ ତୀର ସଠିକ୍ ଲକ୍ଷ୍ୟ ଭେଦ କରି ପଡୁଥିଲା, ତାହା ତଲ୍‌ହାଃଙ୍କ ହାତ ଉପରେ ପଡି ବିଦ୍ଧ ହେବାକୁ ଲାଗିଲା । କିନ୍ତୁ ପ୍ରାଣର ବାଜି ଲଗାଇଥିବା ସେହି ବିଶ୍ୱସ୍ତ ସିପାହୀ ନିଜ ହାତ ପାପୁଲିକୁ ଟିକିଏ ହେଲେ ବି ହଲାଇ ଦେଇନଥିଲେ । ଏହିପରି କ୍ରମାଗତ ଭାବେ ତୀର ସବୁ ହାତରେ ବାଜି ତଲ୍‌ହାଙ୍କ ହାତ ଖଣ୍ଡିଆ ଖାବରା ହୋଇ ଶେଷରେ ଅକର୍ମଣ୍ୟ ହୋଇଗଲା ଏବଂ ତାଙ୍କର ଅନ୍ୟ ହାତଟି ହିଁ କେବଳ ବାକି ରହିଲା । ଏହି ଘଟଣାର ବହୁବର୍ଷ ପରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କର ଚତୁର୍ଥ ଉତରାଧିକାରୀଙ୍କ ଖିଲାଫତ୍ କାଳରେ ଘଟିଥିବା ନିଜ ପାରିବାରିକ ଅନ୍ତର୍ଯୁଦ୍ଧ ସମୟରେ ଶତ୍ରୁପକ୍ଷର କୌଣସି ଜଣେ ବ୍ୟକ୍ତି ତଲ୍‌ହାଙ୍କୁ 'ପଙ୍ଗୁ' 'ପଙ୍ଗୁ' ବୋଲି ଆପେକ୍ଷ କରନ୍ତେ, ଅନ୍ୟ ଜଣେ ଅନୁଚର ଏହା ଶୁଣି କହିଲେ, 'ହଁ ସେ ପଙ୍ଗୁତ ନିଶ୍ଚୟ, କିନ୍ତୁ ସେହି 'ପଙ୍ଗୁ' କେତେ ଗୌରବଶାଳୀ ସତେ ! ତୁମେ କ'ଣ ଜାଣିଛି ଯେ ତଲ୍‌ହାଙ୍କ ହାତ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଶ୍ରୀମୁଖ ମଣ୍ଡଳକୁ ରକ୍ଷା କରିବାକୁ ଯାଇ ପଙ୍ଗୁ ହୋଇଯାଇଛି । ଉହଦ୍‌ର ଯୁଦ୍ଧ ପରାନ୍ତରେ କୌଣସି ଏକ ବ୍ୟକ୍ତି ତଲ୍‌ହା ର:ଅଙ୍କୁ ପ୍ରଶ୍ନ ପଚାରିଲା, 'ଯେତେବେଳେ ଆପଣଙ୍କ ହାତରେ ତୀରବିଦ୍ଧ ହେଉଥିଲା, ସେତେବେଳେ କ'ଣ ଆପଣଙ୍କୁ କଷ୍ଟ ହେଉନଥିଲା ? ଓ କ'ଣ ମୁହଁରୁ 'ଉଫ୍' ବୋଲି ଶବ୍ଦ ବାହାରୁ ନଥିଲା ? ତଲ୍‌ହା ର:ଅ ଉତର ଦେଲେ, 'ପ୍ରବଳ କଷ୍ଟ ହେଉଥିଲା ସତ ମାତ୍ର ମୋ ମୁହଁରୁ ଉଫ୍ ଶବ୍ଦ ମୁଁ ଏଥିପାଇଁ ଉଚ୍ଚାରଣ କରୁନଥିଲି ଯଦ୍ୱାରା ହାତ ହଲିଯିବ ଓ କାଳେ ତୀର ମାଡ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଶ୍ରୀମୁଖରେ ଯାଇ ବାଜିଯିବ' ।

ଅଳ୍ପ ସଂଖ୍ୟକ ସୈନ୍ୟ କେତେ ସମୟ ପର୍ଯ୍ୟନ୍ତ ଅବା ଶତ୍ରୁକୁ ଅଟକାଇ ପାରିଥାଆନ୍ତେ । ସୁତରାଂ କୁଫ୍‌ଫାର୍ (ମକ୍କାର ବିଧର୍ମୀ) ସୈନ୍ୟବାହିନୀର ଗୋଟିଏ ବିରାଟ ଦଳ ଆଗକୁ ଅଗ୍ରସର ହେବାକୁ ଲାଗିଲା ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଅଙ୍ଗରକ୍ଷୀମାନଙ୍କୁ ଧକ୍କା ମାରି ପଛକୁ କରିଦେଲା । ହଜ୍‌ରତ୍ ମୁହମ୍ମଦ୍ ଏକ ପାହାଡ ସଦୃଶ ଦଣ୍ଡାୟମାନ ହୋଇଥିଲେ । କିନ୍ତୁ ଅନତି ଦୂରରୁ ଶତ୍ରୁପଟରୁ ଏକ ବଡ ପଥର ତାଙ୍କ ମୁଖରେ ଆସି ଜୋର୍‌ରେ ବାଜିଲା ଓ ସେ ପିନ୍ଧିଥିବା ଲୌହ ଟୋପି (Security Cap) ର ଏକ କୀଳା ମସ୍ତକରେ ପଶିଗଲା । ଯାହା ଫଳରେ ସେ ଚେତାଶୂନ୍ୟ ହୋଇ ମୃତ ଶରୀର ଉପରେ ପଡିଗଲେ । ଯେଉଁମାନେ ତାଙ୍କ ଚାରିପଟେ ଯୁଦ୍ଧ କରି ଶେଷରେ ଶହୀଦ୍ ହୋଇଥିଲେ । (ଇବ୍‌ନେ ହିଶାମ୍, ଦ୍ୱିତୀୟ ଭାଗ, ପୃଷ୍ଠା-୮୪)

ଏହାପରେ ଅନ୍ୟାନ୍ୟ ଅନୁଚରଗଣ ମଧ୍ୟ ତାଙ୍କ ଶ୍ରୀଅଙ୍ଗ ରକ୍ଷା କରିବାକୁ ଯାଇ ନିହତ ହେଲେ ଓ ସେମାନଙ୍କ ମୃତ ଶରୀର ହଜ୍‌ରତ୍ ମୁହମ୍ମଦ୍‌ଙ୍କ ଚେତାଶୂନ୍ୟ ଶରୀର ଉପରେ ପଡିବାରେ ଲାଗିଲା । ଶତ୍ରୁମାନେ ତାଙ୍କ ଶରୀରକୁ ଅନ୍ୟ ଶବଗୁଡିକର ତଳେ ଦବି ରହିଥିବା ଦେଖି ଭାବିଲେ, ସେ ମଧ୍ୟ ନିହତ ହୋଇ ଯାଇଛନ୍ତି । ଏଣୁ ମକ୍କାର ସୈନ୍ୟବାହିନୀ ନିଜର ପୁନର୍ଗଠନ ଉଦ୍ଦେଶ୍ୟରେ ପଛକୁ ଫେରି ଯାଇ ଏକତ୍ରୀତ ହେବାକୁ ଲାଗିଲେ । ହଜ୍‌ରତ ମୁହମ୍ମଦ୍ ସ:ଆ:ସଙ୍କୁ ଘେରି ରହିଥିବା ଯେଉଁ ଅନୁଚରମାନଙ୍କ ସୁରକ୍ଷା ବାହୀନୀଙ୍କୁ ଶତ୍ରୁସେନା ଧକ୍କା ଦେଇ ପଛକୁ ନେଇ ଯାଇଥିଲେ, ସେମାନଙ୍କ ମଧ୍ୟରେ ହଜ୍‌ରତ ଉମର୍ ବିନ୍ ଫାରୁକ୍ ର:ଅ ମଧ୍ୟ ଥିଲେ । ଯେତେବେଳେ ସେ ଦେଖିଲେ ଯେ ଯୁଦ୍ଧ ଭୂମିରେ ଲଢୁଥିବା ସୈନ୍ୟ ଜନଶୂନ୍ୟ ହୋଇ ପଡିଛି, ସେତେବେଳେ ତାଙ୍କର ଧାରଣା ହେଲା ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମଧ୍ୟ ବୀରଗତିକୁ ପ୍ରାପ୍ତ ହୋଇ ଯାଇଛନ୍ତି । ସେହି ପରାକ୍ରମଶାଳୀ ଉମର ଯିଏକି ପରବର୍ତୀ ସମୟରେ ବିଶାଳ ରୋମାନ ଓ ଇରାନୀୟ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଓ ଯାହାଙ୍କ ହୃଦୟ କେବେ ଦ୍ରବୀଭୂତ ହୋଇନଥିଲା କି ଭୟଭୀତ ହୋଇ ନଥିଲା । ସେହି ବ୍ୟକ୍ତି ଗୋଟିଏ ପ୍ରସ୍ତର ଶୀଳା ଉପରେ ବସି ଛୋଟ ଛୁଆ ପରି କାନ୍ଦୁଥିବାର ଦେଖାଗଲା । ଇତି ମଧ୍ୟରେ 'ମାଲିକ' ନାମକ ଜଣେ ଅନୁଚର ଯିଏ ପୂର୍ବ ରାତ୍ରୀରୁ କ୍ଷୁଧାର୍ତ ଥିବା ଯୋଗୁଁ ଇସ୍‌ଲାମୀୟ, ସେନାବାହିନୀଙ୍କ ଜୟଯାତ୍ରା ପରେ ପଛକୁ ହଟିଯାଇ କିଛି ଖାଦ୍ୟ ଅନ୍ୱେଷଣ ପାଇଁ ଯାଇଥିଲେ ଏବଂ କେତେକ ଖଜୁରୀ କୋଳି ଖାଇ ଖାଇ ବିଜୟ ଉଲ୍ଲାସରେ ଚାରିଆଡେ ଘୁରି ବୁଲୁଥିଲେ । ସେତିକିବେଳେ ସେ ଦେଖିଲେ ଯେ ହଜ୍‌ରତ୍ ଉମର ର:ଅ ବସି କାନ୍ଦୁଛନ୍ତି । ଏଥିରେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କଲେ ଉମର୍ ! ଆପଣଙ୍କର କ'ଣ ହୋଇଛି ? ବିଜୟ ଖୁସିରେ ଆପଣ ପ୍ରସନ୍ନତା ବ୍ୟକ୍ତ କରିବା ଉଚିତ୍ ନା କ୍ରନ୍ଦନ କରିବା ଉଚିତ୍ ? ଉମର ଉତର ଦେଲେ 'ମାଲିକ୍, ତୁମେ ବୋଧହୁଏ ଯୁଦ୍ଧ ବିଜୟର ତୁରନ୍ତ ପରେ ପଛକୁ ହଟି ଯାଇଥିଲ । ତୁମକୁ ଜଣାନାହିଁ ଯେ ଇତି ମଧ୍ୟରେ ଶତ୍ରୁ ପାହାଡର ପଛ ରାସ୍ତା ଦେଇ ପୁନର୍ବାର ଇସଲାମୀୟ ସେନା ଉପରେ ଅତର୍କିତ ଆକ୍ରମଣ କରି ସମ୍ପୂର୍ଣ୍ଣ ରୂପେ ଅସ୍ତବ୍ୟସ୍ତ କରି ଦେଇଛି । ତେଣୁ ହଜ୍‌ରତ୍ ମୁହମ୍ମଦ୍ ତାଙ୍କ ଅନୁଚରଙ୍କ ସହିତ ତାଙ୍କର ଦୃଢ଼ ମୁକାବିଲା କରିବା ଦ୍ୱାରା ସେ ଯୁଦ୍ଧରେ ଶହୀଦ୍ ଯାଇଛନ୍ତି । ମାଲିକ ଉତର ଦେଲେ, 'ଯଦି ଏକଥା ସତ, ତା'ହେଲେ ଆପଣ ଏଠି ବସି କାନ୍ଦୁଛନ୍ତି କ'ଣ ? ଯେଉଁ ସ୍ୱର୍ଗଲୋକକୁ ଆମର ପ୍ରିୟତମ ଚାଲି ଯାଇଛନ୍ତି, ଆମେମାନେ ମଧ୍ୟ ସେଠାକୁ ଚାଲିଯିବା ଉଚିତ୍ ।' ସେ ଖାଉଥିବା ସେହି ଶେଷ ଖଜୁରୀ ଟିକକକୁ ହାତରୁ ନେଇ ମୁହଁରେ ନ ପକାଇ ଏହା କହି ତତ୍‌କ୍ଷଣାତ୍ ଫିଙ୍ଗି ଦେଲେ 'ହେ ଖଜୁରୀ ! ମାଲିକ ଏବଂ ସ୍ୱର୍ଗ ମଧ୍ୟରେ ତୋ ବ୍ୟତୀତ ଆଉ କେଉଁ ବସ୍ତୁ ପ୍ରତିବନ୍ଧକ ସାଜିଛି ?' ଏହା କହି ହାତରେ ଖଣ୍ଡା ଧରି ତଡିତ୍ ବେଗରେ ଶତ୍ରୁଙ୍କ ସେନା ମଧ୍ୟରେ ଧସେଇ ପଶିଗଲେ । ତିନିହଜାର ସେନାଙ୍କ ମୁକାବିଲାରେ ଏକମାତ୍ର ଲୋକ କ'ଣ ବା କରିପାରିଥାନ୍ତା ! କିନ୍ତୁ ଏକେଶ୍ୱର ଉପାସନାର ଭାବନା ବ୍ୟାପକ ସଂଖ୍ୟକ ଲୋକଙ୍କ ଉପରେ ଚଡକ ସଦୃଶ ଭାରୀ ପଡିଲା । ମାଲିକ୍ ଏପରି ବୀରତ୍ୱ ଓ ନିର୍ଭୀକ ଭାବରେ ଯୁଦ୍ଧ କଲେ ଯେ ତାହା ଦେଖି ଶତ୍ରୁ ଆଶ୍ଚର୍ଯ୍ୟ ଚକିତ ଓ ସ୍ତବ୍ଧ ହୋଇଗଲା । ସେ ଆହତ ହୋଇ ତଳେ ପଡିଗଲେ, ତଥାପି ଉଠିପଡି ପୁନର୍ବାର ଆକ୍ରମଣ କରି ଚାଲିଥିଲେ । ଯାହାର ପରିଣାମ ସ୍ୱରୂପ ମକ୍କାର ଅବିଶ୍ୱାସକାରୀ ଶତ୍ରୁଗଣ ମିଳିତ ହୋଇ ଏପରି ଭୟାନକ ଭାବେ ତାଙ୍କ ଉପରେ ଚଢାଉ କଲେ ଯେ ଯୁଦ୍ଧ ପରେ ତାଙ୍କ ଶରୀରରେ ସତୁରୀ ଖଣ୍ଡ ଟୁକୁଡା ମିଳିଲା । ଏପରିକି ତାଙ୍କ ଶବକୁ ମଧ୍ୟ କେହି ଚିହ୍ନିପାରିଲେ ନାହିଁ । ଶେଷରେ ତାଙ୍କର ଏକ ଅଙ୍ଗୁଳିକୁ ଠଉରାଇ ତାଙ୍କ ଭଉଣୀ କହିଲେ, 'ଏହା ହେଉଛି ମୋ ଭାଇର ଶବ ।'

ସେହି ଅନୁଚରଣଗଣ ଯେଉଁ ମୁହମ୍ମଦ ରସୁଲୁଲ୍ଲା ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିଲେ । ଏବଂ ଶତ୍ରୁ ଯେତେବେଳେ ପଛକୁ ହଟି ନିଜର ସ୍ଥାନ ଦୃଢ଼ କରିବାକୁ ଲାଗିଲା, ଶତ୍ରୁ ସୈନ୍ୟଙ୍କ ଧକ୍କା ଖାଇ ପଛକୁ ଯାଇଥିଲେ । ଶତ୍ରୁଙ୍କ ପଶ୍ଚାତ୍‌ପଦ ହେବା ଯୋଗୁଁ ସେମାନେ ପୁଣି ଥରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଚାରିପଟେ ରୁଣ୍ଡ ହୋଇଗଲେ ଓ ତାଙ୍କର ଚେତାଶୂନ୍ୟ ଶରୀରକୁ ଉଠାଇଲେ । ଜଣେ ବିଶ୍ୱସ୍ତ ଅନୁଚର ହଜ୍‌ରତ ଉବୈଦା ବିନ୍ ଜରାଃ ର:ଅ ନିଜର ଦାନ୍ତ ଦ୍ୱାରା ମୁହମ୍ମଦ୍ ସ:ଆ:ସଙ୍କ ମୁଣ୍ଡ ଭିତରେ ପଶି ଯାଇଥିବା ଲୁହା କୀଳାକୁ ଜୋର୍‌ରେ ଟାଣି ବାହାର କରିଦେଲେ । ଯାହା ଫଳରେ ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ଅଳ୍ପ ସମୟ ପରେ ମହାଭାଗଙ୍କ ଚେତା ଫେରିଲା । ଅନୁଚରଗଣ ରଣକ୍ଷେତ୍ରରେ ସେ ଜୀବିତ ଥିବା ସୂଚନା ଦେବା ପାଇଁ ଲୋକଙ୍କୁ ଚାରିଆଡେ ଦଉଡାଇ ଦେଲେ । ଯେପରିକି ମୁସଲ୍‌ମାନ୍ ସୈନ୍ୟ ପୁନଶ୍ଚ ଏକତ୍ରୀତ ହୋଇଯିବେ । ତା'ପରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମୁସଲ୍‌ମାନ୍ ସୈନ୍ୟ ପୁନଶ୍ଚ ଏକତ୍ରୀତ ହୋଇଯିବେ । ତା'ପରେ ହଜରତ୍ ମୁହମ୍ମଦ୍ ମୁସଲମାନ୍ ସେନାଙ୍କୁ ନେଇ ପର୍ବତର ଆଢୁଆଳକୁ ଚାଲିଗଲେ । ଯେତେବେଳେ ପାହାଡର ପାଦଦେଶରେ ଏହି ବିକ୍ଷିପ୍ତ ଅବଶିଷ୍ଟ ସେନା ଛିଡା ହୋଇଥିଲେ, ତାକୁ ଲକ୍ଷ୍ୟ କରି ମକ୍କାବାହିନୀର ସେନାପତି ଅବୁସୁଫିଆନ୍ ବଡ ପାଟିରେ କହିଲା, 'ଆମେମାନେ

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ମାରିଦେଲୁ ।' ରସୁଲୁଲ୍ଲାଃ ସ:ଆ:ସ ଅବୁ ସୁଫିଆନ୍‌ର କଥାର କୌଣସି ଉତର ଦେଲେ ନାହିଁ । କାରଣ ଏହା ନ ହେଉ ଯେ ଶତ୍ରୁମାନେ ମୁସଲମାନଙ୍କ ପ୍ରକୃତ ଅବସ୍ଥିତି ଜାଣିପାରି କାଳେ ପୁନର୍ବାର ଆକ୍ରମଣ କରିଦେବେ ଏବଂ ଆହତ ହୋଇଥିବା ମୁସଲ୍‌ମାନ ସୈନ୍ୟ ପୁଣି ଥରେ ଶତ୍ରୁଙ୍କ ଆକ୍ରମଣର ଶିକାର ହୋଇଯିବେ । ଯେବେ ଇସ୍‌ଲାମୀ ସେନାଙ୍କ ଆଡ଼ୁ କୌଣସି ଉତର ମିଳିଲା ନାହିଁ, ଅବୁସୁଫିଆନ୍‌ର ବିଶ୍ୱାସ ହୋଇଗଲା ଯେ ତା'ର ଅନୁମାନ୍ ଠିକ୍ ଅଛି । ପୁଣି ସେ ଉଚ୍ଚ ସ୍ୱରରେ କହିଲା, 'ଆମେମାନେ ଅବୁବକ୍କରଙ୍କୁ ମଧ୍ୟ ମାରି ଦେଇଛୁ ।' ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଅବୁବକ୍କର୍‌ଙ୍କୁ ଆଦେଶ ଦେଲେ ଯେ ଏହାର ତୁମେ କୌଣସି ଉତର ଦିଅନାହିଁ । ଏହା ଦେଖି ଅବୁ ସୁଫିୟାନ୍ ପୁଣି ବଡ ପାଟିରେ କହିଲା, 'ଆମେମାନେ ଉମରଙ୍କୁ ମଧ୍ୟ ମାରି ଦେଇଛୁ ।' ହଜ୍‌ରତ ଉମର ଯିଏ କି ଜଣେ ସାହସୀ ଓ ବୀର ଯୋଦ୍ଧା ଥିଲେ, ସେ ଏହା ଘୋଷଣା କରିବା ପାଇଁ ଚାହୁଁଥିଲେ ଯେ ଆମେମାନେ ସମସ୍ତେ ଇଶ୍ୱରଙ୍କ ଆଶୀର୍ବାଦରୁ ଜୀବିତ ଅଛୁ ଏବଂ ମକ୍କାର ବିଧର୍ମୀମାନଙ୍କ ସହିତ ଉପଯୁକ୍ତ ମୁକାବିଲା କରିବା ପାଇଁ ଏବେ ମଧ୍ୟ ପ୍ରସ୍ତୁତ ଅଛୁ ।' ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ତାଙ୍କୁ ତହିଁରୁ ନିବୃତ ରହିବା ପାଇଁ ଏହି କାରଣରୁ କହିଲେ ଯେ ଏଭଳି ପରିସ୍ଥିତିରେ ମୁସଲମାନମାନଙ୍କୁ ଅଧିକ କଷ୍ଟ ଦିଆନଯାଉ ଓ ନୀରବତା ଅବଲମ୍ବନ କରାଯାଉ । ଏଥର ମଧ୍ୟ କୌଣସି ଜବାବ ନ ମିଳିବାରୁ ମକ୍କା ବାହିନୀକୁ ଏହି କଥାର ଦୃଢ଼ ବିଶ୍ୱାସ ହୋଇଗଲା ଯେ ଆମେମାନେ ଇସ୍ଲାମ୍‌ର ପ୍ରବର୍ତକ ତଥା ତାଙ୍କର ଦକ୍ଷିଣ ଓ ବାମ ପାର୍ଶ୍ୱରେ ଘେରିଥିବା ସେନାଙ୍କୁ ମଧ୍ୟ ମୃତ୍ୟୁଲୋକରେ ପହଂଚାଇ ଦେଲୁ । ତେଣୁ ଅବୁ ସୁଫିଆନ୍ ଓ ତାଙ୍କ ସାଥିମାନେ ଆନନ୍ଦରେ ସ୍ଲୋଗାନ୍ ଦେଇ କହିଲେ, 'ଉଲୁ ହୁବୁଲ-ଉଲୁ ହୁବୁଲ' । ଅର୍ଥାତ୍ 'ଆମ ହୁବୁଲ ଦେବତାଙ୍କ ଜୟ ହେଉ' । ଯିଏ ଇସ୍‌ଲାମ୍ ଧର୍ମର ଆଜି ମୂଳୋତ୍ପାଟନ କରିଦେଇଛି । ସେହି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯିଏ କି ନିଜ ମୃତ୍ୟୁ ଖବର, ଅବୁବକ୍କରଙ୍କ ମୃତ୍ୟୁ ଖବର ତଥା ଉମରଙ୍କ ମୃତ୍ୟୁ ହୋଇ ଯାଇଥିବାର ଘୋଷଣା ଶୁଣି ଚୁପ୍ ରହିବାକୁ ଏଥିପାଇଁ ନିର୍ଦ୍ଦେଶ ଦେଲେ ଯେ ମୁଷ୍ଟିମେୟ ମୁସଲ୍‌ମାନ୍ ଶତ୍ରୁଙ୍କ ହାତରେ କାଳେ ଧ୍ୱଂସ ହୋଇ ନଯାଆନ୍ତୁ । କିନ୍ତୁ ଏବେ ଯେତେବେଳେ ଏକେଶ୍ୱର ଅଲ୍ଲାଃଙ୍କ ପ୍ରତିଷ୍ଠା ଓ ସମ୍ମାନର ପ୍ରଶ୍ନ ଉଠିଲା ଓ ଯୁଦ୍ଧ କ୍ଷେତ୍ରରେ ଅନେକେଶ୍ୱର ବା ଦ୍ୱୈତବାଦ ଜୟଘୋଷ କରାଗଲା, ସେତେବେଳେ ତାଙ୍କ ଆତ୍ମା ବିଚଳିତ ହୋଇ ଉଠିଲା । ସେ ଅତ୍ୟନ୍ତ ଉନ୍ମାଦନା ବଶତଃ ରଣ ହୁଙ୍କାର ଦେଇ କହି ଉଠିଲେ, 'ତୁମେମାନେ ଉତର କାହିଁକି ଦେଉନାହଁ ?' ଅନୁଚରମାନେ କହିଲେ 'ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆମେ କହିବୁ ?' ସେ କହିଲେ ----'ଅଲ୍ଲାଃହୁ ଆ' ଲା ଓ୍ୱ ଅଜଲ୍‌ଲୁ ।' (ଅସିରାତୁଲ୍ ହଲ୍‌ବିୟଃ, ଭାଗ-୨, ପୃଷ୍ଠା-୨୭୦) ଅର୍ଥାତ୍ 'ତୁମେମାନେ ମିଥ୍ୟା କହୁଛ ଯେ ହୁବୁଲ୍ ଦେବ ପ୍ରତୀମାର ମାହାତ୍ମ୍ୟ ବଢ଼ିଛି । କିନ୍ତୁ ଇଶ୍ୱର ଏକ ଓ ତାଙ୍କର କେହି ସମକକ୍ଷ ସାଥୀ ନାହାନ୍ତି । ସେ ପ୍ରତିଷ୍ଠାବାନ ଓ ଉଚ୍ଚ ମହିମାର ଅଧିକାରୀ ।' ଏହି ଘୋଷଣା ଦ୍ୱାରା ସେ ନିଜର ଜୀବିତ ରହିଥିବାର ସୂଚନା ଶତ୍ରୁଙ୍କ ନିକଟରେ ପହଂଚାଇ ଦେଲେ । ଏପରି ବୀରୋଚିତ ଓ ନିର୍ଭୀକତାପୂର୍ଣ୍ଣ ଉତର ଏପରି ଗଭୀର ପ୍ରଭାବ ପକାଇଲା ଯେ ଶତ୍ରୁସେନା ସ୍ତବ୍ଧ ହୋଇଗଲା । ସେମାନଙ୍କ ବିଜୟ କ୍ଷଣିକ ମଧ୍ୟରେ ମାଟିରେ ମିଶିଗଲା । ସମ୍ମୁଖରେ କେତେକ ହତାହତ ମୁଷ୍ଟିମେୟ ମୁସଲମାନ ସୈନ୍ୟ, ଯାହାଙ୍କ ଉପରେ ପୁଣିଥରେ ଆକ୍ରମଣ କରି ଅଳ୍ପ ଚେଷ୍ଟାରେ ନିଶ୍ଚିହ୍ନ କରି ଦିଆଯାଇ ପାରିଥାନ୍ତା । କିନ୍ତୁ ସେମାନେ ସେତିକି ମଧ୍ୟ ଦୁଃସାହସ କରି ପାରିଲେ ନାହିଁ । ଯତ୍‌କିଂଚିତ୍ ବିଜୟ ସେମାନଙ୍କୁ ପ୍ରାପ୍ତ ହୋଇଥିଲା, ତାହାର ଜୟଗାନ କରି ସେମାନେ ମକ୍କା ପ୍ରତ୍ୟାବର୍ତନ କରିଥିଲେ । ଏହିପରି ବିଜୟ ଆଡୁଆଳରେ ପରାଜୟର ସ୍ୱାଦ ଚାଖି ମକ୍କାବାହିନୀ ପଳାୟନ କରିଥିଲେ । କିନ୍ତୁ ଏହି ଯୁଦ୍ଧ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସତ୍ୟତାର ଏକ ମହାନ୍ ଚମତ୍କାରୀତା ଥିଲା । ତାଙ୍କ ଭବିଷ୍ୟବାଣୀ ଅନୁସାରେ ଏହି ଯୁଦ୍ଧରେ ମୁସଲ୍‌ମାନମାନେ ପ୍ରଥମେ ବିଜୟପ୍ରାପ୍ତ କରିଥିଲେ । ପୁନଶ୍ଚ ତାଙ୍କ ଅତି ଆପଣାର ପିତୃବ୍ୟ ହଜ୍‌ରତ୍ ହମଜାଙ୍କ ମୃତ୍ୟୁ ହୋଇଥିଲା । ନିଜର ଭବିଷ୍ୟତ ବାଣୀ ଅନୁସାରେ ସେ ମଧ୍ୟ ସ୍ୱୟଂ ଯୁଦ୍ଧରେ ଗୁରୁତର ଭାବେ ଆହତ ହୋଇଥିଲେ ଓ ତାଙ୍କର ଅନେକ ବିଶ୍ୱସ୍ତ ଅନୁଚରମାନେ ମଧ୍ୟ ଶହୀଦ ହୋଇଥିଲେ । ଏହା ବ୍ୟତୀତ ମୁସଲମାନମାନଙ୍କୁ ଏପରି ଆତ୍ମଶୁଦ୍ଧି ଓ ନିଷ୍ଠାପୂର୍ଣ୍ଣ ଆସ୍ଥା ପ୍ରଦର୍ଶନର ଅବସର ପ୍ରାପ୍ତ ହୋଇଥିଲା, ଯାହାର ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ । ଏପରି ବିଶ୍ୱାସ ଓ ଅନୁରକ୍ତି ପ୍ରଦର୍ଶନର କେତେକ ଘଟଣା ତ ପୂର୍ବରୁ ବର୍ଣ୍ଣନା କରାଯାଇଛି । କିନ୍ତୁ ତେବେ ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାରୁ ଏହା ପ୍ରମାଣିତ ହୋଇଗଲା ଯେ ତାଙ୍କ ସାନ୍ନିଧ ଅନୁଚରମାନଙ୍କ ହୃଦୟରେ ଦୃଢ଼ ବିଶ୍ୱାସ ଓ ଭକ୍ତିର ଏକ ଅଭେଦ୍ୟ ଦୁର୍ଗ ପ୍ରତିଷ୍ଠା କରିଥିଲା । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କେତେକ ଅନୁଚରଙ୍କୁ ସାଥିରେ ନେଇ ଯେତେବେଳେ ପାହାଡର ପାଦଦେଶ ଆଡକୁ ଅଗ୍ରସର ହେଲେ ଓ ଶତ୍ରୁ ପଛଘୁଂଚା ଦେଉଥିଲେ, ସେତେବେଳେ ସେ ଅନୁଚରମାନଙ୍କୁ ଯୁଦ୍ଧଭୂମିକୁ ଯାଇ ଆହତ ସୈନ୍ୟଙ୍କ ସେବା ସୁଶ୍ରୁଷା କରିବା ପାଇଁ ନିର୍ଦ୍ଦେଶ ଦେଲେ । ଜଣେ ଅନୁଚର ଯୁଦ୍ଧ ଭୂମିରେ ଆହତ ସୈନ୍ୟମାନଙ୍କୁ ଖୋଜୁଥିବା ସମୟରେ ଜଣେ ଅନସାରୀ (ମଦିନାର ସାହାଯ୍ୟକାରୀ ମୁସଲମାନ) ମୃମୂର୍ଷୁ ଅବସ୍ଥାରେ ପଡିଥିବାର ଦେଖିଲେ । ତାଙ୍କର ଜୀବନ ଦୀପ ଲିଭି ଆସୁଥିଲା । ସେହି ଅନୁଚର ତାଙ୍କ ନିକଟରେ ପହଂଚିଲେ ଓ ଅସ୍‌ସଲାମୋ ଆଲୈକୁମ୍ କହିଲେ । ସେ ନିଜ କମ୍ପିତ ହସ୍ତ ଉପରକୁ ଉଠାଇଲେ ଓ ତାଙ୍କ ହାତଧରି କହିଲେ, 'ମୁଁ ଅପେକ୍ଷା କରୁଥିଲି କି କେହି ଜଣେ ଭାଇ ମୋତେ ମିଳି ଯାଆନ୍ତୁ ।' ଅନୁଚର ଜଣକ ଉତର ଦେଲେ, 'ଭାଇ ! ଆପଣଙ୍କ ଅବସ୍ଥା ତ ବଡ଼ ଶୋଚନୀୟ ଜଣାପଡୁଛି । ନିଜର ବନ୍ଧୁ ପରିଜନଙ୍କୁ କ'ଣ କିଛି ଖବର ଦେବାର ଅଛି ?' ଏହି ଆସନ୍ନ ମୃତ୍ୟୁ ପଥର ଯାତ୍ରୀ କହିଲେ, 'ହଁ, ମୋର ପରିଜନଙ୍କୁ ମୋର ସଲାମ ଜଣାଇ କହିବ ମୁଁ ତ ମରିବାକୁ ଯାଉଛି, କିନ୍ତୁ ମୋ ପଛରେ ଅଲ୍ଲାଃଙ୍କର ପ୍ରିୟତମ ଦୂତ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଏପରି ଏକ ପବିତ୍ର ଅମାନତ ଓ ବ୍ୟକ୍ତିତ୍ୱ ତୁମ ଗହଣରେ ଛାଡି ଚାଲିଯାଉଛି । ହେ ମୋ ଭାଇବନ୍ଧୁ ଓ ଆତ୍ମୀୟ ସ୍ୱଜନ ! ସେ ପ୍ରଭୁଙ୍କର ଜଣେ ସତ୍ୟନିଷ୍ଠ ରସୁଲ । ମୁଁ ଆଶା କରୁଛି ଯେ ତାଙ୍କ ସୁରକ୍ଷା ନିମିତ ନିଜ ପ୍ରାଣ ଉତ୍ସର୍ଗ କରିବାକୁ ପଡିଲେ ମଧ୍ୟ ତୁମେ କଦାପି କୁଣ୍ଠାବୋଧ କରିବ ନାହିଁ । ଏବଂ ମୋର ଏହି ମୃତୁକାଳୀନ ଇଚ୍ଛାକୁ ସର୍ବଦା ମନେ ରଖିବ ।' (ମୁଅତା ଓ ଜରକାନୀ)

ମୃତ୍ୟୁ ପୂର୍ବରୁ ମନୁଷ୍ୟ ହୃଦୟରେ ପରିଜନଙ୍କ ନିକଟରେ ଅନ୍ତିମ ବାର୍ତା ପହଂଚାଇବା ପାଇଁ ହଜାର ପ୍ରକାର ଅଭିଳାଷ ଜାଗ୍ରତ ହୋଇଥାଏ । କିନ୍ତୁ ଏହି ଲୋକମାନେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସଂଗତିରେ ନିଜକୁ ଏପରି ବିସ୍ମୃତ କରି ଦେଇଥିଲେ ଯେ ନା ସେମାନଙ୍କୁ ନିଜ ପୁତ୍ର ମନେ ପଡୁଥିଲା ନା ସେମାନଙ୍କୁ ପତ୍ନୀ ମନେ ପଡୁଥିଲେ ନା ଧନ ଦୌଲତ ନା ବୈଭବ ସେମାନଙ୍କୁ ସ୍ମୃତିପଟରେ ରହିଥିଲା । ଯଦି କିଛି ସ୍ମରଣ ରହିଯାଇଥିଲା, ତାହାଥିଲା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଆଦର୍ଶ ବ୍ୟକ୍ତିତ୍ୱ । ସେମାନେ ଜାଣିଥିଲେ ଯେ ସଂସାରର ଉଦ୍ଧାର ହେବା ଏହି ବ୍ୟକ୍ତିଙ୍କ ଯୋଗୁଁ ହି ସମ୍ଭବ । ଆମର ମୃତ୍ୟୁ ପରେ ଯଦି ଆମ ସନ୍ତାନ ଜୀବିତ ରହିବେ, ସେମାନେ ତ କୌଣସି ବଡ଼ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ଏହି ମୁକ୍ତଦାତାଙ୍କ ସକାଶେ ଯଦି ଆମ ସନ୍ତାନମାନେ ପ୍ରାଣ ବିସର୍ଜନ କରିବେ, ତା'ହେଲେ ଅବଶ୍ୟ ଆମର ବଂଶ ଲୋପ ପାଇଯିବ ସତ, କିନ୍ତୁ ସଂସାର ଜୀବିତ ହୋଇ ଉଠିବ । ଶୈତାନର ମାୟାଜାଲ କବଳରେ ଫସିଯିବା ମନୁଷ୍ୟ ପୁଣିଥରେ ମୁକ୍ତି ପାଇଯିବ । କାରଣ ଆମ ବଂଶଧରଙ୍କ ଜୀବନ ଠାରୁ ହଜାରେ ଗୁଣ ଅଧିକ ମୂଲ୍ୟବାନ ହେଉଛି, ସମଗ୍ର ଲୋକଙ୍କ ଜୀବନ ଓ ଜଗତର ମୋକ୍ଷ ।

ସୁତରାଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଉହଦ ରଣକ୍ଷେତ୍ରରେ ବିକ୍ଷିପ୍ତ ହୋଇ ପଡି ରହିଥିବା ସମସ୍ତ ଶହୀଦଙ୍କ ମୃତ ଶରୀର କ୍ଷତ ହୋଇଥିବା ବ୍ୟକ୍ତିମାନଙ୍କୁ ଏକତ୍ରୀତ କଲେ । ଆହତମାନଙ୍କ କ୍ଷତ ସ୍ଥାନରେ ମଲମ ପଟି କରାଗଲା । ଶହୀଦମାନଙ୍କ ଶବକୁ ଅନ୍ତେଷ୍ଟି କ୍ରିୟା ପରେ କବର ଦିଆଗଲା । ଏହି ସମୟରେ ଦେଖାଗଲା ଯେ ମକ୍କାର ଅତ୍ୟାଚରୀ ସୈନ୍ୟମାନେ ବିଭତ୍ସ ରୂପେ ମୁସଲମାନ ଶହୀଦଙ୍କ ନାକ କାନ କାଟି ପକାଇଛନ୍ତି । ଯେଉଁମାନଙ୍କର ନାକ କାନ କଟିଯାଇଥିଲା ସେମାନଙ୍କ ମଧ୍ୟରେ ସ୍ୱୟଂ ମୁହମ୍ମଦ୍ ସ:ଆ:ସଙ୍କ ପିତୃବ୍ୟ ହମ୍‌ଜାଙ୍କ ଶବ ମଧ୍ୟ ବାଦ ପଡିନଥିଲା । ଏହି ଦୃଶ୍ୟ ଦେଖି ସେ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଓ କହିେ 'କୁଫାର (ଅବିଶ୍ୱାସକାରୀ) ଗଣ ନିଜର ପାପାଚରିତ କର୍ମଦ୍ୱାରା ଏହି ପ୍ରତିଶୋଧକୁ ନିଜ ପାଇଁ ପ୍ରଯୁଜ୍ୟ କରି ଦେଇଛନ୍ତି । ଯାହାକୁ ଆମେ ଅନୁଚିତ ବୋଲି ଭାବୁଥିଲୁ । ପରନ୍ତୁ ଇଶ୍ୱର ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଉପରେ ସେହି ସମୟରେ ଐଶିବାଣୀ କଲେ ଯେ 'କୁଫାର ଯାହା କରିଛନ୍ତି ତାହା ତାକୁ କରିବାକୁ ଦିଅନ୍ତୁ । ତୁମେ ସର୍ବଦା ଦୟା, କ୍ଷମା ଓ ନ୍ୟାୟର ପଥରେ ଅଗ୍ରସର ହୁଅ ।'

**ଉହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ ଏବଂ ମଦିନାବାସୀଙ୍କ ତ୍ୟାଗପୂତ ଭାବନା**

ଯେତେବେଳେ ଇସ୍‌ଲାମୀୟ ସେନା ମଦିନାରୁ ଫେରୁଥିଲେ, ସେତେବେଳକୁ ମୁହମ୍ମଦ୍ ସ:ଆ:ସଙ୍କ ସ୍ୱୟଂ ବୀରଗତିକୁ ପ୍ରାପ୍ତ ହେବାର ମିଥ୍ୟା ଗୁଜବ ତଥା ଇସ୍‌ଲାମୀୟ ସେନାଙ୍କ ଯୁଦ୍ଧ ଭୂମିରେ ଅସ୍ତବ୍ୟସ୍ତ ହୋଇ ଏଣେତେଣେ ପଳାୟନ ଖବର ମଦିନାରେ ପହଂଚି ସାରିଥିଲା । ମଦିନାର ମହିଳା ଓ ପିଲାମାନେ ପାଗଳ ଉନ୍ମତ ପ୍ରାୟ ହୋଇ ଉହଦ ଯୁଦ୍ଧକ୍ଷେତ୍ର ଆଡକୁ ଦୌଡିବାରେ ଲାଗିଲେ । ଅଧିକାଂଶ ଲୋକଙ୍କୁ ଯିବା ବାଟରେ ହିଁ ଏହି ସୂଚନା ମିଳି ଯାଇଥିଲା, ଯଦ୍ୱାରା ସେମାନେ ସେହିଠାରେ ହିଁ ଅଟକି ଗଲେ । କିନ୍ତୁ ବନୁ ଦିନାର ଗୋଷ୍ଠୀର ଜଣେ ମହିଳା ଉନ୍ମତ ହୋଇ ରଣକ୍ଷେତ୍ର ପର୍ଯ୍ୟନ୍ତ

ଯାଇ ପହଂଚିଗଲେ । ଯେତେବେଳେ ସେ ପାଗଳ ପରି ଅଣନିଃଶ୍ୱାସୀ ହୋଇ ଦୌଡୁଥିଲେ, ଉହଦ୍ ଯୁଦ୍ଧରେ ତାଙ୍କ ସ୍ୱାମୀ, ଭାଇ ଓ ବାପା ସମସ୍ତେ ଶହୀଦ୍ ହୋଇ ବୀରଗତିକୁ ପ୍ରାପ୍ତ ହୋଇଥିଲେ । ଅନ୍ୟ ଏକ ସୂତ୍ରରୁ ଜଣାପଡେ ଯେ ଏହି ମହିଳାଙ୍କ ଏକ ପୁତ୍ର ମଧ ଯୁଦ୍ଧଭୂମିରେ ପ୍ରାଣବଳୀ ଦେଇଥିଲେ । ଯେତେବେଳେ ତାଙ୍କୁ ତାଙ୍କ ବାପାଙ୍କ ମୃତ୍ୟୁ ଖବର ଦିଆଗଲା, ସେ ପ୍ରଶ୍ନ କଲେ, 'ମୋତେ କହନ୍ତୁ, ମୁହମ୍ମଦ ସ:ଆ:ସଙ୍କ ଅବସ୍ଥା କିପରି ଅଛି ?' ଯେହେତୁ ଉକ୍ତ ଖବରଦାତା ମୁହମ୍ମଦ୍ ସ:ଆ:ସଙ୍କ ଜୀବିତ ଥିବା ବିଷୟରେ ନିଶ୍ଚିନ୍ତ ଥିଲା, ତେଣୁ ସେ ଜଣ ଜଣ କରି ସେହି ମହିଳାଙ୍କ ପତ୍ରର ମୃତ୍ୟୁ, ସ୍ୱାମୀଙ୍କ ମୃତ୍ୟୁ ଓ ଭାଇଙ୍କ ମୃତ୍ୟୁ ଖବର ନିରନ୍ତର ଦେଇ ଚାଲିଥିଲେ । କିନ୍ତୁ ସେ ବାରମ୍ବାର କେବଳ ଏହା କହି ଚାଲିଥିଲେ,----- 'ମା ଫାଆଲା ରସୁଲୁଲ୍ଲାହେ ସ୍ୱଲ୍ଲଲ୍ଲାହୋ ଅଲୈହେ ଓ୍ୱସଲ୍ଲମ୍' 'ଆହାଃ ! ଅଲ୍ଲାଃଙ୍କ ରସୁଲ୍ ତୁମେ ଏ କ'ଣ କଲ ? ସାଧାରଣତଃ ଦେଖିବାକୁ ଗଲେ ମହିଳାଙ୍କ ଏହି ବାକ୍ୟର ଭୁଲ୍ ଅର୍ଥରେ ପ୍ରୟୋଗ ହୋଇଥିବାର ପ୍ରତୀତ ହୁଏ । ଏହି କାରଣ ଯୋଗୁଁ ଐତିହାସିକମାନେ ଲେଖିଛନ୍ତି ଏହାର ଅର୍ଥ ହେଉଛି, ମୁହମ୍ମଦ ସ:ଆ:ସଙ୍କ ଦ୍ୱାରା ଯେ କଣ ସବୁ ଘଟିଥିଲା ? କିନ୍ତୁ ପ୍ରକୃତ ପକ୍ଷେ ମହିଳାଙ୍କ ଏହି ବାକ୍ୟର ପ୍ରୟୋଗ କଦାପି ଭୁଲ ନଥିଲା । ବାସ୍ତବିକତା ହେଉଛି ଯେ ସ୍ତ୍ରୀ ଲୋକମାନଙ୍କ ପ୍ରଚଳିତ ଲୋକଭାଷାରେ ଏପରି ବାକ୍ୟ କହିବା ସମ୍ପୂର୍ଣ୍ଣ ଠିକ୍ ଥିଲା । କାରଣ ଜଣେ ନାରୀର ସମ୍ବେଦନାପୂର୍ଣ୍ଣଭାବ ବିହ୍ୱଳତା ଅତି ତୀବ୍ର ହୋଇଥାଏ । ଏବଂ ସେମାନେ ମୃତକଙ୍କୁ ଜୀବିତ ଭାବି କଥା କହି ଥାଆନ୍ତି । ଯେପରିକି କେତେକ ସ୍ତ୍ରୀ ଲୋକଙ୍କ ପତି ଓ ପୁତ୍ରଙ୍କ ନିଧନ ହୋଇଗଲେ, ସେମାନେ ବିଳାପରେ ଆର୍ତନାଦ କରନ୍ତି; 'ମୋତେ କାହା ପାଖରେ ଛାଡି ଚାଲିଯାଉଛ ?' କିମ୍ବା ସେହିପରି 'ଧନରେ ମୋର ଏହି ବୃଦ୍ଧାବସ୍ଥାରେ ମୋ ଠାରୁ କାହିଁକି ମୁହଁ ମୋଡିନେଲୁ ? ଇତ୍ୟାଦି । ଶୋକାତୁର ଅବସ୍ଥାରେ ଏପରି ଭାବଉଦ୍ରେକ ନିଦର୍ଶନ ଦେଖିବାକୁ ମିଳିଥାଏ ।

ତେଣୁ ମୁହମ୍ମଦ୍ ସ:ଆ:ସଙ୍କ ମୃତ୍ୟୁ ସମାଚାର ଶୁଣି ଉକ୍ତ ମହିଳାଙ୍କ ଏପରି ଅବସ୍ଥା ହୋଇଥିଲା । ସେଥିପାଇଁ ତାଙ୍କୁ ମୃତକ ରୂପେ ସ୍ୱୀକାର କରିବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ । ଅପର ପକ୍ଷେ ଉକ୍ତ ସୂଚନାକୁ ସେ ଖଣ୍ଡନ ବି କରିପାରିନଥିଲେ । ତେଣୁ ଦୁଃଖରେ ମର୍ମାହତ ହୋଇ ସେ କହି ଚାଲିଥିଲେ, 'ଆରେ, ହେ ଅଲ୍ଲାଃଙ୍କ ରସୁଲ ! ତୁମେ ଇୟେ କ'ଣ କରିଦେଲ ।' ଅର୍ଥାତ୍ ଏଭଳି ଜଣେ ମହାନୁଭବ ବ୍ୟକ୍ତି ଆମକୁ ଏହି ଆଘାତ ପହଂଚାଇବାରେ କଣ ପାଇଁ ସହମତ ହୋଇଗଲେ ?

ଯେତେବେଳେ ଲୋକମାନେ ଦେଖିଲେ ଯେ ସେ ମହିଳାଙ୍କୁ ନିଜ ପିତା, ପତି ଓ ଭାଇଙ୍କ ଜୀବନ ପ୍ରତି କୌଣସି ପ୍ରକାର ଭ୍ରୁକ୍ଷେପ ନାହିଁ, ସେତେବେଳେ ସେମାନେ ତା'ର ସତ୍ୟ ଭାବନାକୁ ବୁଝିଗଲେ ଓ ବଡ ପାଟିରେ କହିଲେ, 'ହେ ଅମୁକର ମୋତେ ! ରସୁଲୁଲ୍ଲାଃ ତ ଯେପରି ତୁ ଚାହୁଁଛୁ ସେହିପରି ଅଲ୍ଲାଃଙ୍କ କୃପାରୁ ସର୍ବକୁଶଳରେ ଅଛନ୍ତି ।' ଏହା ଶୁଣି ସେ ମହିଳା କହିଲେ, 'କାହିଁ କେଉଁଠି ଅଛନ୍ତି ମୋତେ ଦେଖାଅ ? ଲୋକମାନେ କହିଲେ, 'ଆଗକୁ ଟିକିଏ ଚ଼ଲିଯାଅ, ସେ ଛିଡା ହୋଇଛନ୍ତି ।' ସେ ମହିଳା ଜଣକ ଦୌଡି ଯାଇ ତାଙ୍କ ପାଖରେ ପହଂଚିଲେ ଓ କୋଟିନିଧି ପାଇଲା ପରି ତାଙ୍କ ଅଙ୍ଗବସ୍ତ୍ରକୁ ଧରି କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୋର ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଯେବେ ଆପଣ ନିରାପଦ, ଅଛନ୍ତି ତେଣିକି ଆଉ କେହି ମଲେ ପରବାୟ ନାହିଁ ।

ପୁରୁଷମାନେ ଯୁଦ୍ଧରେ ନିଜ ବିଶ୍ୱାସ ଓ ଆନୁଗତ୍ୟର ଅଭୂତପୂର୍ବ ଆଦର୍ଶ ଦେଖାଇଥିଲେ ଏବଂ ମହିଳାମାନେ ମଧ ଶ୍ରଦ୍ଧା ଓ ଭକ୍ତିର ଏପରି ଦୃଷ୍ଟାନ୍ତ ପ୍ରଦର୍ଶନ କଲେ, ଯାହାର ଉଦାହରଣ ମୁଁ ବର୍ତମାନ ବର୍ଣ୍ଣନା କଲି । କିନ୍ତୁ ଖ୍ରୀଷ୍ଟିୟାନ୍ ଗତ ମରିୟମ୍ ମଗ୍‌ଦଲିନୀ ଓ ତାଙ୍କ ସାଥି ମହିଳାଙ୍କ ସେହି ବୀରତ୍ୱ ଉପରେ ଗର୍ବ କରେ ଯେ ସେମାନେ ଯାଇ ଯୀଶୁଙ୍କ କବର ନିକଟରେ ପ୍ରାତଃକାଳରେ ଲୁଚି ଛପି ପହଂଚିଥିଲେ । କିନ୍ତୁ ମୁଁ ପଚାରୁଛି, ଆସ ! ଟିକିଏ ମୋର ପ୍ରିୟତମଙ୍କ ଅନୁରକ୍ତମାନଙ୍କୁ ଓ ପ୍ରାଣର ବଳିଦାନ କରୁଥିବା ଭକ୍ତମାନଙ୍କୁ ଦେଖ ! କିଭଳି ପରିସ୍ଥିତିରେ ସେମାନେ ତାଙ୍କ ସାଥିରେ ରହି ସହଚର୍ଯ୍ୟ ପାଳନ କରିଥିଲେ ଓ କିଭଳି ସଙ୍କଟପୂର୍ଣ୍ଣ ଅବସ୍ଥାରେ ମଧ ଏକେଶ୍ୱରବାଦର ଧ୍ୱଜା ଉଡାଇଥିଲେ ।

ଏଭଳି ତ୍ୟାଗପୂତ ଭାବନା ଉପରେ ପର୍ଯ୍ୟବେଶିତ ଅନ୍ୟ ଏକ ଉଦାହରଣ କେତେକ ଇତିହାସ ପୁସ୍ତକରେ ଆମକୁ ମିଳିଥାଏ । ଯେତେବେଳେ ମୁହମ୍ମଦ୍ ଶହୀଦମାନଙ୍କୁ ସମାଧି ଦେଇ ମଦିନା ପ୍ରତ୍ୟାବର୍ତନ କଲେ, ସେତେବେଳେ ମଦିନାର ଆବାଳ ବୃଦ୍ଧବନିତା ବିଶେଷତଃ ମହିଳା ଓ ପିଲାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ବାହାରକୁ ଚାଲି ଆସିଥିଲେ । ଯେଉଁ ଓଟରେ ହଜ୍‌ରତ ମୁହମ୍ମଦ୍ ଆରୋହଣ କରିଥିଲେ, ତା'ର ଦଉଡ଼ି ମଦିନାର ସମ୍ଭ୍ରାନ୍ତ ବର୍ଗର ନେତା ସାଆଦ୍ ବିନ୍ ମାଆଜ୍ ର:ଅ ଧରିଥିଲେ ଏବଂ ସେ ବର୍ଗରେ ଉତ୍‌ଫୁଲ୍ଲିତ ହୋଇ ଆଗକୁ ଧାଇଁ ଚାଲିଥିଲେ । ବୋଧହୁଏ ସେ ଦୁନିଆକୁ ଜଣାଇ ଦେବାକୁ ଚାହୁଁଥିଲେ ଯେ ଦେଖ, ଆମେ ହଜ୍‌ରତ୍ ମୁହମ୍ମଦ୍‌ଙ୍କୁ କୁଶଳରେ ଓ ନିରାପଦ ପୂର୍ବକ ମଦିନା ଫେରାଇ ଆଣିଛୁ । ସହରର ଏକ ପାର୍ଶ୍ୱରେ ସାଆଦ୍ ବିନ୍ ମାଆଜ୍‌ଙ୍କ ମାଆ ବୁଢ଼ି ଯାହାଙ୍କ ଦୃଷ୍ଟିଶକ୍ତି କମି ଯାଇଥିଲା, ସେ ମୁହମ୍ମଦ୍ ସ:ଆ:ସଙ୍କୁ ଆସୁଥିବାର ଦେଖିଲେ । ଏହି ବୃଦ୍ଧାଙ୍କର ଅନ୍ୟ ଏକ ପୁତ୍ର ଉମର୍ ବିନ୍ ମାଆଜ୍ ଯୁଦ୍ଧଭୂମିରେ ଶହୀଦ୍ ହୋଇଯାଇଥିଲେ । ନିଜ ମାଆଙ୍କୁ ଦେଖାଇ ସାଆଦ୍ ବିନ୍ ମାଆଜ୍ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ହେଇ, ଯେ ମୋର ମାତାଶ୍ରୀ ଆସୁଛନ୍ତି' । ମୁହମ୍ମଦ୍ ସ:ଆ:ସ କହିଲେ, 'ଅଲ୍ଲାଃଙ୍କ ଆଶୀର୍ବାଦ ନେଇ ଆସନ୍ତୁ ।' ବୃଦ୍ଧା ଆଗକୁ ଆସିଲେ, ନିଜର କ୍ଷୀଣ ଶକ୍ତିହୀନ ନୟନ ଯୁଗଳରେ ଏଣେ ତେଣେ ନିରେଖି ଦେଖିବାକୁ ଲାଗିଲେ । କାଳେ କେଉଁଠି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଚେହେରା ଦେଖାଯିବ । ଶେଷରେ ସେ ଶ୍ରୀମୁଖ ଦର୍ଶନ କଲେ ଓ ରସୁଲୁଲ୍ଲାଃଙ୍କ ସୁଦର୍ଶନ ଚେହେରା ଦେଖି ଅତ୍ୟନ୍ତ ଉଲ୍ଲସିତ ହୋଇ ଉଠିଲେ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ, 'ମୋତେ ! ତୁମ ପୁଅ ଶହୀଦ୍ ହେବା ଯୋଗୁଁ ତୁମ ପ୍ରତି ମୁଁ ଗଭୀର ସମବେଦନା ବ୍ୟକ୍ତ କରୁଛି ।' ତହୁଁ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କୁ କୁଶଳରେ ଥିବାର ଦେଖି ମୋର ପୁତ୍ର ବିୟୋଗରେ ସମସ୍ତ ଦୁଃଖ କଷ୍ଟକୁ ଭୁଞ୍ଜି ଖାଇ ଦେଇଛି ।' ଅର୍ଥାତ୍ ମୋତେ ତିଳ ତିଳ କରି ଦଗ୍ଧ କରୁଥିବା ପୁତ୍ର ବିରହର ବେଦନାକୁ ମୁଁ ପିଇ ଯାଇଛି । ସେହି ପ୍ରଚଳିତ ଲୋକଭାଷାରେ ତାଙ୍କ ମୁଖରୁ ଉଚ୍ଚାରିତ ବାକ୍ୟ କେତେ ବିଚିତ୍ର ସତେ ! ଯାହା ପ୍ରେମର ଅଗାଧ ଭାବକୁ ଦର୍ଶାଉଛି । ଶୋକ ତ ମଣିଷକୁ ଖାଇଦିଏ । ଏହି ଶୋକ ସନ୍ତପ୍ତ ମହିଳା ଯାହାଙ୍କ ବୃଦ୍ଧାବସ୍ଥାରେ ଛିଡା ହୋଇଥିବା ତାଙ୍କ ପୁତ୍ରବଳର ସାହାର ଆଜି ଭାଙ୍ଗିଯାଇଛି । ସେ କିପରି ବାହାଦୂରୀର ସହ କହୁଛି, 'ମୋ ପୁଅର ମୃତ୍ୟୁର ଶୋକ ମୋତେ କ'ଣ ଖାଇବ ? ଯଦି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ନିଜର ପ୍ରାଣ ବିସର୍ଜନ କରିଛି, ତାହା ମୋ ମନୋବଳକୁ ବଢାଇବାର କାରଣ ହେବ । ହେ ଅନ୍‌ସାର ! ମୋର ଜୀବନ ତୁମ ପାଇଁ ଉତ୍ସର୍ଗୀକୃତ, ସତରେ ତୁମେମାନେ କେତେ ପୁଣ୍ୟ ପାଇଗଲ !

***ପୃଷ୍ଠା-୨୮ର ଅବିଶିଷ୍ଟାଶ........***

ବୁଦ୍ଧି ଓ ଜ୍ଞାନ ମଧ ଦେଇଥାଏ । ହଁ ଯଦି ଏ ପ୍ରଶ୍ନ ଉଠେ ଯେ ଯଦି ଏପରି କୌଣସି ବ୍ୟକ୍ତି ଏହି ସରକାରଙ୍କ ଦେଶରେ ଏ କୋଳାହଳ ମଚାଏ ଯେ ମୁଁ ହେଉଛି ଖୁଦା ବା ଖୁଦାଙ୍କ ପୁତ୍ର ତେବେ କଣ ସରକାର ଏହାର ନିରାକାରଣ କରିଥାନ୍ତେ ? ଏହାର ଉତର ହେଉଛି ଏହା କି ଏହି ଦୟାବାନ୍ ସରକାର ସେପରି ବ୍ୟକ୍ତିକୁ କୌଣସି ଡ଼ାକ୍ତରଙ୍କ ଅଧିନରେ ଦେଇଥାନ୍ତେ ଯଦ୍ୱାରା ତା ମୁଣ୍ଡ/ମସ୍ତିଷ୍କ ଠିକ୍ ହେବ ବା ସେହି ବଡ଼ ଘରେ ତାକୁ ସୁରକ୍ଷିତ ରଖିଥାନ୍ତେ ଯେଉଁଥିରେ, ଲାହୋରଠାରେ ଏହି ପ୍ରକାରର ଅନେକ ଲୋକ ଏକାଠି ଅଛନ୍ତି । ଯଦି ଏହା କୁହ କି କେଉଁ ପୁସ୍ତକରେ ଏହା ଲେଖା ଅଛି ଯେ କୈସରେ ରୋମ୍ ଏ ଇଚ୍ଛା ପ୍ରକାଶ କରିଥିଲେ ଯେ ଯଦି ମୁଁ ଯନାବ ପବିତ୍ର ନବି ସ:ଆ:ସଙ୍କ ସେବାରେ ପହଂଚି ପାରିଥାନ୍ତି ତେବେ ମୁଁ ଜଣେ ସାଧାରଣ ସେବକ ହୋଇ ପାଦ ଧୋଇଦେଇଥାନ୍ତି । ଏହାର ଉତରରେ ଆପଣଙ୍କ ପାଇଁ ଅସହୁଲ୍ କୁତୁବ୍ ବାଦ କିତାବୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ପୁସ୍ତକ ପରେ ସବୁଠାରୁ ଅଧିକା ଠିକ୍) ପୁସ୍ତକ ସହ୍‌ହି ବୁଖାରୀର ବାକ୍ୟକୁ ଲେଖୁଅଛି । ଟିକିଏ ଆଖି ଖୋଲି ପଢ଼ି ନିଅ । ତାହା ହେଉଛି ଏପରି **ଓ୍ୱ କଦ୍ କୁନ୍‌ତୁ ଆଲମୁ ଅନ୍ନହୁ ଖାରିଜୁନ୍ ଓ୍ୱ ଲମ୍ ଅକୁନ୍ ଅଜୁନ୍ନୁ ଅନ୍ନହୁ ମିନ୍‌କୁମ୍ ଫଲୌ ଅନ୍ନା ଆଲମୁ ଇନ୍ନି ଅଖ୍‌ଲୁସୁ ଇଲୈହେ ଲତଯଶ୍‌ଖମ୍‌ତୁ ଲିକାଅହୁ ଓ୍ୱ ଲୌ କନ୍‌ତୁ ଇନ୍‌ନହୁ ଲଗସଲ୍‌ତୁ ଅନ୍ କଦମୈହି** । ଅର୍ଥାତ୍: ଏହା ତ ମତେ ଜଣାଥିଲା କି ଶେଷ ଯୁଗରେ ନବି ଆସିବାକୁ ଅଛନ୍ତି କିନ୍ତୁ ମତେ ଏ କଥା ଜଣା ନଥିଲା ଯେ ସେ ତୁମମାନଙ୍କ ମଧ୍ୟରୁ ହିଁ (ହେ ଆରବର ଲୋକମାନେ) ଜନ୍ମ ନେବେ । ତେଣୁ ଯଦି ମୁଁ ତାଙ୍କ ସେବାରେ ପହଂଚିପାରନ୍ତି ତେବେ ମୁଁ ବହୁତ ଚେଷ୍ଟା କରନ୍ତି ଯେ ତାଙ୍କ ଦର୍ଶନ ମତେ ମିଳୁ ଏବଂ ଯଦି ମୁଁ ତାଙ୍କ ସେବାରେ ଥାନ୍ତି ତେବେ ମୁଁ ତାଙ୍କ ଗୋଡ଼ ଧୋଇ ଦିଅନ୍ତି । ଏବେ ଯଦି କିଛି ସ୍ୱାଭିମାନ ଓ ଲାଜ ସରମ ଅଛି ତେବେ (ଇସା) ମସିହଙ୍କ ନିମନ୍ତେ ଏପରି ସମ୍ମାନ ତାଙ୍କ ସମୟର କୌଣସି ସମ୍ରାଟଙ୍କ ତରଫରୁ ମିଳିଥିବ, ତାହା ଉପସ୍ଥାପନ କର ଓ ନଗଦ ଏକ ହଜାର ଟଙ୍କା ଆମଠାରୁ ନେଇ ନିଅ । ଇଞ୍ଜିଲ୍‌ରୁ ପେଶ କରିବା କୌଣସି ଆବଶ୍ୟକ ନାହିଁ । ଯଦି ମଇଳା ସ୍ଥାନରେ ପଡ଼ିଥିବା କୌଣସି ଲିଖିତ ଫର୍ଦ୍ଦ ଅଛି ତାକୁ ହିଁ ପେଶ୍ କରି ଦିଅ ଏବଂ ଯଦି କୌଣସି ସମ୍ରାଟ ବା ଅମୀର ନାହାନ୍ତି ତେବେ କୌଣସି ଏକ ଛୋଟ ନଓ୍ୱାବ୍‌ଙ୍କୁ ପେଶ କରିଦିଅ । ମନେରଖ କଦାପି ପେଶ୍ କରିପାରିବ ନାହିଁ । ସୁତରାଂ ଏହି ଦଣ୍ଡ ମଧ କୌଣସି ନର୍କ ଦଣ୍ଡରୁ କମ୍ ନୁହେଁ ଯେ ନିଜେ ହିଁ କଥା ଉଠାଇ ପୁଣି ନିଜେ ହିଁ ଅପରାଧି ହୋଇଗଲ । ସାବାସ୍ ! ସାବାସ୍ ! ସାବାସ୍ ! ଭଲ ପାଦ୍ରୀ ଅଟ । *(ସମ୍ପୂର୍ଣ୍ଣ ବିବରଣୀ ଦେଖିବା ପାଇଁ ପୁସ୍ତକ ନୁରୁଲ୍ କୁର୍‌ଆନ୍ ନଂ-୨, ରୁହାନୀ ଖଜାଇନ୍, ଖଣ୍ଡ-୯ ପଢ଼)*

ଆଜି ମଧ ସୟଦନା ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଅଭିଯୋଗ ଓ ମିଥ୍ୟାରୋପ ଲଗାଯିବାର ଧାରା ଜାରି ରହିଛି । ମୁସଲ୍‌ମାନମାନଙ୍କର ମଧ ବଡ଼ ଦୁର୍ଭାଗ୍ୟ ଯେ ସେମାନେ ବି ଖୁଦାଙ୍କର ଜଣେ ବୁଜ୍‌ରୁଗ୍ (ସମ୍ମାନୀୟ) ନବି ମସିହ ମଉଦ ଓ୍ୱ ମେହେଦି ମାହୁଦ୍ ଆ:ସଙ୍କୁ ଅପମାନ/ତିରସ୍କାର କରିବାରେ ଲାଗିପଡ଼ିଛନ୍ତି । ଅଲ୍ଲାଃ ତାଲା ଏପରି ଲୋକମାନଙ୍କୁ ବୁଦ୍ଧି ଓ ବିବେକ ପ୍ରଦାନ କରନ୍ତୁ ଯେଉଁମାନେ ଖୁଦାଙ୍କ ନବୀଙ୍କୁ ଅପମାନ କରି ନିଜର ଇହକାଳ ଓ ପରକାଳକୁ ନଷ୍ଟ କରୁଛନ୍ତି । *(ମନ୍‌ସୁର୍ ଅହ୍‌ମଦ୍ ମସ୍‌ରୁର୍)*

ତକ୍‌ରିର୍ ଜଲ୍‌ସାସାଲାନା କାଦିଆନ୍ ୨୦୧୮

# ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଜୀବନ ଚରିତ (ମାନବ ସମ୍ମାନ ପ୍ରସଙ୍ଗରେ)

(ମୁହମ୍ମଦ୍ ଇନାମ୍ ଘୋରୀ, ନାଜ୍‌ର ଆଲା ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-

***ୱ୍ଲକଦ୍ କର୍‌ରମ୍‌ନା ବନି ଆଦମା ୱ୍ ହମ୍‌ଲ୍‌ନା ହୁମ୍ ଫିଲ୍‌ବର୍‌ରେ ୱ୍ଲ୍‌ବହ୍‌ରେ ୱ୍ରଜକ୍‌ନାହୁମ୍ ମିନତ୍ ତୟେବାତେ ୱ୍ଫଜ୍ଜଲନାହୁମ୍ ଆଲା କସିରିମ୍ ମିମନ୍ ଖଲକ୍‌ନା ତଫ୍‌ଜିଲା***

*(ସୁରା ବନି ଇସ୍‌ରାଇଲ୍:୭୧)*

ଅନୁବାଦ:- ଏବଂ ଆମ୍ଭେ ଆଦମ୍ ସନ୍ତାନ ମାନଙ୍କୁ (ଅର୍ଥାତ୍ ମାନବ ଜାତିକୁ ଯଥେଷ୍ଟ) ସମ୍ମାନ ପ୍ରଦାନ କରିଅଛୁ ଏବଂ ସେମାନଙ୍କ ପାଇଁ ସ୍ଥଳଭାଗ ଓ ଜଳଭାଗରେ ପରିବହନର ବ୍ୟବସ୍ଥା କରିଅଛୁ ଏବଂ ସେମାନଙ୍କୁ ପବିତ୍ର ବସ୍ତୁମାନଙ୍କରୁ ଜିବୀକା ପ୍ରଦାନ କରିଅଛୁ, ଏବଂ ଯେଉଁ ପ୍ରାଣୀଜଗତ ଆମ୍ଭେ ସୃଷ୍ଟି କରିଅଛୁ ସେମାନଙ୍କ ମଧ୍ୟରେ ଅନେକଙ୍କ ଉପରେ ଆମ୍ଭେ ଏମାନଙ୍କୁ ପ୍ରାଧାନ୍ୟ ପ୍ରଦାନ କରିଅଛୁ।

ପବିତ୍ର କୋରାନ୍‌ର ଉପରୋକ୍ତ ଆୟତ ପରେ ଏହି ବିଷୟ ବସ୍ତୁ ପ୍ରସଙ୍ଗରେ ଗୋଟିଏ ହଦିସ୍ କୁଦୁସି ଅଛି ଯେଉଁଥିରେ ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ଅଲ୍ଲାଃତାଲାଙ୍କ ଏହି ନିର୍ଦ୍ଦେଶ ପ୍ରସଙ୍ଗରେ କହୁଛନ୍ତି କି ***"ଅରତ୍‌ତୁ ଅନ୍ ଉରଫା ଫଖଲକ୍‌ତୁ ଆଦମା"*** ***(ମୁଜିଲୁଲ୍ ଖ୍ଫାଇ*** *ୱ୍ଲ୍ ଅଲ୍‌ବାସୀ,ଖଣ୍ଡ -୨ ,ପୃଷ୍ଠା-୧୩୨, ଲେଖକ-ଇସ୍‌ମାଇଲ୍ ବିନ୍ ମୁହମ୍ମଦ୍ ଅଲ୍ ଅଜ୍‌ଲାନୀ)*

ଅର୍ଥାତ୍ ଅଲ୍ଲାଃତାଲା କହୁଛନ୍ତି କି ମୁଁ ଏ ମନସ୍ଥ କରିସାରିଛି ଯେ ମୁଁ ଚିହ୍ନିତ ହୁଏ। ସେହି ଉଦ୍ଦେଶ୍ୟ ନିମନ୍ତେ ମୁଁ ଆଦମ୍‌କୁ ସୃଷ୍ଟି କରିଛି।

ଆଉ ଏକ ହଦିସ୍‌ରେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି କି ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି କି ***"ଖଲକଲ୍ଲାହୁ ଆଦମା ଆଲା ସୁରତିହି"*** *(ବୁଖାରୀ କିତାବୁଲ୍ ଇସ୍‌ତୈଜାନ୍, ବାବ୍ ବଦଉଲ୍ ଅଜାନ୍)*

ଅର୍ଥାତ୍ ଅଲ୍ଲାଃ ଆଦମକୁ ନିଜ ରୂପ ଓ ବର୍ଣ୍ଣ ଦେଇ ଜନ୍ମ ଦେଇଛନ୍ତି। ଏବେ ଏକଥା ପ୍ରକାଶ୍ୟ ଯେ ଖୁଦାତାଲାଙ୍କର ଯେ କୌଣସି ରୂପ ବର୍ଣ୍ଣ ନାହିଁ ତେବେ ଏହାର ଅର୍ଥ ହେଉଛି ମନୁଷ୍ୟ ଖୁଦାତାଲାଙ୍କ ଅସ୍ତିତ୍ୱ ଓ ବିଶେଷ ଗୁଣର ଅଧିକାରୀ ଅଟେ, ହଁ ସର୍ତ୍ତ ହେଉଛି ଏହା କି ସେ ପ୍ରକୃତରେ (ଓ ବାସ୍ତବିକ ରୂପେ) ମନୁଷ୍ୟ ହୋଇଥିବ। ଏବେ ଏହା ଦେଖିବା ଯେ ମନୁଷ୍ୟର ହକିକତ୍ (ଅର୍ଥାତ୍ ବାସ୍ତବିକତା) କଣ? ସୁତରାଂ ମନେ ରଖିବା ଉଚିତ୍ ଯେ ଇନ୍‌ସାନ୍ ଶବ୍ଦଟି ହେଉଛି ଆରବୀ ଶବ୍ଦ। ଅର୍ଥାତ୍ ତାହା ଏପରି ଏକ ଅସ୍ତିତ୍ୱ ଯାହା ମଧ୍ୟରେ ଦୁଇଟି ଉନ୍‌ସ୍ ଅର୍ଥାତ୍ ଦୁଇଟି ପ୍ରେମ ମିଳିଥାଏ। ଗୋଟିଏ ହେଉଛି ଖୁଦାତାଲାଙ୍କ ସହିତ ପ୍ରେମ ଓ ଦ୍ୱିତୀୟଟି ହେଉଛି ତା ପ୍ରାଣୀଜଗତ ସହିତ ପ୍ରେମ।

ଅଲ୍ଲାଃତାଲା ପ୍ରତ୍ୟେକ ମନୁଷ୍ୟର ପ୍ରକୃତିରେ ଏହି ଦୁଇଟି ପ୍ରେମକୁ ରୋକି ଦେଇଛି। ଏକଥା ଅଲଗା ଯେ କାହାଠାରେ ଏହି ପ୍ରେମର ଚମକ ଅଧିକ ପରିପ୍ରକାଶ ହୋଇଥାଏ ଓ କାହାଠାରେ କମ୍। ସେହିଭଳି ଆଉ କାହାଠାରେ ତାର କର୍ମ ଯୋଗୁ ବିଲ୍‌କୁଲ୍ କ୍ଷଣ ଅବସ୍ଥାରେ ଥାଏ। ସେଥିଯୋଗୁ ତାଠାରେ ଓ ପଶୁଙ୍କ ଠାରେ କୌଣସି ଫରକ ରହେନାହିଁ।

ଅଲ୍ଲାଃତାଲା ବନି ଆଦମ୍ (ଅର୍ଥାତ୍ ଆଦମ୍‌ଙ୍କ ସନ୍ତାନ)ଙ୍କ ମଧ୍ୟରେ ଜଣେ ଏପରି ମନୁଷ୍ୟକୁ ମଧ୍ୟ ଜନ୍ମ ଦେଇଛନ୍ତି ଯାହାଙ୍କଠାରେ ଏହି ଦୁଇଟି ପ୍ରେମ ପୂର୍ଣ୍ଣମାତ୍ରାରେ ଭରି ରହିଥିଲା। ସୁତରାଂ ସେ ଖୁଦାଙ୍କ ପ୍ରେମରେ ଏବଂ ତା ସମିପତାରେ ଉପରକୁ ଉପରକୁ ଉଠି ଚାଲିଲା ଏପରିକି ସେ ଖୁଦାଙ୍କ ଅସ୍ତିତ୍ୱରେ ଏପରି ଲୀନ ହୋଇଗଲା ଯେ ବିରୋଧିମାନେ ମଧ୍ୟ ଏକଥା କହି ଉଠିଲେ କି ***ଅଶିକା ମୁହମ୍ମଦୁନ୍ ରବ୍‌ବହୁ*** ଅର୍ଥାତ୍ ମୁହମ୍ମଦ୍ ତା ପାଳନକର୍ତ୍ତାଙ୍କ ପ୍ରେମରେ ହଜିଯାଇଛି। ସ୍ୱଲଲ୍ଲାହୋ ଆଲୈହେ ୱ୍ସଲ୍ଲମ୍।

ଓ ପୁଣି ଯେବେ ପ୍ରାଣୀଜଗତ ପ୍ରତି ଧ୍ୟାନ ଆକର୍ଷଣ କଲେ ସେତେବେଳେ ଏତେମାତ୍ରାରେ ପ୍ରାଣୀଜଗତର ସହାନୁଭୁତିରେ ମଜିଗଲେ ଯେ ଅର୍‌ଶ୍ ଅର୍ଥାତ୍ ଇଶ୍ୱରଙ୍କ ନିକଟରୁ ***ରହ୍‌ମତୁଲ୍ ଲିଲ୍ ଆଲମିନ୍*** ଏବଂ ***ରଉଫ୍ ୱ୍ ରହିମ୍*** ର ପଦବୀ ପ୍ରାପ୍ତ କଲେ।

ସୁତରାଂ ଖୁଦାତାଲା ଏବଂ ଖୁଦାଙ୍କ ପ୍ରାଣୀଜଗତ ସହିତ ପ୍ରେମ, ସମୀପତା ଏବଂ ସହାନଭୁତି ଦେଖାଇବାରେ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଅତ୍ୟନ୍ତ ଉଚ୍ଚସ୍ଥାନ ହାସଲ କରିଛନ୍ତି। ସେଇଥିପାଇଁ ଆପଣ ସ:ଆ:ସ ***"ଇନ୍‌ସାନେ କାମିଲ୍"*** (ଅର୍ଥାତ୍ ପୂର୍ଣ୍ଣ ମାନବ) ବୋଲାଇଲେ।

ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସଚ୍ଚାପ୍ରେମୀ। ଆପଣ ସ:ଆ:ସଙ୍କ ପୂର୍ଣ୍ଣମାନବ ହେବା ସମ୍ବନ୍ଧରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ଶବ୍ଦରେ କହୁଛନ୍ତି:-

"ସେହି ଉଚ୍ଚ ସ୍ତରର ଜ୍ୟୋତି ଯାହା ମନୁଷ୍ୟକୁ ଦିଆଯାଇଅଛି ଅର୍ଥାତ୍ ପୁର୍ଣ୍ଣମାନବକୁ ତାହା ଫରିସ୍ତା ମାନଙ୍କ ମଧ୍ୟରେ ନଥିଲା, ନକ୍ଷତ୍ର ମାନଙ୍କ ମଧ୍ୟରେ ନଥିଲା, ଚନ୍ଦ୍ରମଧ୍ୟରେ ନଥିଲା, ସୂର୍ଯ୍ୟ ମଧ୍ୟରେ ନଥିଲା ଓ ତାହା ଭୂପୃଷ୍ଠର ସମୁଦ୍ର ଓ ନଦୀମାନଙ୍କ ମଧ୍ୟରେ ନଥିଲା। ସେହି ଲାଲ୍, ୟାକୁତ୍, ଜମ୍‌ରୁଦ୍, ଅଲ୍‌ମାସ୍ (ଅର୍ଥାତ୍ ସମସ୍ତ ମୂଲ୍ୟବାନ ମଣି ପଥର) ଓ ମୋତି ମଧ୍ୟରେ ମଧ୍ୟ ନଥିଲା। ସୁତରାଂ ତାହା କୌଣସି ପାର୍ଥିବ ଏବଂ ଆକାଶୀୟ (ବସ୍ତୁମାନଙ୍କ) ମଧ୍ୟରେ ନଥିଲା। କେବଳ ମନୁଷ୍ୟ ମଧ୍ୟରେ ଥିଲା ଅର୍ଥାତ୍ ପୂର୍ଣ୍ଣମାନବ ମଧ୍ୟରେ ଯାହାର ପୂର୍ଣ୍ଣ, ସମ୍ପୂର୍ଣ୍ଣ, ଉଚ୍ଚ ଏବଂ ଉଚ୍ଚତମ ସଦସ୍ୟ ହେଉଛନ୍ତି ଆମର ସୟଦ୍ ଓ ମୌଲା ସୟଦୁଲ୍ ଅମ୍ବିୟା ସୟଦୁଲ୍ ଅହ୍‌ୟା ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୋ ଆଲୈହି ୱ୍ସଲ୍ଲମ୍"। *(ଆଇନା କମାଲାତେ ଇସ୍‌ଲାମେ, ରୁହାନି ଖଜାଇନ୍, ଖଣ୍ଡ-୫, ପୃଷ୍ଠା-୧୬୦-୧୬୧)*

ଏହି ପୁର୍ଣ୍ଣମାନବ ପୃଥିବୀରେ କେଉଁଭଳି ମାନବତାକୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛନ୍ତି। ଆଜିର ଏହି ସଭାରେ ସମୟକୁ ଦୃଷ୍ଟିଆଗରେ ରଖି ତାହାର ଗୋଟିଏ ଝଲକ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରିବି।

ପ୍ରିୟ ଶ୍ରୋତାଗଣ! ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଆବିର୍ଭାବ ପୂର୍ବରୁ ମାନବତାର କୌଣସି ସମ୍ମାନ ନଥିଲା। ସେହିପରି ମାନବିକ ଅଧିକାରର ତ କୌଣସି ଭାବନା ହିଁ ନଥିଲା। ଜୋର୍ ଜାର୍ ମୁଲକ୍ ତାର ସିଦ୍ଧାନ୍ତ ଜାରି ଥିଲା। ମହିଳା, କ୍ରିତଦାସ ଏବଂ କ୍ରୀତଦାସୀ ଏମାନେ ସମସ୍ତେ ଦୁର୍ବଳ ଶ୍ରେଣୀର ଲୋକମାନେ ସମ୍ପତି ରୂପେ ଗଣାଯାଉଥିଲେ। ସେ ଯୁଗରେ ଆରବ ଦେଶ କ'ଣ ପ୍ରତ୍ୟେକ ସଭ୍ୟ ବୋଲାଉଥିବା ଦେଶମାନକରେ ମଧ୍ୟ ହାରିଯାଇଥିବା କୌମ୍‌ର କଏଦୀମାନଙ୍କୁ ଗୁଲାମ୍ କରିବାର ପ୍ରଥା ଏକ ସାଧାରଣ କଥା ଥିଲା। ଏବଂ ପୁଣି ବିନା କୌଣସି ଯୁଦ୍ଧ ଓ ଲଢ଼େଇ ଅବସ୍ଥାରେ ମଧ୍ୟ ଗରୀବ ଓ ଅସହାୟ ପୁରୁଷ ଓ ମହିଳାମାନଙ୍କୁ ବିକ୍ରି କରିଦେବା ଓ କ୍ରୀତଦାସ ବନାଇଦେବାର ଭୟଙ୍କର ପ୍ରଥା ପ୍ରଚଳନ ଥିଲା।

କିନ୍ତୁ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ସର୍ବପ୍ରଥମେ କ୍ରୀତଦାସମାନଙ୍କୁ ସ୍ୱାଧୀନ କରିବାର ସିଲ୍‌ସିଲା ଆରମ୍ଭ କରିଦେଲେ ଓ ଯେତେବେଳେ ଆପଣ ସ:ଆ:ସଙ୍କ ଅର୍ଦ୍ଧାଙ୍ଗିନୀ (ପବିତ୍ର ସ୍ତ୍ରୀ) ହଜ୍‌ରତ୍ ଖଦିଜା ର:ଅ ବିବାହ ପରେ ନିଜର ଧନ ସମ୍ପତି ଓ ସମସ୍ତ କ୍ରୀତଦାସ ଆପଣଙ୍କ ସେବାରେ ପେଶ୍ କରିଦେଲେ ସେତେବେଳେ ଆପଣ ସ:ଆ:ସ ସେହି ସମସ୍ତ ଗୁଲାମ୍‌କୁ ସ୍ୱାଧୀନ କରିଦେଲେ। ଜଣେ ସ୍ୱାଧୀନ ମଣିଷକୁ କେବଳ ତା ଗରିବୀ ଓ ତାର ଅସହାୟ ଅବସ୍ଥା ଯୋଗୁ ବିକ୍ରି କରିଦେବା ଓ ଗୁଲାମୀର ବେଡ଼ିରେ ବାନ୍ଧିଦେବା ଏହାର ଅନୁମତି ଇସ୍‌ଲାମ୍ କଦାପି ଦିଏନାହିଁ। ସୁତରାଂ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଲେ "ଯେଉଁ ବ୍ୟକ୍ତି କୌଣସି ସ୍ୱାଧିନ ବ୍ୟକ୍ତିକୁ ବିକ୍ରି କରିଦିଏ ତାକୁ ବୈକୁଣ୍ଠର ପବନ ମଧ୍ୟ ଛୁଇଁବ ନାହିଁ"।

*(ବୁଖାରି କିତାବୁଲ୍ ବୈଇ)*

ପବିତ୍ର କୋରାନ୍‌ର ସୁରା ମୁହମ୍ମଦ୍‌ର ଆୟତ ନଂ-୫ରେ ଏହା ଧାର୍ଯ୍ୟ କରାଯାଇଛି ଯେ ଯେଉଁ ଲୋକମାନେ ଯୁଦ୍ଧ ସମୟରେ କଏଦୀ ହୋଇ ଆସିବେ ସେମାନଙ୍କୁ ଏହ୍‌ସାନ୍ (ଅର୍ଥାତ୍ ଅନୁଗ୍ରହ ପୂର୍ବକ ସ୍ୱାଧୀନ କରିଦେବା ବା ପୁଣି ସେମାନଙ୍କ ଠାରୁ ଫିଦିୟା ଗ୍ରହଣ କରି ମୁକ୍ତ କରିଦେବାକୁ ପଡିବ। ସୁତରାଂ ଅଲ୍ଲାଃତାଲାଙ୍କର ଏହି ନିର୍ଦ୍ଦେଶ ଉପରେ ଅମଳ କରିବାର ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଅଗଣତି ଘଟଣାରେ ପରିପୂର୍ଣ୍ଣ। କେବଳ ଏଠାରେ ଗୋଟିଏ ଘଟଣା ଉପସ୍ଥାପନ କରୁଅଛି।

ହଜ୍‌ରତ୍ ଜଏଦ୍ ବିନ୍ ହାର୍‌ସାଙ୍କୁ କ୍ରୀତାଦାସ ରୂପେ ଯେବେ ହଜ୍‌ରତ୍ ଖଦିଜା ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥାପନ କରିଦେଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ନା କେବଳ ତାଙ୍କୁ ସ୍ୱାଧୀନ କରିଦେଲେ ବରଂ ନିଜ ମୁତବନ୍ନା (ଅର୍ଥାତ୍ ଧରମ ପୁଅ) ବନାଇଦେଲେ ଓ ତାଙ୍କୁ ଏତେ ସ୍ନେହ ଓ ପ୍ରେମ କଲେ ଯେ ଯେତେବେଳେ ଜଏଦ୍‌ର ପ୍ରକୃତ ମା'ବାପା ତାଙ୍କୁ ଖୋଜି ଖୋଜି ନେବାପାଇଁ ଆସି ସେଠାରେ ପହଂଚିଲେ ସେତେବେଳେ ହଜ୍‌ରତ୍ ଜଏଦ୍ ର:ଅ ନିଜ ମା'ବାପାଙ୍କ ସହିତ ଯିବା ପାଇଁ ମନା କରିଦେଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ରହିବାକୁ ଅଗ୍ରାଧିକାର ଦେଲେ।

ଏବଂ ପୁଣି ସେହି ସ୍ୱାଧୀନ ପାଇଥିବା ଗୁଲାମ୍‌ର ପୁତ୍ର ଉସାମାଙ୍କୁ ଏତେମାତ୍ରାରେ ସମ୍ମାନ ପ୍ରଦାନ କଲେ କି ନିଜ ଜୀବନର ଶେଷ ଦିନ ଗୁଡିକରେ ଯେଉଁ ସେନା ପ୍ରସ୍ତୁତ କରିଥିଲେ ତାହାର କମାଣ୍ଡର୍ ତାକୁ ବନାଇଥିଲେ। ସୁତରାଂ ମାନବ ଜାତିର ସମ୍ମାନ ତ ଏପରି

ପରିସ୍ଥିତିରେ ପରିପ୍ରକାଶ ହୋଇପାରେ ଯେ ଆମେ ଜାତିର, ସମାଜର, ଦୁର୍ବଳଶ୍ରେଣୀ ଓ ପଛୁଆ ବର୍ଗର ଲୋକମାନଙ୍କ ସହିତ କିପରି ବ୍ୟବହାର କରୁଅଛେ ।

ନଚେତ୍ ଆଜିର ସଭ୍ୟ ସମାଜ ବୋଲାଉଥିବା ପୃଥିବୀରେ ମଧ୍ୟ ପତ୍ୟେକ ଦିନ୍ ଆମେ ଗରୀବ, ଚାକର ଓ ମଜୁରିଆଙ୍କ ସହିତ ପଶୁଙ୍କ ପରି ବ୍ୟବହାର ହେଉଥିବାର ଦେଖୁଅଛେ କିନ୍ତୁ ମୁହସିନେ ଇନ୍‌ସାନିୟତ୍ (ଅର୍ଥାତ୍ ମାନବ କଲ୍ୟାଣ ନିମନ୍ତେ ଆସିଥିବା ବ୍ୟକ୍ତି) ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହୁଛନ୍ତି, ଯାହା ବୁଖାରୀର କିତାବୁଲ୍ ଅତିକ୍‌ର ଗୋଟିଏ ହଦୀସ୍‌ରେ ବର୍ଣ୍ଣନା ହୋଇଛି ତା'ର ଅନୁବାଦ ହେଉଛି ଏପରି:-

"ତୁମର ଗୁଲାମ୍ ହେଉଛନ୍ତି ତୁମର ଭାଇ ସଦୃଶ । ସୁତରାଂ ଯଦି କୌଣସି ବ୍ୟକ୍ତିଙ୍କ ଅଧିନରେ କୌଣସି ଗୁଲାମ୍ ଅଛି ତେବେ ସେ ତାକୁ ସେହିପରି ଖୁଆଇବାକୁ ଦେଉ ଯାହା ସେ ନିଜେ ଖାଉଛି ଓ ସେହିପରି ପିନ୍ଧିବାକୁ ଦେଉ ଯେଉଁପରି ସେ ନିଜେ ପିନ୍ଧୁଛି । ତୁମେ ନିଜ ଗୁଲାମ୍‌କୁ ଏପରି କାମ ଦିଅନାହିଁ ଯାହା ତା ଶକ୍ତି ଓ ସାମର୍ଥ୍ୟଠାରୁ ଅଧିକା ହୋଇଥିବ । କିନ୍ତୁ ଯଦି କେବେ ଏହିପରି କାର୍ଯ୍ୟ କରିବାକୁ ଦିଅ ତେବେ ପୁଣି ସେହି କାର୍ଯ୍ୟର ନିଜେ ତୁମେ ତାଙ୍କୁ ସାହାଯ୍ୟ କର ।"

ସୁତରାଂ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉପରୋକ୍ତ ନିର୍ଦ୍ଦେଶ ଓ କାର୍ଯ୍ୟନମୁନାକୁ ଆପଣ ସ:ଆ:ସଙ୍କ ସାହାବାମାନେ ସମ୍ପୂର୍ଣ୍ଣ ଆଜ୍ଞାବହତାର ସହ ଅନୁସରଣ କରୁଥିଲେ । ହଜ୍‌ରତ୍ ଅବୁଜର୍ ର:ଅଙ୍କ ସମ୍ବନ୍ଧରେ ଏକଥା ମିଳୁଛି ଯେ ସେ ଗୋଟିଏ ବସ୍ତ୍ର ପିନ୍ଧିଥିଲେ ଓ ସେହିପରି ବସ୍ତ୍ର ତାଙ୍କ ଗୁଲାମ୍ ମଧ୍ୟ ପିନ୍ଧିଥିଲେ । ସେହିଭଳି ସାହାବାମାନେ ଯେତେବେଳେ ନିଜ ଗୁଲାମ୍‌ଙ୍କ ସହିତ କେଉଁଆଡେ ଯାତ୍ରା କରୁଥିଲେ ଓ ତାଙ୍କ ନିକଟରେ ଗୋଟିଏ ସବାରୀ ଥାଏ ତେବେ ସେମାନେ ପାଳିକରି ନିଜେ ସେଥିରେ ଆରୋହଣ କରୁଥିଲେ ଏବଂ ଗୁଲାମ୍‌ମାନଙ୍କୁ ମଧ୍ୟ ଆରୋହଣ କରାଇ ନିଜେ ପାଦରେ ଚାଲିଚାଲି ଯାଉଥିଲେ ।

ସେହିପରି ସମାଜରେ ମହିଳାମାନେ ମଧ୍ୟ ଅତ୍ୟନ୍ତ ଦୁର୍ବଳ ଓ ଅତ୍ୟାଚାରିତ ଗୋଷ୍ଠୀରେ ଗଣାଯାଉଥିଲେ । ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଆବିର୍ଭାବ ସମୟରେ ତ ମହିଳାମାନଙ୍କୁ ମଣିଷ ରୂପେ ମଧ୍ୟ ବିବେଚନା କରାଯାଉନଥିଲା ବରଂ ଝିଅ ଜନ୍ମକୁ ଏତେମାତ୍ରାରେ ଅଶୁଭ ଓ ଅଲକ୍ଷଣୀ ବୁଝାଯାଉଥିଲା ଯେ ଯାହା ଘରେ ଝିଅ ଜନ୍ମ ନେଉଥିଲା ସେ ବ୍ୟକ୍ତି ତା ସମାଜରୁ ମୁହଁ ଲୁଚାଇ ବୁଲୁଥିଲା ଓ ଏପରି କେତେକ କଠୋର ହୃଦୟର ଅଭାଗା ବ୍ୟକ୍ତି ମଧ୍ୟ ଥିଲେ ଯେଉଁମାନେ ଝିଅମାନଙ୍କୁ ଜିବୀତ ମାଟିରେ ମଧ୍ୟ ପୋତି ଦେଉଥିଲେ ।

ପ୍ରିୟ ଶ୍ରୋତାଗଣ! ଏକଥା ତ ଆଜିଠାରୁ ୧୪୦୦ ବର୍ଷ ପୂର୍ବ ଜାହିଲିୟତ୍ ଯୁଗର କଥା ଥିଲା । ଯାହା ପବିତ୍ର କୋରାନ୍ ଓ ଆହାଦିସ୍‌ରେ ମିଳୁଅଛି କିନ୍ତୁ ଆଜିକାର ଏହି ଭଦ୍ର ସମାଜକୁ ମଧ୍ୟ ଦେଖି ନିଅନ୍ତୁ । ମାନବିକ ସମାନତା ସୃଷ୍ଟି କରିବା ଓ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ଭେଦଭାବକୁ ଶେଷ କରିଦେବାର ଦାବୀ କରୁଥିବା ଲୋକମାନେ ମଧ୍ୟ ଏ କାନୁନ୍ ବନାଇ ରଖିଛନ୍ତି ଯେ କୌଣସି ଗର୍ଭବତୀ ମହିଳାଙ୍କୁ ଅଲ୍‌ଟ୍ରାସାଉଣ୍ଡ୍ କରାଇ ତା ଗର୍ଭରେ ଥିବା ସନ୍ତାନର ଲିଙ୍ଗ ନିରୁପଣ କରାଇବା ଅର୍ଥାତା ତା ଭିତରେ ପୁଅ ଅଛି ବା ଝିଅ ଅଛି ଏକଥା ବତାଇବାକୁ କାନୁନୀ ଅପରାଧ ରୂପେ ବିବେଚନା କରାଯାଉଛି । ଏବଂ ଡାକ୍ତରଖାନାର ବାହାରେ ଏହି ପ୍ରକାରର ବୋର୍ଡ ଓ ଇସ୍ତେହାର ଲଗାଯାଇଥିବାର ଦେଖିବାକୁ ମିଳୁଛି କାହିଁକି ? ଏଇଥିପାଇଁ କି ଆଜି ମଧ୍ୟ କିଛି ପରିବାରରେ ଝିଅ ଜନ୍ମହେବାକୁ ଅଶୁଭ ମଣାଯାଉଛି ଏବଂ ଯଦି ଏକଥା ତାଙ୍କୁ ଜଣାପଡିଯାଏ ଯେ ଗର୍ଭ ଭିତରେ ଝିଅ ଅଛି ବେଳେ ତେବେ ତାର ଗର୍ଭପାତ କରିବା ପାଇଁ ଚେଷ୍ଟା କରାଯାଉଛି ।

କିନ୍ତୁ ସେହି ମୁହ୍‌ସିନେ ଇନ୍‌ସାନିୟତ୍ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଝିଅପିଲାମାନଙ୍କର ସୁ ଶିକ୍ଷା ଓ ସୁସଂସ୍କାର ପ୍ରତି ଧ୍ୟାନ ଆକର୍ଷଣ କରାଇ କହିଛନ୍ତି:- "ଯେଉଁ ବ୍ୟକ୍ତି ଦୁଇଟି ଝିଅକୁ ଭଲଭାବେ ତର୍‌ବିୟତ୍ କରେ (ଅର୍ଥାତ୍ ଶିକ୍ଷା ଦିକ୍ଷା ଦେଇ ସଂସ୍କାରୀ କରେ) ସେ ଓ ମୁଁ କୟାମତ୍ ଦିନ ଏପରି ଏକାଠି ହେବୁ ଯେପରି ଦୁଇଟି ଅଙ୍ଗୁଳି ଆପୋଷରେ ମିଶି ରହିଛନ୍ତି ।" (ମୁସ୍‌ଲିମ୍)

ସ୍ତ୍ରୀଙ୍କ ସହିତ ସଦ୍ ବ୍ୟବହାର କରିବା ପାଇଁ ଉପଦେଶ ଦେଇ ଆପଣ ସ:ଆ:ସ କହୁଛନ୍ତି:- "ତୁମମାନଙ୍କ ମଧ୍ୟରୁ ଉତମ ବ୍ୟକ୍ତି ହେଉଛି ସେ ଯିଏ ନିଜ ସ୍ତ୍ରୀ ସହିତ ଉତମ ବ୍ୟବହାର କରିବାରେ ସବୁଠାରୁ ଅଧିକ । ପୁଣି ନିଜର କାର୍ଯ୍ୟ ନମୁନା ଦେଖାଇ କହିଲେ:- ***ଆନା ଖୈରୁକୁମ୍ ଲିଅହ୍‌ଲି*** ଅର୍ଥାତ୍ ଦେଖ ମୁଁ ମୋ ଘରର ଲୋକମାନଙ୍କ ସହିତ ଉତମ ବ୍ୟବହାର କରିବାରେ ତୁମ ସମସ୍ତଙ୍କଠାରୁ ଅଧିକା ।" (ତିର୍‌ମିଜି)

ପୁଣି ମା'ଙ୍କୁ ସମ୍ମାନ ଦେଖାଇବା ଓ ମା'ଙ୍କ ସହିତ ସଦ୍ ବ୍ୟବହାର କରିବା ପାଇଁ ଏତେ ମାତ୍ରାରେ ଜୋର୍ ଦେଇ କହିଛନ୍ତି କି "ଜନ୍ନତ୍ (ଅର୍ଥାତ୍ ବୈକୁଣ୍ଠ) ତୁମ ମା'ଙ୍କ ପାଦତଳେ ରହିଛି" (ନସାଇ)

ପୁଣି ପ୍ରତିକ୍ଷେତ୍ରରେ ମହିଳାମାନଙ୍କୁ ଉତରାଧିକାରୀ ବନାଇଲେ ଏବଂ ପୁରୁଷମାନଙ୍କୁ ଏ ଅଧିକାର ଦେଲେନାହିଁ ଯେ ମହିଳାଙ୍କ ବିନା ଅନୁମତିରେ ତାଙ୍କ ସମ୍ପତିକୁ ଖର୍ଚ୍ଚ କରିବେ ।

ପ୍ରିୟ ଶ୍ରୋତାଗଣ ସମାଜରେ ସାଧାରଣତଃ ଗରିବ ଓ ଦରିଦ୍ର ଶ୍ରେଣୀର ଲୋକମାନେ ଏପରି ଦୁର୍ବଳ ଓ ନିକୃଷ୍ଟତମ ବ୍ୟକ୍ତି ରୂପେ ବିବେଚନା କରାଯାଉଛନ୍ତି ଯେ କୌଣସି ଲୋକ ତାଙ୍କ ସହିତ କଥାବାର୍ତା କରିବାକୁ ମଧ୍ୟ ପସନ୍ଦ କରୁନାହାଁନ୍ତି । କେହି ସେମାନଙ୍କୁ ନିକଟରେ ବସାଇବା ପାଇଁ ବା ସେମାନଙ୍କ ନିକଟରେ ବସିବା ପାଇଁ ଉଚିତ୍ ମଣୁନାହାଁନ୍ତି । ସେମାନଙ୍କ ସହିତ ଚାଲିବାକୁ ମଧ୍ୟ ନିଜର ବେଜିତ୍ ବୋଲି ଭାବୁଛନ୍ତି । କିନ୍ତୁ ଆମର ପ୍ରିୟ ମୁହ୍‌ସିନେ ଇନ୍‌ସାନିୟତ୍‌ର ଆଦର୍ଶ ଓ କାର୍ଯ୍ୟ ନମୁନା ଏହାଠାରୁ ଅଲଗା ଥିଲା । ଆପଣ ସ:ଆ:ସ ଅଧିକାଂଶ ସମୟ ଏ ପ୍ରାର୍ଥନା କରୁଥିଲେ:- "ହେ ଅଲ୍ଲା! ମୋତେ ମିସ୍‌କିନ୍ ଅର୍ଥାତ୍ ଦରିଦ୍ର ରୂପେ ଜିବୀତ ରଖ ଓ ସେହି ଅବସ୍ଥାରେ ହିଁ ଦରିଦ୍ରମାନଙ୍କ ଗୋଷ୍ଠୀରେ ମୋତେ ମୃତ୍ୟୁ ଦିଅ" (ତିରିମିଜି)

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଜାହିର୍ ନାମ ଜଣେ ଦେହାତି ଲୋକ ଥିଲା ଯାହାର ରୂପ ଓ ଚେହେରା ଅତ୍ୟନ୍ତ ଅସୁନ୍ଦର ଥିଲା । ଏକଦା ସେ ବଜାରରେ ନିଜର ସଉଦା ବିକ୍ରି କରୁଥିଲା ଓ ଝାଳରେ ତାର ଶରୀର ପରିପୂର୍ଣ୍ଣ ଥିଲା । ଏତିକିବେଳେ ଆପଣ ସ:ଆ:ସ ତା ପଛପଟୁ ଯାଇ ନିଜର ବାହୁକୁ ତା କାନ୍ଧ ଉପରେ ରଖିଦେଲେ । ତାକୁ ଯେତେବେଳେ ଅନୁଭବ ହେଲା କି ଇଏ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସ, ଏଥିରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରେମପୂର୍ଣ୍ଣ ଭାବରେ ନିଜର ପିଠିକୁ ହଜୁର୍ ସ:ଆ:ସଙ୍କ ପବିତ୍ର ଶରୀର ସହିତ ରଗଡିବାକୁ ଲାଗିଲା । ଆଁ ହଜ୍‌ରତ୍ ସ:ଆ:ସ କହିବାକୁ ଲାଗିଲେ ଇଏ ହେଉଛି ମୋର ଗୁଲାମ, କିଏ ଏହାକୁ କିଣିବ । ଏଥିରେ ସେ କହିଲା ହେ ଅଲ୍ଲାଃଙ୍କ ରସୁଲ୍! ଏଥିରେ ତ ଆପଣ ବହୁତ କ୍ଷତି ଉଠାଇବେ, ମୋତେ କିଏ କିଣିଲାବାଲା ଅଛି ? ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ନାହିଁ ନାହିଁ ଅଲ୍ଲାଃଙ୍କ ନିକଟରେ ତ ତୁମେ କ୍ଷତିର ସଉଦା ନୁହଁ ତୁମର ବହୁତ ଆଦର ସମ୍ମାନ ଓ ମୂଲ୍ୟ ଅଛି" ।

*(ମସ୍‌ନଦ୍ ଅହେମଦ୍, ଖଣ୍ଡ-୩)*

ଆଁ ହଜ୍‌ରତ୍ ସ:ଆ:ସ ଗରୀବ ଓ ମିସ୍‌କିନ୍ ମାନଙ୍କୁ ଭୋଜି ଇତ୍ୟାଦିରେ ନିମନ୍ତ୍ରଣ କରିବା ପାଇଁ ବହୁତ ତାଗିଦ୍ କରିଛନ୍ତି ଓ କହିଛନ୍ତି ଯେ ସେହି ନିମନ୍ତ୍ରଣ ହେଉଛି ବହୁତ ଖରାପ ଯେଉଁଥିରେ କେବଳ ଧନୀ ଲୋକମାନଙ୍କୁ ନିମନ୍ତ୍ରଣ କରାଯାଏ ଓ ଗରୀବ ମାନଙ୍କୁ ସାମିଲ୍ କରାନଯାଏ" ।

*(ବୁଖାରୀ କିତାବୁଲ୍ ନିକାହ୍)*

ସୁତରାଂ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଗୁଣ ଗାରିମାର କ୍ଷମତା ଐଶ୍ୱରିକ ଇଛା ମୁତାବକ ଏତେ ମାତ୍ରାରେ ସର୍ବସାଧାରଣରେ ପ୍ରକାଶ ହେଲା ଏବଂ କାର୍ଯ୍ୟ ନମୁନାରେ ଢ଼ଳିଗଲା ଯେ ମନୁଷ୍ୟର ଉଦ୍ଦେଶ୍ୟ ଯେପରି ପୁରଣ ହୋଇଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ଆମ ନବୀ ସ:ଆ:ସଙ୍କ ଉପରେ ଯେଉଁ ରୁହୁଲ୍ କୁଦୁସ୍ (ଅର୍ଥାତ୍ ପବିତ୍ର ଆତ୍ମା) ଅବତୀର୍ଣ୍ଣ ହୋଇଥିଲା ତାହା ପ୍ରତ୍ୟେକ କ୍ଷେତ୍ରରୁ ଅଧିକ ଥିଲା । ରୁହୁଲ୍ କୁଦୁସ୍ କେବେ କେଉଁ ନବୀ ଉପରେ ପାରା ରୂପରେ ପ୍ରକାଶ ହୋଇଛି ଏବଂ କେବେ କୌଣସି ନବୀ ବା ଅବତାରଙ୍କ ଉପରେ ଗାଈ ରୂପରେ ପ୍ରକାଶ ହୋଇଛି ଓ କେବେ ଅନ୍ୟ କୌଣସି ରୂପରେ ବା ମାଛ ରୂପରେ ପ୍ରକାଶ ହୋଇଛି । କିନ୍ତୁ ମନୁଷ୍ୟ ରୂପରେ ପ୍ରକାଶ ହେବାର ସମୟ ଆସିନଥିଲା ଯେପର୍ଯ୍ୟନ୍ତ ପୁର୍ଣ୍ଣମାନବ ଅର୍ଥାତ୍ ଆମ ନବୀ ସ:ଆ:ସ ପ୍ରକଟ ହୋଇନଥିଲେ । ଯେବେ ଆଁ ହଜ୍‌ରତ୍ ସ:ଆ:ସ ପ୍ରକଟ ହେଲେ ସେତେବେଳେ ରୁହୁଲ୍ କୁଦୁସ୍ ମଧ୍ୟ ଆପଣ ସ:ଆ:ସଙ୍କ ଉପରେ ପୂର୍ଣ୍ଣ ମାନବ ହୋଇଥିବା ଯୋଗୁ ମନୁଷ୍ୟ ରୂପରେ ହିଁ ପ୍ରକାଶ ହେଲା" ।

*(ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୮୩-୮୫, କଶ୍‌ତିନୁହ୍)*

ଇନ୍‌ସାନିୟତ୍, ମାନବତା, ହ୍ୟୁମାନିଟି କେବଳ ମାଂସହାଡରେ ନିର୍ମିତ କୌଣସି ବସ୍ତୁର ନାମ ନୁହେଁ ଯେ ଯାହାକୁ କୌଣସି ଉଚ୍ଚସ୍ଥାନରେ ରଖି ତା'ର ସମ୍ମାନ କରାଯିବ ବା ତା'ର ଉପାସନା କରାଯିବ । ବରଂ ଇନ୍‌ସାନିୟତ୍ ହେଉଛି ତା'ର ନାମ ଯାହାର ହୃଦୟ ଓ ବୁଦ୍ଧିର ଭାବନା ଏବଂ ତାର ଚେତନା ଓ ତାର ଅନୁଭୁତି, ତାର ଆତ୍ମା ଓ ତାର ଚାରିତ୍ରିକ ଓ ଆଧାତ୍ମିକ ଅବସ୍ଥାର ନାମ । ଯଦି ଏ ସମସ୍ତ ଅବସ୍ଥାକୁ ଲାଳନ ପାଳନ କରାଯାଏ ଓ ଏହାର ଉନ୍ନତି କରିବା ପାଇଁ ଚେଷ୍ଟା କରାଯାଏ ତେବେ ଏକଥା କୁହାଯାଇପାରିବ ଯେ ହଁ ସେ ମାନବତାର ସମ୍ମାନ ପ୍ରତିଷ୍ଠା କରିଛି । ଏହି ଦୃଷ୍ଟିକୋଣରୁ ଯେବେ ଆମେ ନିଜର ମୁନୀବ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଜୀବନୀ ଉପରେ ଦୃଷ୍ଟିନିକ୍ଷେପ କରିବା

ତେବେ ଏପରି ଆଶ୍ଚର୍ଯ୍ୟଜନକ ନମୁନା ଓ ଆଦର୍ଶ ମିଳିଥାଏ ଯାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠାରେ ମିଳିବା କଷ୍ଟକର । ଜଣେ ବ୍ୟକ୍ତି ନିଜର ବନ୍ଧୁ, ପ୍ରିୟଜନ ଏବଂ ସାଙ୍ଗସାଥିମାନଙ୍କ ସହିତ ଓ ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହିତ ତ ସହାନୁଭୂତି ଓ ସହିଷ୍ଣୁତା ଆଚରଣ କରିଥାଏ । କିନ୍ତୁ ଏହା ଦେଖିବାକୁ ପଡ଼ିବ ଯେ ତା'ର ବ୍ୟବହାର ଅନ୍ୟମାନଙ୍କ ସହିତ କିପରି ଅଛି ବରଂ ଏକଥା ଦେଖିବାକୁ ହେବ ଯେ ତା'ର ବ୍ୟବହାର ତାର ବିରୋଧିମାନଙ୍କ ସହିତ ଓ ଶତ୍ରୁମାନଙ୍କ ସହିତ କିପରି ରହିଛି ।

ଥରେ ମଦିନାରେ ଜଣେ ୟହୁଦୀଙ୍କ ଯନାଜାଃ (ମୃତ ଶରୀର) ଆସୁଥିଲା । ନବୀ କରିମ୍ ସ:ଆ:ସ ଯନାଜାଃକୁ ସମ୍ମାନ ଦେଇ ଛିଡା ହୋଇଗଲେ । କେହିଜଣେ କହିଲେ- ହଜୁର୍ ! ଏହା ହେଉଛି ଜଣେ ୟହୁଦୀଙ୍କର ଯନାଜାଃ ଏଥିରେ ଆପଣ ସ:ଆ:ସ କହିଲେ- "କ'ଣ ତା ମଧ୍ୟରେ ଜୀବନ ନଥିଲା, କଣ ସେ ମଣିଷ ନଥିଲା ?" (ବୁଖାରୀ କିତାବୁଲ୍ ଜନାଇଜ୍)

ହଜରତ୍ ୟାଲା ର:ଅ ବିନ୍ ମୁର୍ରାଃ ବର୍ଣ୍ଣନା କରୁଛନ୍ତି କି ମୁଁ ନବୀ କରିମ୍ ସ:ଆ:ସଙ୍କ ସହିତ ଅନେକ ଯାତ୍ରା କରିଛି । କେବେ ଥରେ ମଧ୍ୟ ଏପରି ହୋଇନାହିଁ ଯେ ଆପଣ ସ:ଆ:ସ କୌଣସି ଲୋକର ଲାସ୍‌କୁ ପଡିଥିବାର ଦେଖିଥିବେ ଓ ତାକୁ ଦଫନ୍ (ଅର୍ଥାତ୍ ମାଟିରେ ପୋତିଦେବା) କରାଇନଥିବେ । ଆପଣ ସ:ଆ:ସ କେବେ ଏହା ପଚାରିନାହାଁନ୍ତି ଯେ ଏହି (ବ୍ୟକ୍ତିଜଣକ) ମୁସଲମାନ୍ ବା କାଫିର୍ ।

ସୁତରାଂ ବଦର୍ ଯୁଦ୍ଧରେ ମରିଯାଇଥିବା (୨୪ଜଣ) ମୁସ୍‌ରିକ୍ ସର୍ଦ୍ଦାରମାନଙ୍କୁ ମଧ୍ୟ ଆପଣ ସ:ଆ:ସ ନିଜେ ବଦର୍‌ର ଯୁଦ୍ଧ କ୍ଷେତ୍ରରେ ଗୋଟିଏ ଗାଡ଼ ଭିତରେ ଦଫନ କରାଇଥିଲେ ଯାହାକୁ କଲିବେ ବଦର୍ କୁହାଯାଏ ।" (ବୁଖାରି କିତାବୁଲ୍ ମଗାଜି)

ଏହ୍‌ଜାବ୍ ଯୁଦ୍ଧରେ ମୁସ୍‌ରିକ୍ ମାନଙ୍କର ଜଣେ ସର୍ଦ୍ଦାର ନୌଫିଲ୍ ବିନ୍ ଅବ୍‌ଦୁଲ୍ଲାଃ ମଖ୍‌ଜୁମି ଯୁଦ୍ଧ କରି ମରିଗଲା । ମକ୍କାର ମୁସ୍‌ରିକ୍‌ମାନେ (ଅର୍ଥାତ୍ ମକ୍କାର ପିତୁଳା ପୂଜକ ବହୁଈଶ୍ୱରବାଦୀ ଲୋକମାନେ) ଓ୍ୱହଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚାଚା ହଜ୍‌ରତ୍ ହମ୍‌ଜା ର:ଅଙ୍କ ନାକ କାନ କାଟି ତାଙ୍କ ଲାସ୍‌ର ମୁସ୍‌ଲା (ଅର୍ଥାତ୍ ଖଣ୍ଡ ବିଖଣ୍ଡିତ) କରିଦେଇଥିଲେ ଓ ଏହା ହିଁ ସେମାନଙ୍କର ଶୈଳୀ ଥିଲା । ସୁତରାଂ ଏବେ ସେମାନେ ସ୍ୱଭାବତଃ ଏ ଭୟ ରଖିଥିଲେ ଯେ ତାଙ୍କ ସର୍ଦ୍ଦାର ସହିତ ମଧ୍ୟ ସେହିପରି ବ୍ୟବହାର କରାନଯାଉ । ତେଣୁ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଖବର ପଠାଇଲେ ଯେ ଆମଠାରୁ ଦଶହଜାର ଦିର୍‌ହମ୍ ନେଇନିଅ ଓ ନୌଫିଲ୍‌ର ଲାସ୍‌କୁ ଫେରାଇ ଦିଅ ।

ରସୁଲେ କରିମ୍ ସ:ଆ:ସ କହିଲେ- ଆମେ ମୃତ ଲୋକଙ୍କ ମୂଲ୍ୟ ନେଉନାହୁଁ । ତୁମେ ନିଜର ଲାସ୍‌କୁ ଆସି ନେଇଯାଓ । (ଦଲାଇଲୁଲ୍ ନବୁଓ୍ୱାଃ ଲିଲ୍‌ବେହ୍‌କି, ଖଣ୍ଡ-୩)

ମଦିନାରେ ଜଣେ ୟହୁଦୀ ଯୁବକକୁ ନିଜ ଘରର ସେବା ନିମନ୍ତେ ଆପଣ ସ:ଆ:ସ ଚାକିରୀ ଦେଇଥିଲେ । ଯେତେବେଳେ ସେ ବେମାର ପଡ଼ିଲା ତାକୁ ଦେଖିବା ପାଇଁ ନିଜେ (ତା ଘରକୁ) ଯାଇଥିଲେ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୩)

ଆଁ ହଜ୍‌ରତ୍ ସ:ଆ:ସଙ୍କ ଜଣେ ସାହାବୀ ସମାମା ବିନ୍ ଅସାଲ୍ ଯିଏ ୟମାମାର ନିବାସୀ ଥିଲେ, ତାଙ୍କ ତରଫରୁ ମକ୍କାର ଅଧିବାସୀମାନଙ୍କ ନିକଟକୁ ଗହମ ରପ୍ତାନୀ ହେଉଥିଲା । ସେ ଯେତେବେଳେ ଇସ୍‌ଲାମ୍ ଗ୍ରହଣ କଲେ ଓ ଏ କଥା ଜାଣିବାକୁ ପାଇଲେ ଯେ ମକ୍କାର ଲୋକମାନେ ନବୀ କରିମ୍ ସ:ଆ:ସଙ୍କ ସହିତ ଖରାପ ବ୍ୟବହାର କରୁଛନ୍ତି ଏଥିରେ ସେ ନିଷ୍ପତି କରିନେଲେ ଯେ ଆଜିଠାରୁ ଗହମର ଗୋଟିଏ ଦାନା ମଧ୍ୟ ଏଠାରୁ ମକ୍କା ପହଂଚିବ ନାହିଁ । ସୁତରାଂ ମକ୍କାର ଅଧିବାସୀମାନେ ବହୁତ ଅସୁବିଧାରେ ପଡିଗଲେ ଯେତେବେଳେ ସମାମା ବିନ୍ ଅସାଲ୍ ମକ୍କା ପହଂଚିଲେ ସେତେବେଳେ ସେ ମକ୍କାର ଲୋକମାନଙ୍କୁ ଏକଥା କହିଦେଲେ ଯେ ଯେପର୍ଯ୍ୟନ୍ତ ମୋ ପିୟ ସ:ଆ:ସ ଅନୁମତି ନ ଦେଇଛନ୍ତି ସେପର୍ଯ୍ୟନ୍ତ ୟମାମାରୁ ଗହମର ଗୋଟିଏ ଦାନା ମଧ୍ୟ ଏଠାକୁ ଆସିବ ନାହିଁ । ଏହା ଶୁଣି ମକ୍କାର ଲୋକମାନେ ଆଁ ଜହ୍‌ରତ୍ ସ:ଆ:ସଙ୍କ ଗୋଚରରେ ଏ ନିବେଦନ ଜଣାଇଲେ ଯେ ଆପଣ ତ ସିଲା ରହିମି (ଅର୍ଥାତ୍ ନିଜ ଜ୍ଞାତି କୁଟୁମ୍ବଙ୍କ ସହିତ କରୁଣାର ବ୍ୟବହାର କରିବା)ର ଶିକ୍ଷା ଦେଉଅଛ । ଆମ ଗହମ ବନ୍ଦ ହୋଇଯାଇଛି । ସେଥିଯୋଗୁ ଆମେ ଭୋକିଲା ମରୁଅଛୁ ତେଣୁ ଆମ ଉପରେ ଦୟା କରନ୍ତୁ । ଏଥିରେ ନବୀ କରିମ୍ ସ:ଆ:ସ ସମାମାକୁ ଏ ନିର୍ଦ୍ଦେଶ ଦେଲେ ଯେ ହେ ସମାମା ! ଏମାନଙ୍କ ଗହମକୁ ରୋକି ରଖନାହିଁ । ସୁତରାଂ ମୁହ୍‌ସିନେ ଇନ୍‌ସାନିୟତ୍‌ର ଏହି ଦୟା ଯୋଗୁ ମକ୍କାର ଲୋକମାନଙ୍କ ନିକଟରେ ଗହମ ପୂନର୍ବାର ପହଂଚିବା ଆରମ୍ଭ ହୋଇଗଲା । (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍)

ଲାହୋର୍‌ରୁ ପ୍ରକାଶିତ ହୋଇଥିବା ଗୋଟିଏ ପତ୍ରିକା "ସତ୍ ଉପଦେଶ"ର ଏଡିଟର୍ ୭ ଜୁଲାଇ ୧୯୧୫ ମସିହାର ପ୍ରକାଶନରେ ଏକଥା ଲେଖିଥିଲେ:-

"ଲୋକମାନେ କହୁଛନ୍ତି- ଇସ୍‌ଲାମ୍ ତରବାରିଦ୍ୱାରା ପ୍ରସାର ଲାଭ କରିଛି କିନ୍ତୁ ଆମେ ସେମାନଙ୍କ ରାୟରେ ସହମତି ପ୍ରକାଶ କରିପାରିବୁ ନାହିଁ...... କାହିଁକି ? ଏଇଥିପାଇଁ ଯେ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ଥିଲା । ମନୁଶ ମାତର୍ (ମାନବ ଜାତି) ପାଇଁ ପ୍ରେମଭାବ ଥିଲା । ତା ଭିତରେ ପ୍ରେମ ଓ କରୁଣାର ପବିତ୍ର ଉତ୍ସାହ କାମ କରୁଥିଲା । ପୁଣ୍ୟଭାବନା ତା'ର ମାର୍ଗଦର୍ଶନ କରୁଥିଲେ ।"

ସମ୍ମାନୀୟ ଅତିଥିବୃନ୍ଦ ! ଏହା ସେହି ଉତମ ଚରିତ୍ରର ଏକ ଝଲକ ଥିଲା ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ମାନବ ଜାତିର ସମ୍ମାନ ନିମନ୍ତେ ପ୍ରଦର୍ଶନ କରିଥିଲେ । କିନ୍ତୁ ଯଦି ଆହୁରି ଭିତରକୁ ଯାଇ ଅନୁଧ୍ୟାନ କରାଯାଏ ତେବେ ଜଣାପଡ଼ିବ ଯେ ପ୍ରତ୍ୟେକ ମନୁଷ୍ୟର ଶରୀର ଓ ଆତ୍ମା ମୂଳତଃ ଏହା ଆଶା କରିଥାଏ ଯେ କିଏ ତା'ର ଭୋକକୁ ଦୂର କରୁ, କିଏ ତାକୁ ସଫା ପାଣି ପିଇବାକୁଦେଉ, କିଏ ତା'ର ଇଜ୍ଜତକୁ ଘୋଡାଇବାର ବ୍ୟବସ୍ଥା କରୁ ଓ କିଏ ତାକୁ ଖୋଲା ଆକାଶ ତଳେ ପଡ଼ି ରହିବାକୁ ନ ଦେଉ । ସୁତରାଂ ଆଜିର ଏହି ଉନ୍ନତ ପୃଥିବୀରେ ମଧ୍ୟ ପ୍ରତ୍ୟେକ ମନୁଷ୍ୟକୁ ସେହି ମୂଳ ଆବଶ୍ୟକତା ଅର୍ଥାତ୍ ରୋଟି, କପଡା ଓ ମକାନ୍ ଯୋଗାଇଦେବାକୁ ମନୁଷ୍ୟ ସେବାମୂଳକ କାର୍ଯ୍ୟ ମଧ୍ୟରେ ଉତ୍ତମ ସେବା ଭାବେ ବିବେଚନା କରୁଛି । କିନ୍ତୁ ଆଜି ମଧ୍ୟ ଆମେ ଶୁଣୁଛେ ଓ ଦେଖୁଛେ ଯେ ପ୍ରତ୍ୟେକ ସ୍ଲୋଗାନ୍ ଦେଉଥିବା ବଡବଡ ଉନ୍ନତ ରାଷ୍ଟ୍ରଗୁଡିକ ମଧ୍ୟ ଏହି ଅଭିଯାନ୍‌ରେ ଶତ ପ୍ରତିଶତ ସଫଳ ହୋଇନାହାଁନ୍ତି । ଯେବେ କି ଉନ୍ନତଶୀଳ ରାଷ୍ଟ୍ରଗୁଡିକରେ ତ ଏ ଦୃଷ୍ଟିକୋଣରୁ ମାନବିକତା ଲଜ୍ଜିତ ହେବାର ଦୃଷ୍ଟିଗୋଚର ହେଉଅଛି ।

କିନ୍ତୁ ଆଜିଠାରୁ ୧୪୦୦ ବର୍ଷ ପୂର୍ବେ ହିଁ ପବିତ୍ର କୋରାନ୍ ମାନବଜାତିର ଏହି ବୁନିୟାଦି ହକ୍‌କୁ ସ୍ୱୀକାର କରାଇ ଏ ଘୋଷଣା କରିଥିଲା ଯେ ***ଇନ୍ନା ଲକା....ଲା ତାଆରା । ଓ୍ୱ ଅନ୍ନକା....ଲା ତଜ୍‌ହା*** (ସୁରା ତାହା:୧୧୯-୧୨୦) ଅର୍ଥାତ୍ ହେ ମନୁଷ୍ୟଜାତି ! ତୁମପାଇଁ ଏହା ଧାର୍ଯ୍ୟ କରାଯାଇଛି ଯେ ନା ତ ତୁମେ ସେଥିରେ (ଅର୍ଥାତ୍ ପୃଥିବୀରେ) ଭୋକିଲା ରହିବ ଏବଂ ନା ଲଙ୍ଗଳା ରହିବ ଏବଂ ସେହିପରି ନା ତ ତୁମେ ସେଥିରେ ଶୋସିଲା ରହିବ ଓ ନା ଖରାରେ ଜଳିବ ।

ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ଓ ଆପଣ ସ:ଆ:ସଙ୍କ ପରେ ଆସିଥିବା ଖୋଲୋଫାଏ ରାଶଦିନ୍‌ଙ୍କ ଯୁଗରେ ଏହି ଶିକ୍ଷା ଉପରେ ପରିଚାଳିତ ହୋଇ ମଧ୍ୟ ଦେଖାଇ ଦିଆଗଲା । କିନ୍ତୁ ଦୁର୍ଭାଗ୍ୟ ବଶତଃ ଯେତେମାତ୍ରାରେ ମୁସଲ୍‌ମାନ୍ ରାଷ୍ଟ୍ରର ମୁଖିଆମାନଙ୍କ ମଧ୍ୟରେ ମାନବଜାତିର ସମ୍ମାନ କମିଗଲା ଏବଂ ସ୍ୱାର୍ଥପରତା ଓ ନିଜି ଆବଶ୍ୟକତାକୁ ଅଗ୍ରାଧିକାର ଦେବା କାୟା ବିସ୍ତାର କଲା ସେତେବେଳେ ସେଠିକାର ସାଧାରଣ ଜନତା ମଧ୍ୟ ମନୁଷ୍ୟର ବୁନିଆଦି ଆବଶ୍ୟକତାରୁ ବଂଚିତ ହୋଇଚାଲିଲେ ଫଳତଃ ଆଜି ଜନତା ଓ ରାଷ୍ଟ୍ରର ନେତା ମାନଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି ।

ଅନ୍ୟପଟେ ଉନ୍ନତ ରାଷ୍ଟ୍ରଗୁଡିକ ମନୁଷ୍ୟଜାତି ପାଇଁ ତାର ବୁନିଆଦି ଆବଶ୍ୟକତା ଓ ସେ ସବୁକୁ ପୁରଣ କରିବା ପାଇଁ ବଡ ବଡ ଯୋଜନା ପ୍ରସ୍ତୁତ କଲେ । ପୁଞ୍ଜିପତି ବ୍ୟବସ୍ଥାର ମୁକାବିଲାରେ ସାମ୍ୟବାଦ ବ୍ୟବସ୍ଥା ସମ୍ମୁଖକୁ ଆସିଲା । ଏହା ସତ୍ୱେ ମଧ୍ୟ ଧନୀ ଓ ଗରିବ ମଧ୍ୟରେ ସମାନତା ପ୍ରତିଷ୍ଠା କରିବା ପାଇଁ ହୋଇଥିବା ସମସ୍ତ ଚେଷ୍ଟା ଅସଫଳ ହେଲା । ଧନୀ ଆହୁରି ଧନୀ ହୋଇ ଚାଲିଲେ ଓ ଗରୀବ ଆହୁରି ଗରୀବ ହୋଇ ଚାଲିଲା । ସେଥିଯୋଗୁ ମଣିଷ ମଣିଷର ଶତ୍ରୁ ହେବାରେ ଲାଗିପଡିଛି ।

ସୁତରାଂ ଯେପର୍ଯ୍ୟନ୍ତ ପ୍ରତ୍ୟେକ ଲୋକର ମୂଳ ଆବଶ୍ୟକତାକୁ ଚିହ୍ନିତ କରି ସେଗୁଡିକ ଯୋଗାଇଦେବାର ବ୍ୟବସ୍ଥା କରା ନ ଯାଇଛି ସେପର୍ଯ୍ୟନ୍ତ ମାନବଜାତିର ସମ୍ମାନ ପ୍ରତିଷ୍ଠା ହୋଇପାରିବ ନାହିଁ ଓ ମନୁଷ୍ୟ ଶାନ୍ତିରେ ଜୀବନ ବିତାଇପାରିବ ନାହିଁ ଓ ଏହା କେବଳ ହିଁ କେବଳ ଏ କ୍ଷେତ୍ରରେ ସମ୍ଭବ ହୋଇପାରିବ ଯେବେ ସଠିକ୍ ରୂପେ ଇସ୍‌ଲାମୀୟ ଅର୍ଥ ବ୍ୟବସ୍ଥା ଉପରେ ଅମଳ କରାଯିବ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷା ଓ ପବିତ୍ର ଆଦର୍ଶ ଉପରେ ପରିଚାଳିତ ହେବ । ସେଥିରେ ପ୍ରଥମ ସିଦ୍ଧାନ୍ତ ହେଉଛି ଏହା କି ସମ୍ପତିର ସଠିକ୍ ରୂପେ ବଂଟନ ଓ ବ୍ୟୟ କରିବାର ବ୍ୟବସ୍ଥା କରାଯାଉ । ସେଥିଯୋଗୁ ଇସ୍‌ଲାମ୍ ଉତରାଧିକାରୀଙ୍କ ସମ୍ପତିକୁ ଉତରାଧିକାରୀମାନଙ୍କ ମଧ୍ୟରେ ବାଂଟିଦେବାର ବ୍ୟବସ୍ଥାକୁ ସ୍ଥାପନ କରିଛି । କୁଟୁମ୍ବର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ପୁଅ ହେଉ ବା ଝିଅ ହେଉ ସମ୍ପତି ବଂଟନରେ ତାର ଭାଗ ନିର୍ଦ୍ଧାରିତ କରାଯାଇଛି । ଏହି ପ୍ରଣାଳୀରେ ସମ୍ପତି ବଂଟନ ହେଲେ କିଛି ଲୋକଙ୍କ କବ୍‌ଜାରେ ଧନ ରହିପାରିବ ନାହିଁ ।

ଦ୍ୱିତୀୟ ସିଦ୍ଧାନ୍ତ ହେଉଛି ସମ୍ପତିର ସଠିକ୍ ବଂଟନ ନିମନ୍ତେ ଏହା ବର୍ଣ୍ଣନା କରାଯାଇଛି ଯେ ଟଙ୍କା ଜମା କରିବା ପାଇଁ

ଇସ୍‌ଲାମ୍‌ରେ ମନା କରିଦିଆଯାଇଛି ସୁତରାଂ ଈଶ୍ୱର କହୁଛନ୍ତି ଯିଏ ସୁନା ଓ ରୂପା ଏ ପୃଥିବୀରେ ଏକାଠି କରିବ ତାହା ସବୁକୁ ନିଆଁରେ ଗରମ କରି କୟାମତ୍ ଦିନ ତାକୁ ଦାଗ ଦିଆଯିବ । (ସୁରଃ ତୌବାଃ, ଆୟତ ନଂ-୩୪-୩୫) ପୁରୁଷମାନଙ୍କ ପାଇଁ ତ ବିଶେଷ ରୂପେ ରେଶମ ବସ୍ତ୍ର ଓ ସୁନା ପିନ୍ଧିବା ମନା କରାଯାଇଛି ଏବଂ ଘରେ ସୁନା ଓ ରୂପାର ପାତ୍ରକୁ ବ୍ୟବହାର କରିବା ପାଇଁ ମଧ୍ୟ ମନା କରାଯାଇଛି ।

ତୃତୀୟ ସିଦ୍ଧାନ୍ତ ହେଉଛି ସୁଧକୁ ମନା କରାଯାଇଛି କାରଣ ଏଥିରେ ଟଙ୍କାରୁ ଟଙ୍କା ଉପାର୍ଜନ କରାଯାଏ । ଏହାଦ୍ୱାରା ଧନୀ ଲୋକ କୌଣସି ପରିଶ୍ରମ ନକରି ଧନୀରୁ ଧନୀ ହୋଇଯାଉଛି ତେଣୁ ସୁଧ ହେଉଛି ଏକ ବହୁତ ବଡ ଅଭିଶାପ ଯାହା ଲୋକମାନଙ୍କ ଉପରେ ଥୋପି ଦିଆଯାଇଛି । ଯଦି ଏ ପୃଥିବୀ ଶାନ୍ତି ଓ ସୁଖରେ ନିଃଶ୍ୱାସ ନେବାକୁ ଚାହୁଁଛି ତେବେ ଗୋଟିଏ ମାର୍ଗ ହେଉଛି ଏହା ଯେ ପୃଥିବୀରୁ ସୁଧକୁ ଶେଷ କରି ଦିଆଯାଉ ଫଳତଃ ଏହିପରି କିଛି ଧନୀ ଲୋକମାନଙ୍କ ହାତରେ ଅର୍ଥ ଏକାଠି ହୋଇ ରହିପାରିବ ନାହିଁ ।

ଚତୁର୍ଥ ସିଦ୍ଧାନ୍ତ ହେଉଛି ଏହା କି ମାନବଜାତି ସହିତ ସହାନୁଭୁତି ଦେଖାଇବା ଓ ତା ଦୁଃଖ ସୁଖରେ ତାକୁ ସାହାଯ୍ୟ କରିବା ଏ ସମ୍ବନ୍ଧରେ ଇସ୍‌ଲାମୀୟ ଶିକ୍ଷାରେ ଏପରି ଅଲ୍ଲାଃତାଲା ବର୍ଣ୍ଣନା କରୁଛନ୍ତି:- ***ହୁଓ୍ୱଲ୍ଲଜି ଖଲକ ଲକୁମ୍ ମା ଫିଲ୍ ଅର୍‌ଜି ଜମିୟା*** (ବକ୍‌ରାଃ:୩୦) ଅର୍ଥାତ୍ ସେ ହିଁ ଈଶ୍ୱର ଯିଏ ଏ ପୃଥିବୀ ପୃଷ୍ଠରେ ଯାହା କିଛି ସୃଷ୍ଟି କରିଛନ୍ତି ତାହା ସମସ୍ତଙ୍କ ପାଇଁ ସୃଷ୍ଟି କରିଛନ୍ତି ଅର୍ଥାତ୍ ଏ ସଂସାରରେ ଯାହା କିଛି ଅଛି ସବୁତକ ହେଉଛି ମାନବଜାତିର ସାମୂହିକ ଧନ । ଯଦି ଖୁଦାତାଲା କାହା ବୁଦ୍ଧିକୁ ଅତ୍ୟନ୍ତ ପ୍ରଖର କରି ତା ଦକ୍ଷତାକୁ ବଢ଼ାଇଛନ୍ତି ଓ ସେ ପରିଶ୍ରମ କରି ଅଧିକରୁ ଅଧିକ ଧନ ଉପାର୍ଜନ କରିଛି ତେବେ ସେ ବ୍ୟକ୍ତି ଏ ବିଶ୍ୱାସ ରଖୁ ଯେ ତା ଆବଶ୍ୟକତାଠାରୁ ଅଧିକ ଧନରେ ଅନ୍ୟ କମ୍ ଦକ୍ଷତା ରଖିଥିବା ଗରିବ ଏବଂ ଦରିଦ୍ର ଲୋକମାନଙ୍କର ମଧ୍ୟ ଭାଗ ରହିଛି । ସେଇଥିପାଇଁ ଇସ୍‌ଲାମ୍ ଜକାତ୍ ଦେବାପାଇଁ ନିର୍ଦ୍ଦେଶ ଦେଇଛି ଓ ତା'ପାଇଁ ଗୋଟିଏ ମାପଦଣ୍ଡ ଧାର୍ଯ୍ୟ କରିଛି । ସେହିଭଳି ଯେଉଁ ଧନଗୁଡିକ ଖର୍ଚ୍ଚ ନହୋଇ ବର୍ଷସାରା ପଡିରହିଛି ତା ଉପରେ ମଧ୍ୟ ଜକାତ୍ ଲାଗୁ କରାଯାଇଛି । ତତ୍ ସହିତ ଆବଶ୍ୟକ ଠାରୁ ଅଧିକା ଗହଣାଗାଣ୍ଠି ଉପରେ ମଧ୍ୟ ଜକାତ୍ ଲଗାଯାଇଛି ଏହିପରି ସହାନୁଭୁତିର ମନୋଭାବ ନେଇ ଅସହାୟ ଲୋକମାନଙ୍କର ଆବଶ୍ୟକତାକୁ ଏହାଦ୍ୱାରା ପୁରଣ କରାଯାଏ ।

ପ୍ରିୟ ଶ୍ରୋତାଗଣ ! ଏତଦ୍‌ବ୍ୟତୀତ ମନୁଷ୍ୟକୁ ଯେଉଁ ବିପଦ ଲାଗି ରହିଛି ତାହା ଆଜି ମଧ୍ୟ ଅଛି । ସେହି ବିପଦ ହେଉଛି ଜାତିପ୍ରଥା ଓ ବର୍ଣ୍ଣ ବୈଷମତାର ବିପଦ । ପୁଣି ତତ୍ ସହିତ ଧର୍ମ ଧର୍ମ ଭିତରେ ବିରୋଧ ମନୋଭାବ । ଏହା ସବୁ ଏତେମାତ୍ରାରେ ମଣିଷକୁ ମାନବିକତାର ସ୍ତରକୁ ତଳକୁ ପକାଇ ଦେଇଛି ଯେ ଏଥିପାଇଁ ହତ୍ୟାକାଣ୍ଡ ପର୍ଯ୍ୟନ୍ତ ଅବସ୍ଥା ପହଂଚିଯାଉଛି । ସନ୍ତ୍ରାସବାଦ ଓ ଆତ୍ମଘାତି ଆକ୍ରମଣ ବ୍ୟତୀତ ଅତ୍ୟନ୍ତ କ୍ଷତିକାରକ ହତିଆର ଓ ଡ୍ରୋନ୍ ଆକ୍ରମଣ ଫଳରେ ବୃଦ୍ଧ, ଶିଶୁ, ମହିଳା ଓ ନିରୀହ ଜୀବନ ଗୁଡିକ ଗଣହତ୍ୟାର ଶିକାର ହେବାର ପ୍ରତ୍ୟେକ ଦିନ ଆମେ ଶୁଣୁଛେ ଏବଂ ଦେଖୁଅଛେ । ପବିତ୍ର କୋରାନ୍ ଏହିପରି ନିରୀହ ହତ୍ୟାକାଣ୍ଡକୁ ସମ୍ପୂର୍ଣ୍ଣ ମାନବଜାତିର ହତ୍ୟାକାଣ୍ଡ ରୂପେ ଅଭିହିତ କରିଅଛି । ଅଲ୍ଲାଃତାଲା କହୁଛନ୍ତି:- ***ମନ୍ କତଲା ନଫ୍‌ସନ୍ ବି ଗୈରେ ନଫ୍‌ସିନ୍ ଔଫସାଦିନ୍ ଫିଲ୍ ଅର୍‌ଜି ଫକଅନ୍ନମା କାତଲନ୍ ନାସା ଜମିଅନ୍ ଓ୍ୱମନ୍ ଅହ୍‌ୟାହା ଫକଅନ୍ନମା ଅହୟନ୍‌ନାସା ଜମିୟା*** *(ସୁରଃ ମାଇଦା:୩୩)* ଯେଉଁ ବ୍ୟକ୍ତି ଅନ୍ୟ କାହାରି ହତ୍ୟା ବା ଭୁପୃଷ୍ଠରେ ବିଶୃଙ୍ଖଳା ପ୍ରସାରିତ କରିବା ବ୍ୟତିରେକେ ଅନ୍ୟ କୌଣସି କାରଣରୁ ହତ୍ୟା କରେ ତେବେ ଧରିନିଅ ଯେ ସେ ସକଳ ମାନବ ସମାଜର ହତ୍ୟା କରିଛି ଏବଂ ଯେଉଁ ବ୍ୟକ୍ତି କାହାରି ଜୀବନ ରକ୍ଷା କରେ ତେବେ ବୁଝିନିଅ ଯେ ସେ ସକଳ ମାନବ ସମାଜର ଜୀବନ ରକ୍ଷା କଲା ।

ସୁତରାଂ ମୁସ୍‌ଲିମ୍ ସନ୍ତ୍ରାସବାଦ ହେଉ ବା ଅଣ ମୁସ୍‌ଲିମ୍ ସନ୍ତ୍ରାସବାଦ, ଉନ୍ନତ ରାଷ୍ଟ୍ରମାନଙ୍କର କ୍ଷତିକାରକ ଜନସଂଘାର ଅସ୍ତ୍ରଶସ୍ତ୍ର ରପ୍ତାନୀ ହେଉ ବା ଉନ୍ନତଶୀଳ ରାଷ୍ଟ୍ରମାନଙ୍କର ହେଉ, ଏହି ନରସଂଘାର ହତିଆରକୁ କ୍ରୟ କରି ବ୍ୟବହାର କରିବା ବାଲା ହୁଅନ୍ତୁ । ଯେପର୍ଯ୍ୟନ୍ତ ମୁହ୍‌ସିନେ ଇନ୍‌ସାନିୟତ୍‌ଙ୍କ ଏହି ସିଦ୍ଧାନ୍ତମୂଳକ ଶିକ୍ଷା ଉପରେ ପରିଚାଳିତ ନହେବ ସେପର୍ଯ୍ୟନ୍ତ ମାନବ ସଭ୍ୟତାକୁ ବିପଦ ଲାଗି ରହିଥିବ ।

ଏହି ଶାନ୍ତିପୁର୍ଣ୍ଣ ବାର୍ତାକୁ ନେଇ ଆମର ପ୍ରିୟ ଇମାମ୍ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ଖଲିଫତୁଲ୍ ମସିହ୍ ପଂଚମ ଅ:ବ:ଅ ପୃଥିବୀର ବଡ ବଡ ମୁଖ୍ୟ ନେତାମାନଙ୍କୁ ଓ ବଡ ବଡ ସଂସଦ ଓ ପାର୍ଲିଆମେଂଟ୍‌ରେ ଯାଇ ସାରା ପୃଥିବୀକୁ ସଚେତନ କରୁଛନ୍ତି ।

ସୁତରାଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୧୧ ଜୁନ୍ ୨୦୧୩ ମସିହା ଦିନ ଇଂଲିସ୍ ସ୍ଥାନ୍‌ରେ ଜମାତ୍ ଅହେମଦୀୟାର ସତବାର୍ଷିକୀ ଉତ୍ସବ ସମ୍ବନ୍ଧରେ ପାର୍ଲିଆମେଂଟ୍ ହାଉସ୍ ଲଣ୍ଡନ୍‌ଠାରେ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି:-

"ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ନିଜର ସମ୍ପୂର୍ଣ୍ଣ ଜୀବନକୁ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଉତ୍ସର୍ଗ କରିଦେଇଛନ୍ତି । ଏହା ହିଁ ଆପଣ ସ:ଆ:ସଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ନିଶ୍ଚିତ ରୂପେ ସେହି ଦିନ ଆସିବ ଯେତେବେଳେ ମାନବ ଜାତିକୁ ଏ ଅନୁଭବ ହେବ ଓ ସେମାନେ ଏକଥା ବୁଝିଯିବେ ଯେ ଆପଣ ସ:ଆ:ସ ଚରମପନ୍ଥୀ କାର୍ଯ୍ୟକଳାପର କୌଣସି ଶିକ୍ଷା ଆଣିନାହାଁନ୍ତି । ମାନବ ସମାଜକୁ ଏହା ମଧ୍ୟ ଅନୁଭବ ହୋଇଯିବ ଯେ ଆପଣ ସ:ଆ:ସ କେବଳ ହିଁ କେବଳ ଶାନ୍ତି, ପ୍ରେମ ଓ ସହାନୁଭୁତିର ବାର୍ତା ଆଣିଛନ୍ତି.... ଜମାତ୍ ଅହେମଦୀୟା ମୁସ୍‌ଲିମା ଏହି ଶିକ୍ଷା ଉପରେ ପରିଚାଳିତ ଓ ଏହି ଶିକ୍ଷା ମୁତାବକ ପରିଚାଳିତ । ଏହା ହେଉଛି ସେହି ସମାନତା, ସହିଷ୍ଣୁତା ଓ ସହାନୁଭୁତିର ଶିକ୍ଷା ଯାହାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବା ପାଇଁ ଆମେ ଅହରହ କାର୍ଯ୍ୟ କରିଚାଲିଛୁ । ଆମେ ଅହେମଦୀ ମୁସଲ୍‌ମାନ୍ ହିଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ଐତିହାସିକ, ଅନୁପମ ଓ ଅଦ୍ୱିତୀୟ ନମ୍ରତା, ଅଦ୍ୱିତୀୟ ପ୍ରେମ ଓ ସ୍ନେହକୁ ଅନୁକରଣ କରୁଅଛୁ" । (ଆଲମି ବୋହ୍‌ରାନ୍ ଅର୍ ଅମନ୍ କି ରାହ, ପୃଷ୍ଠା-୧୨୭)

ଜମାତ୍ ଅହେମଦୀୟା ଇଂଲିସ୍ ସ୍ଥାନରେ ନବମ ବାର୍ଷିକ ଶାନ୍ତି ଉତ୍ସବ ଅବସରରେ ଏକଥାକୁ କହିଛି:-

"ଆମେ ଜମାତ୍ ଅହେମଦୀୟାର ସଦସ୍ୟଗଣ ଯଥା ସମ୍ଭବ ଏ ଚେଷ୍ଟାରେ ଲାଗି ରହିଛୁ ଯେ ଏ ପୃଥିବୀ ଓ ମାନବଜାତିକୁ ଧ୍ୱଂସ ମୁଖରୁ ବଂଚାଯାଉ । ଏହାର କାରଣ ହେଉଛି ଏହା କି ଆମେ ଏ ଯୁଗର ଇମାମ୍‌କୁ ଗ୍ରହଣ କରିଅଛୁ ଯାହାକୁ ଅଲ୍ଲାଃତାଲା ମସିହ୍ ମଉଦ୍ ବନାଇ ପ୍ରେରଣ କରିଛନ୍ତି ଓ ସେ ହଜ୍‌ରତ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ରହମତୁଲ୍ ଲିଲ୍ ଆଲମିନ୍‌ଙ୍କ ଦାସ ରୂପେ ପ୍ରକଟ ହୋଇଛନ୍ତି କାରଣ ଆମେ ନିଜର ମୁନିବ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଶିକ୍ଷା ଉପରେ ମନଧ୍ୟାନ ଲଗାଇ ପରିଚାଳିତ ହେଉଅଛୁ । ସେଇଥିପାଇଁ ଏ ପୃଥିବୀର ଅବସ୍ଥାକୁ ଦେଖି ଆମ ମନରେ ବହୁତ କଷ୍ଟ ଓ ବେଦନା ସୃଷ୍ଟି ହେଉଛି । ମାନବତାକୁ ଧ୍ୱଂସ ମୁହଁରୁ ଓ ବିପତିରୁ ବଂଚାଇବା ପାଇଁ ଆମର ଏ ଚେଷ୍ଟା ପଛରେ ଏହି ଦୁଃଖ ଓ ପୀଡା କାର୍ଯ୍ୟ କରୁଛି । ସେଇଥିପାଇଁ ଏ ଅଧମ ଓ ସମସ୍ତ ଅହେମଦୀ ମୁସଲ୍‌ମାନ୍‌ମାନେ ଏ ପୃଥବୀରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଚେଷ୍ଟା କରୁଛନ୍ତି । (ଆଲମି ବୋହ୍‌ରାନ୍ ଅଓର୍ ଅମନ୍ କି ରାହ, ପୃଷ୍ଠା-୪୬)

ପୁଣି ୧୧ ଜୁନ୍ ୨୦୧୩ ମସିହା ଦିନ ପାର୍ଲିଆମେଂଟ୍ ହାଉସ୍ ଲଣ୍ଡନଠାରେ ଗୋଟିଏ ଅଭିଭାଷଣରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-

"ବର୍ତମାନ ସମୟର ଗୁରୁତ୍ୱପୁର୍ଣ୍ଣ ଆବଶ୍ୟକ ହେଉଛି ଏହା କି ବିଶ୍ୱଶାନ୍ତି ଓ ବିଶ୍ୱ ଭାତୃତ୍ୱ ସ୍ଥାପନ କରିବାର ଚେଷ୍ଟାରେ ସବୁ ଲୋକମାନେ ଜଣେ ଅନ୍ୟଜଣକୁ ଓ ସମସ୍ତ ଧର୍ମକୁ ସମ୍ମାନ ଦିଅନ୍ତୁ । ଅନ୍ୟଥା ଭୟଙ୍କର ଫଳ ବାହାରିପାରେ ।

ପୃଥିବୀ ବର୍ତମାନ ଏକ ଗ୍ଲୋବାଲ୍ ଭିଲେଜ୍ ହୋଇସାରିଛି । ସୁତରାଂ ଆପୋଷ ସମ୍ମାନ ଓ ଆଦରଭାବ ଏବଂ ଶାନ୍ତିପ୍ରତିଷ୍ଠା ପାଇଁ ଯଦି ଐକ୍ୟ ସୃଷ୍ଟି ନହୁଏ ତେବେ କେବଳ ସ୍ଥାନୀୟ ଜନତା ବା ସହର ବା କୌଣସି ଗୋଟିଏ ଦେଶକୁ କ୍ଷତି ପହଂଚିବ ନାହିଁ ବରଂ ବାସ୍ତବରେ ଏହା ସମଗ୍ର ସଂସାରକୁ ଧ୍ୱଂସ ମୁହଁରେ ପକାଇଦେବ । ଆମେ ସମସ୍ତେ ବିଗତ ଦୁଇଟି ବିଶ୍ୱଯୁଦ୍ଧର ଧ୍ୱଂସଲୀଳା ଓ ବିଭିସିକା ଖୁବ୍ ଭଲଭାବେ ଅନୁଭବ କରିଛେ । କିଛି ଦେଶର ପଲିସି ଯୋଗୁ ଆଉଗୋଟିଏ ବିଶ୍ୱଯୁଦ୍ଧର ସଂକେତ ଏ ପୃଥିବୀର ମୁଣ୍ଡ ଉପରେ ଘୁରି ବୁଲୁଛି । ଯଦି ବିଶ୍ୱଯୁଦ୍ଧ ହୋଇଯାଏ ତେବେ ପାଶ୍ଚାତ୍ୟ ଦେଶଗୁଡିକ ମଧ୍ୟ ଏହାଦ୍ୱାରା ଉତ୍ପନ୍ନ ହୋଇଥିବା ଧ୍ୱଂସ ଓ ବିଭିଷୀକାର ପ୍ରଭାବରୁ ବର୍ତିପାରିବେ ନାହିଁ । ଆସନ୍ତୁ ନିଜକୁ ଏହି ଭୟାବହ ଧ୍ୱଂସ ମୁହଁରୁ ବଂଚାଇବା । ଆସନ୍ତୁ ନିଜର ଆସନ୍ତା ପିଢ଼ୀକୁ ଯୁଦ୍ଧର ଭୟାବହତା ଓ ବିଭୀଷିକାରୁ ସୁରକ୍ଷିତ ରଖିବା କାରଣ ଏହି ଭୟାବହ ଯୁଦ୍ଧ ପରମାଣୁ ଯୁଦ୍ଧ ହେବ ଓ ଏ ପୃଥିବୀ ଯେଉଁ ଆଡକୁ ଯାଉଅଛି ସେଥିରୁ ଜଣାପଡୁଛି ଯେ ନିଶ୍ଚିତ ରୂପେ ଏପରି ଗୋଟିଏ ଯୁଦ୍ଧ ହେବାର ବିପଦ ଅଛି । ଏହି ଭୟାବହତାରୁ ବଂଚିବା ପାଇଁ ନ୍ୟାୟ, ଦିଆନତଦାରୀ ଏବଂ ଇମାନ୍‌ଦାରୀକୁ ଆପଣାଇବାକୁ ପଡ଼ିବ ଏବଂ ଏପରି ଗୋଷ୍ଠୀ ଯିଏ ଘୃଣାକୁ ପ୍ରୋତ୍ସାହନ ଦେଇ ବିଶ୍ୱଶାନ୍ତିକୁ ନଷ୍ଟ କରିବାରେ ଲାଗି ପଡିଛି ସେମାନଙ୍କ ବିରୁଦ୍ଧରେ ଏକାଠି ହୋଇ ସେମାନଙ୍କୁ ରୋକିବାକୁ ହେବ ।

ମୋର ଆନ୍ତରିକ ଇଛା ଓ ଅନ୍ତରର ଦୁଆ ଏହା କି ଖୁଦାତାଲା ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଏ ସମ୍ବନ୍ଧରେ ନିଜର ଦାୟିତ୍ୱ ଓ କର୍ତବ୍ୟ ନ୍ୟାୟ ସଙ୍ଗତ ରୂପେ ଓ ସଠିକ୍ ରୂପେ ନିର୍ବାହ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍" (ଆଲମି ବୋହ୍‌ରାନ୍ ଅଓର୍ ଅମନ୍ କି ରାହ, ପୃଷ୍ଠା-୧୨୯)

ପ୍ରିୟ ସ୍ରୋତାଗଣ ! ମୁହ୍‌ସିନେ

ଇନ୍‌ସାନିୟତ୍ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ନିଜ ଜୀବନର ଶେଷ ହଜ୍ ଯାତ୍ରାରେ ଯାହା ହୁଜ୍ଜତୁଲ୍ ୱିଦା ନାମରେ ପ୍ରସିଦ୍ଧ, ସେଥିରେ ଯେଉଁ ଖୁତ୍‌ବା ପ୍ରଦାନ କରିଥିଲେ ତାହା ମାନବତାର ମୁଣ୍ଡକୁ ଉଚ୍ଚା କରିଦେବାବାଲା ଓ ଏକ ବହୁତ ଉଚ୍ଚ ଧ୍ୱଜା ଅଟେ ଯାହା କୟାମତ୍ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରୂପେ ଉଡିଚାଲିବ ଓ ମାନବ ସମାଜକୁ ମାନବତାର ଶିକ୍ଷା ଦେଇଚାଲିବ ।

ସୁତରାଂ ଆପଣ ସ:ଆ:ସ ୯ ହିଜ୍‌ରି ର ୧୧ ଜିଲ୍‌ହଜା ଦିନ ସେ ସମୟରେ ଉପସ୍ଥିତ ମୁସଲ୍‌ମାନଙ୍କ ସମ୍ମୁଖରେ ଛିଡା ହୋଇ ଯେଉଁ ଖୁତ୍‌ବା ପ୍ରଦାନ କରିଥିଲେ ତାର କିଛି ଅଂଶ ଏଠାରେ ଉପସ୍ଥାପନ କରୁଅଛି:-

"ହେ ଲୋକମାନେ ଶୁଣିରଖ ! ତୁମର ଖୁଦା ହେଉଛନ୍ତି ଏକ । ସେହିପରି ତୁମର ବାପା ହେଉଛନ୍ତି ଏକ । (ଅର୍ଥାତ୍ ତୁମେ ସମସ୍ତେ ଆଦମ୍‌ଙ୍କ ସନ୍ତାନ ସହିତ ସମ୍ପର୍କ ରଖିଛ) କୌଣସି ଆରବୀୟଙ୍କୁ ଅଜମି (ଅର୍ଥାତ୍ ଅଣଆରବୀୟ)ଙ୍କ ଉପରେ ଓ କୌଣସି ଲୋହିତ ବର୍ଣ୍ଣ ବ୍ୟକ୍ତିକୁ କଳା ରଙ୍ଗ ଉପରେ ଏବଂ କୌଣସି କଳା ରଙ୍ଗର ବ୍ୟକ୍ତିକୁ ଲୋହିତ ବର୍ଣ୍ଣ ବ୍ୟକ୍ତି ଉପରେ ଅଗ୍ରାଧିକାର ନାହିଁ । କେବଳ ସେମାନଙ୍କୁ (ଅଗ୍ରାଧିକାର ଅଛି) ଯେଉଁମାନେ ଧର୍ମପରାୟଣ । (ଅର୍ଥାତ୍ ପୂଣ୍ୟ ମନୁଷ୍ୟ) । ମନେରଖ ଅଲ୍ଲାଃତାଲାଙ୍କ ନିକଟରେ ତୁମମାନଙ୍କ ଭିତରୁ ସବୁଠାରୁ ଅଧିକା ସମ୍ମାନିତ ବ୍ୟକ୍ତି ହେଉଛି ସେ ଯିଏ ସମସ୍ତଙ୍କଠାରୁ ଅଧିକା ଧର୍ମପରାୟଣ ଓ ଧର୍ମନିଷ୍ଠ ।" ତତ୍ ସହିତ ପୁଣି କହିଲେ:-

"ସମଗ୍ର ମନୁଷ୍ୟ ଜାତି ସେ କୌଣସି ଜାତି ବା କୌଣସି ସ୍ତରର ହୋଇଥାଉ ନା କାହିଁକି ମନୁଷ୍ୟ ହେବା ଦୃଷ୍ଟିକୋଣରୁ ଗୋଟିଏ ଦରଜା ରଖିଛି । ଏକଥାକୁ କହି ଆପଣ ସ:ଆ:ସ ନିଜର ଦୁଇହାତକୁ ଉଠାଇଲେ ଓ ଦୁଇହାତର ଅଙ୍ଗୁଳିକୁ ଆପୋଷରେ ମିଳାଇଦେଲେ ଓ କହିଲେ ଯେଉଁଭଳି ଏହି ଦୁଇହାତର ଅଙ୍ଗୁଳି ଗୁଡିକ ଆପୋଷରେ ସମାନ ଅଟନ୍ତି ସେହିପରି ତୁମେ ମନୁଷ୍ୟମାନେ ଆପୋଷରେ ସମାନ ଅଟ । ତୁମକୁ ଜଣେ ଅନ୍ୟଜଣଙ୍କ ଉପରେ ଶ୍ରେଷ୍ଠତ୍ୱ ଓ ଅଗ୍ରାଧିକାର ପ୍ରକାଶ କରିବାର କୌଣସି ହକ୍ ନାହିଁ । ତୁମେ ଆପୋଷରେ ଭାଇ ଭାଇ ସଦୃଶ ।

ସେ ଯାହା ହେଉ ଗୋଟିଏ ଲମ୍ବା ଖୁତ୍‌ବା ଆପଣ ସ:ଆ:ସ ପ୍ରଦାନ କରିଥିଲେ ଯେଉଁଥିରେ ଅଧିନସ୍ଥ କର୍ମୀ, କ୍ରିତଦାସ, ମହିଳାମାନଙ୍କ ସହିତ ସଦ୍‌ବ୍ୟବହାର ଇତ୍ୟାଦି କରିବା ପାଇଁ ଉପଦେଶ ଦେଇ ଶେଷରେ କହିଲେ:-

"ଏହି ହୁକୁମ୍ ଅର୍ଥାତ୍ ନିର୍ଦ୍ଦେଶ କେବଳ ଆଜିପାଇଁ ନୁହେଁ, କାଲିପାଇଁ ନୁହେଁ ବରଂ ସେହିଦିନ ପର୍ଯ୍ୟନ୍ତ ଅଟେ ଯେବେ ତୁମେ ଖୁଦାଙ୍କ ସହିତ ଯାଇ ମିଶିଯିବ । ପୁଣି କହିଲେ ଏହି କଥାଗୁଡିକ ଯାହା ମୁଁ ଆଜି ତୁମକୁ କହୁଅଛି ଏହାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦିଅ କାରଣ ସମ୍ଭବତଃ ଯେଉଁ ଲୋକମାନେ ଆଜି ମୋଠାରୁ ଏକଥା ଶୁଣୁଛନ୍ତି ସେମାନଙ୍କ ଅପେକ୍ଷା ଉକ୍ତ ଲୋକମାନେ ଅଧିକ ଅମଳ କରିବେ ଯେଉଁମାନେ ମୋତେ ଏବେ ଶୁଣୁନାହାଁନ୍ତି ।" (ବୁଖାରୀ କିତାବୁଲ୍ ମଗାଜି, ବାବ୍ ହୁଜ୍ଜତୁଲ୍ ୱିଦାଆ)

ଜଣେ ଭାରତୀୟ ଫିଲୋସଫର ମିଷ୍ଟର୍ କେ.ଏସ୍.ରାମାକ୍ରିଷ୍ଣା ରାଓ ଯିଏ ଅନେକ ପୁସ୍ତକ ରଚନା କରିଛନ୍ତି ଏବଂ ୨୦୧୧ ମସିହାରେ ଭାରତ ସରକାରଙ୍କଠାରୁ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଛନ୍ତି ସେ ୧୯୯୬ ମସିହାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଜୀବନୀ ଏବଂ ମାନବଜାତିର ସମ୍ମାନ ପାଇଁ ଆପଣ ସ:ଆ:ସଙ୍କ ଦ୍ୱାରା କରାଯାଇଥିବା ଚେଷ୍ଟାରେ ପ୍ରଭାବିତ ହୋଇ ଯେଉଁ ବାକ୍ୟଗୁଡିକ ଉପସ୍ଥାପନ କରିଥିଲେ ତାହାର ଗୋଟିଏ ଦୁଇଟି ଇକ୍‌ତେବାସାତ୍ (ପାରା) ଇଂରାଜୀରୁ ଉର୍ଦ୍ଦୁ ଅନୁବାଦ ରହିଛି ତାହା ଉପସ୍ଥାପନ କରୁଅଛି । ସେ କହୁଛନ୍ତି:-

"ଆନ୍ତର୍ଜାତୀୟ ଭାଇଚାରାର ସିଦ୍ଧାନ୍ତ ଏବଂ ମାନବଜାତିର ସମାନତାର ଶିକ୍ଷା ଯାହାକୁ ଆପଣ ସ:ଆ:ସ ପେଶ୍ କରିଛନ୍ତି ତାହା ମାନବଜାତିର ସାମାଜିକ ଉନ୍ନତିରେ ଏକ ମହାନ୍ ଭୂମିକାକୁ ପ୍ରତିଫଳନ କରୁଅଛି । ସମସ୍ତ ବଡ ବଡ ଧର୍ମ ଏହି ଶିକ୍ଷା ଦେଇଛନ୍ତି କିନ୍ତୁ ଇସ୍‌ଲାମ୍‌ର ନବୀ ଉକ୍ତ ଦୃଷ୍ଟିକୋଣକୁ ନିଜ କାର୍ଯ୍ୟ ନମୁନା ଦ୍ୱାରା ଉପସ୍ଥାପନ କରିଛନ୍ତି ଓ ବୋଧ ହୁଏ ଶତାବ୍ଦୀ ଶତାବ୍ଦୀ ପରେ ଯେବେ ଆନ୍ତର୍ଜାତୀୟ ଐକ୍ୟ ମନୋଭାବ ସୃଷ୍ଟି ହେବ ଓ ଜାତିପ୍ରଥା ଓ ବର୍ଣ୍ଣ ବୈଶ୍ୟମତା ଶେଷ ହେବ ଓ ସମଗ୍ର ମାନବଜାତି ଭାଇଚାରାର ସୂତାରେ ଗୁନ୍ଥି ହୋଇଯିବେ ତେବେ ସେହି କଥାର ଗୁରୁତ୍ୱକୁ ଆକଳନ କରିହେବ । ଆରବ ଦେଶ ଗୁଡିକରେ ଏ ପ୍ରଥା ଥିଲା ଯେ ଶକ୍ତିଶାଳୀ ଲୋକମାନେ ନିଜ ବାହୁବଳ ଦ୍ୱାରା ସମ୍ପତି ହାସଲ କରୁଥିଲେ । କିନ୍ତୁ ଇସ୍‌ଲାମ୍ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏକ ନେତୃତ୍ୱ ନେଲା ଓ ସେ ମହିଳାମାନଙ୍କୁ ମା'ବାପାଙ୍କ ସମ୍ପତି ଉତରାଧିକାରୀ ବନାଇଲା ଯେବେ କି ଇଂଲିସ୍ ସ୍ଥାନରେ ଯାହା ଗଣତନ୍ତ୍ରର ପ୍ରାରମ୍ଭିକ ପାଠଶାଳା ବୋଲାଇଥାଏ, ୧୮୮୧ ମସିହାରେ ଇସ୍‌ଲାମ୍‌ର ଏହି ସିଦ୍ଧାନ୍ତକୁ ସେ ଆପଣେଇ ନେଲା ଏବଂ ଏହି କାନୁନ୍‌କୁ The Married Womans Act ନାମରେ ନାମିତ ହେଲା । ଇତିହାସର ରେକର୍ଡ୍‌ରୁ ସ୍ପଷ୍ଟ ହେଉଅଛି ଯେ ମୁହମ୍ମଦ୍ ସ:ଆ:ସଙ୍କ ସମସ୍ତ ସମସାମୟିକ ସେ ବନ୍ଧୁ ହୁଅନ୍ତୁ ବା ଶତୃ, ମୁହମ୍ମଦ୍ (ସ:ଆ:ସ)ଙ୍କ ଏ ବିଶେଷ ଗୁଣ, ଦାଗହୀନ ଇମାନ୍‌ଦାରୀ, ଧର୍ମପରାୟଣତା ଓ ଧର୍ମନିଷ୍ଠତା ଓ ଏତତ୍‌ବ୍ୟତୀତ ଜୀବନର ପ୍ରତି କ୍ଷେତ୍ରରେ ମଣିଷର ସଂସ୍କୃତିରେ ଆପଣଙ୍କ ନମୁନାକୁ ସର୍ବୋତମ ରୂପେ ସ୍ୱୀକାର କରୁଛନ୍ତି..... କୁହାଯାଏ କି ଜଣେ ଦିଆନତ୍‌ଦାର୍ ମଣିଷ ହେଉଛି ଖୁଦାଙ୍କ ସର୍ବୋତମ ସୃଷ୍ଟି । ମୁହମ୍ମଦ୍ (ସ:ଆ:ସ) ଅମାନତ୍ ଏବଂ ଦିଆନତ୍‌ରେ ବହୁତ ଉଚ୍ଚ ସ୍ଥାନର ଅଧିକାରୀ ଥିଲେ । ମାନବତା ଆପଣଙ୍କ ମଧ୍ୟରେ ଭରି ରହିଥିଲା । ଆପଣ ସ:ଆ:ସଙ୍କ ଆତ୍ମା, ପ୍ରେମ ଓ ପ୍ରାଣୀଜଗତଙ୍କ ସହାନୁଭୁତି ପାଇଁ ଗୀତ ଗାଉଥିଲା । ମାନବଜାତିର ସେବା, ମନୁଷ୍ୟକୁ ଉଚ୍ଚତମ ସ୍ତର ପ୍ରଦାନ କରିବା, ମନୁଷ୍ୟକୁ ପବିତ୍ର କରିବା, ମନୁଷ୍ୟକୁ ଶିକ୍ଷା ଦେବା ଏହିପରି ଯେତକ ଭଲ ଗୁଣ ଅଛି ତାହା ସବୁ କରି ମନୁଷ୍ୟକୁ ମନୁଷ୍ୟ ବନାଇବା ଆପଣଙ୍କ ଲକ୍ଷ୍ୟ ଓ ଜୀବନର ଉଦ୍ଦେଶ୍ୟ ଥିଲା । ଆପଣଙ୍କ ଜୀବନର ଏକ ମାର୍ଗଦର୍ଶନ ସିଦ୍ଧାନ୍ତ ଯାହା ଆପଣଙ୍କ ଚିନ୍ତା, ଶବ୍ଦ ଓ କାର୍ଯ୍ୟଦ୍ୱାରା ସ୍ପଷ୍ଟ ରୂପେ ବାରି ହୋଇପଡୁଥିଲା ତାହା ଥିଲା ମାନବ ସଭ୍ୟତାର କଲ୍ୟାଣ ।" (ଉସୁଆଏ ଇନ୍‌ସାନେ କାମିଲ୍ ସ:ଆ:ସ, ଲେଖକ - ହାଫିଜ୍ ମୁଜଫର୍ ଅହେମଦ୍ ସାହେବ୍, ପୃଷ୍ଠା-୬୨୮-୬୨୯)

ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ନିଜର କବିତାରେ କେଡେ ସୁନ୍ଦର ଭାବେ କହିଛନ୍ତି:-

କେହ୍‌ତେ ହେଁ ୟୁରୋପ୍ କେ
ନାଦାଁ ୟେ ନବୀ କାମିଲ୍ ନେହିଁ
ୱୁହ୍‌ଶିଓଁ ମେଁ ଦୀଁ କା ଫୈଲାନା
ୟେ କ୍ୟା ମୁଶ୍‌କିଲ୍ ଥା କାର୍
ପର୍ ବନାନା ଆଦ୍‌ମି ୱୁହ୍‌ଶିକୁ
ହୈ ଇକ୍ ମୋଜେଜା
ମାନିଏ ରାଜେଏ ନବୁୱ୍ୱତ୍ ହୈ
ଇସି ସେ ଆଶ୍‌କାର୍

ସୁତରାଂ ଏହା ହେଉଛି ବାସ୍ତବିକତା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚମତ୍କାରିତା ମଧ୍ୟରୁ ଏହା ଗୋଟିଏ ମହାନ୍ ଚମତ୍କାର ଯେ ଆପଣ ସ:ଆ:ସ ଆରବର ହିଂସ୍ର ଓ ପଶୁ ଚରିତ୍ର ଜାତିକୁ ମାନବିକ ସମ୍ମାନ ସହିତ ଚିହ୍ନିତ କରାଇଲେ । ପୁଣି ମନୁଷ୍ୟକୁ ଚରିତ୍ର ସମ୍ପନ୍ନ ମନୁଷ୍ୟ ଏବଂ ଚରିତ୍ର ସମ୍ପନ୍ନ ମଣିଷରୁ ଇଶ୍ୱରୀୟ ମନୁଷ୍ୟ ବରଂ ଖୁଦାନୁମା ଇନ୍‌ସାନ୍ (ଅର୍ଥାତ୍ ଐଶ୍ୱରିକ ମନୁଷ୍ୟ) ବନାଇଦେଲେ ଏବଂ ମାନବତାର ସମ୍ମାନକୁ ସର୍ବୋଚ୍ଚରେ ପହଂଚାଇଦେଲେ ।

***ୟା ରବ୍‌ବି ସଲ୍ଲି ଆଲା ନବୀୟିକା ଦାଇମନ୍ ଫିଇ ହାଜ୍‌ହିଦ୍ ଦୁନ୍‌ୟା ୱ ବାସିନ୍ ସାନି***

***ଅଲ୍ଲାହୁମା ସ୍ୱଲ୍ଲେ ଆଲା ମୁହମ୍ମଦିନ ଓ***

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahemadiya, Kerang*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahemadiya, Kerang (Odisha)*

# ଦରୁଦ୍ ଶରିଫ୍‌ର ବର୍‌କାତ୍ (ଆଶୀର୍ବାଦ) ଏବଂ ତା'ର ଆଧାତ୍ମିକ ଉପହାର

**(ତାହେର୍ ଅହେମଦ୍ ଚିମା, ଶିକ୍ଷକ ଜାମିୟା ଅହେମଦୀୟା କାଦିଆନ୍)**

إِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ ؕ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا (سورۃ الاحزاب: 57)

*ଇନ୍ନଲ୍ଲାହା ଓ୍ୱ ମଲାଇକତହୁ.....ଓ୍ୱସଲ୍ଲିମୁ ତସ୍‌ଲିମା (ସୁରା ଅହ୍‌ଜାବ୍:୫୭)* ଅର୍ଥାତ୍ ଅଲ୍ଲାଃ ବାସ୍ତବରେ ଏହି ନବୀଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତ ମଧ୍ୟ, (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାକାରୀମାନେ! ତୁମେମାନେ ମଧ ଏହି ନବୀଙ୍କ ପ୍ରତି (ଅଲ୍ଲାଃଙ୍କ) ଆଶୀର୍ବାଦ ଭିକ୍ଷା କର (ଅର୍ଥାତ୍ ଦରୁଦ ଶରିଫ୍ ପାଠ କର); ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନଯୋଗ ପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷା କର।

اَللّٰهُمَّ صَلِّ عَلٰى مُحَمَّدٍ وَّعَلٰٓى اٰلِ مُحَمَّدٍ كَمَا صَلَّيْتَ عَلٰٓى اِبْرَاهِيْمَ وَعَلٰٓى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰٓى اٰلِ مُحَمَّدٍ كَمَا بَارَكْتَ عَلٰٓى اِبْرَاهِيْمَ وَعَلٰٓى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ

ଏହି ପବିତ୍ର ଆୟତକୁ ବ୍ୟାଖ୍ୟା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି:- "ଏହି ଆୟତରୁ ପ୍ରକାଶ ହେଉଛି ଯେ ରସୁଲେ ଅକ୍‌ରମ୍ ସ:ଆ:ସଙ୍କ କର୍ମ ଏପରି ଥିଲା ଯେ ଅଲ୍ଲାଃତାଲା ତାଙ୍କର ପ୍ରଶଂସା ବା ବିଶେଷ ଗୁଣ ଗୁଡ଼ିକୁ ସୀମା ଭିତରେ ରଖିବା ନିମନ୍ତେ କୌଣସି ଖାସ୍ ଶବ୍ଦ ପ୍ରୟୋଗ କରିନାହାଁନ୍ତି। ଶବ୍ଦ ତ ମିଳିପାରିଥାଆନ୍ତା କିନ୍ତୁ ନିଜେ ବ୍ୟବହାର କରିନାହାଁନ୍ତି ଅର୍ଥାତ୍ ଆପଣ ସ:ଆ:ସଙ୍କ ସତ୍‌କର୍ମର ସଂଜ୍ଞା ସୀମା ବାହାର ଥିଲା। ଏହି ପ୍ରକାରର ଆୟତ ଅନ୍ୟ କୌଣସି ନବୀଙ୍କ ସପକ୍ଷରେ ବ୍ୟବହାର କରିନାହାଁନ୍ତି। ଆପଣ (ସ:ଆ:ସ)ଙ୍କ ଆତ୍ମାରେ ସେହି ସତ୍ୟତା ଓ ସ୍ୱଚ୍ଛତା ଥିଲା ଏବଂ ଆପଣ (ସ:ଆ:ସ)ଙ୍କ କର୍ମ ଖୁଦାଙ୍କ ଦୃଷ୍ଟିରେ ଏତେମାତ୍ରାରେ ପସନ୍ଦଯୋଗ୍ୟ ଥିଲା ଯେ ଅଲ୍ଲାଃତାଲା ସଦାସର୍ବଦା ପାଇଁ ଏ ନିର୍ଦ୍ଦେଶ ଦେଲେ କି ଆସନ୍ତାକୁ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ପାଇଁ ଦରୁଦ୍ ପ୍ରେରଣ କରନ୍ତୁ।" (ଅଖ୍‌ବାର୍ ଅଲ୍‌ହକମ୍, ଖଣ୍ଡ-୭, ପୃଷ୍ଠା-୨୫)

ମୋମିନ୍ (ଅର୍ଥାତ୍ ବିଶ୍ୱାସକାରୀ)ଙ୍କ ଉପରେ ଅଲ୍ଲାଃତାଲାଙ୍କର ଏହା ବହୁତ ବଡ ଦୟା ଯେ ସେ ତା'ର ଐଶ୍ୱରିକ କରୁଣା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସରନ୍ତି ଜ୍ୟୋତି ଓ ବୈଭବରୁ ଆଶୀର୍ବାଦ ଓ ଭାଗ ପାଇବା ନିମନ୍ତେ ଦରୁଦ୍ ଶରିଫ୍‌କୁ ଏକ ମାଧମ ରୂପେ ରଖିଛି। ଯଦ୍ୱାରା ପ୍ରତ୍ୟେକ ମୋମିନ୍ ନିଜ ନିଜର ସାମର୍ଥ୍ୟ ଓ ଶକ୍ତି ମୁତାବକ ଲାଭ ହାସଲ କରିପାରିବେ।

ଦରୁଦ୍ ଶରିଫ୍‌ର ବର୍‌କତ୍ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅଗଣତି ହଦିସ୍ ବର୍ଣ୍ଣିତ ଅଛି। ସେଥି ମଧ୍ୟରୁ କିଛି ହଦିସ୍ ପାଠକଙ୍କ ନିମନ୍ତେ ଉପସ୍ଥାପନ କରୁଅଛି।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବି ତଲ୍‌ହା ର:ଅ ନିଜ ବାପାଙ୍କଠାରୁ ରିୱାୟତ୍ କରୁଛନ୍ତି ଯେ ଏକଦା ରସୁଲୁଲ୍ଲାଃ ସ:ଆ:ସ ଆସିଲେ ଓ ଆପଣ ସ:ଆ:ସଙ୍କ ଚେହେରାରେ ଆନନ୍ଦ ଭରି ଯାଇଥିଲା। ଆପଣ ସ:ଆ:ସ କହିଲେ ଯେ ଜିବ୍ରିଲ୍ ଆ:ସ ମୋ ନିକଟକୁ ଆସି କହିଲେ ଯେ ହେ ମୁହମ୍ମଦ୍ ସ:ଆ:ସ! କଣ ଆପଣ ଏଥିରେ ଖୁସି ନାହାଁନ୍ତି ଯେ ଆପଣଙ୍କ ସମ୍ପ୍ରଦାୟରୁ ଯେବେ ଜଣେ ମଧ ଆପଣଙ୍କ ଉପରେ ଦରୁଦ୍ ଓ ସଲାମ୍ ପ୍ରେରଣ କରିବ ତେବେ ମୁଁ ତା ଉପରେ ଦଶଥର ଦରୁଦ୍ ଏବଂ ସଲାମ୍ ପ୍ରେରଣ କରିବି।

ଆଉ ଗୋଟିଏ ରିୱାୟତ୍‌ରେ ଆସୁଛି ଯେ ଯେବେ ଜଣେ ମୁସଲମାନ୍ ମୋ ଉପରେ ଦରୁଦ୍ ପ୍ରେରଣ କରିଥାଏ ତେବେ ଇଶ୍ୱର ମଧ ତା ପାଇଁ ଦରୁଦ୍ ପ୍ରେରଣ କରିଥାନ୍ତି। ସୁତରାଂ ଏହା ସେ ଲୋକ ଉପରେ ନିର୍ଭର ଯେ ସେ ଯଦି ଚାହିଁବ ତାକୁ କମ୍ କରିଦେବ ଅଥବା ଅଧିକ କରିବ। (ଇବ୍‌ନେ ମାଜା କିତାବ୍ ଇକାମସ୍ ସଲାତା ବାବ୍ ସଲାତ୍ ଆଲା ନବୀ ସ:ଆ:ସ)

ଆଉ ଗୋଟିଏ ରିୱାୟତ୍‌ରେ ଆସୁଛି ଯେ ଅଲ୍ଲାଃତାଲା ଦରୁଦ୍ ପ୍ରେରଣ କରିବା ଫଳରେ ଦରୁଦ୍ ପାଠ କରୁଥିବା ବ୍ୟକ୍ତିଙ୍କ ଦଶଟି ପାପ ଦୂର କରିଦିଏ ଓ ତାକୁ ଦଶ ସ୍ତର ପର୍ଯ୍ୟନ୍ତ ଉପରକୁ ଉଠାଇଥାଏ। (ନିସାଇ କିତାବୁସ୍ ସହୁ ଅଲ୍‌ଫଜଲ୍ ଫିସ୍‌ସଲାତି ଅଲନ୍‌ନବୀଇ ସ:ଆ:ସ)

ଦରୁଦ୍ ଶରିଫ୍‌ର ବର୍‌କାତ୍ ଗୁଡିକ ମଧ୍ୟରେ ଏକଥା ମଧ ସାମିଲ୍ ଅଛି ଯେ ତାହାଦ୍ୱାରା ଦୁଃଖ ଓ ଚିନ୍ତା ଦୂର ହୋଇଥାଏ ଓ ଏହା ପାପରୁ ମୁକ୍ତି ଦେବାର ମାଧ୍ୟମ ଅଟେ।

ହଜ୍‌ରତ୍ ଅବିବିନ୍ କାଆବ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଏକଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ଜଣାଇଲି ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୁଁ ଆପଣଙ୍କ ଉପରେ ବହୁ ମାତ୍ରାରେ ଦରୁଦ୍ ପ୍ରେରଣ କରୁଛି। ଆପଣ ନିଜେ ହିଁ ବତାଇଦିଅନ୍ତୁ ଯେ ମୁଁ ଆପଣଙ୍କ ଉପରେ କେତେଥର ଦରୁଦ୍ ପ୍ରେରଣ କରିବି। ଏକଥାର ଉତରରେ ଆପଣ ସ:ଆ:ସ କହିଲେ ଯେତେ ଇଚ୍ଛା ସେତେ କରିପାର। ସେ କହୁଛନ୍ତି ମୁଁ କହିଲି କ'ଣ ଏକ ଚତୁର୍ଥାଂଶ। ଏଥିରେ ଆପଣ ସ:ଆ:ସ କହିଲେ- ଯେତିକି ଇଚ୍ଛା କର ଓ ଯଦି ତୁମେ ଏହାଠାରୁ ଅଧିକା ଦରୁଦ୍ ପ୍ରେରଣ କରିବ ତେବେ ତାହା ତୁମପାଇଁ ଅଧିକ ଉତମ ହେବ। ରାଓି କହୁଛନ୍ତି:- ମୁଁ କହିଲି କ'ଣ ଅଧା? ଏଥିରେ ଆପଣ ସ:ଆ:ସ କହିଲେ ଯେତେ ତୁମେ ଚାହଁ ଓ ଯଦି ତୁମେ ଏହାଠାରୁ ମଧ ଅଧିକା ଦରୁଦ୍ ପ୍ରେରଣ କରିବ ତେବେ ଏହା ତୁମପାଇଁ ଅଧିକ ଉତମ। ରାଓି କହୁଛନ୍ତି ମୁଁ କହିଲି କ'ଣ ଦୁଇ ତୃତୀୟାଂଶ। ଏଥିରେ ଆପଣ ସ:ଆ:ସ କହିଲେ ଯେତେ ଚାହଁ ଓ ଯଦି ତୁମେ ଏହାଠାରୁ ମଧ ଅଧିକା ଦରୁଦ୍ ପ୍ରେରଣ କରିବ ତେବେ ଏହା ତୁମପାଇଁ ଅଧିକ ଉତମ। ରାଓି କହୁଛନ୍ତି ମୁଁ କହିଲି ଆସନ୍ତାକୁ ମୁଁ ନିଜର ସମସ୍ତ ଦୁଆକୁ ଦରୁଦ୍ ଭିତରେ ହିଁ ସିମୀତ କରିଦେବି। ଏଥିରେ ଆପଣ ସ:ଆ:ସ କହିଲେ- ଏତଦ୍ୱାରା ତୁମର ସମସ୍ତ ଦୁଃଖ ଓ ଚିନ୍ତା ଦୂର ହୋଇଯିବ ଓ ତୁମର ପାପକୁ କ୍ଷମା କରି ଦିଆଯିବ। (ତିରିମିଜି କିତାବ୍ ସିଫତୁଲ୍ କିୟାମାଃ ଓ୍ୱରକାଇକ୍ ଓ୍ୱଲ୍ ଓ୍ୱରଅ ଅନ୍ ରସୁଲିଲ୍ଲାଃହି ସ:ଆ:ସ)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅ କହୁଛନ୍ତି ଯେ ଏହି ହଦିସ୍‌କୁ ପଢ଼ି ମୋ ମନ ଭିତରେ ଏ ଇଚ୍ଛା ଜାଗ୍ରତ ହେଲା ଯେ ମୁଁ ମଧ ଏପରି କରିବି। ସୁତରାଂ ଦିନେ କାଦିଆନ୍‌ରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ ଜଣାଇଲି ଯେ ମୋର ଇଏ ଆନ୍ତରିକ ଇଚ୍ଛା ଯେ ମୁଁ ମୋର ନିଜର ସମସ୍ତ ଇଚ୍ଛା ଓ ଅଭିଳାଶା ପରିବର୍ତେ ଦରୁଦ୍ ଶରିଫ୍‌ର ଦୁଆ ମାଗିବି।

ହଜୁର୍ ଆ:ସ ଏକଥାକୁ ବହୁତ ପସନ୍ଦ କଲେ ଓ ସେଠାରେ ଉପସ୍ଥିତ ସମସ୍ତ ଲୋକମାନଙ୍କ ସହିତ ଉପରକୁ ହାତ ଉଠାଇ ସେହିକ୍ଷଣି ମୋ ପାଇଁ ଦୁଆ କଲେ। ସେବେଠାରୁ ମୁଁ ଏ କଥାକୁ କରି ଆସୁଛି ଯେ ନିଜର ସମସ୍ତ ଇଚ୍ଛା ଓ ଅଭିଳାଷକୁ ଦରୁଦ୍ ଶରିଫ୍‌ର ଦୁଆ (ପ୍ରାର୍ଥନା)ରେ ସାମିଲ୍ କରି ଅଲ୍ଲାଃତାଲାଙ୍କଠାରୁ ମାଗିଥାଏ। (ମୁଲଖସ୍ ଜିକ୍‌ରେ ହବିବ୍, ପୃଷ୍ଠା-୨୬୩)

ହଜ୍‌ରତ୍ ଅନସ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ଯେଉଁ ବ୍ୟକ୍ତି ଗୋଟିଏ ଦିନରେ ଏକ ହଜାର ଥର ମୋର ଉପରେ ଦରୁଦ୍ ପ୍ରେରଣ କରିବ ସେ ଏହି ଜୀବନରେ ବୈକୁଣ୍ଠ ଭିତରେ ନିଜର ସ୍ଥାନକୁ ଦେଖିନେବ।

ଏହି ହଦିସ୍‌ରୁ ପ୍ରମାଣିତ ହେଉଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବହୁଳ ଭାବେ ଦରୁଦ୍ ପ୍ରେରଣ କରୁଥିବା ବ୍ୟକ୍ତି ସ୍ୱଚ୍ଛ ମାର୍ଗଦେଇ ସେହି ସ୍ଥାନକୁ ପହଂଚିଯାଇଥାଏ ଅର୍ଥାତ୍ ସେ

"تَتَنَزَّلُ عَلَيْهِمُ الْمَلٰٓئِكَةُ اَلَّا تَخَافُوْا وَلَا تَحْزَنُوْا وَاَبْشِرُوْا بِالْجَنَّةِ الَّتِيْ كُنْتُمْ تُوْعَدُوْنَ" (حٰمٓ سجدہ:31)

*"ତତନଜ୍ଜଲୁ ଆଲୈହିମୁଲ୍ ମଲାଇକତୁ ଅଲ୍ଲା ତଖାଫୁ ଓ୍ୱଲା ତହ୍‌ଜନୁ ଓ୍ୱ ଅବ୍‌ଶିରୁ ବିଲ୍ ଜନ୍ନତିଲ୍ ଲତି କୁନ୍‌ତୁନ୍ ତୁ ଅଦୁନ" (ହାମିନ୍ ସଜ୍‌ଦାଃ:୩୧)* ମୁତାବକ ନିଜ ଜୀବନରେ ହିଁ ବୈକୁଣ୍ଠର ସୁସମାଚାର ବରଂ ସେ ନିଜେ ହିଁ ବୈକୁଣ୍ଠକୁ ପ୍ରାପ୍ତ କରିନିଏ। ଦରୁଦ୍ ଶରିଫ୍‌ର ବର୍‌କତ୍ ମଧ୍ୟରୁ ଏହାଠାରୁ ବଳି ଆଉ କଣ ବର୍‌କତ୍ ହୋଇପାରିବ।

ଅହେମଦୀୟା ସମ୍ପ୍ରଦାୟର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ଶେଖ୍ କରମ୍ ଏଲାହି ସାହେବ୍ ପଟ୍ୟାଲୱି ର:ଅଙ୍କ ବୟାନ୍ ହେଉଛି ଏହା କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଯୁଗରେ ଏକଦା ଯେବେ ମୁଁ କାଦିଆନ୍‌ରୁ ଫେରି ଆସିବା ପାଇଁ ପ୍ରସ୍ତୁତ ହେଲି ସେତେବେଳେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅଙ୍କ ଗୋଚରରେ ନିବେଦନ କଲି କି ଯେ ମୋତେ କୌଣସି ଓ୍ୱଜିଫା (ଅର୍ଥାତ୍ ଅଲ୍ଲାଃଙ୍କ ସାନିଧ ପ୍ରାପ୍ତ କରିବା ପାଇଁ କର୍ମ) ବତାଇ ଦିଆଯାଉ। ଆପଣ ର:ଅ କହିଲେ ଯେ ହଜ୍‌ରତ୍ ସାହେବ୍ (ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ବହୁତ ମାତ୍ରାରେ ଦରୁଦ୍ ଶରିଫ୍ ଏବଂ ଇସ୍‌ତେଗ୍‌ଫାର୍ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମେ ଏହାଠାରୁ ଅଧିକା କଣ ବତାଇପାରିବୁ। ସୁତରାଂ ଯଥା ସମ୍ଭବ ଦରୁଦ୍ ଶରିଫ୍‌କୁ ଆବୃତି କରିଚାଲ ଓ ଚଳପ୍ରଚଳ କରିବା ସମୟରେ ଇସ୍‌ତେଗ୍‌ଫାର୍ ପଢ଼। ସୁତରାଂ ମୋ ନିଜ ସାମର୍ଥ୍ୟ ଅନୁସାରେ ମୁଁ ଏକଥା ଉପରେ ପରିଚାଳିତ ହେଉଅଛି।

ପୁଣି କହୁଛନ୍ତି:- "ଥରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମସ୍‌ଜିଦ୍ ମୁବାରକ୍‌ରେ ଖୁଦାମ୍ ମାନଙ୍କ ସହିତ ଖାଦ୍ୟ ଗ୍ରହଣ କରୁଥିଲେ ଓ ମୁଁ ଖାଇବାସ୍ଥାନରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅଙ୍କ

ନିକଟରେ ବସିଥିଲି । ହଜ୍‌ରତ୍ ମୌଲବୀ ସାହେବ୍ ଥିରି କରି ମୋତେ ପଚାରିଲେ ଯେ ମଗରିଜ୍ ନମାଜ ପରଠାରୁ ଏପର୍ଯ୍ୟନ୍ତ କେତେ ସମୟ ବିତିଯାଇଥିବ । ମୁଁ କହିଲି ପାଖାପାଖି ଏକଘଂଟା । ଏଥିରେ ସେ କହିଲେ ଯେ ଯେବେ ଆମେ କୌଣସି ବ୍ୟକ୍ତିକୁ ଦରୁଦ୍ ଶରିଫ୍ ଏବଂ ଇସ୍‌ତେଗ୍‌ଫାର୍ ପଢ଼ିବା ନିମନ୍ତେ କହିଥାଉଁ ଏଥିରେ ଅଧିକାଂଶ ଲୋକେ ଅବସର ନମିଳିବା ଓ ସମୟ ଅଭାବର ବାହାନା କରିଥାନ୍ତି କିନ୍ତୁ ଏହି ବାହାନା ଠିକ୍ ନୁହେଁ । ଦେଖ ଆମେ ହଜ୍‌ରତ୍ ସାହେବ୍ କଥାଗୁଡିକ ମଧ୍ୟ ଧ୍ୟାନ ଦେଇ ଶୁଣୁଅଛୁ । ଏବଂ ଏହି ଏକଘଂଟା ସମୟ ଭିତରେ ଆମେ ପାଂଚଶହ ଥର ଦରୁଦ୍ ଶରିଫ୍ ମଧ୍ୟ ପଢ଼ିସାରିଛୁ.... ମୁଁ ଏହି ମୂଲ୍ୟବାନ୍ କଥା ଉପରେ ଅଲ୍ଲାଃତାଲାଙ୍କ ଦୟାବଳରୁ ପରିଚାଳିତ ହୋଇ ବହୁତ ଲାଭ ଉଠାଇଛି ଏବଂ ଯଦି ଅବହେଳା ବା କର୍ମଦଣ୍ଡ ପ୍ରତିବନ୍ଧକ ନହୁଏ ତେବେ ଏହିପରି ମନୁଷ୍ୟ ସମୟ ନଷ୍ଟ କରିବାରୁ ବହୁମାତ୍ରାରେ ବଂଚିପାରିବ । ଓ୍ୱବିଲ୍ଲାହି ତୌଫିକ୍ ।”

ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ସମ୍ପୂର୍ଣ୍ଣ ଧ୍ୟାନର ସହିତ ଓ ଭକ୍ତିଭାବରେ ଏବଂ ବାସ୍ତବିକ ପ୍ରେମ ଓ ଅନ୍ତରାତ୍ମା ସହିତ ଦରୁଦ୍ ପ୍ରେରଣ କରିବା ଉଚିତ୍ । କେବଳ ବହୁମାତ୍ରାରେ ପ୍ରେରଣ କରିବା ବଡ କଥା ନୁହେଁ ବରଂ ବଡ କଥା ହେଉଛି ଏହା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଉତମରୁ ଉତମ ରୂପେ ଦରୁଦ୍ ପ୍ରେରଣ କରାଯାଉ ।

ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସ ଏହା ନିର୍ଦ୍ଦେଶ ଦେଇଛନ୍ତି କି ମୋ ଉପରେ ଦରୁଦ୍ ପ୍ରେରଣ କର । ମୋ ଉପରେ ତୁମର ଦରୁଦ୍ ପ୍ରେରଣ କରିବା ଦ୍ୱାରା ତୁମ ନିଜର ହିଁ ପବିତ୍ରତା ଓ ଉନ୍ନତିର ମାଧ୍ୟମ ହେବ ।

ଏହି ହଦିସ୍‌ର ବିଷୟ ବସ୍ତୁ ସମ୍ପୂର୍ଣ୍ଣ ରୂପେ ଏହା ସ୍ପଷ୍ଟ କରିଦେଉଛି ଯେ ଦରୁଦ୍ ଶରିଫ୍ ହେଉଛି ପବିତ୍ରତା ହାସଲ କରିବାର ମାଧ୍ୟମ । ଏହାଦ୍ୱାରା ମନୋଭାବ ପବିତ୍ର ହୋଇଥାଏ ଓ କର୍ମ ମଧ୍ୟ ପବିତ୍ର ହୋଇଥାଏ । ଯଦି କେହି ପରୀକ୍ଷା କରିବାକୁ ଚାହେଁ ତେବେ ଏହା ନିଶ୍ଚିତ ରୂପେ କରୁ । ଯଦି ବହୁଳ ଭାବେ ହଜାର ହଜାର ସଂଖ୍ୟାରେ ଦରୁଦ୍ ଶରିଫ୍ ତ ପଢ଼ିନିଏ କିନ୍ତୁ ତତ୍‌ସହିତ ଲାଂଚ ମଧ୍ୟ ନିଏ, ବେଇମାନି ମଧ୍ୟ କରେ ଏବଂ ଅନ୍ୟମାନଙ୍କୁ ଦୁଃଖ ମଧ୍ୟ ଦେଇଥାଏ । ଏହାଫଳରେ ଦରୁଦ୍‌ର ବର୍‌କତ୍ ନିଜେ ଆମେ ହିଁ ନିଜ ହାତରେ ନଷ୍ଟ କରିଥାଉ ।

ଦରୁଦ୍ ଶରିଫ୍ ପଢ଼ିବା ଦ୍ୱାରା ଏକ୍‌ରେ ତ ଖୁଦାଙ୍କ ପ୍ରେମ ହୃଦୟ ମଧ୍ୟରେ ଦୃଢ଼ୀଭୁତ ହୋଇଥାଏ, ଦ୍ୱିତୀୟରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ମନ ଲାଗିଯାଏ । ଫଳତଃ ମନୁଷ୍ୟ ଏପରି କାର୍ଯ୍ୟ କରିଥାଏ ଯେଉଁ କାର୍ଯ୍ୟକୁ ରସୁଲୁଲ୍ଲାଃ ସ:ଆ:ସ କରିଥିଲେ । ଏହିପରି ସେ ରସୁଲ୍‌ଙ୍କ କାର୍ଯ୍ୟର ପ୍ରେମୀ ଓ ଅନୁଗାମୀ ହୋଇଯାଏ । ଦରୁଦ୍ ଶରିଫ୍ ମନୁଷ୍ୟକୁ ଆଧ୍ୟାତ୍ମିକ ରୋଗରୁ ପବିତ୍ର ପରି ଉଚ୍ଚତମ ପଦମର୍ଯ୍ୟାଦା ପ୍ରଦାନ କରିଥାଏ ।

*ଭେଜ୍ ଦରୁଦ୍ ଉସ୍ ମୋହସିନ୍ ପର ତୁ*
*ଦିନ୍ ମେ ସୌ ସୌ ବାର୍*
*ପାକ୍ ମୁହମ୍ମଦ୍ ମୁସ୍ତଫା ନବିଓଁକା ସରଦାର୍*

ଦରୁଦ୍ ଶରିଫ୍‌ର ଆଶୀର୍ବାଦରୁ ମନୁଷ୍ୟକୁ ଶାନ୍ତିପ୍ରାପ୍ତ ହୋଇଥାଏ । ମନୁଷ୍ୟ କଣ ଏହା ଦ୍ୱାରା ତ ପଶୁପକ୍ଷୀମାନେ ମଧ୍ୟ ଲାଭ ଉଠାଇଥାନ୍ତି ।

ପୁସ୍ତକ ହୟତେ କୁଦୁସି ର ଚତୁର୍ଥ ଭାଗର ୩୬ ନଂ ପୃଷ୍ଠାରେ ହଜ୍‌ରତ୍ ଗୁଲାମ୍ ରସୁଲ୍ ସାହବ୍ ରାଜିକି ର:ଅ ଙ୍କର ଗୋଟିଏ ଘଟଣା ବର୍ଣ୍ଣିତ ହୋଇଛି:- "କାଦିଆନ୍‌ରେ ରହିବା ସମୟରେ ଥରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅ ହଜ୍‌ରତ୍ ଗୁଲାମ୍ ରସୁଲ୍ ସାହେବ୍ ରାଜିକି ର:ଅଙ୍କୁ କିତାବତ୍ (ଅର୍ଥାତ୍ ପୁସ୍ତକ ଲିଖନ)ର କିଛି କାର୍ଯ୍ୟ ଦେଲେ । ସେତିକିବେଳେ ଦରୁଦ୍ ଶରିଫ୍‌ର ବର୍‌କତ୍ ଓ ଏକ ଘଟଣା ଘଟିଗଲା । ସେ କହୁଛନ୍ତି ମୁଁ ଉପଦେଶ ମୁତାବକ ଏହି ପୁଣ୍ୟ କାର୍ଯ୍ୟକୁ କରିବା ଆରମ୍ଭ କରିଦେଲି ଓ ଠିକ୍ ୧୨ଟା ବେଳେ ସ୍କୁଲ୍ କାର୍ଯ୍ୟ ସାରି ବାକି ସବୁତକ ସମୟ କିତାବତ୍ କରିବାରେ ବିନିଯୋଗ କରୁଥିଲି । ସେହି ଦିନ ଗୁଡିକରେ ମୁଁ ହଜ୍‌ରତ୍ ନଓ୍ୱାବ୍ ମୁହମ୍ମଦ୍ ଅଲି ଖାନ୍ ସାହେବ୍‌ଙ୍କ ସହରରେ ଥିବା ଘରର ଗୋଟିଏ କୋଠରୀରେ ରହୁଥିଲି । ସାମ୍‌ନା କୋଠରୀର ବାରଣ୍ଡାରେ ଦୁଇଟି ବଣୁଆ ପାରା ଅଣ୍ଡା ଦେଇଥିଲେ । ଦିନେ ଝାଡୁଦାର୍ ଘରଟିକୁ ସଫା କରିବା ସମୟରେ ସେହି ବସାଟିକୁ ଭାଙ୍ଗିଭୁଙ୍ଗି ଦେଲା । ଫଳତଃ ସେଥିରୁ ଅଣ୍ଡାଗୁଡିକ ତଳେ ପଡି ଫାଟିଗଲା । ମୁଁ ସେତିକିବେଳେ ଲେଖାଲେଖି କାର୍ଯ୍ୟରେ ବ୍ୟସ୍ତ ଥିଲି । ଯେତେବେଳେ ପାରାମାନେ ତାଙ୍କ ବସାଟିକୁ ପାଇଲେ ନାହିଁ ଓ ଅଣ୍ଡାଗୁଡିକୁ ଫାଟିଯାଇଥିବାର ଦେଖିଲେ ବହୁତ ବ୍ୟାକୁଳ ହୋଇ ଫଡ ଫଡ ହେବା ଆରମ୍ଭ କରିଦେଲେ । ସେମାନଙ୍କର ଦରଦପୁର୍ଣ୍ଣ ଶବ୍ଦ ଓ ବ୍ୟାକୁଳତା ମୋ ଉପରେ ଭୀଷଣ ପ୍ରଭାବ ପକାଇଲା,ଯଦ୍ଦ୍ୱାରା ମୁଁ ନିଜ କଲମକୁ ରୋକିଦେଇ ସେମାନଙ୍କ ପ୍ରତି ଦୃଷ୍ଟି ଦେଲି ଓ ଅଶ୍ରୁପୂର୍ଣ୍ଣ ଆଖିରେ ସେମାନଙ୍କ ଦୁଃଖରେ ସାମିଲ୍ ହୋଇଗଲି । ମୁଁ ବହୁ ସମୟ ପର୍ଯ୍ୟନ୍ତ ଭାବିଚାଲିଲି ଯେ ଏହି ମୁକ ପକ୍ଷୀମାନଙ୍କୁ କିପରି ମୁଁ ଖୁସି କରାଇପାରିବି କିନ୍ତୁ କୌଣସି କଥା ମୁଣ୍ଡରେ ଜୁଟିଲା ନାହିଁ । ପରିଶେଷରେ ମୋତେ ଏ ଖିଆଲ୍ ଆସିଲା ଯେ ଦରୁଦ ଶରିଫ୍ ଯେହେତୁ ଏକ ଗ୍ରହଣୀୟ ଦୁଆ ତେଣୁ ଯଦି ମୁଁ ତାହାକୁ ଏହି ନିୟତ (ଉଦ୍ଦେଶ୍ୟ)ରେ ପଢ଼ିବି କି ଏହାର ସଓ୍ୱାବ (ଅର୍ଥାତ୍ ପୂଣ୍ୟ)କୁ ଅଲ୍ଲାଃତାଲା ମୋତେ ପହଂଚାଇବା ପରିବର୍ତେ ସେହି ପକ୍ଷୀଗୁଡିକୁ ଶାନ୍ତ୍ୱନା ଦେଇଦିଅନ୍ତୁ । ହୋଇପାରେ କି ଏହାଦ୍ୱାରା ସେହି ମୁକ (ପକ୍ଷୀଗୁଡିକ)ର କିଛି ମାତ୍ରାରେ ଦୁଃଖ ହରଣ ହୋଇପାରିବ । ସୁତରାଂ ମୁଁ ଏହି ନିୟତ କରି ଦରୁଦ ଶରିଫ୍ ପଢ଼ିବା ଆରମ୍ଭ କରିଦେଲି । ଯଦ୍ୱାର ଉକ୍ତ ପକ୍ଷୀଙ୍କ ବ୍ୟାକୁଳତା ଦୂର ହୋଇଗଲା ଓ ସେମାନେ ଆରାମରେ ବସିଗଲେ । ସେମାନଙ୍କୁ ଚୁପ୍ ହେବାର ଦେଖି ମୁଁ ନିଜର କଲମ ଉଠାଇଲି ଓ ଦରୁଦ୍ ଶରିଫ୍ ପଢ଼ିବା ବନ୍ଦ କରି କିତାବତ୍‌ରେ ଲାଗିଗଲି । କିନ୍ତୁ ଏବେ ମୁଁ କିଛି ଧାଡି ଲେଖିଥିଲି କି ନାହିଁ । ପାରାଗୁଡିକ ପୁଣି ଅଶାନ୍ତ ଓ ବ୍ୟାକୁଳତାର ପରିପ୍ରକାଶ କରିବା ଆରମ୍ଭ କରିଦେଲେ । ସେମାନଙ୍କର ଏପରି ଦରଦପୁର୍ଣ୍ଣ ଅବସ୍ଥାକୁ ଦେଖି ମୁଁ ପୁଣି ଦରୁଦ୍ ଶରିଫ୍ ପଢ଼ିବା ଆରମ୍ଭ କରିଦେଲି । ଫଳ ଏହା ହେଲା କି ସେମାନେ ଆରାମରେ ବସିଗଲେ । କିନ୍ତୁ ଅଳ୍ପ ସମୟ ପରେ ଯେବେ ମୁଁ ଲେଖିବା ଆରମ୍ଭ କରିଦେଲେ ସେତେବେଳେ ସେମାନଙ୍କର ଅବସ୍ଥା ପୁଣି ବଦଳିଗଲା । ଏହିପରି ତିନିଚାରିଥର ହେଲା । ତାପରେ ଅଜାନ୍ ହେବାରୁ ମୁଁ କୋଠରୀଟିକୁ ବନ୍ଦ୍ କରି ମସ୍‌ଜିଦ୍ ଚାଲିଗଲି ଏବଂ ପାରା ଉଡିଗଲେ ।

ଏ ଯୁଗରେ ସବୁଠାରୁ ଅଧିକା ପ୍ରେମ ଓ ସ୍ନେହର ସହିତ ଦରୁଦ୍ ଶରିଫ୍ ପ୍ରେରଣ କରୁଥିବା ବ୍ୟକ୍ତି ବିଶେଷ ହେଉଛନ୍ତି ଆପଣ ସ:ଆ:ସଙ୍କ ସଚ୍ଚା ପ୍ରେମୀ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନୀ ମସିହ୍ ମଉଦ୍ ଆ:ସ ଓ ତା ଅନୁସାରେ ଆପଣ ଆ:ସ ତା'ର ବର୍‌କାତ୍ (ଆଶୀର୍ବାଦ) ମଧ୍ୟ ହାସଲ କରିଛନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି:- "ଗୋଟିଏ ସମୟ ଏପରି ଥିଲା କି ଦରୁଦ୍ ଶରିଫ୍ ପଢ଼ିବାରେ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବାରେ ଗୋଟିଏ ଯୁଗ ପର୍ଯ୍ୟନ୍ତ ମୁଁ ବହୁତ ବୁଡି ରହିଥିଲି । କାରଣ ମୋର ଏ ଦୃଢ଼ ବିଶ୍ୱାସ ଥିଲା ଯେ ଖୁଦାତାଲାଙ୍କ ମାର୍ଗ ଅତ୍ୟନ୍ତ ସୂକ୍ଷ୍ମ ଅଟେ । ସେ ନବୀ କରିମ୍ ସ:ଆ:ସଙ୍କ ଓ୍ୱସିଲା (ଅର୍ଥାତ୍ ମାଧ୍ୟମ) ବିନା ମିଳିପାରିବ ନାହିଁ । ଯେପରିକି ଖୁଦା ମଧ୍ୟ କହୁଛନ୍ତି- *ଇବ୍‌ତଗୁ ଇଲୈହିଲ୍ ଓ୍ୱସିଲାଃ (ମାଇଦାଃ:୩୬)* ତାପରେ ଏକ ଲମ୍ବା ସମୟ ଅତିବାହିତ ହେବା ପରେ ମୁଁ କଶ୍‌ଫି (ଜାଗ୍ରତ ଅବସ୍ଥାରେ ଦେଖାଯାଉଥିବା ଆଧ୍ୟାତ୍ମିକ ଦୃଶ୍ୟ) ଅବସ୍ଥାରେ ଦେଖିଲି ଯେ ଦୁଇଟି ସକ୍କେ (ଅର୍ଥାତ୍ ସ୍ୱର୍ଗୀୟ ବ୍ୟକ୍ତି) ଆସିଛନ୍ତି । ଜଣେ ଭିତର ରାସ୍ତାଦ୍ୱାରା ଓ ଆଉଜଣେ ବାହାର ରାସ୍ତା ଦେଇ ମୋ ଘର ଭିତରେ ପ୍ରବେଶ କଲେ ଓ ସେମାନଙ୍କ କାନ୍ଧ ଉପରେ ଜ୍ୟୋତିର କଳସ ଥିଲା ଓ ସେ କହିଚାଲିଥିଲେ- *ହାଜା ବିମା ସଲ୍ଲୈତା ଆଲା ମୁହମ୍ମଦ୍* ଅର୍ଥାତ୍ ଏହି ବର୍‌କାତ୍ (ବୈଭବ) ସେହି ଦରୁଦ୍ ଯୋଗୁ ମିଳିଛି, ଯାହାକୁ ତୁମେ ମୁହମ୍ମଦ୍ ସ:ଆ:ସଙ୍କ ଉପରେ ପ୍ରେରଣ କରିଥିଲ ।" (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୩୧)

ପୁଣି କହିଲେ:- "ଥରେ ମୁଁ କୁଲଞ୍ଜ୍ ଜହିରି ଦ୍ୱାରା ଭୀଷଣ ବେମାର ପଡିଲି ଓ ୧୬ଦିନ ପର୍ଯ୍ୟନ୍ତ ମଳଦ୍ୱାରରୁ ରକ୍ତ ବହିଲା । ଫଳତଃ ଭୀଷଣ କଷ୍ଟ ହେଉଥିଲା, ଯାହାକୁ ବର୍ଣ୍ଣନା କରିହେବନାହିଁ..... ଯେତେବେଳେ ମୋର ରୋଗ ଏପରି ଅବସ୍ଥାରେ ପହଂଚିଗଲା ସେତେବେଳେ ଖୁଦାତାଲା ମୋ ମନ ଭିତରେ ଏକଥା ପକାଇଦେଲେ ଯେ ସବୁ ଉପଚାରକୁ ଛାଡିଦିଅ, କେବଳ ନଦୀର ପାଣିମିଶା ବାଲିକୁ ତସ୍‌ବିହ୍ ଏବଂ ଦରୁଦ୍ ସହିତ ନିଜ ଶରୀରରେ ମାଲିସ୍ କର । ଖୁବ୍ ଶିଘ୍ର ନଦୀରୁ ସେହିପରି ବାଲି ମଗାଗଲା ଓ ମୁଁ ଏହି କଲ୍‌ମା ସହିତ ଅର୍ଥାତ୍ *ସୁବ୍‌ହାନଲ୍ଲାହି ଓ୍ୱ ବିହମ୍‌ଦିହି ସୁବ୍‌ହାନଲ୍ଲାହିଲ୍ ଅଜିମ୍* ଏବଂ ଦରୁଦ୍ ଶରିଫ୍ ସହିତ ଉକ୍ତ ବାଲିକୁ ଶରୀରରେ ମଳିବା ଆରମ୍ଭ କରିଦେଲି । ପ୍ରତିଥର ଯେତେବେଳେ ସେହି ବାଲି ଶରୀରରେ ପହଂଚୁଥିଲା ସେତେବେଳେ ମୋ ଶରୀରର ଜ୍ୱଳନ କମିଯାଉଥିଲା । ସକାଳ ପର୍ଯ୍ୟନ୍ତ ସେହି ସବୁ ରୋଗ ଦୂର ହୋଇଗଲା ।" (ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୪୬, ହାଶିୟା)

ପୁଣି ଆଉ ଏକ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ଦରୁଦ୍ ଯାହା ଇସ୍‌ତିକାମତ୍ (ଅର୍ଥାତ୍ ଦୃଢ଼ପଗ) ହାସଲ କରିବାର ଏକ ଉତମ ମାଧ୍ୟମ ତାହା ବହୁଳଭାବେ ପଢ଼ କିନ୍ତୁ ନା କୌଣସି ପ୍ରଥା ଓ ଅଭ୍ୟାସ ରୂପେ ବରଂ ରସୁଲୁଲ୍ଲାଃ ସ:ଆ:ସଙ୍କ ହୁସୁନ୍ ଓ ଏହ୍‌ଶାନ୍ (ଅର୍ଥାତ୍ ଐଶ୍ୱର୍ଯ୍ୟ ଓ ଅନୁଗ୍ରହକୁ) ଆଖି ଆଗରେ ରଖି ଏବଂ ଆପଣ ସ:ଆ:ସଙ୍କ ପଦବୀ ଏବଂ ପଦମର୍ଯ୍ୟାଦାର ଉନ୍ନତି ନିମନ୍ତେ ଓ ଆପଣ ସ:ଆ:ସଙ୍କ ସଫଳତା ନିମନ୍ତେ (ପାଠ କର) । ଏହାର ପରିଣାମ ଏପରି ହେବ ଯେ ଦୁଆ ଗ୍ରହଣୀୟ ହେବାର ମିଠା ଓ ସୁସ୍ୱାଦୁ ଫଳ ତୁମକୁ ମିଳିବ ।" (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୩୮)

*ଅବଶିଷ୍ଟାଂଶ ପୃଷ୍ଠା-୨୭ ରେ ଦେଖନ୍ତୁ...*

# ତର୍‌ବିୟତେ ଔଲାଦ୍ (ସନ୍ତାନମାନଙ୍କୁ ଉତମ ସଂସ୍କାର ଓ ସୁଶିକ୍ଷା ଦେବା) କ୍ଷେତ୍ରରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦର୍ଶ

(ନିୟାଜ୍ ଅହେମଦ୍ ନାଏକ୍, ଶିକ୍ଷକ ଜାମିୟା ଅହେମଦୀୟା କାଦିଆନ୍)

*ଲକଦ୍ କାନାଲକୁମ୍ ଫିରସୁଲିଲ୍ଲାହି ଉସ୍‌ୱତୁନ୍ ହସନାଃ* (ଅହ୍‌ଜାବ:୨୨) ଅର୍ଥାତ୍ ରସୁଲେ କରିମ୍ ସ:ଆ:ସ ହେଉଛନ୍ତି ତୁମ ଜୀବନର ପ୍ରତ୍ୟେକ ଶାଖ ପ୍ରଶାଖାରେ ତୁମମାନଙ୍କ ପାଇଁ ଉତମ ଧରଣର ଅନୁସରଣ ଯୋଗ୍ୟ ଓ ମାର୍ଗଦର୍ଶକ।

ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ଯୁଗରେ ଜନ୍ମ ହୋଇଥିଲେ ତାହା ପ୍ରତିକ୍ଷେତ୍ରରୁ ଅନ୍ଧକାରମୟ ଓ ଅପ୍ରକାଶିତ ଯୁଗ ଥିଲା। ତର୍‌ବିୟତେ ଔଲାଦ୍ (ସନ୍ତାନମାନଙ୍କୁ ସୁଶିକ୍ଷା ଦେବା ଓ ସଂସ୍କାରୀ କରିବା) ପ୍ରସଙ୍ଗରେ ମଧ୍ୟ ଆରବର ଅବସ୍ଥା ବହୁତ ଶୋଚନୀୟ ଥିଲା। ଝିଅପିଲା ଜନ୍ମ ହେଲେ ତାକୁ ବହୁତ ଘୃଣ୍ୟ ଦୃଷ୍ଟିରେ ଦେଖାଯାଉଥିଲା ଓ କିଛି କବିଲାରେ ଝିଅପିଲାମାନଙ୍କୁ ଜୀବିତ ମାଟିତଳେ ପୋତି ଦିଆଯାଉଥିଲା ଓ ପୁଅପିଲାମାନଙ୍କର ଅବସ୍ଥା ମଧ୍ୟ ଏପରି ଥିଲା ସେମାନଙ୍କୁ କଠିନ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ସୁତରାଂ ଏକଦା ଜଣେ ଆରବୀ ଇକ୍‌ରାବିନ୍ ହାବିସ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପିଲାମାନଙ୍କୁ ସ୍ନେହ କରିବାର ଦେଖିଲେ। ଏଥିରେ ସେ ଆଶ୍ଚର୍ଯ୍ୟ ହୋଇ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପଚାରିଲେ କି *ଆତକବ୍‌ବିଲୁନା ସିବିୟନ୍‌କୁମ୍* ଅର୍ଥାତ୍ କଣ ତୁମେ ପିଲାମାନଙ୍କୁ ଚୁମା ଦେଉଛ ଓ ସେମାନଙ୍କୁ ପ୍ରେମ କରୁଛ। ପିଲାମାନଙ୍କ ସହିତ ସେତେବେଳେ ଏପରି ବ୍ୟବହାର କରାଯାଉଥିଲା ଯେ ସେମାନେ ବଡ ହୋଇ ଯୁଦ୍ଧ ଓ ଏହିପରି କଠିନ କାର୍ଯ୍ୟରେ ଭାଗ ନେବାକୁ ଜାତିର ଗର୍ବ ରୂପେ ବିବେଚନା ହେଉଥିଲେ। ସେମାନଙ୍କର ନାମ ହର୍‌ବି ଏବଂ ଜଙ୍ଗି (ଅର୍ଥାତ୍ ଯୁଦ୍ଧ କରିବା ବାଲା) ରଖାଯାଉଥିଲା। ହଜ୍‌ରତ୍ ଅଲୀ ର:ଅଙ୍କ ଘରେ ଯେତେବେଳେ ପ୍ରଥମ ପୁତ୍ର ହସନ୍ ଜନ୍ମ ହେଲେ ସେତେବେଳେ ତାଙ୍କ ନାମ ମଧ୍ୟ ହରବ୍ (ଯୁଦ୍ଧ) ରଖାଯାଇଥିଲା। ହରବର ଅର୍ଥ ହେଉଛି ଯୁଦ୍ଧ। ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେତେବେଳେ ଏକଥା ଜଣାପଡିଲା ସେତେବେଳେ ଆପଣ ସ:ଆ:ସ ଏ ନାମକୁ ଅପସନ୍ଦ କଲେ ଓ ସେହି ନାମ ହରବ୍‌କୁ ପରିବର୍ତନ କରି ହସନ୍ ରଖାଇଲେ।

ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ଦ୍ୱାରା ତର୍‌ବିୟତେ ଔଲାଦ୍‌ର ସିଲ୍‌ସିଲା ମଧ୍ୟ କରୁଣାର କାରଣ ହେଲା ଏବଂ ତର୍‌ବିୟତେ ଔଲାଦ୍ ସମ୍ବନ୍ଧରେ ଆପଣ ସ:ଆ:ସ ଅତ୍ୟନ୍ତ ମାର୍ଗଦର୍ଶନକାରୀ ସିଦ୍ଧାନ୍ତ ତିଆରି କଲେ। ଯାହା ସବୁ ପବିତ୍ର କୋରାନ୍ ଏବଂ ଆହାଦିସେ ନବୱିୟାରେ ଆମକୁ ଅନେକ ସ୍ଥାନରେ ମିଳୁଅଛି। ସେ ସବୁକୁ ଏହି ସଂକ୍ଷିପ୍ତ ସମୟରେ ବର୍ଣ୍ଣନା କରିବା ସମୁଦ୍ରକୁ ଲୋଟା ଭିତରେ ବନ୍ଦ୍ କରିବା ସହ ସମାନ। ସମୟ ଭିତରେ ଯଥାସମ୍ଭବ କିଛି କଥାକୁ ଏଠାରେ ମୁଁ ଉପସ୍ଥାପନ କରୁଅଛି।

ଆଁ ହଜ୍‌ରତ୍ ସ:ଆ:ସ ତର୍‌ବିୟତ ଔଲାଦ ସମ୍ବନ୍ଧରେ ଯେଉଁ ଶୈଳୀ ଆପଣେଇଛନ୍ତି ତାହା ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ଥିଲା। ହଜ୍‌ରତ୍ ଆଇସାଙ୍କର ଗୋଟିଏ କଥନ ଅଛି କି *କାନା ଖୁଲୁକୁହୁଲ୍ କୁର୍‌ଆନ୍* ଅର୍ଥାତ୍ ଆପଣ (ସ:ଆ:ସ) ପବିତ୍ର କୋରାନ୍‌ର କାର୍ଯ୍ୟ ନମୁନାର ପ୍ରତିଛବି ଥିଲେ। ତର୍‌ବିତୟତ୍ ଔଲାଦ୍ ସମ୍ବନ୍ଧରେ ଯାହାକିଛି ଶିକ୍ଷା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରାଯାଇଛି ସେହି ସବୁ ଶିକ୍ଷା ଉପରେ ଆପଣ ସ:ଆ:ସ ପରିଚାଳିତ ହୋଇ ଦେଖାଇଛନ୍ତି।

ଆପଣ ସ:ଆ:ସଙ୍କ ଆଦର୍ଶରୁ ଆମେ ଜାଣିପାରୁଛୁ ଯେ ସନ୍ତାନମାନଙ୍କ ତର୍‌ବିୟତ୍ ତାଙ୍କ ଜନ୍ମ ପୂର୍ବରୁ ହିଁ ଆରମ୍ଭ ହୋଇଯାଏ। ସେଥିପାଇଁ ଆପଣ ସ:ଆ:ସ କହିଛନ୍ତି କି ନିକାହ୍ (ବିବାହ) ପାଇଁ ପୁଣ୍ୟ ଓ ପ୍ରେମ କରୁଥିବା ପତ୍ନୀକୁ ଚୟନ କର। ଆପଣ ସ:ଆ:ସଙ୍କ ନିକଟକୁ ଜଣେ ବ୍ୟକ୍ତି ଆସି ନିବେଦନ କଲେ କି ହଜୁର୍ କୟାମତ୍ କେବେ ହେବ? ଏଥିରେ ଆପଣ ସ:ଆ:ସ ତାଙ୍କୁ କହିଲେ କି ସେଥିପାଇଁ ତୁମେ କି ପ୍ରକାର ପ୍ରସ୍ତୁତି କରିଛ। ଏଥିରୁ ଆମକୁ ଜଣାଯାଉଛି ଯେ କୌଣସି କଥାର ପ୍ରସ୍ତୁତି ତାହାର ଘଟିବାଠାରୁ ଅଧିକ ଗୁରୁତ୍ୱପୁର୍ଣ୍ଣ। ସେହିପରି ବିବାହ କରିବାଠାରୁ ଅଧିକା ଗୁରୁତ୍ୱପୁର୍ଣ୍ଣ ହେଉଛି ତା ପୂର୍ବରୁ ଅନୁଶୀଳନ କରାଯାଉ ଓ ଚୟନ ପ୍ରସ୍ତୁତି ହେଉ। ଏହା ହେଉଛି ଅଟ୍ଟାଳିକାର ପ୍ରଥମ ଇଟା। ଯଦି ଏହା ଠିକ୍ ଅଛି ତେବେ ତୁମର ସମସ୍ତ ସନ୍ତାନମାନେ ମଧ୍ୟ ଓ ବଂଶ ମଧ୍ୟ ଠିକ୍ ଅଛି। ଯଦି ଏହା ତେଢ଼ା ରହେ ତେବେ ସମଗ୍ର ଅଟ୍ଟାଳିକାଟି ହିଁ ତେଢ଼ା ନିର୍ମାଣ ହେବ।

*ଖଶ୍‌ତେ ଅୱ୍‌ଲ୍ ଚୁନହଦ୍ ମୋମାର୍‌କଜ୍*
*ତାସିର୍ ଯାମି ରୱ୍‌ଦ୍ ଦିୱାର୍‌କଜ୍*

ଅର୍ଥାତ୍ ଘରର ମୂଳଦୁଆ ଯଦି ବଙ୍କା ରହେ ତେବେ ସମ୍ପୂର୍ଣ୍ଣ ଘରଟି ବଙ୍କା ହୋଇଯାଏ।

ଆପଣ ସ:ଆ:ସ କହିଲେ ଯେ ଯେତେବେଳେ ପିଲା ଗର୍ଭ ଭିତରେ ଥାଏ ସେତେବେଳେ ମଧ୍ୟ ତା'ର ତର୍‌ବିୟତ୍ ଓ ଲାଳନ ପାଳନ ପ୍ରତି ଦୃଷ୍ଟି ରଖାଯିବା ଉଚିତ୍। ଏହା ଏକ ଚିରାଚରିତ ସତ୍ୟ କଥା ଯେ ସେହି ସମୟରେ ପିଲା ମା'ର ଆଚରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଔଅଲ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେତେବେଳେ ମୋ ପୁତ୍ର ଅବ୍‌ଦୁଲ୍ ହଇ ନିଜ ମା'ର ଗର୍ଭରେ ଥିଲା ସେତେବେଳେ ମୁଁ ମୋ ସ୍ତ୍ରୀକୁ କହିଲି ଯେ ତୁମେ ଏ ସମୟରେ ଲେଖାପଢ଼ା ପ୍ରତି ଅଧିକ ଧ୍ୟାନ ଦିଅ। ସୁତରାଂ ପରେ ଯେତେ ଅବ୍‌ଦୁଲ୍ ହଇ ଜନ୍ମ ହେଲେ ତାଙ୍କର ଆଗ୍ରହ ମଧ୍ୟ ପଢ଼ିବା ଲେଖିବା ପ୍ରତି ଅଧିକ ଥିଲା। ଥରେ ପିଲାଦିନେ ତା ସମ୍ମୁଖରେ ଗୋଟିଏ କଲମ ଓ ଗୋଟିଏ ମୁଦ୍ରା ରଖାଗଲା। ସେ କଲମଟିକୁ ହିଁ ଉଠାଇଲା। ଏହା ଏ ବିଷୟକୁ ସାହାଯ୍ୟ କରୁଥିବାର ଗୋଟିଏ ଘଟଣା ଥିଲା। ଥରେ ଜଣେ ବ୍ୟକ୍ତି ଆପଣ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ ନିବେଦନ କଲା କି ମୋତେ ମୋ ପିଲାମାନଙ୍କ ତର୍‌ବିୟତ୍ କରିବା ନିମନ୍ତେ କିଛି ଉପଦେଶ ଦିଅନ୍ତୁ। ଏଥିରେ ଆପଣ ସ:ଆ:ସ ତାଙ୍କୁ ପଚାରିଲେ ଯେ ଆପଣଙ୍କ ପିଲାଙ୍କ ବୟସ କେତେ? ସେ କହିଲେ ଏକବର୍ଷ। ଏଥିରେ ଆପଣ ସ:ଆ:ସ କହିଲେ ଆପଣ ତ ପିଲାଟିର ତର୍‌ବିୟତ୍ କରିବା ସମ୍ବନ୍ଧରେ ବିଳମ୍ବ କରିଦେଲଣି। ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ବାକ୍ୟରୁ ଖୁବ୍ ଅନୁମାନ ଲଗାଯାଇପାରେ ଯେ ନୁଆ ଜନ୍ମ ହୋଇଥିବା ପିଲାମାନଙ୍କ ତର୍‌ବିୟତ୍ କରିବା କେତେ ମାତ୍ରାରେ ଗୁରୁତ୍ୱପୁର୍ଣ୍ଣ ଓ ଜରୁରୀ ତେଣୁ ସର୍ବପ୍ରଥମେ ପିଲାଟିର କାନରେ ଅଜାନ୍ ଦେବାପାଇଁ ଆପଣ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ତର୍‌ବିୟତି କଥାକୁ ବର୍ଣ୍ଣନା କରି ଆପଣ ସ:ଆ:ସ କହିଲେ ଯେ *ଇଫ୍‌ତହୁ ଆଲା ସିବିୟାନ୍‌କୁମ୍ ଅବଲା କଲିମତୁନ୍ ବିଲାଇଲାହା ଇଲଲ୍ଲା* ଅର୍ଥାତ୍ ପିଲାମାନଙ୍କୁ ଯେଉଁ ପ୍ରଥମ କଥାଟି ଶିଖାଇବ ତାହା ହେଉଛି ଲାଇଲାହା ଇଲଲ୍ଲା। (ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଆଉ କେହି ପୂଜାର ଅଧିକାରୀ ନୁହଁନ୍ତି) ଏହାଦ୍ୱାରା ଆପଣ ସ:ଆ:ସ ଏ ନିର୍ଦ୍ଦେଶ ଦେଉଛନ୍ତି ଯେ ସବୁଠାରୁ ପ୍ରଥମ ଶିକ୍ଷା ଯାହା ପିଲାଙ୍କ କାନରେ ଦିଆଯିବ ତାହା ହେଉଛି ଖୁଦାତାଲାଙ୍କର ଗାରିମା ଏବଂ ଐଶ୍ୱର୍ଯ୍ୟ। ପ୍ରଥମ ଶିକ୍ଷା ଯାହାକୁ ସେ ଶିଖିବ ଓ ନିଜ ମୁହଁରେ ପ୍ରକାଶ କରିବ ତାହା ବି ଖୁଦାତାଲାଙ୍କର ଗୁଣ ବର୍ଣ୍ଣନା ଓ ତା'ର ଏକଶ୍ୱରବାଦ ଓ ତା ସହିତ ପ୍ରେମ କରିବାର ଶିକ୍ଷା ହେଉ। ଆପଣ ସ:ଆ:ସ ନିଜ ନାତିକୁ ବହୁତ ପ୍ରେମ କରୁଥିଲେ। ଥରେ ଆପଣ ସ:ଆ:ସଙ୍କୁ ତାଙ୍କ ନାତୀମାନେ ପଚାରିଲେ ଯେ କଣ ଆପଣ ଆମକୁ ମଧ୍ୟ ପ୍ରେମ କରୁଛନ୍ତି ଓ ଖୁଦାଙ୍କୁ ମଧ୍ୟ ପ୍ରେମ କରୁଛନ୍ତି। ଏକା ସମୟରେ ଦୁଇଦୁଇଟି ପ୍ରେମ କିପରି ସମ୍ଭବ। ଏଥିରେ ଆପଣ ସ:ଆ:ସ କହିଲେ ଯେତେବେଳେ ତୁମର ଓ ଖୁଦାଙ୍କ ପ୍ରେମର ମୁକାବିଲା ହେବ ସେତେବେଳେ ଖୁଦାଙ୍କ ପ୍ରେମ ହିଁ ବିଜୟ ଲାଭ କରିବ।

ଆପଣ ସ:ଆ:ସ କହିଲେ ଯେ ପିଲାଟିର ଜନ୍ମ ହେବାର ସପ୍ତମ ଦିନ ଅକିକା କରାଯାଉ, ତାର ନାମ କରଣ କରାଯାଉ। ଯେତେବେଳେ ସେ ସାତବର୍ଷର ହୋଇଯିବ ତାକୁ ନମାଜ ପଢ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେତେବେଳେ ସେ ଦଶବର୍ଷର ହେବ ସେତବେଳେ ନମାଜ ନପଢ଼ିବା ଯୋଗୁଁ ତାକୁ ନିଶ୍ଚିତ ରୂପେ ସଚେତନ କରାଓ ଓ ବେଳେବେଳେ ଦଣ୍ଡ ମଧ୍ୟ ଦିଅ ଓ ତା'ର ବିଛଣାକୁ ଅଲଗା କରିଦିଅ। ଏହାପରେ ଯେବେ ସେ ୧୨,୧୩,୧୪ ବର୍ଷର ହୋଇଯାଏ ଏ ପରିପ୍ରେକ୍ଷୀରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ କହିଛନ୍ତି ଯେ ସେତେବେଳେ ପୁଣି ପ୍ରାର୍ଥନା କରି ପିଲାମାନଙ୍କ ତର୍‌ବିୟତ୍ କର। କାରଣ ଯଦି ଆ ପରେ ସେମାନଙ୍କ ଉପରେ କଠୋର ହେବ ତେବେ ପିଲାମାନେ ବିଦ୍ରୋହୀ ହୋଇଯିବେ।

ସନ୍ତାନମାନଙ୍କ ତର୍‌ବିୟତ୍ କରିବା ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ସିଦ୍ଧାନ୍ତ ବର୍ଣ୍ଣନା କରିଛନ୍ତି ଯେ *ଇକ୍‌ରମୁ ଔଲାଦକୁମ୍ ୱ ଅହ୍‌ସନୁ ଅଦବହୁମ୍* ଅର୍ଥାତ୍ ପିଲାମାନଙ୍କର ଇଜ୍ଜତ୍ କର ଓ ସେମାନଙ୍କୁ ଉତମ ଚରିତ୍ର ଓ ଉତମ ଅଭ୍ୟାସ ଶିଖାଓ। ପିଲାମାନଙ୍କୁ ସମ୍ମାନ ଦେବାରେ ସେମାନଙ୍କ ସହିତ କଥାବାର୍ତାର ଶୈଳୀ ଓ ସେମାନଙ୍କ ସହତ ସମ୍ବୋଧନ କରିବା ସମୟରେ ନରମ ଓ ମିଠା କଥା କହିବା ମଧ୍ୟ ସାମିଲ୍ ଅଛି। ଆମେ ପବିତ୍ର କୋରାନ୍‌ର ଅନେକ ସ୍ଥାନରେ ଅମ୍ବିୟା (ଅର୍ଥାତ୍ ଅବତାର) ମାନଙ୍କୁ ନିଜ ପିଲାମାନଙ୍କୁ ୟାବନି ୟାବନି ଅର୍ଥାତ୍ ହେ ମୋର ପୁତ୍ର! କହିବାର ଦୃଷ୍ଟିଗୋଚର ନଜିର୍ ଅଛି। କଥାବାର୍ତା କରିବାର ଏପରି ଶୈଳୀ ବହୁତ ହିଁ ପ୍ରିୟ ଓ ସ୍ନେହଶୀଳ କିନ୍ତୁ ଯଦି ପିଲାମାନଙ୍କ ସହିତ କଠୋରତାର ସହିତ ବିରକ୍ତଭାବରେ କଥାବାର୍ତା କରାଯାଏ ତେବେ ସେମାନେ ନିଉଟନ୍‌ଙ୍କ ନିୟମ ମୁତାବକ Te every action there is equal and opposite reaction ମୁତାବକ ସେମାନେ ମଧ୍ୟ କଠୋର ଭାଷାରେ ଉତର ଦେଇପାରନ୍ତି। କଥାରେ ଅଛି- ଯୁବାନ୍ ଶିରିଁ ମୁଲ୍‌କ୍ ଗିରିଁ- ଅର୍ଥାତ୍ ମିଠା କଥା ଦ୍ୱାରା

ଦେଶରେ ରାଜୁତି କରାଯାଇପାରେ । ମିଠା ଭାଷା ପ୍ରୟୋଗ କରି ଯଦି ଦେଶରେ ରାଜ୍ କରାଯାଇପାରେ ତେବେ ନିଜ ସନ୍ତାନମାନଙ୍କ ଉପରେ ଏହି ନିୟମ କାହିଁକି କାମ ଦେବନାହିଁ ।

ଆପଣ ସ:ଆ:ସ ପିଲାମାନଙ୍କୁ ସବୁ ପ୍ରକାରର ଅଦବ କାଇଦା ଶିଖାଇଛନ୍ତି । ଖାଇବା ପିଇବା ପାଇଁ ହେଉ ଅଥବା ଘରେ ପ୍ରବେଶ କରିବାର ଅଦବ ହେଉ, ମଜ୍‌ଲିସ୍‌ରେ ବସିବାର ଅଦବ୍ ହେଉ ଅଥବା ମସ୍‌ଜିଦ୍ ଭିତରେ ଅଦବ କାଇବା ହେଉ ବା ରାସ୍ତାଘାଟ ଗଳିକନ୍ଦିରେ ଯିବା ଆସିବା କରିବାର ଅଦବ କାଇଦା ହେଉ । ଆପଣ ସ:ଆ:ସ ପିଲାମାନଙ୍କୁ ସଲାମ କରନ୍ତି ଓ ଏହି ସଲାମ ସେ ନିଜ ଆଡୁ ସର୍ବପ୍ରଥମେ କରିଥାନ୍ତି । ଆପଣ ସ:ଆ:ସଙ୍କ ଏ ନିର୍ଦ୍ଦେଶ ଥିଲା ଯେ ସଲାମ୍‌କୁ ରିୱାଜ୍ ଦିଅ ଅର୍ଥାତ୍ ଅଭ୍ୟାସରେ ପକାଓ । କାରଣ ଏହାଦ୍ୱାରା ଆପୋଷରେ ପ୍ରେମଭାବ ଜାଗ୍ରତ ହେବ । ଯଦି ଆମ ପିଲାମାନେ ଏହା ଉପରେ ପରିଚାଳିତ ହୋଇଯିବେ ତେବେ ସେମାନଙ୍କଠରେ ଆପୋଷ ପ୍ରେମଭାବ ସୃଷ୍ଟି ହେବ । ସାଧାରଣତଃ ଦେଖାଯାଇଥାଏ ଯେ ପିଲାମାନେ ଆପୋଷରେ ଲଢ଼ାଇ ଝଗଡା କରିଥାନ୍ତି । ସେଥିରେ ବେଳେବେଳେ ପୁଣି ଘରର ଲୋକମାନେ ମଧ୍ୟ ଜଡିତ ହୋଇଥାନ୍ତି । ସଲାମ୍‌ର ଶୈଳୀକୁ ଆପଣେଇବା ପରେ ଲଢ଼େଇ ଝଗଡା କମ୍ ହୋଇଯିବ ଏବଂ ଦି ଖୁଦାନ ଖ୍ୱାସ୍ତା (ଇଶ୍ୱର ଏପରି ନ କରନ୍ତୁ) ହୋଇ ମଧ୍ୟ ଯାଏ ତେବେ ଖୁବ୍‌ଶିଘ୍ର ମିମାଂସା ମଧ୍ୟ ହୋଇଯିବ ।

ହଜ୍‌ରତ୍ ଉମର ବିନ୍ ସଲ୍‌ମା ବର୍ଣ୍ଣନା କରୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ କଫାଲତ୍ (ଅର୍ଥାତ୍ ତତ୍ୱାବଧାନରେ) ଥିଲି ଏବଂ ଖାଇବା ଥାଳିରେ ମୋ ହାତ ଏଣେତେଣେ ଘୁରି ବୁଲୁଥିଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- *ଯାଗୁଲାମ୍ ସମ୍ମୁଲ୍ଲାହା ୱ୍‌କୁଲ୍ ବି ୟମିନକା ୱ୍‌କୁଲ୍ ମିମା ୟଲିକା* ଅର୍ଥାତ୍ ହେ ବାଳକ ! ଅଲ୍ଲାଃଙ୍କର ନାମକୁ ଉଚ୍ଚାରଣ କରି ଖାଓ ଓ ନିଜ ଡାହାଣ ହାତଦ୍ୱାରା ଖାଓ ଓ ନିଜ ସାମ୍ନା ପଟରୁ ଖାଇବା ଆରମ୍ଭ କର । ଖାଇବା ସମ୍ପର୍କରେ ଏହି ଘଟଣାକୁ ଲକ୍ଷ୍ୟ କରିବା ଉଚିତ୍ ଯେ ଆମେମାନେ ବେଳେବେଳେ ଏହା ମନେକରୁ ଯେ ପିଲାଟିର ଖାଇଦେବା ଦରକାର । ଯେମିତି ସେମିତି ଖାଇଦେଉ । କିନ୍ତୁ ମୁହମ୍ମଦ୍ ସ:ଆ:ସଙ୍କର ନମୁନାରେ ହିଁ ପିଲାଙ୍କର ପ୍ରକୃତ ତର୍‌ବିୟତ୍ ଓ ସେମାନଙ୍କର ଉନ୍ନତି ଓ ଅଗ୍ରଗତି ହେବାର ଜମାନତ୍ ନିହିତ ଅଛି ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ଚାଲିଚଳନ ଓ ତର୍‌ବିୟତ୍ କରିବା ଶୈଳୀଦ୍ୱାରା ଆମେ ଜାଣିବାକୁ ପାଇଲୁ ଯେ ଆପଣ ସ:ଆ:ସ ନା କେବଳ ପିଲାମାନଙ୍କୁ ଏକାନ୍ତରେ ତର୍‌ବିୟତ୍ କରୁଥିଲେ ବରଂ ନିଜ ମଜ୍‌ଲିସ୍ ଗୁଡିକରେ ମଧ୍ୟ ସେମାନଙ୍କୁ ସାମିଲ୍ କରୁଥିଲେ । ସୁତରାଂ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍, ହଜ୍‌ରତ୍ ଇବ୍‌ନେ ଉମନ୍‌ଙ୍କ ପରି ମହାନ୍ ଅନୁଭବି ସାହାବୀମାନେ ସେହିସବୁ ମଜ୍‌ଲିସ୍‌ରୁ ଶିକ୍ଷା ପାଇଛନ୍ତି । ଏହିପରି ଗୋଟିଏ ମଜ୍‌ଲିସ୍‌ର ଘଟଣା ଅଛି ଯେଉଁଥିରେ ହଜ୍‌ରତ୍ ଅବ୍‌ଦୁଲାଃ ବିନ୍ ଉମର ମଧ୍ୟ ବସିଥିଲେ । ଆଁ ହଜ୍‌ରତ୍ ସ:ଆ:ସ ସେଥିରେ ପଚାରିଲେ ଯେ - *ଅଶ୍‌ଶଜରୁ ଶଜରତୋ ଲା ୟସ୍‌କୁତୁ ୱ୍‌ରକୁହା ୱ୍‌ଇନ୍ନହା ମିସ୍‌ଲୁଲ୍ ମୁସ୍‌ଲିମ୍ ଫହଦ୍‌ଦିସୁନି ମାହିୟା* ଅର୍ଥାତ୍ ଏକ ଚିରସବୁଜ ଗଛଟିଏ ଅଛି ଯାହା ନିଜର ଲାଭ ଦେବା କ୍ଷେତ୍ରରେ ମୁସଲ୍‌ମାନ୍‌ମାନଙ୍କ ସଦୃଶ ଅଟେ (ତେବେ ବତାନ୍ତୁ) ସେହି ଗଛଟି କେଉଁ ଗଛ । ସାହାବାମାନେ ଏହାର ଉତରରେ ଅନେକ ଜଙ୍ଗଲି ଗଛକୁ ଗଣିବା ଆରମ୍ଭ କରିଦେଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ଯିଏ ସେହି ମଜ୍‌ଲିସ୍‌ରେ ସମସ୍ତଙ୍କଠାରୁ କମ୍ ବୟସର ଏବଂ ନାବାଳକ ଥିଲେ, ସେ କହୁଛନ୍ତି ଯେ ମୋ ମନରେ ଏହା ଆସିଲା କି ତାହା ହେଉଛି ଖଜୁରୀ ଗଛ କିନ୍ତୁ ଯେତେବେଳେ ମୁଁ ଦେଖିଲି ଯେ ହଜ୍‌ରତ୍ ଅବୁ ବକର୍ ର:ଅ ଏବଂ ହଜ୍‌ରତ୍ ଉମ୍‌ର୍ ର:ଅଙ୍କ ପରି ମହାନ ବ୍ୟକ୍ତିଗଣ ଚୁପ୍ ହୋଇ ବସିଛନ୍ତି ତେଣୁ ମୁଁ ମଧ୍ୟ ଲଜ୍ଜା ଅନୁଭବ କରି ଚୁପ୍ ରହିଲି । ପୁଣି ଆପଣ ସ:ଆ:ସ କହିଲେ କି ତାହା ହେଉଛି ଖଜୁରୀ ଗଛ । ପୁଣି ମୁଁ ନିଜ ମନକଥାକୁ ନିଜ ବାପା ହଜ୍‌ରତ୍ ଉମର୍ ର:ଅଙ୍କୁ ବତାଇଲି । ସେ କହିଲେ *ଲଇନ୍ ତକୁନା କୁଲ୍‌ତହା ଅହବ୍‌ବା ଇଲା ମିନ୍ ଅଇଁ ଅକୁନା ଲି ହୁମୁରୁନ୍ ନଇମ୍ ।* ଅର୍ଥାତ୍ ଏକଥାକୁ ଯଦି ତୁମେ ବତାଇଥାନ୍ତ ତେବେ ଏହା ମୋ ପାଇଁ ଲୋହିତ ଓଟଠାରୁ ମଧ୍ୟ ଅଧିକା ସମ୍ମାନ ଓ ଗୌରବର କଥା ହୋଇଥାନ୍ତା ।

ଏହି ଘଟଣାରୁ ଆମକୁ ଏ ଶିକ୍ଷା ମିଳୁଛି ଯେ ଆମେ ନିଜ ପିଲାମାନଙ୍କୁ ନିଜ ମଜ୍‌ଲିସ୍‌ରେ ଓ ମେହ୍‌ଫିଲ୍‌ରେ ସାମିଲ୍ କରିବା ଉଚିତ୍ ଓ ସେମାନଙ୍କ ପାଇଁ ଜ୍ଞାନବର୍ଦ୍ଧକ ଓ ଶିଷ୍ଟାଚାର ଶିଖାଇବାର ମଜ୍‌ଲିସ୍ ଅନୁଷ୍ଠିତ କରିବା ଉଚିତ୍ ଯଦ୍ୱାରା ସେମାନଙ୍କର ବୁଦ୍ଧି ଓ ଜ୍ଞାନର ବିସ୍ତାର ଘଟିବ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ନିଜ ପୁସ୍ତକ ତଫ୍‌ସିର୍ କବିର୍‌ରେ ଗୋଟିଏ ସ୍ଥାନରେ କହୁଛନ୍ତି ଯେ ମୋଘଲ ସାମ୍ରାଜ୍ୟର ପତନର ଗୋଟିଏ କାରଣ ହେଲା ଏହା କି ସେମାନେ ରାଜପୁତ୍ରମାନଙ୍କ ରାଜକୀୟ କାର୍ଯ୍ୟକ୍ରମଠାରୁ ବିରତ କଲେ ଏବଂ ସେମାନେ ନିଜର ବିଳାସପୂର୍ଣ୍ଣ ମନୋରଞ୍ଜନ କାର୍ଯ୍ୟରେ ମଗ୍ନ ରହି ଜୀବନ ଯାପନ କରୁଥିଲେ । ଯଦି କୌଣସି ବିପଦ ଆସୁଥିଲା ତେବେ ସେହି ରାଜପୁତ୍ରମାନେ ସେ ସବୁକର ମୁକାବିଲା କରିବା ପାଇଁ ଅସମର୍ଥ ହେଉଥିଲେ । ତେଣୁ ସନ୍ତାନମାନଙ୍କ ମନରେ ବିଶ୍ୱାସ ଓ ସାହସ ଜନ୍ମାଇବା ପାଇଁ ସେମାନଙ୍କୁ ନିଜ ସହିତ ବସାଇବା, କଥାବାର୍ତା କରିବା ଏବଂ ପରାମର୍ଶ କରିବାରେ ସାମିଲ୍ କରାଇବା ଉଚିତ୍ ।

ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି ଯେ ଅକ୍‌ରିମିଶ୍ ଶାଆରା ଅର୍ଥାତ୍ ନିଜ କେଶର ସମ୍ମାନ କର । ଏହି ହଦିସ୍‌ଟିର ଏହା ମଧ୍ୟ ତାତ୍ପର୍ଯ୍ୟ ଯେ ବଡମାନଙ୍କୁ ସମ୍ମାନ କର । ସୁତରାଂ ଆମେ ଆମ ପିଲାମାନଙ୍କୁ ବୟୋଜ୍ୟେଷ୍ଠ ଲୋକମାନଙ୍କର ସମ୍ମାନ ଓ ସତ୍କାର କରିବାର ଶିକ୍ଷା ଦେବା ଉଚିତ୍ । ମୁରବୀ ମାନ୍ୟ କରିବାରେ ସଫଳତାର ଓ ପ୍ରଗତିର ରହସ୍ୟ ନିହିତ ଅଛି ।

ତର୍‌ବିୟତ୍ ଔଲାଦ୍ ସମ୍ବନ୍ଧରେ ଆପଣ ସ:ଆ:ସ ଗୋଟିଏ ଜରୁରୀ କଥା ଏହା ମଧ୍ୟ ବତାଇଛନ୍ତି ଯେ ପିଲାମାନଙ୍କୁ ମିଥ୍ୟା କଥା କହିବାରୁ ବଂଚିତ କରିବା ଉଚିତ୍ । ଏବଂ ମା ବାପାଙ୍କୁ ନିଜେ ମଧ୍ୟ ସେହି ମିଥ୍ୟା ଅର୍ଥାତ୍ ସମସ୍ତ ପାପର ମୂଳରୁ ବଂଚି ରହିବା ଉଚିତ୍ ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ଯଥା ସମ୍ଭବ ସେଥିରୁ ବଂଚାଇବା ଉଚିତ୍ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଆମିର୍ ବର୍ଣ୍ଣନା କରୁଛନ୍ତି ଯେ ମୋ ମା’ ମୋତେ ଥରେ ଏକଥା କହିଲେ ଯେ ଆସ ମୁଁ ତୁମକୁ ଗୋଟିଏ ଜିନିଷ ଦେବି । ସେ ସମୟରେ ରସୁଲୁଲ୍ଲାଃ ସ:ଆ:ସ ଆମ ଘରେ ବସିଥିଲେ । ଏହା ଶୁଣି ଆପଣ ସ:ଆ:ସ ମୋ ମାଆଙ୍କୁ କହିଲେ ଯଦି ସେ (ପିଲାଟି) ତୁମ କଥା ଶୁଣି ତୁମ ପାଖକୁ ଆସିଯାଏ ତେବେ ତୁମେ ତାକୁ କ’ଣ ଦେବା ପାଇଁ ଇଛା କରିଥିଲ । ଏଥିରେ ସେ କହିଲେ ତାକୁ ଗୋଟିଏ ଖଜୁରୀ ଦେବାପାଇଁ ଚାହୁଁଥିଲି । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ- ଯଦି ତୁମେ ତାକୁ ଡାକି କିଛି ନଦେଇଥାନ୍ତି ତେବେ ତୁମ ନାମାଏ ଆମାଲ୍ (ଅର୍ଥାତ୍ ଯେଉଁଠି କର୍ମ ଲେଖାଯାଇଥାଏ)ରେ ଗୋଟିଏ ମିଥ୍ୟା ଲେଖାଯାଇଥାଆନ୍ତା । ଏହିପରି ମିଥ୍ୟା କହିବାକୁ ବେଳେବେଳେ ମିଥ୍ୟାରେ ସାମିଲ୍ କରାଯାଇନଥାଏ ବା ମିଥ୍ୟା ବୋଲି ବୁଝାଯାଇନଥାଏ । ଯେତେବେଳେ ପିଲାମାନେ ଆୟତର ରୁହନ୍ତି ନାହିଁ ସେତେବେଳେ ଏହିପରି ଚିଟିଙ୍ଗ୍ ପିଲାମାନଙ୍କ ସହିତ ସାଧାରଣତଃ ମା’ବାପାଙ୍କ ତରଫରୁ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କୁ ଅର୍ଥାତ୍ ପିଲାମାନଙ୍କୁ ମିଥ୍ୟା କହିବାର ପ୍ରୋତ୍ସାହନ ମିଳିଥାଏ ଓ ମା’ବାପାଙ୍କ ନାମାଏ ଆମାଲ୍‌ରେ ମଧ୍ୟ ମିଥ୍ୟା ଯୋଡି ହୋଇଯାଏ ।

ସେହିପରି ତର୍‌ବିୟତ୍ ଔଲାଦ୍ ସମ୍ବନ୍ଧରେ ଆପଣ ସ:ଆ:ସଙ୍କ ଆଦର୍ଶ ଏହା ଥିଲା ଯେ ପିଲାମାନଙ୍କୁ ଅମାନତ୍ ଓ ଦିଆନତ୍‌ଦାର୍ (ଅର୍ଥାତ୍ ଅନ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ଜିନିଷ / ଅର୍ଥ / ଟଙ୍କା ଇତ୍ୟାଦିକୁ ସୁରକ୍ଷିତ ରଖିବା ଏବଂ ସଦାଚରୀ ଆଚରଣ କରିବା) ବନାଯାଉ । ସୁତରାଂ ଏକଦା ହଜ୍‌ରତ୍ ହସନ୍ ର:ଅ ସଦ୍‌କାତ୍‌ର ଖଜୁରୀ ଗୁଡିକ ମଧ୍ୟରୁ ଗୋଟିଏ ଖଜୁରୀ କୋଳି ମୁହଁ ଭିତରେ ପୁରାଇଦେଲେ । ଏହା ଦେଖି ଆପଣ ସ:ଆ:ସ ତାହା ବାହାର କରିଦେଲେ । ଅମାନତଦାରୀ ଏହା ଚାହେଁ ଯେ ଦେଶର ସମ୍ପତି ଓ ଜିନିଷ ପତ୍ର ଗୁଡିକୁ ସୁରକ୍ଷିତ କରିବା ଏବଂ ଆମ ରାଷ୍ଟ୍ରୀୟ ସମ୍ପତିକୁ ଆତ୍ମସାତ ନ କରିବା ପାଇଁ ପ୍ରବର୍ତାଇବା ଉଚିତ୍ । ଆଜି ଯଦି ଏହି ଆଦର୍ଶ ଉପରେ ପରିଚାଳିତ ହୁଅନ୍ତି ତାହାଲେ ସାରା ପୃଥିବୀରେ ଯେଉଁ ଦୁର୍ନିତୀ ଲାଗିରିହଛି ଓ ବିଶେଷ ରୂପେ ତୃତୀୟ ପୃଥିବୀର ଅର୍ଥନୀତି ଯେଉଁ ପ୍ରକାରର ଟଳମଳ ହେଉଅଛି ସେଥିରୁ ବଂଚାଯାଇପାରିବ ।

ପିଲାମାନଙ୍କ ତର୍‌ବିୟତ୍ ନିମନ୍ତେ ଗୋଟିଏ ଫଳପ୍ରଦ ନୁସ୍‌ଖା (ପଦ୍ଧତି) ଆପଣ ସ:ଆ:ସ ଏହା ବତାଇଛନ୍ତି ଯେ ପିଲାମାନଙ୍କ ପାଇଁ ଦୁଆ କରାଯାଉ । ଦୁଆ ର ଗୁରୁତ୍ୱ ଏବଂ ଆଶିର୍ବାଦ ଏକ ଭିନ୍ନ ଓ ବିସ୍ତାରିତ ବିଷୟବସ୍ତୁ ଅଟେ । କେବଳ ଏତିକି କହିବା ଯଥେଷ୍ଟ ହେବ ଯେ ହଜ୍‌ରତ୍ ମସିହ ଆ:ସ କହିଲେ- ଯଦି ମୃତ ବ୍ୟକ୍ତି ଜୀବିତ ହୋଇପାରେ ତାହାଲେ କେବଳ ଦୁଆ (ପ୍ରାର୍ଥନା) ଦ୍ୱାରା । ପ୍ରାର୍ଥନା ଦ୍ୱାରା ଶୁଖିଯାଇଥିବା ଡାଳ ମଧ୍ୟ ସବୁଜ (ଅର୍ଥାତ୍ ଜିବୀତ) ହୋଇପାରେ । ସେଥିଯୋଗୁ ନିଜ ସନ୍ତାନମାନଙ୍କୁ ଚିରସବୁଜ ଓ ଫଳପ୍ରଦ କରାଇବାକୁ ହେଲେ ସେମାନଙ୍କ ସପକ୍ଷରେ ଦୁଆ କରିବା ଉଚିତ୍ । ଆପଣ ସ:ଆ:ସ କହିଲେ ଯେ ବାପାଙ୍କ ଦୁଆ ସନ୍ତାନମାନଙ୍କ ସପକ୍ଷରେ ଗ୍ରହଣୀ ହୋଇଥାଏ । ଆପଣ ସ:ଆ:ସ ସ୍ୱୟଂ ଏକଥା କହୁଥିଲେ ଯେ ମୁଁ ହେଉଛି ମୋ ବାପା ଇବ୍ରାହିମ୍‌ଙ୍କ ପ୍ରାର୍ଥନାର ଫଳ । ଆପଣ ସ:ଆ:ସ ନିଜ ନାତୀ ହସନ୍ ଏବଂ ହୁସେନ୍ ର:ଅଙ୍କୁ କୋଳରେ ଉଠାଇ ବହୁତ ସ୍ନେହ କରୁଥିଲେ ଓ ସେମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ଏ ପ୍ରାର୍ଥନା କରୁଥିଲେ ଯେ ହେ ଖୁଦା ! ମୁଁ ଏମାନଙ୍କୁ ପ୍ରେମ କରୁଛି । ତୁମେ ମଧ୍ୟ ଏମାନଙ୍କ ସହିତ ପ୍ରେମ କର । ଯାହାକୁ ଖୁଦା ପ୍ରେମ କରିଥାନ୍ତି ଏବଂ ଯିଏ ତାର ପ୍ରିୟ ହେଇଯାଏ ତାକୁ କି ପ୍ରକାର ଦୁଃଖ ଓ କି ପ୍ରକାର ଚିନ୍ତା ଅଛି ? *ଖୁଦାଦାରୀ ଚେ ଗମ୍‌ଦାରୀ ଖୁଦାଦାରମ୍ ଚେ ଗମ୍‌ଦାରମ୍ ।*

ମା’ବାପାଙ୍କ ପୁଣ୍ୟଫଳ ସନ୍ତାନମାନଙ୍କ ଉପରେ ଫଳପ୍ରଦ ହୋଇଥାଏ ଓ ସେହି ଫଳର ମଜା ସନ୍ତାନମାନେ ମଧ୍ୟ ଚାଖିଥାନ୍ତି ଓ ଏହି ଧାରା ପିଢ଼ୀ ପରେ ପରେ ପିଢ଼ୀ ଅବ୍ୟାହତ

ରହିଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଅଲ୍ଲାଃତାଲା ମୁତ୍‌ତକି (ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତି) ଙ୍କ ମାନକୁ ସାତ ପୁରୁଷ ପର୍ଯ୍ୟନ୍ତ ରଖିଥାଏ ପବିତ୍ର କୋରାନ୍‌ରେ ମଧ୍ୟ ଆସିଛି ଯେ ଗୋଟିଏ ଭାଙ୍ଗି ପଡୁଥିବା କାନ୍ଥକୁ ହଜ୍‌ରତ୍ ଖେଜର୍ ଏଇଥିପାଇଁ ବଂଚାଇଲେ *ୱକାନା ଅବୁହୁମା ସ୍ୱାଲେହା* ଅର୍ଥାତ୍ ସେମାନଙ୍କର ବାପା ସ୍ୱାଲେହ୍ (ପୁଣ୍ୟବନ୍ତ) ଥିଲେ । ତାଙ୍କ ପୁଣ୍ୟଯୋଗୁ ଦୁଇଜଣ ଅନାଥ ପିଲାଙ୍କ ପାଇଁ ଉକ୍ତ କାନ୍ଥତଳେ ଅଲ୍ଲାଃତାଲା ଗୋଟିଏ ଭଣ୍ଡାର ରଖିଥିଲେ । ଯଦ୍ଵାରା ଯେବେ ସେମାନେ ବଡ ହୋଇଯିବେ ତାହାକୁ ନିଜ ବ୍ୟବହାରରେ ଆଣି ଖର୍ଚ୍ଚ କରିପାରିବେ ।

ସନ୍ତାନମାନଙ୍କର ତର୍‌ବିୟତ୍ ନିମନ୍ତେ ଆଉ ଗୋଟିଏ ମାର୍ଗଦର୍ଶନକାରୀ ସିଦ୍ଧାନ୍ତ ଆପଣ ସ:ଆ:ସ ବର୍ଣ୍ଣନା କରିଛନ୍ତି । କହୁଛନ୍ତି କି *କୁଲ୍ଲକୁମ୍ ରାଇନ୍ ୱକୁଲ୍ଲକୁମ୍ ମସ୍‌ଉଲୁନ୍ ଅନ୍ ରଇୟତିହି* ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ନିଗ୍‌ରାନ୍ (ଅର୍ଥାତ୍ ତତ୍ତ୍ୱାବଧାରକ) । ପ୍ରତ୍ୟେକଙ୍କୁ ସେମାନଙ୍କ ନିଗ୍ରାନି ସମ୍ବନ୍ଧରେ ପଚରାଯିବ (ଅର୍ଥାତ୍ ହିସାବ ନିଆଯିବ) ଜଣେ ବାପା ନା କେବଳ ନିଜର ଜିମା ନିଜେ ବରଂ ନିଜ କୁଟୁମ୍ବର ଅର୍ଥାତ୍ ସ୍ତ୍ରୀ ପିଲାମାନଙ୍କର ମଧ୍ୟ ସେ ଜିମେଦାର୍ ଅଟେ । ସେମାନଙ୍କୁ ମଧ୍ୟ ସେ ନର୍କର ଅଗ୍ନିରୁ ବଂଚାଇବା ଉଚିତ୍ । ଅକ୍‌ବର୍ ଇଲାହାବାଦୀ ହାସ୍ୟରସାତ୍ମକ ଶୈଳୀରେ ଗୋଟିଏ ବାସ୍ତବିକତାରୁ ପର୍ଦ୍ଦା ଉଠାଇ କବିତା ଆକାରରେ ଏକଥା କହିଛନ୍ତି ଯେ:-

*ବେପର୍‌ଦା କଲ୍ ଯୋ ନଜର୍ ଆଇଁ ଚନ୍ଦ ବିବିୟାଁ*
*ଅକ୍‌ବର୍ ଜମିଁ ମେ ଗଏରତେ କୌମି ସେ ଗଡ୍‌ଗୟା*
*ପୁଛା ଜୋ ଉନ୍‌ସେ ଆପ୍‌କା ପର୍‌ଦାଃ ୱହ୍ କ୍ୟା ହୁଆ*
*କେହ୍‌ନେ ଲଗିଁ କେ ଅକଲ୍ ପେ ମର୍‌ଦୋଁ କି ଜା ପଡା*

ପୁରୁଷମାନେ ଏପରି ଦାୟିତ୍ୱବୋଧ ଓ ଗଠନମୂଳକ କାର୍ଯ୍ୟରୁ ଦୂରେ ରହିବା ଯୋଗୁଁ ସ୍ତ୍ରୀ ପିଲାମାନେ ଗଏର୍ ତର୍‌ବିୟତ୍ ୟାଫ୍‌ତା (ଅର୍ଥାତ୍ କୁସଂସ୍କାରୀ) ହୋଇଯାଆନ୍ତି । ଅଲ୍ଲାଃତାଲା ଆମକୁ ଏ ସିଲ୍‌ସିଲାରେ ନିଜର ଦାୟିତ୍ୱବୋଧ ଓ କର୍ତ୍ତବ୍ୟକୁ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପିଲାମାନଙ୍କ ସହିତ ସତ୍ ବ୍ୟବହାର ଓ ଅନୁଗ୍ରହ ଦେଖାଇବାର ଅନେକ ଘଟଣାବଳୀ ରହିଛି ଓ ପ୍ରତ୍ୟେକ ଘଟଣା ତା ନିଜ ଭିତରେ ଅତ୍ୟନ୍ତ ବୁଦ୍ଧିମତା ଓ ଦର୍ଶନତତ୍ତ୍ୱ ରଖିଛି । କେବଳ ଆବଶ୍ୟକ ଏକଥାର ଅଛି କି ଆମେ ସେହି ଘଟଣା ଗୁଡିକୁ ପଢ଼ିବା, ଅଧ୍ୟୟନ କରିବା ଓ ତା ଉପରେ ଚିନ୍ତା କରିବା ଏବଂ ସେଗୁଡ଼ିକୁ ନିଜ ସନ୍ତାନଙ୍କ ତର୍‌ବିୟତ୍ ନିମନ୍ତେ ପ୍ରୟୋଗ କରିବା । ଅବୁ ଅମୀର୍ ନାମକ ଜଣେ ବାଳକ ଗୋଟିଏ ପକ୍ଷୀ ପାଳିଥିଲା । କୌଣସି କାରଣରୁ ସେହି ପକ୍ଷୀଟି ମରିଗଲା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ବିନା ସଙ୍କୋଚରେ ସେହି ପିଲାଟିର ଦୁଃଖୁ ଦୂର କରି ପଚାରିଲେ- *ହେ ଅବା ଅମୀର୍ ମା ଫେଲନ୍ ନଗୀର୍* ଅର୍ଥାତ୍ ହେ ଅବୁ ଅମୀର୍ । ପକ୍ଷୀଟିକୁ କଣ ହେଲା । କେଉଁଠି ସର୍‌ୱରେ କାଏନାତ୍ (ସ:ଆ:ସ) ଓ କେଉଁଟି ସେହି ପିଲାଟି ସହିତ ଏପରି ବେତକଲ୍ଲୁଫି (ଅର୍ଥାତ୍ ନିଃସଙ୍କୋଚତା) । ଏହି ଘଟଣାରୁ ଆମେ ଜାଣିବାକୁ ପାଇଲୁ ଯେ ହଜୁର୍ ସ:ଆ:ସ ପିଲାମାନଙ୍କ ଆଗ୍ରହ ଓ ସେମାନଙ୍କର ଅଭ୍ୟାସର ଖିଆଲ୍ ମଧ୍ୟ ରଖୁଥିଲେ । ଆଁ ହଜ୍‌ରତ୍ ସ:ଆ:ସ ପିଲାମାନଙ୍କର ଖେଳକୁଦ ଅନୁଷ୍ଠିତ କରାଉଥିଲେ । ତର୍‌ବିୟତ୍ ଔଲାଦ୍ ପାଇଁ ନବୀ ସ:ଆ:ସଙ୍କ ଏହି ଆଦର୍ଶକୁ ବର୍ତ୍ତମାନ ସମୟରେ ଆପଣାଇବା ଅତ୍ୟନ୍ତ ଆବଶ୍ୟକ । କାରଣ ଇଂଟରନେଟ୍ ଓ ସ୍ମାର୍ଟଫୋନ୍ ପିଲାମାନଙ୍କ ଖେଳ ପଡିଆରୁ ଦୂର କରିଦେଇଛି । ସେ ସମସ୍ତ ଖେଳ ଏବେ ସ୍ମାର୍ଟ୍‌ଫୋନ୍ ଓ ୟୁଟୁବ୍ ଦ୍ୱାରା ଖେଳାଯାଉଛି । ଯେଉଁଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହେଉଛି ଓ ସେମାନଙ୍କ ସ୍ୱଭାବରେ ଚିଡିଚିଡାପଣ ଉତ୍ପନ୍ନ ହେଉଛି । ମଜ୍‌ଲିସ୍ ଅତ୍‌ଫାଲୁଲ୍ଲାଃ ସଂଗଠନର ପ୍ରତିଷ୍ଠାତା ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ କହୁଛନ୍ତି ଯେ ଯଦି ପିଲାମାନେ ୨୪ଘଂଟା ମଧ୍ୟ ଖେଳନ୍ତି ତେବେ ମୋତେ କୌଣସି ଚିନ୍ତା ନାହିଁ କାରଣ ଖେଳ ଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିଥାଏ । ପ୍ରଥମତଃ ଆମେ ପିଲାମାନଙ୍କୁ ଇଂଟର୍‌ନେଟ୍‌ରୁ ଅଲଗା କରି ଖେଳ ପଡିଆ ଆଡକୁ ଟାଣି ନେବାକୁ ହେବ । ଏବଂ ଇଂଟର୍‌ନେଟ୍‌ରେ ଯେଉଁ ଖରାପ ପ୍ରୋଗ୍ରାମ୍ ଆସୁଛି ତା ପରିବର୍ତ୍ତେ ଏମ୍.ଟି.ଏ ଆଡକୁ ଆଗ୍ରହ ସୃଷ୍ଟି କରାଇବାକୁ ହେବ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ପ୍ରତ୍ୟେକ ଦିନ ଅତି କମ୍‌ରେ ଏକଘଂଟା ପ୍ରତ୍ୟେକ ଘରେ ଏମ୍.ଟି.ଏ ଚାଲିବା ଉଚିତ୍ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଟି.ଭିର ଭଲ୍ୟୁମ୍ ଉଚ୍ଚା କରିଦିଅ ଯଦ୍ୱାରା ପିଲାମାନଙ୍କ କାନରେ ଶବ୍ଦ ବାଜିବ ।

କଥାରେ ଅଛି ଯେଉଁଠି ଭଣ୍ଡାର ଥାଏ ଚୋର ସେହିଠାକୁ ଯାଏ । କାଦିଆନ୍ ଦାରୁଲ୍ ଅମାନ୍ ହେଉଛି ଏକ ଆଧ୍ୟାତ୍ମିକ ଭଣ୍ଡାର କିନ୍ତୁ ସଇତାନ୍ ଯେହେତୁ ଏକ ଚୋର ସେଥିପାଇଁ ଏଠାରେ ଅଧିକ ଆକ୍ଟିଭ୍ ହେବ । ସେ ଏକଥା ଚାହିଁବ ନାହିଁ ଯେ ଏଠିକାର ପିଲାମାନେ ସିଧା ରାସ୍ତାରେ ପରିଚାଳିତ ହୁଅନ୍ତୁ । ଆମେ ଏବଂ ଆମ ପିଲାମାନେ ଖୁଦାତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଦର୍ଶକୁ ଆପଣେଇ ସଇତାନ୍‌କୁ ହରାଇବାକୁ ହେବ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଆମିନ୍ ! ○ ○ ○

*ପୃଷ୍ଠା-୨୪ ର ଅବଶିଷ୍ଟାଂଶ............*

ବର୍ତ୍ତମାନ ଆମ ଉପସ୍ଥିତ ଇମାମ୍ ମଧ୍ୟ ଜମାତ୍‌ର ସଦସ୍ୟମାନଙ୍କୁ ସମୟେ ସମୟେ ଦରୁଦ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଉଛନ୍ତି । ଖିଲାଫତେ ଜୁବିଲି ଅବସରରେ ହଜୁର୍ ଅନୁଓ୍ୱର୍ ଯେଉଁ ସବୁ ଦୁଆଗୁଡିକ ପ୍ରତି ଧ୍ୟାନ ଆକର୍ଷଣ କରାଇଥିଲେ ସେଥିରେ ଦରୁଦ୍ ଶରିଫ୍ ସମ୍ବନ୍ଧରେ ଏ ନିର୍ଦ୍ଦେଶ ଦେଇଥିଲେ ଯେ ଅତି କମ୍‌ରେ ୩୩ଥର ଦରୁଦ୍ ଶରିଫ୍ ପ୍ରତ୍ୟହ ପଢ଼ନ୍ତୁ । ପୁଣି ୧୧ମଇ ୨୦୧୪ ମସିହାର ଖୁତ୍‌ବାଜୁମାରେ ଉକ୍ତ ଦୁଆ ଗୁଡିକୁ ପୁନରାବୃତି କରିବା ନିମନ୍ତେ କହିବା ସମୟରେ ଦରୁଦ୍ ଶରିଫ୍ ବହୁଳ ମାତ୍ରାରେ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଲେ । ପୁଣି ଯେବେ ମଧ୍ୟ ଶତ୍ରୁମାନେ ହଜୁର୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଆରୋପ ଲଗାଇଲେ ସେତେବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜମାତ୍‌କୁ ଆଁ ହଜୁର୍ ସ:ଆ:ସଙ୍କ ଉପରେ ବହୁଳ ଭାବେ ଦରୁଦ୍ ପ୍ରେରଣ କରିବା ପାଇଁ ନିର୍ଦ୍ଦେଶ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି:- "ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ କୋଟିକୋଟି ଓ ପରାଧ ପରାଧ ଥର ଦରୁଦ୍ ପ୍ରେରଣ କରନ୍ତୁ । ସୁତରାଂ ଯେପର୍ଯ୍ୟନ୍ତ ଦରୁଦ୍ ଉପରେ ଧ୍ୟାନ ରହିବ ସେପର୍ଯ୍ୟନ୍ତ ତାର ବର୍‌କତ୍ (ଆଶୀର୍ବାଦ)ରୁ ଜମାତ୍‌ର ଉନ୍ନତି ଏବଂ ଖିଲାଫତ୍ ସହିତ ସୁସମ୍ପର୍କ ଓ ତା'ର ସୁରକ୍ଷାର ବ୍ୟବସ୍ଥା ରହିବ । ଆଜି ଇସ୍‌ଲାମ୍‌ର ଶତ୍ରୁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମ ଉପରେ କାଦୁଅ ଫୋପାଡିବା ପାଇଁ ଚେଷ୍ଟା କରୁଛନ୍ତି । ତାର ଏହି ଚେଷ୍ଟା ଦ୍ୱାରା ତାକୁ ତାର କୁପରିଣାମ ମିଳିବା ବ୍ୟତୀତ ଆଉ କିଛି ମିଳିପାରିବ ନାହିଁ କିନ୍ତୁ ତାର ଏହି ନିନ୍ଦିତ ଓ ନିକୃଷ୍ଟ ଚେଷ୍ଟା ବିପକ୍ଷରେ ଆମେ ଅହେମଦୀମାନେ ଏ ଶପଥ କରିବା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ କୋଟି କୋଟି ଓ ପରାଧ ପରାଧ ଥର ଦରୁଦ୍ ପ୍ରେରଣ କରିବା" (ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୧୮ ଏପ୍ରିଲ୍ ୨୦୦୮)

ପୁଣି କହୁଛନ୍ତି:- "ସୁତରାଂ ଏପରି ସମୟରେ ଯେଉଁଠି ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ଏକ ଅମାନିଆ ଝଡ଼ ବହିଚାଲିଛି ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କ ଫରିସ୍ତା (ଦେବଦୂତ) ଆପଣ ସ:ଆ:ସଙ୍କ ଉପରେ ଦରୁଦ ପ୍ରେରଣ କରୁଥିବେ, ପ୍ରେରଣ କରିଚାଲିଥିବେ, ପ୍ରେରଣ କରୁଛନ୍ତି । ଆମର ମଧ୍ୟ ଏହି କାର୍ଯ୍ୟ, ଯେଉଁମାନେ ନିଜକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ସଚ୍ଚା ପ୍ରେମୀ ଓ ଏ ଯୁଗର ଇମାମ୍‌ଙ୍କ ସମ୍ପ୍ରଦାୟ ଓ ତା ଜମାତ୍ ସହିତ ଯୋଡି ହୋଇ ରହିଛନ୍ତି, ଏହା କି ନିଜ ଦୁଆକୁ ଦରୁଦ୍‌ରେ ପରିବର୍ତ୍ତନ କରିଦିଅନ୍ତୁ ଏବଂ ବାତାବରଣରେ ଏତେ ମାତ୍ରାରେ ଦରୁଦ୍ ସହୃଦୟତାର ସହିତ ବିଂଚି ଦିଅନ୍ତୁ ଯେ ବାତାବରଣର ପ୍ରତ୍ୟେକ ଅଂଶ ଦରୁଦ୍ ଦ୍ୱାର ମହକି ଉଠୁ ଏବଂ ଆମର ସମସ୍ତ ଦୁଆ ଏହି ଦରୁଦ୍‌ର ମାଧ୍ୟମରେ ଅଲ୍ଲାଃତାଲାଙ୍କ ଦରବାରରେ ପହଂଚି ଗ୍ରହଣୀୟ ହେଉ । ଏହା ହେଉଛି ସେହି ପ୍ରେମ ଓ ସ୍ନେହର ପ୍ରକାଶ ଯାହା ଆମକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ଓ ଆପଣ ସ:ଆ:ସଙ୍କ ସହିତ ଆଲ୍ (ଅର୍ଥାତ୍ ବଂଶଜ) ସହିତ ହେବା ଉଚିତ୍ ।" (ଖୁତ୍‌ବାତେ ମସରୁର୍, ଖଣ୍ଡ-୪, ପୃଷ୍ଠା-୧୧୫)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦରୁଦ୍ ଶରିଫ୍‌ର ବର୍‌କାତ୍ ଓ ତାର ଆଧ୍ୟାତ୍ମିକ ପ୍ରଭାବ ସମ୍ବନ୍ଧରେ କହୁଛନ୍ତି:- "ଦରୁଦ୍ ଶରିଫ୍‌ର ଯେତେମାତ୍ରାରେ ମଧ୍ୟ ଶ୍ରେଷ୍ଠତ୍ୱ ବର୍ଣ୍ଣନା କରାଯିବ ତାହା କମ୍ ହେବ । ମୁଁ ନିଜେ ଏହାର ଅନୁଭବି । ମୋ ଉପରେ ଖୁଦାତାଲାଙ୍କର ଯେଉଁ ପୁରସ୍କାର ରହିଛି ସେଥିରେ ଦରୁଦ୍ ଶରିଫ୍‌ର ବର୍‌କାତ୍ ଓ ପ୍ରଭାବ ଅଧିକ ଭାଗ ରହିଛି । ଦରୁଦ୍ ଶରିଫ୍‌କୁ ଆବୃତି କରୁଥିବା ବ୍ୟକ୍ତି ନା କେବଳ ପରକାଳରେ ପୁଣ୍ୟ ପାଇଥାଏ ବରଂ ସେ ଏ ଦୁନିଆରେ ମଧ୍ୟ ମାନ ସମ୍ମାନ ପାଇଥାଏ । କିନ୍ତୁ ଏତଦ୍ ବ୍ୟତୀତ ମୁଁ ଆଉ କୌଣସି ଦରୁଦ୍‌କୁ ମାନେନାହିଁ କି ଯାହା ମନୁଷ୍ୟକୁ ଖୁଦାଙ୍କଠାରୁ ଦୂରେଇଦେବ ଓ ଯାହାକୁ ପଢ଼ିବା ପରେ କଜ୍ଜା ୱ କଦର୍ (ଅର୍ଥାତ୍ ଇଶ୍ୱରଙ୍କ ଧାର୍ଯ୍ୟ ନିୟମ)ର ନିର୍ଦ୍ଦେଶ ଗୁଡିକ ଖୁଦାତାଲାଙ୍କ ହାତରେ ନ ରହିବ ବରଂ ଏପରି ଦରୁଦ୍ ପଢୁଥିବା ବ୍ୟକ୍ତି ତା ଉପରେ ହାକିମ୍ ହୋଇଯାଉ । ଏ ସ୍ଥାନରେ ହଜୁର୍‌ଙ୍କ କଥାରେ ଉକ୍‌ଣ୍ଠାର ଚିହ୍ନ ପରିଲକ୍ଷିତ ହେଲା ଓ ଚେହେରା ଉପରେ ଲାଲିମା ଆସିଲା ଏବଂ ସେ କହିଲେ ଯେ ଅବଶ୍ୟ ଦରୁଦ୍ ଶରିଫ୍‌ର ବଡ ବଡ ବର୍‌କାତ୍ ଓ ପ୍ରଭାବ ରହିଛି ଓ ଏହାକୁ ବହୁଳଭାବେ ପଢ଼ିବା ଦ୍ୱାରା ମନୁଷ୍ୟ ଉପରେ ବର୍‌କାତ୍ ଅବତୀର୍ଣ୍ଣ ହୋଇଥାଏ ଓ ତାର ବର୍‌କତ୍‌ରୁ ଦୁଆ ଗ୍ରହଣୀୟ ହୋଇଥାଏ ଏବଂ ତାର ଅଗଣିତ ସୁଫଳ ରହିଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମନୁଷ୍ୟ କେବେ ଖୁଦାତାଲାଙ୍କୁ ବେଖାତିର୍ କରି ଏବଂ ନିସ୍ପୃହତା ଦ୍ୱାରା ଦୂରେଇଯିବା ଉଚିତ୍ ନୁହେଁ । କେବେ ଏପରି ମଧ୍ୟ ସମୟ ଥିଲା ଯେ ଯେଉଁ ନବୀ ଅକ୍‌ରମ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରି ଲୋକମାନେ ଖୈରୋ ବର୍‌କତ୍ (ଅର୍ଥାତ୍ ସମସ୍ତ ପ୍ରକାର) ପାଉଥିଲେ ନିଜେ ତାକୁ ମଧ୍ୟ ଖୁଦାଙ୍କ ନିର୍ଦ୍ଦେଶ ସମ୍ମୁଖରେ ମୁଣ୍ଡ ନୁଆଁଇବା ଛଡା କୌଣସି ବାଟ ନଥିଲା । ସୁତରାଂ ଦରୁଦ୍ ଖୁବ୍ ପଢ଼ ଓ ବହୁ ମାତ୍ରାରେ ପଢ଼ କିନ୍ତୁ

ଏକଥାକୁ ମଧ୍ୟ ସର୍ବଦା ସମ୍ମୁଖରେ ରଖ ଏବଂ ଖୁଦାତାଲାଙ୍କୁ ସର୍ବଶକ୍ତିମାନ ଖୁଦାବୋଲି ଜାଣ ଓ ସ୍ୱୀକାର ଏବଂ (ତା) ଇଛା ଉପରେ ଇମାନ୍‌ର ମୂଳଦୁଆ ରଖ” (ମକ୍‌ତୁବାତ୍ ବନାମ୍ ହଜ୍‌ରତ୍ ମୌଲାନା ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ୍ ହିଲାଲ୍ ପୁରୀ ମନ୍‌କୁଲ୍ ଅଜ୍ ରିସାଲା ଦରୁଦ୍ ଶରିଫ୍:୨୯୨)

ଶେଷରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରାର୍ଥନାମୂଳକ ବାକ୍ୟ ସହିତ ନିଜର ଏହି ବିଷୟ ବସ୍ତୁକୁ ଶେଷ କରୁଅଛି । ଆପଣ ଆ:ସ କହୁଛନ୍ତି:- “ହେ ପ୍ରିୟ ଖୁଦା! ଏହି ପ୍ରିୟ ନବୀଙ୍କ ଉପରେ ଏପରି କରୁଣା ଏବଂ ଦରୁଦ୍ ପ୍ରେରଣ କର ଯାହା ପ୍ରାରମ୍ଭିକ ସଂସାରରୁ ତୁମେ କାହା ଉପରେ ପ୍ରେରଣ କରିନଥିବ । ହେ ଖୁଦା! ଯଦି ଏହି ମହାନ୍ ନବୀ ପୃଥିବୀକୁ ନ ଆସିଥାନ୍ତା ତେବେ ପୁଣି ଯେତେକ ଛୋଟଛୋଟ ନବୀ ପୃଥିବୀରେ ଆସିଛନ୍ତି ସେମାନଙ୍କର ସତ୍ୟତା ଉପରେ ଆମ ନିକଟରେ କୌଣସି ଦଲିଲ୍ ନଥାନ୍ତା ।

*ଅଲ୍ଲାହୁମା ସଲ୍ଲି ୱ ସଲ୍ଲିମ୍ ୱ ବାରିକ୍ ଆଲୈହି ୱ ଆଲିହି ୱ ଅସ୍‌ହାବିହି ଅଜ୍‌ମଇନ୍ (ଇତ୍‌ମାମୁଲ୍ ହୁଜ୍ଜାଃ, ପୃଷ୍ଠା-୨୮)*

*ୟା ରବ୍‌ବି ସଲ୍ଲି ଆଲା ନବୀୟିକା ଦାଇମନ୍*
*ଫିହାଜ୍‌ହିଦ୍ ଦୁନ୍‌ୟା ୱ ବାସିନ୍ ସାନି*
*ଅଲ୍ଲାହୁମା ସଲ୍ଲି ଆଲା ମୁହମ୍ମଦିନ୍ ୱ ବାରିକ୍*
*ୱ ସଲ୍ଲିମ୍ ଇନ୍ନକା ହମିଦୁମ୍ ମଜିଦ୍*

***ପୃଷ୍ଠା-୧ ର ଅବଶିଷ୍ଟାଂଶ......***

ସହମତ ହୋଇଛନ୍ତି ଯେ ନଅ ବର୍ଷ ଭିତରେ ମଧ୍ୟ ଝିଅପିଲା ସାବାଳକ ହୋଇ ପାରିବେ ବରଂ ସାତ ବର୍ଷ ମଧ୍ୟରେ ସନ୍ତାନ ଜନ୍ମ ହୋଇପାରେ । ଏ କଥାକୁ ବଡ଼ ବଡ଼ ସାକ୍ଷ୍ୟ ଦ୍ୱାରା ଡ଼ାକ୍ତରମାନେ ପ୍ରମାଣ କରିଛନ୍ତି ଓ ଶହଶହ ଲୋକାମାନଙ୍କର ନିଜ ଆଖିଦେଖା କଥା ଯେ ଏହି ଦେଶରେ ଆଠ ନଅ ବର୍ଷର ଝିଅ ପିଲାଙ୍କୁ ସନ୍ତାନ ଜନ୍ମ ହୋଇଛି । କିନ୍ତୁ ଆପଣଙ୍କ ଉପରେ ତ କିଛି ଦୁଃଖ ଲାଗୁନାହିଁ ନା ଲାଗିବା ଉଚିତ କାରଣ ଆପଣ କେବଳ ଜଣେ ପକ୍ଷପାତି ସଙ୍କୋଚମନା କଟର ନୁହଁନ୍ତି ବରଂ ଏକ ନମ୍ବରର ମୂର୍ଖ ମଧ୍ୟ ଅଟନ୍ତି ।

ପାଦ୍ରୀଙ୍କ ଧୃଷ୍ଟତା ଦେଖନ୍ତୁ ସେ ଲେଖୁଛି ଯେ ଯଦି ଆଁ ହଜରତ ସ:ଆ:ସ ଇଂରେଜ୍ ସରକାରଙ୍କ ପ୍ରଜା ହୋଇଥାନ୍ତେ ତେବେ ଆପଣ ସ:ଆ:ସଙ୍କ ସହିତ କି ପ୍ରକାରର ବ୍ୟବହାର କରାଯାଇଥାନ୍ତା । ଅର୍ଥାତ ଆପଣ ସ:ଆ:ସ ନଉଜୁବିଲ୍ଲାଃ ଜେଲ୍ ଭିତରେ ଥାନ୍ତେ ।

ଆପଣଙ୍କୁ ଏ ପର୍ଯ୍ୟନ୍ତ ଏତିକି ମଧ୍ୟ ଜଣା ନାହିଁ ଯେ ସରକାରଙ୍କ କାନୁନ ଜନତାଙ୍କ ଦରଖାସ୍ତ ମୁତାବକ ସେମାନଙ୍କ ସଂସ୍କୃତି ଓ ସମାଜର ଚାଲିଚଳନ ଅନୁସାରେ ପ୍ରସ୍ତୁତ କରାଯାଏ......ଆପଣ ବାରମ୍ବାର ଇଂରେଜ ସରକାରଙ୍କ କଥା କହୁଛନ୍ତି....... ଆମେ ଏହାକୁ ନିର୍ଭୁଲ ବିବେଚନା କରୁନାହୁଁ ଏବଂ ନା ଏପରି କାନୁନକୁ ପ୍ରକୃତ ଗବେଷଣା ଉପରେ ଆଧାରିତ ବୋଲି ଜାଣୁଛୁ ବରଂ କାନୁନ ବନାଇବାର ନିୟମ ଜନତାଙ୍କ ବହୁମତ ଉପରେ ଆଧାରିତ । ସରକାରଙ୍କ ଉପରେ କୌଣସି ୱହି (ଐଶିବାଣୀ) ଅବତୀର୍ଣ୍ଣ ହେଉ ନାହିଁ ଯେ ସେ କାନୁନ ତିଆରି କରିବାରେ ଭୁଲ୍ ନ କରିବ ଯଦି ଏହିଭଳି କାନୁନ ସୁରକ୍ଷିତ ରହୁଥାନ୍ତା ତେବେ ସର୍ବଦା ନୂଆ ନୂଆ କାନୁନ କାହିଁକି ତିଆରି ହେଉଅଛି । ଇଂଲଣ୍ଡରେ ଝିଅପିଲାମାନଙ୍କ ସାବାଳକ ହେବାର ବୟସ (୧୮) ବର୍ଷ ନିର୍ଦ୍ଧାରିତ କରାଯାଇଛି ଓ ଗରମ ଦେଶ ଗୁଡ଼ିକରେ ଝିଅମାନେ ବହୁତ ଶିଘ୍ର ସାବାଳକ ହୋଇଯାଆନ୍ତି ।

ହଜରତ ମସିହ ମଉଦ ଆ:ସ କହିଲେ: ଯଦି ସରକାରଙ୍କ କାନୁନଗୁଡ଼ିକ ଖୁଦାଙ୍କ କାନୁନ ଭଳି ନିର୍ଭୁଲ ନୁହେଁ ତେବେ ଏକଥା କହିବା ତ ମୂର୍ଖାମି ଅଟେ ବା ପକ୍ଷପାତିତା ଅଟେ । କିନ୍ତୁ ଆପଣ ବିବଶ ଅଟନ୍ତି । ଯଦି ସରକାରଙ୍କୁ ନିଜ କାନୁନ ଉପରେ ଭରଷା ଥାନ୍ତା ତେବ କାହିଁକି ସେହି ଡ଼ାକ୍ତରମାନଙ୍କୁ ଦଣ୍ଡ ଦେଲେ ନାହିଁ ଯେଉଁମାନେ ଏବେ ଏବେ ୟୁରୋପରେ ବହୁତ ବଡ଼ ଗବେଷଣା କରି ନଅ ବର୍ଷ ବରଂ ସାତ ବର୍ଷ ବୟସକୁ ମଧ୍ୟ କିଛି ମହିଳାମାନଙ୍କ ସାବାଳକ ହେବାର ପ୍ରମାଣ କରିଛନ୍ତି ।

ସୟଦନା ହଜରତ ମସିହ ମଉଦ ଆ:ସ ଏହି ପରିପ୍ରେକ୍ଷିରେ ମଧ୍ୟ ପାଦ୍ରୀଙ୍କ ଖବର ନେଇଛନ୍ତି ଯେ ଆପଣଙ୍କ ସରକାରଙ୍କ କାନୁନର ହୱାଲା (ଟିକ୍କା) ଦେବା ପରିବର୍ତ୍ତେ ନିଜ ଧର୍ମ ପୁସ୍ତକର ହୱାଲା ଦେବା ଉଚିତ ଥିଲା । ଆପଣ ଆ:ସ କୁହନ୍ତି:

ନଅ ବର୍ଷ ବୟସ ବାବଦରେ ଆପଣ ଆରୋପ ଅଭିଯୋଗ କରି ପୁଣି ତୌରିୟତ ବା ଇଞ୍ଜିଲ୍‌ର କୌଣସି ହୱାଲା ଦେଇ ପାରିନାହାନ୍ତି କେବଳ ସରକାରଙ୍କ କାନୁନ ବିଷୟରେ ଚର୍ଚ୍ଚା କରିଛନ୍ତି । ଏଥିରୁ ଜଣାଗଲା ଯେ ଆପଣଙ୍କର ତୌରାତ୍ ଓ ଇଞ୍ଜିଲ୍ ଉପରେ ଇମାନ୍ (ଅର୍ଥାତ ବିଶ୍ୱାସ) ଉଠିଯାଇଛି । ନଚେତ ନଅ ବର୍ଷର ହୁର୍‌ମତ୍ (ଅର୍ଥାତ୍ ନଅ ବର୍ଷରେ ବିବାହ ନ କରିବାର) ତୌରାତ୍‌ରୁ ପ୍ରମାଣ କରିଥାନ୍ତେ ବା ଇଞ୍ଜିଲ୍‌ରୁ ପ୍ରମାଣ କରିଥାନ୍ତେ । ପାଦ୍ରୀ ସାହେବ! ଏହା ତ ହେଉଛି ଦଜ୍ଜଲ ଯେ ଐଶି ପୁସ୍ତକ ଗୁଡ଼ିକର ସମ୍ବନ୍ଧରେ ଆପଣ ସରକାରଙ୍କ କାନୁନକୁ ଉପସ୍ଥାପନ କରିଛନ୍ତି ।

ଆପଣଙ୍କ ଇମାନ୍‌ଦାରି ଏହା ଥିଲା ଯେ ଆପଣ ଇଞ୍ଜିଲ୍‌ରୁ ଏହା ପ୍ରମାଣ କରିଥାନ୍ତେ । ଇଞ୍ଜିଲ ଆପଣଙ୍କୁ ଧୋକା ଦେଉଛି । ସେଠାରେ କିଛି ନ ମିଳିବାରୁ ସରକାରଙ୍କ ପାଦତଳେ ଆସି ପଡ଼ିଲ । ମନେରଖ ଏହି ଗାଳିଗୁଲଜ କେବଳ ସଇତାନି ଘୃଣାଭାବରୁ ଉତ୍ପତି । ଶ୍ରୀମାନ ପବିତ୍ର ନବି ସ:ଆ:ସଙ୍କ ଉପରେ ଦୁଷ୍କର୍ମ / ପ୍ରଥଭ୍ରଷ୍ଟତାର ଆରୋପ ଲଗାଇବା ସଇତାନର ମନଗଢ଼ା କାମ । ଏହି ଦୁଇଜଣ ପବିତ୍ର ନବିଙ୍କ ଉପରେ ଅର୍ଥାତ ଆଁ ହଜରତ ସ:ଆ:ସ ଏବଂ ହଜରତ ମସିହ ମଉଦ ଆ:ସଙ୍କ ଉପରେ କିଛି ଅପବିତ୍ର ଓ ଦୁଷ୍ଟ/ଖଳ ଲୋକେ ଭିଷଣ ଆରୋପ ଲଗାଇଛନ୍ତି । ସୁତରାଂ ଏହି ଅପବିତ୍ର ଲୋକମାନେ **ଲାନତୁଲ୍ଲାହି ଆଲୈହିମ୍** (ଅର୍ଥାତ୍ ଅଲ୍ଲାଃଙ୍କ ଅଭିଷାପ ସେମାନଙ୍କ ଉପରେ ହେଉ) ପ୍ରଥମେ ନବି ସ:ଆ:ସଙ୍କୁ ଜାନି (ଅର୍ଥାତ୍ ବ୍ୟଭିଚାରି) କହିଲେ ଯେପରି ଆପଣ ନିଜେ କହିଛନ୍ତି । ଓ ଅନ୍ୟମାନଙ୍କୁ ୱଲଦୁଜ୍ ଜନା (ଅର୍ଥାତ ଅବୈଧ ସନ୍ତାନ) ବୋଲି କହିଲେ ଯେପରି ଅପବିତ୍ର ଚରିତ୍ର ସମ୍ପନ୍ନ ଇହୁଦୀମାନେ । ଆପଣଙ୍କୁ ଏହା ଉଚିତ ହେବ କି ଏପରି ଆରୋପ ଲଗାଇବାରୁ ଦୂରେଇ ରୁହନ୍ତୁ ।

ପାଦ୍ରୀଙ୍କ ଏହି କଥାରେ ଅର୍ଥାତ ଆଁ ହଜରତ ସ:ଆ:ସ ଯଦି ଏବେ ଇଂଗ୍ରେଜ ସରକାରଙ୍କ ପ୍ରଜା ହୋଇଥାନ୍ତେ ତେବେ ନଉଜୁବିଲ୍ଲାଃ ଆପଣଙ୍କୁ ଦଣ୍ଡ ମିଳିଥାନ୍ତା । ଏହାର ଉତରରେ ସୟଦନା ହଜରତ ମସିହ ମଉଦ ଆ:ସ କିଛି ଏପରି ପ୍ରତ୍ୟାରୋପ ଉତର ପାଦ୍ରୀ ସାହେବଙ୍କୁ ଦେଲେ ଯେ ନିଶ୍ଚିତରୂପେ ତା ମୁଣ୍ଡରୁ ସବୁ ଗରମ ଦୂର ହୋଇଯାଇଥିବ । ହଜରତ ମସିହ ମଉଦ ଆ:ସ କହିଲେ: ଯଦି ଆପଣଙ୍କ ନିକଟରେ ସରକାରଙ୍କ କାନୁନର ସବୁ କଥା ନିର୍ଭୁଲ ଏବଂ ଐଶ୍ୱରୀକ ପୁସ୍ତକ ସଦୃଶ ଅଟେ ବା ତା'ଠାରୁ ଶ୍ରେଷ୍ଠ ଅଟେ । ତେବେ ମୁଁ ଆପଣଙ୍କୁ ପଚାରୁଛି ଯେ ଯେଉଁ ନବିମାନେ ଇଂରେଜ୍ ସରକାରଙ୍କ କାନୁନ ବିରୋଧି କେତେ ଲକ୍ଷ ଖିର ଖାଉଥିବା ପିଲାଙ୍କୁ ହତ୍ୟା କରିଛନ୍ତି ଯଦି ସେମାନେ ଏ ଯୁଗରେ ଥାନ୍ତେ, ତେବେ ସରକାର ସେମାନଙ୍କ ସହିତ କିଭଳି ବ୍ୟବହାର କରିଥାନ୍ତେ ।

ଯଦି ସେହି ଲୋକମାନେ ସରକାରଙ୍କ ସମ୍ମୁଖରେ ଚାଲାଣ ହୋଇ ଆସିଥାନ୍ତେ ଯେଉଁମାନେ ଅଜଣା କ୍ଷେତରୁ ଫଳ/ ଶସ୍ୟ ତୋଳି ଖାଇଥିଲେ, ସରକାର ସେମାନଙ୍କୁ ଓ ସେମାନଙ୍କୁ ଅନୁମତି ଦେଉଥବା ଲୋକମାନଙ୍କୁ କି ପ୍ରକାର ଦଣ୍ଡ ଦେଇଥାନ୍ତେ ।

ପୁଣି ମୁଁ ପଚାରୁଛି ଯେ ଯେଉଁ ବ୍ୟକ୍ତି ଇଞ୍ଜିର୍ ଗଛର ଫଳ ଖାଇବାକୁ ତୋଳିଥିଲା ଓ ସେହି ଇଞ୍ଜିର୍ ଗଛଟି ତାର ସମ୍ପତି ନଥିଲା ବରଂ ଅନ୍ୟ କାହାର ସମ୍ପତି ଥିଲା । ଯଦି ସେହି ବ୍ୟକ୍ତି ଜଣକ ସରକାରଙ୍କ ସମ୍ମୁଖରେ ଏହି ଆଚରଣ କରିଥାନ୍ତା ତେବେ ସରକାର ତାକୁ କଣ ଦଣ୍ଡ ଦେଇଥାନ୍ତା ।

ଇଞ୍ଜିଲ୍‌ରୁ ଏହା ମଧ୍ୟ ପ୍ରମାଣ ହେଉଛି ଯେ, ବହୁତ ଗୁଡ଼ିଏ ଘୁଷୁରୀ ଯାହା ଅଜଣା ସମ୍ପତି ଥିଲା, ଓ ପାଦ୍ରୀ କ୍ଲାର୍କଙ୍କ କଥାନୁସାରେ ସେହି ଘୁଷୁରୀମାନଙ୍କ ସଂଖ୍ୟା ଦୁଇ ହଜାର ଥିଲା । ସେ ସବୁକୁ ମସିହ ଶେଷ କରିଦେଲେ । ଏବେ ଆପଣ ନିଜେ ବତାନ୍ତୁ ଯେ ଦଣ୍ଡବିଧାନ ଅନୁସାରେ ତାର ଦଣ୍ଡ କଣ ହେବ । ଏମେ ଏତିକି ଲେଖିବା ଯଥେଷ୍ଟ ଉତର ନିଶ୍ଚିତ ଲେଖିବେ ଯଦ୍ୱାରା ଆହୁରି ବହୁତ ପ୍ରଶ୍ନ କରାଯାଇପାରିବ ।

ପାଦ୍ରୀ ସାହେବ ଆପଣଙ୍କ ପ୍ରଶ୍ନ ଏହା ଯେ ଯଦି ଆଜି ଆଁ ହଜରତ ସ:ଆ:ସଙ୍କ ପରି ବ୍ୟକ୍ତି ବିଶେଷ ଇଂରେଜ ଯୁଗରେ ଥାନ୍ତେ ତେବେ ସରକାର ତାଙ୍କ ସହିତ କଣ ବ୍ୟବହାର କରିଥାନ୍ତେ । ଆପଣଙ୍କୁ ସ୍ୱଷ୍ଟ କରି ଦେଉଛି ଯେ ଯଦି ସେହି ସୟଦୁଲ୍ କୌନୈନ୍ ଏହି ସରକାରଙ୍କ ସମୟରେ ଥାନ୍ତେ ଏହି ସୌଭାଗ୍ୟଶାଳୀ ସରକାର ତାଙ୍କର ଯୋତା ପାଲିସ୍ କରିବାକୁ ଗର୍ବ ଅନୁଭବ କରିଥାନ୍ତେ । ଯେପରି କୈସ୍‌ରେ ରୋମ୍ (ରୋମ୍‌ର ସମ୍ରାଟ) କେବଳ ଫଟୋ ଦେଖି ଉଠି ଛିଡ଼ା ହୋଇଯାଇଥିଲା । ଆପଣଙ୍କର ଅଯୋଗ୍ୟତା ଓ ଦୁର୍ଭାଗ୍ୟ ଯେ ଏପରି ସରକାରଙ୍କ ଉପରେ ଏଭଳି କୁଧାରଣା ରଖିଛି ଯେପରି ସେ ଖୁଦାଙ୍କ ପବିତ୍ର ବ୍ୟକ୍ତିମାନଙ୍କ ଶତୃ ଅଟନ୍ତି । ଏହି ସରକାର ଏ ଯୁଗରେ ଛୋଟ ଛୋଟ ମୁସଲମାନ ଅମୀର ମାନଙ୍କୁ ସମ୍ମାନିତ କରୁଛନ୍ତି । ଦେଖ ନସ୍‌ରୁଲ୍ଲାଃ ଖାନ୍ ଯିଏ ତାଙ୍କର ଗୁଲାମ ହେବାର ଦରଜା ରଖିନାହାନ୍ତି, ଆମ ହିନ୍ଦୁସ୍ତାନର କୈସର (ସମ୍ରାଟ) କିପରି ତାଙ୍କୁ ସମ୍ମାନିତ କରିଛନ୍ତି । ପୁଣି ସେହି ମହାନ ପବିତ୍ର ଅସ୍ତିତ୍ୱ ସ:ଆ:ସ ଯିଏ ଏ ଦୁନିଆରେ ଏପରି ପଦମର୍ଯ୍ୟାଦା ରଖିଥିଲେ କି ବାଦ୍‌ଶାହ (ସମ୍ରାଟ) ତାହାଙ୍କ ପାଦତଳେ ପଡୁଥିଲେ, ଯଦି ସେ ଏ ଯୁଗରେ ଥାଆନ୍ତେ ତେବେ ଅବଶ୍ୟ ଏ ସରକାର ତାଙ୍କ ନିଜଆଡୁ ଅତିଥି ସତ୍କାର କରିଥାନ୍ତେ । ଇଶ୍ୱରୀୟ ସରକାରଙ୍କ ସମ୍ମୁଖରେ ମାନବୀୟ ସରକାରଙ୍କୁ ନମ୍ରତା ପରିପ୍ରକାଶ କରିବା ବ୍ୟତିତ ଆଉ କିଛି ବାଟ ନାହିଁ । କଣ ଆପଣ ଜାଣି ନାହାନ୍ତି ଯେ କୈସରେ ରୋମ୍ ଯିଏ ଆଁ ଯନାବ ସ:ଆ:ସଙ୍କ ସମୟରେ ଇସାଇ ସମ୍ରାଟ ଥିଲା ଓ ଏହି ସରକାରାଙ୍କ ଠାରୁ କୌଣସି ଗୁଣରେ କମ୍ ନଥିଲା, ସେ କହୁଛନ୍ତି କି ଯଦି ମତେ ଏହି ମହାନ ନବିଙ୍କ ସଙ୍ଗତ ମିଳିଥାନ୍ତା ତେବେ ମୁଁ ଆପଣ (ସ:ଆ:ସ)ଙ୍କ ପାଦ ଧୋଇଥାଆନ୍ତି । ସୁତରାଂ ଯାହ କୈସରେ ରୋମ କହିଲେ ନିଶ୍ଚିତ ରୁପେ ଏହି ସୌଭାଗ୍ୟଶାଳୀ ସରକାର ମଧ୍ୟ ସେହି କଥା କହିଥାନ୍ତେ ବରଂ ତା ଠାରୁ ବଳି କହିଥାଆନ୍ତେ । ଯଦି ହଜରତ ମସିହ (ଅର୍ଥାତ ଇସା ମସିହ)ଙ୍କ ସପକ୍ଷରେ ସେ ସମୟର କୌଣସି ଛୋଟ ଜାଗିର୍‌ଦାର୍ ମଧ୍ୟ ଏପରି କଥା କହିଥିବ ଯେଉଁ କଥା କୈସରେ ରୋମ୍ ଆଁ ହଜରତ ସ:ଆ:ସଙ୍କ ସକାଶେ କହିଥିଲେ । ଯାହ ଏ ପର୍ଯ୍ୟନ୍ତ ଅତ୍ୟନ୍ତ ସଠିକ ଇତିହାସ ଓ ସଠିକ ଆହାଦିସ୍ ଗୁଡ଼ିକରେ ଲେଖା ହୋଇଥିବ, ତେବେ ଆମେ ଆପଣଙ୍କୁ ଏବେ ସଙ୍ଗେ ସଙ୍ଗେ ଏକ ହଜାର ଟଙ୍କା ନଗଦ ପୁରସ୍କାର ଦେବୁ । ଯଦି ଆପଣ ଏହା ପ୍ରମାଣ କରିପାରିବେ । ଯଦି ଏହା ପ୍ରମାଣ ନ ଦେଇପାରିବେ ତେବେ ଏହି ନିକୃଷ୍ଟତମ ଜୀବନଠାରୁ ଆପଣଙ୍କର ମରିଯିବା ଭଲ କାରଣ ଆମେ ପ୍ରମାଣ କରିଦେଲୁ ଯେ କୈସରେ ରୋମ୍ (ରୋମ୍‌ର ସମ୍ରାଟ) ଏହି ସରକାରଙ୍କ ସଦୃଶ ଥିଲା ବରଂ ଇତିହାସରୁ ଜଣା ପଡୁଛି ଯେ ସେ ସମୟରେ ତା ଭଳି ଶକ୍ତିଶାଳୀ (ସମ୍ରାଟ) ଆଉ କେହି ପୃଥିବୀରେ ନଥିଲେ । ଆମ ସରକାର ତ ସେହି ସ୍ଥାନ ପର୍ଯ୍ୟନ୍ତ ପହଂଚି ନାହିଁ । ଏପରି ସମ୍ରାଟ ହେବା ସତ୍ୱେ ମଧ୍ୟ କୈସର ଅବଶୋସ କରି ଏକଥା କହୁଅଛି ଯେ ଯଦି ମୁଁ ଆଲି ଯନାବ (ଅର୍ଥାତ୍ ଆଁ ହଜରତ ସ:ଆ:ସ)ଙ୍କ ସେବାରେ ପହଂଚି ପାରିଥାନ୍ତି ତେବେ ଆଁ ଯନାବ ସ:ଆ:ସଙ୍କ ପବିତ୍ର ପାଦକୁ ଧୋଇ ଦେଇଥାନ୍ତି । ତେବେ କଣ ଏ ସରକାର ତା'ଠାରୁ କମ୍ ଅଛନ୍ତି । ମୁଁ ଦାବିମାରି କହୁଛି ଯେ ନିଶ୍ଚିତରୂପେ ଏହି ସରକାର ମଧ୍ୟ ଏପରି ସମ୍ରାଟଙ୍କ ପାଦତଳେ ପଡ଼ିବାକୁ ଗର୍ବ ଅନୁଭବ କରିଥାନ୍ତା । କାରଣ ଏହି ସରକାର ସେହି ଆକାଶୀୟ ସମ୍ରାଟଙ୍କ ଅସ୍ୱୀକାରୀ ନୁହନ୍ତି ଯାହାର ଶକ୍ତି ଆଗରେ ମନୁଷ୍ୟ ଏକ ମରିଯାଇଥିବା କୀଟ ସମାନ ମଧ୍ୟ ନୁହେଁ । ଆମେ ଏକ ବିଶ୍ୱସନୀୟ ମାଧ୍ୟମରୁ ଶୁଣିଅଛୁ ଯେ ଆମ ସମ୍ମାନୀୟ କୈସରେ ହିନ୍ଦ (ଅର୍ଥାତ୍ ହିନ୍ଦୁସ୍ଥାନର ସମ୍ରାଟ) ପ୍ରକୃତରେ ଇସ୍‌ଲାମକୁ ଭଲ ପାଉଛନ୍ତି । ଏବଂ ତାଙ୍କ ମନରେ ଆଁ ହଜରତ ସ:ଆ:ସଙ୍କର ବହୁତ ସମ୍ମାନ ଅଛି ।........ ସୁତରାଂ ଏହା ବହୁତ ବଡ଼ ଭୁଲ କଥା ଯେ ଆପଣମାନେ ଏହି ମରାତିବ୍ ଖନାସ୍ (ଅର୍ଥାତ୍ ପଦମର୍ଯ୍ୟାଦାକୁ ଚିହ୍ନିଥିବା) ସରକାରଙ୍କୁ ମଧ୍ୟ ଜଣେ ନିଚ ଓ କମିନା ପାଦ୍ରୀଙ୍କ ଭଳି ମନେ କରୁଛ । ଯାହାଙ୍କୁ ଖୁଦା ରାଜତ୍ୱ ଓ ଦୌଲତ୍ ନେଇଥାଏ ତାଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୧୭ ରେ ଦେଖନ୍ତୁ....*